# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୧୫/୨୦୨୨ (୧୪ ପୃଷ୍ଠା) | Bhubaneswar, Friday, April 15/2022 | Page 14 | ₹ 7.00 | ★★★★★★

୪୮ଶ ଭାଗ ୧୪୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ହରମନପ୍ରୀତଙ୍କ ଡବଲ ଗୋଲ**

ହରମନପ୍ରୀତ ସିଂଙ୍କ ଡବଲ ଗୋଲ ବଳରେ ଭାରତ ଗୁରୁବାର ଏଫ୍ଆଇଏଚ୍ ପ୍ରୋ ଲିଗ୍ ହକି ମ୍ୟାଚରେ ଜର୍ମାନୀକୁ ୩-୦ ଗୋଲରେ ପରାସ୍ତ କରିଛି।

୧୨

୧୦

**ଜୀବନସାଥୀ ହେଲେ ଆଲିଆ-ରଣବୀର**

ବଲିଉଡ୍ ଷ୍ଟାର୍ ରଣବୀର କପୁର ଗୁରୁବାର ବୈଦିକ ରୀତିନୀତିରେ ଆଲିଆଙ୍କୁ ବିବାହ କରିଛନ୍ତି।



# ଦେଶର ଉତ୍ତପ୍ତ ସହର ସୋନପୁର

**ପାରଦ ଛୁଇଁଲା ୪୪.୨ ଡିଗ୍ରୀ**

ଭୁବନେଶ୍ୱର,୧୪।୪(ବ୍ୟୁରୋ): ରାଜ୍ୟରେ ଗତ କିଛିଦିନ ହେବ ତାତିର ପ୍ରକୋପ ଜାରି ରହିଛି। ଏପରି କି ରାଜ୍ୟର ତାପମାତ୍ରା ସମଗ୍ର ଦେଶରେ ରେକର୍ଡ ଭାଙ୍ଗିଛି। ଗୁରୁବାର ସୋନପୁରରେ ସର୍ବାଧିକ ତାପମାତ୍ରା ୪୪.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଏହା ସହିତ ସୋନପୁର କେବଳ ରାଜ୍ୟ ନୁହେଁ, ପୂରା ଦେଶରେ ଉତ୍ତପ୍ତ ସହର ପାଲଟିଛି। ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଉମାଶଙ୍କର ଦାସ ଏହି ସୂଚନା ଦେଇଛନ୍ତି। ଗ୍ରୀଷ୍ମ ପ୍ରବାହ ଯୋଗୁ ସାରା ରାଜ୍ୟ ଜଳୁଥିବା ବେଳେ ସୋନପୁର ସମେତ ମୋଟ ୧୬ଟି ସ୍ଥାନରେ ଦିନର ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ବା ଏହା ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବଲାଙ୍ଗୀରରେ ସର୍ବୋଚ୍ଚ ତାପମାତ୍ରା ୪୨.୮ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ବାରିପଦା ୪୨.୫, ଝାରସୁଗୁଡ଼ା ୪୨.୨, ବୌଦ୍ଧ ୪୨, ତାଳଚେର ୪୧.୮, ଅନୁଗୋଳ ୪୧.୭, ସୁନ୍ଦରଗଡ଼ ୪୧.୫, ଟିଟିଲାଗଡ଼ ୪୧.୫, ପାରଳାଖେମୁଣ୍ଡି ୪୧, ସମ୍ବଲପୁର ୪୦.୮, ଭବାନୀପାଟଣା ୪୦.୫, ନୟାଗଡ଼ ୪୦.୫, ଛତ୍ରପୁର ୪୦, ବାଲେଶ୍ୱର ୪୦ ଓ ମାଲକାନଗିରିରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ବିନାଶକ କାର୍ବନ ସବ୍‌ସିଡି**




କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ୨୦୨୩ ହକି ବିଶ୍ୱକପ୍‌ର ଲୋଗୋ ଉନ୍ମୋଚନ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା, ହକି ଇଣ୍ଡିଆ ସଭାପତି ଜ୍ଞାନେନ୍ଦ୍ରୋ ନିଙ୍ଗୋମବାମ ଓ ଓଡ଼ିଶା ହକି ପ୍ରମୋଶନ କାଉନସିଲ ଅଧ୍ୟକ୍ଷ ଦିଲୀପ ତିର୍କୀ। (ରିପୋର୍ଟ: ପୃଷ୍ଠା-୧୨)

# ଇଞ୍ଜିନିୟରଙ୍କୁ ଅପହରଣ, ହତ୍ୟା

- ଦଣ୍ଡପର୍ବ ଶୋଭାଯାତ୍ରା ବେଳେ ଗୋଷ୍ଠୀ ସଂଘର୍ଷ
- ଥାନା ଅଧିକାରୀଙ୍କ ସମେତ ୧୫ ଆହତ
- ପୋଲିସ ନ ଥିଲେ, ହୋମଗାର୍ଡ କରୁଥିଲେ ଡ୍ୟୁଟି



ନୟାଗଡ଼ ଅଫିସ,୧୪।୪

ନୟାଗଡ଼ ସହରରେ ବୁଧବାର ରାତିରେ ଦଣ୍ଡପର୍ବ ଶୋଭାଯାତ୍ରା ଚାଲିଥିବାବେଳେ ଗୋଷ୍ଠୀ ସଂଘର୍ଷ ପରେ ଅପହୃତ ଦୁର୍ଗାପ୍ରସାଦ ଗାଁର ଯୁବ ଇଞ୍ଜିନିୟର ନବୀନ ପରିଡ଼ା(୨୬)ଙ୍କୁ ହତ୍ୟା କରାଯାଇଛି। ଦେଉଳପଲ୍ଲୀ ଗାଁ ଲୋକେ ନବୀନଙ୍କୁ କାଠ ଫାଳିଆରେ ପିଟି ହତ୍ୟା କରି ଫୋପାଡ଼ି ଦେଇଥିବା ଅଭିଯୋଗ ହୋଇଛି। ଏହି ହତ୍ୟା ପାଇଁ ପୋଲିସର ଅବହେଳାକୁ ଦାୟୀ କରାଯାଉଛି।

ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ଦେଉଳପଲ୍ଲୀ ଓ ଦୁର୍ଗାପ୍ରସାଦ ଗାଁ ପକ୍ଷରୁ ଦଣ୍ଡ ଠାକୁରଙ୍କ ଶୋଭାଯାତ୍ରା ବାହାରିଥିଲା। ସନ୍ଧ୍ୟା ୬ଟାରୁ ଆରମ୍ଭ ହୋଇଥିବା ଏହି ଶୋଭାଯାତ୍ରା ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିଲା। ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଉଭୟ ଗାଁର ଡିଜେ ଗାଡ଼ି ମୁହାଁମୁହିଁ ହେବା ପରେ ☞ପୃଷ୍ଠା-୪

# ନିଯୁକ୍ତି ସଙ୍କୁଚିତ, ଆଶାୟୀ ହତାଶ

## ମାର୍ଚ୍ଚରେ କମିଛି ୩.୮ ନିୟୁତ ଶ୍ରମଶକ୍ତି

ନୂଆଦିଲ୍ଲୀ,୧୪।୪

୨୦୨୨ ମାର୍ଚ୍ଚରେ ଭାରତର ଶ୍ରମଶକ୍ତି ୩.୮ ନିୟୁତ ହ୍ରାସ ପାଇଛି। ୨୦୨୧ ଜୁଲାଇ ପରଠୁ ଏହା ହେଉଛି ୮ ମାସ ମଧ୍ୟରେ ସର୍ବନିମ୍ନ। ନିଯୁକ୍ତି କ୍ଷେତ୍ରରେ ପର୍ଯ୍ୟାପ୍ତ ସୁଯୋଗ ନ ମିଳିବା ଭାରତୀୟ ଅର୍ଥନୀତି ପାଇଁ ଅନଟନର ସବୁଠୁ ବଡ଼ ସଙ୍କେତ ବୋଲି ଗୁରୁବାର ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନୋମି (ସିଏମ୍ଆଇଇ) ପକ୍ଷରୁ କୁହାଯାଇଛି।

ସିଏମ୍ଆଇଇ ଏହାର ସଦ୍ୟ ରିପୋର୍ଟରେ ଦର୍ଶାଇଛି ଯେ, ଭାରତରେ ଗତ ମାର୍ଚ୍ଚରେ ନିଯୁକ୍ତି ୧.୪ ନିୟୁତ ସଙ୍କୁଚିତ ହୋଇ ୩୯୬ ନିୟୁତକୁ ଖସିଛି। ଅନ୍ୟପକ୍ଷେ ଏହି ଅବଧିରେ ବେକାରି ସମସ୍ୟା ୨.୪ ନିୟୁତ ହ୍ରାସ ପାଇଛି। ଫେବୃୟାରୀରେ ନିଯୁକ୍ତି ହାର ୩୬.୭% ଥିବାବେଳେ ମାର୍ଚ୍ଚରେ ୩୬.୫% ରହିଛି। ବେକାରି ହାର ଫେବୃୟାରୀରେ ୮.୧% ଥିବାବେଳେ ମାର୍ଚ୍ଚ ମାସରେ ଏହା ୭.୬%କୁ ଖସିଥିବାରୁ ସାମାନ୍ୟ ଉନ୍ନତି ଆସିଥିବା ମନେହୋଇପାରେ। ତେବେ ଆଶାୟୀମାନେ ବିଭିନ୍ନ କର୍ମ ସଂସ୍ଥାନରେ ନିୟୋଜିତ ହେବା ଯୋଗୁ ବେକାରି ହାର ହ୍ରାସ ପାଇନାହିଁ। ୨୦୨୨ ମାର୍ଚ୍ଚର ଶ୍ରମ ବଜାର ପରିସଂଖ୍ୟାନ ଭାରତୀୟ ଅର୍ଥନୀତିର ଦୁରବସ୍ଥାକୁ ସୂଚାଉଛି। ଲକ୍ଷ ଲକ୍ଷ ଲୋକ ଚାକିରି ବା ଅନ୍ୟ କର୍ମ ସଂସ୍ଥାନ ନ ପାଇ ଶ୍ରମ ବଜାର ଛାଡ଼ିଦେଇଛନ୍ତି। ନିଯୁକ୍ତି ନ ପାଇ ହତାଶ ହୋଇଯିବା ପରେ ଚାକିରି ଆଉ ମିଳିବ ନାହିଁ ବୋଲି ନିଶ୍ଚିତ ହୋଇ ସେମାନେ ଖୋଜିବା ବନ୍ଦ କରିଦେଇଛନ୍ତି। ଫଳରେ ଲେବର ପାର୍ଟିସିପେଶନ୍ ରେଟ୍ (ଏଲ୍‌ପିଆର୍) ମାର୍ଚ୍ଚରେ ୩୯.୫%କୁ ଖସିଛି, ଯାହାକି ଫେବୃୟାରୀରେ ୩୯.୯% ଥିଲା। ଏପରି କି ୨୦୨୧ ଏପ୍ରିଲ-ଜୁନ୍‌ରେ କୋଭିଡ୍-୧୯ ମହାମାରୀର ଦ୍ୱିତୀୟ ଲହର ବେଳେ ମଧ୍ୟ ଶ୍ରମ ଯୋଗଦାନ ହାର ୩୯.୬% ଥିଲା। ☞ପୃଷ୍ଠା-୧୧









ଆନ୍ଧ୍ରପ୍ରଦେଶର କ୍ରିଷ୍ଣା ଜିଲାସ୍ଥିତ ଏକ କେମିକାଲ ଫ୍ୟାକ୍ଟ୍ରିରେ ବୁଧବାର ମଧ୍ୟରାତ୍ରିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୬ ଶ୍ରମିକ ପ୍ରାଣ ହରାଇଛନ୍ତି।

## ସଂକ୍ଷେପରେ

### ଆସନ୍ତା ସପ୍ତାହରେ ଭାରତ ଆସିପାରନ୍ତି ବୋରିସ୍



**ନୂଆଦିଲ୍ଲୀ, ୧୪।୪:** ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍ ଆସନ୍ତା ସପ୍ତାହରେ ଭାରତ ଆସିପାରନ୍ତି। ଭାରତ-ବ୍ରିଟେନ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) ଚୁକ୍ତିର ୨୬ ଚାପ୍ଟର ମଧ୍ୟରୁ ୪ଟି ସଫଳତାର ସହ ଶେଷ ହୋଇଥିବାବେଳେ ବୋରିସ୍‌ଙ୍କ ନୂଆଦିଲ୍ଲୀ ଗସ୍ତରେ ଆସିବେ ବୋଲି ସୂଚନା ମିଳିଛି। ତେବେ ଏ ନେଇ ଡାଉନିଂ ଷ୍ଟ୍ରିଟ୍ ପକ୍ଷରୁ ବିଧିବଦ୍ଧ ଭାବେ ଘୋଷଣା କରାଯାଇନାହିଁ। ଚଳିତ ବର୍ଷ ଶେଷ ଆଡ଼କୁ ସମସ୍ତ ପ୍ରକ୍ରିୟା ସମାପ୍ତ ହେବା ନେଇ ପୂର୍ବରୁ ସମୟ ଧାର୍ଯ୍ୟ କରାଯାଇଥିବାବେଳେ ବୋରିସ୍‌ଙ୍କ ଏହି ଗସ୍ତବେଳେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥିନିମନ୍ତେ ଟାଇମଲାଇନ୍ ଧାର୍ଯ୍ୟ କରିବେ ବୋଲି ଆଶା କରାଯାଉଛି।

### ବନ୍ଧୁକ ଦେଖାଇ ମୃତଦେହ ନେଇଯାଇଥିଲେ: ପୀଡ଼ିତାଙ୍କ ବାପା

**ହଂସଖାଲି ଗଣବଳାତ୍କାର**

**କୋଲକାତା, ୧୪।୪:** ପଶ୍ଚିମବଙ୍ଗ ନଦିଆ ଜିଲାର ହଂସଖାଲି ନାବାଳିକା ଗଣବଳାତ୍କାର ମାମଲାରେ କେନ୍ଦ୍ରୀୟ ଯାଞ୍ଚ ଏଜେନ୍ସି (ସିବିଆଇ) ତଦନ୍ତ ଆରମ୍ଭ କରିଛି। ମୃତ ପୀଡ଼ିତାଙ୍କ ପରିବାରକୁ ବନ୍ଧୁକ ଦେଖାଇ ଜୋରଜବରଦସ୍ତ ମୃତଦେହ ପୋଡ଼ାଯାଇଥିବା ପୀଡ଼ିତା ନାବାଳିକାଙ୍କ ବାପା କହିଛନ୍ତି। ବୁଧବାର ବିଳମ୍ବିତ ରାତିରେ ସିବିଆଇର ଦୁଇ ମହିଳା ଅଧିକାରୀ ହଂସଖାଲିରେ ପହଞ୍ଚିଛନ୍ତି। ଯାଞ୍ଚ ଟିମ୍ ଗୁରୁବାର ହଂସଖାଲି ପୋଲିସ ଷ୍ଟେଶନ ଯାଇଥିଲେ। ତେବେ ଯାଞ୍ଚ ଅଧିକାରୀ ଖୁବ୍‌ଶୀଘ୍ର ପୀଡ଼ିତାଙ୍କ ବାପାଙ୍କୁ ଭେଟିବେ ବୋଲି କହିଛନ୍ତି। ସେ ବର୍ତ୍ତମାନ ହଂସଖାଲି ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ରହିଛନ୍ତି। ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ ନ କରିବା ପାଇଁ ପୀଡ଼ିତାଙ୍କ ପରିବାରକୁ ଧମକା ଯାଉଥିବା ସେ ଅଭିଯୋଗ ଆଣିଛନ୍ତି। ଗତ ୪ ତାରିଖରେ ଏକ ଜନ୍ମଦିନ ଉତ୍ସବରେ ସାମିଲ ହେବାକୁ ଯାଇଥିବାବେଳେ ୯ମ ଶ୍ରେଣୀରେ ପଢୁଥିବା ପୀଡ଼ିତା ନାବାଳିକାଙ୍କୁ ଗଣବଳାତ୍କାର କରାଯାଇଥିଲା।

### ଲରେନ୍ସ ଓଙ୍ଗ୍ ହେବେ ସିଙ୍ଗାପୁର ପ୍ରଧାନମନ୍ତ୍ରୀ



**ସିଙ୍ଗାପୁର, ୧୪।୪:** ସିଙ୍ଗାପୁରର ଅର୍ଥମନ୍ତ୍ରୀ ଥିବା ଲରେନ୍ସ ଓଙ୍ଗଙ୍କୁ ଗୁରୁବାର ପ୍ରଧାନମନ୍ତ୍ରୀ ଲି ସିଏନ୍ ଲୁଙ୍ଗଙ୍କ ଉତ୍ତରାଧିକାରୀ ଚୟନ କରାଯାଇଛି। ଏଥିସହିତ ସେ ଶାସକ ପିପୁଲ୍ସ ଆକ୍ସନ ପାର୍ଟି (ପିଏପି) ୪ଜି ଟିମ୍ ନେତା ହେବାକୁ ଯାଉଛନ୍ତି। ୪୯ ବର୍ଷୀୟ ଓଙ୍ଗଙ୍କୁ ଚତୁର୍ଥ ପିଢ଼ି ଟିମ୍‌ର ନେତା ଚୟନକୁ କ୍ୟାବିନେଟ ମନ୍ତ୍ରୀମାନେ ଅନୁମୋଦନ କରିଥିବା ଲି ଏକ ବିବୃତିରେ କହିଛନ୍ତି। ନିଷ୍ପତ୍ତିକୁ ସରକାରୀ ଦଳର ସମସ୍ତ ଏମ୍‌ପି ସମର୍ଥନ ଜଣାଇଛନ୍ତି। ଉପପ୍ରଧାନମନ୍ତ୍ରୀ ଥିବା ହେଙ୍ଗ ସ୍ୱି କିଟ୍ ୪ଜି ଟିମ୍ ନେତା ଦୌଡ଼ରେ ସାମିଲ ହେବେ ନାହିଁ ବୋଲି ଗତବର୍ଷ ଘୋଷଣା କରି ଜଣେ ଯୁବନେତାଙ୍କୁ ପ୍ରଧାନମନ୍ତ୍ରୀ ଲି'ଙ୍କ ଉତ୍ତରାଧିକାରୀ ଚୟନ କରିବା ଲାଗି ପଥ ପରିଷ୍କାର କରିଦେଇଥିଲେ।

### ନ୍ୟୁଜ୍ ଆଙ୍କରଙ୍କୁ କିମ୍‌ଙ୍କ ଉପହାର

**ପୋଙ୍ଗାଙ୍ଗ, ୧୪।୪:** ଉତ୍ତର କୋରିଆର ଏକଛତ୍ରବାଦୀ ଶାସକ କିମ୍ ଜୋଙ୍ଗ ଉନ୍ ନିଜ ଉଦାରମନା ସ୍ୱଭାବ ପାଇଁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ଉତ୍ତର କୋରିଆର ନ୍ୟୁଜ୍ ଆଙ୍କର ରି ଚୁନ୍ ହିଙ୍କୁ ଏକ ଲଗ୍‌ଜ୍ୟୁରି ଆପାର୍ଟମେଣ୍ଟ ଉପହାର ସ୍ୱରୂପ ପ୍ରଦାନ କରିଛନ୍ତି କିମ୍। ହି' ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ନ୍ୟୁଜ୍ ଆଙ୍କର ଭାବେ କାମ କରିଆସୁଛନ୍ତି। ଷ୍ଟେଟ୍ ମିଡିଆ ରିପୋର୍ଟ ଅନୁସାରେ ରାଜଧାନୀ ପୋଙ୍ଗାଙ୍ଗରେ ଥିବା ଦାମୀ ରିଭର ସାଇଡ୍ ଆପାର୍ଟମେଣ୍ଟ ତାଙ୍କୁ ଉପହାର ଭାବେ ଉ. କୋରିଆ ରାଷ୍ଟ୍ରମୁଖ୍ୟ ଦେଇଛନ୍ତି। ହି ଦେଶ ପାଇଁ ଏକ ଖଣି ସଦୃଶ ବୋଲି କିମ୍ କହିଛନ୍ତି।

# ସୁଇଡେନ୍, ଫିନ୍‌ଲାଣ୍ଡକୁ ରୁଷିଆ ବିପଦ

## ନାଟୋରେ ମିଶିଲେ ସୀମାରେ ଆଣବିକ ଅସ୍ତ୍ର ମୁତୟନ ଧମକ







ଡିମିଟ୍ରି ମେଡଭେଦେଭ୍

**ମସ୍କୋ, ୧୪।୪**

ୟୁକ୍ରେନ୍ ପରେ ସୁଇଡେନ୍ ଓ ଫିନ୍‌ଲାଣ୍ଡ ପ୍ରତି ରୁଷିଆ ଆଡୁ ବିପଦ ଘନେଇଛି। ନାଟୋ ସାମରିକ ମେଣ୍ଟରେ ସାମିଲ ହେବାକୁ ଏହି ଦୁଇ ଦେଶ ପ୍ରସ୍ତୁତି କରିଥିବାବେଳେ ରୁଷିଆ ସୁରକ୍ଷା ପରିଷଦର ଡେପୁଟି ଚେୟାରମ୍ୟାନ୍ ଡିମିଟ୍ରି ମେଡଭେଦେଭ୍ ଆଣବିକ ଯୁଦ୍ଧର ଧମକ ଦେଇଛନ୍ତି। ଆମେରିକା ନେତୃତ୍ୱାଧୀନ ନାଟୋରେ ସୁଇଡେନ୍ ଓ ଫିନ୍‌ଲାଣ୍ଡ ଯୋଗ ଦେଲେ ରୁଷିଆ ନିଜ ଅଞ୍ଚଳର ସୁରକ୍ଷା ବଢ଼ାଇବା ପାଇଁ ନ୍ୟୁକ୍ଲିୟର ଯୁଦ୍ଧାସ୍ତ୍ର ସୀମାରେ ମୁତୟନ କରିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ରୁଷିଆ ଫିନ୍‌ଲାଣ୍ଡ ସୀମା ନିକଟରେ କେତେକ ଯୁଦ୍ଧାସ୍ତ୍ର ମୁତୟନ ଆରମ୍ଭ କରିଥିବା ନେଇ ମଧ୍ୟ ରିପୋର୍ଟ ପ୍ରକାଶ ପାଇଛି।

ଫିନ୍‌ଲାଣ୍ଡର ପ୍ରାୟ ୧୩ ଶହ କିଲୋମିଟର ସୀମା ରୁଷିଆ ବର୍ଡର ସହ ସଂଲଗ୍ନ। କିଛି ସପ୍ତାହରେ ଫିନ୍‌ଲାଣ୍ଡ ନାଟୋ ମେଣ୍ଟରେ ଯୋଗ ଦେବା ଉପରେ ନିଷ୍ପତ୍ତି ନେବ ବୋଲି ଏହାର ପ୍ରଧାନମନ୍ତ୍ରୀ ସନା ମାରିନ୍ ବୁଧବାର କହିଥିଲେ। ସେହିପରି ସୁଇଡେନ୍ ମଧ୍ୟ ନାଟୋରେ ସାମିଲ ହେବାକୁ ଯୋଜନା କରିଛି। ଏ ନେଇ ଡିମିଟ୍ରି ମେଡଭେଦେଭ୍ କହିଛନ୍ତି, ଯଦି ସୁଇଡେନ୍ ଓ ଫିନ୍‌ଲାଣ୍ଡ ନାଟୋରେ ଯୋଗଦେବେ ତେବେ ରୁଷିଆ ବାଲ୍ଟିକ୍ ସାଗରରେ ଏହାର ସ୍ଥଳ, ନୌସେନା ଏବଂ ବାୟୁସେନାକୁ ମଜଭୁତ କରିବ। ଏହାପରେ ବାଲ୍ଟିକ୍ ଅଞ୍ଚଳକୁ ପରମାଣୁ ଅସ୍ତ୍ର ମୁକ୍ତ କରିବା ଦିଗରେ ଆଉ କୌଣସି ଆଲୋଚନା ହୋଇପାରିବ ନାହିଁ। ଏ ପର୍ଯ୍ୟନ୍ତ ରୁଷିଆ ଏପରି କୌଣସି ପଦକ୍ଷେପ ନେଇନାହିଁ। କିନ୍ତୁ ଆମକୁ ବାଧ୍ୟ କରାଗଲେ ଏଥିପାଇଁ ଆମକୁ ଆଉ ଦାୟୀ କରାଯାଇପାରିବ ନାହିଁ ବୋଲି ସେ ଚେତାଇ ଦେଇଛନ୍ତି। ୧୯୪୯ରେ ଗଠିତ ହୋଇଥିବା ନାଟୋରେ ଫିନ୍‌ଲାଣ୍ଡ ଓ ସୁଇଡେନ୍ ସାମିଲ ହେଲେ ୟୁକ୍ରେନ୍ ସହ ରୁଷିଆ ଯୁଦ୍ଧରେ ପାଶ୍ଚାତ୍ୟ ଦେଶର ସୁରକ୍ଷାକୁ ନେଇ ୟୁରୋପୀୟ ରଣନୀତିକୁ ଏକ ବଡ଼ ସଫଳତା ମିଳିବ।

୧୯୧୭ରେ ରୁଷିଆଠାରୁ ଅଲଗା ହୋଇ ସ୍ୱାଧୀନ ଦେଶରେ ପରିଣତ ହୋଇଥିବା ଫିନ୍‌ଲାଣ୍ଡ ଦ୍ୱିତୀୟ ବିଶ୍ୱଯୁଦ୍ଧବେଳେ ମସ୍କୋ ସହ ୨ ଥର ଯୁଦ୍ଧକୁ ଓହ୍ଲାଇଥିଲା। ଏଥିରେ ଫିନ୍‌ଲାଣ୍ଡର କେତେକ ଅଞ୍ଚଳକୁ ରୁଷିଆ କବ୍‌ଜା କରିନେଇଥିଲା। ରୁଷିଆ ପଟୁ ପୁଣି ବିପଦ ବଢୁଥିବା ଦେଖି ଫିନ୍‌ଲାଣ୍ଡ ଏବେ ବ୍ରିଟେନ୍, ଆମେରିକା, ଲାଟଭିଆ, ଇଷ୍ଟୋନିଆ ଆଦି ଦେଶ ସହ ସାମରିକ ଅଭ୍ୟାସ ଜାରି ରଖିଛି। ସେହିପରି ୨୦୦ ବର୍ଷ ହେଲା କୌଣସି ପ୍ରତ୍ୟକ୍ଷ ଯୁଦ୍ଧରେ ସୁଇଡେନ୍ ସାମିଲ ହୋଇ ନ ଥିବାବେଳେ ଯୁଦ୍ଧ ପରବର୍ତ୍ତୀ ବୈଦେଶିକ ନୀତିରେ ଏହି ଦେଶ ଅନ୍ତର୍ଜାତୀୟ ସ୍ତରରେ ଗଣତନ୍ତ୍ରକୁ ସମର୍ଥନ, ବହୁପକ୍ଷୀୟ କଥାବାର୍ତ୍ତା ଏବଂ ଆଣବିକ ନିରସ୍ତ୍ରୀକରଣ ଉପରେ ଧ୍ୟାନ ଦେଇଛି।

# ୟୁକ୍ରେନ୍‌ର କ୍ଷେପଣାସ୍ତ୍ର ମାଡ଼ରେ ରୁଷିଆ ଯୁଦ୍ଧଜାହାଜ ଧ୍ୱଂସ



**କିଭ୍/ମସ୍କୋ, ୧୪।୪:** ରୁଷିଆର ୟୁକ୍ରେନ୍ ଆକ୍ରମଣକୁ ଗୁରୁବାର ୫୦ ଦିନ ପୂରିଥିବାବେଳେ କୃଷ୍ଣସାଗରରେ ଥିବା ମସ୍କୋର ଫ୍ଲାଗ୍‌ଶିପ୍ ଯୁଦ୍ଧଜାହାଜ ଧ୍ୱଂସ ହୋଇଛି। ୟୁକ୍ରେନ୍ ଘାତକ ନେପଚ୍ୟୁନ୍ ମିଶାଇଲ ମାଡ଼ କରି ମସ୍କୋଭା ଯୁଦ୍ଧଜାହାଜକୁ ବୁଡ଼ାଇ ଦେଇଥିବା ଦାବି କରିଛି। ଓଡେସା ପ୍ରଦେଶର ଆଞ୍ଚଳିକ ପ୍ରଶାସନିକ ଅଧିକାରୀ ମାକ୍ସିମ୍ ମାର୍‌ଚେଙ୍କୋ ଟେଲିଗ୍ରାମରେ ଏ ନେଇ ଏକ ପୋଷ୍ଟ କରିଛନ୍ତି। ରୁଷିଆ ଯୁଦ୍ଧଜାହାଜ ଉପରେ ୟୁକ୍ରେନ୍ ଦୁଇଟି ମିଶାଇଲ ମାଡ଼ କରିଛି। ଏଥିରେ କୃଷ୍ଣସାଗରରେ ଥିବା ଯୁଦ୍ଧଜାହାଜଟି ନଷ୍ଟ ହୋଇଯାଇଥିବା ସେ କହିଛନ୍ତି। ତେବେ ୟୁକ୍ରେନ୍‌ର ଏହି ଦାବିକୁ ରୁଷିଆ ପ୍ରତ୍ୟାଖ୍ୟାନ କରିଛି। ମସ୍କୋଭା ଯୁଦ୍ଧଜାହାଜରେ ନିଆଁ ଲାଗି ବିସ୍ଫୋରଣ ହେବାରୁ ତାହା କ୍ଷତିଗ୍ରସ୍ତ ହୋଇଥିବା ମସ୍କୋ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି।

ସୋଭିଏଟ୍ ସଂଘ ବେଳରେ ୟୁକ୍ରେନ୍‌ର ମିକୋଲେଭ୍‌ରେ ଏହି ଯୁଦ୍ଧଜାହାଜ ନିର୍ମାଣ କରାଯାଇଥିଲା। ରୁଷିଆ ରାଜଧାନୀ ମସ୍କୋ ଅନୁସାରେ ଏହାର ନାମ ମସ୍କୋଭା ରଖାଯାଇଥିଲା। ୧୯୮୦ ଦଶକରେ ତାହା ନୌସେନାରେ ସାମିଲ ହୋଇଥିଲା। ସିରିଆ ଯୁଦ୍ଧବେଳେ ୫୧୦ କ୍ରିଉଙ୍କୁ ନେଇ ଏହି ଯୁଦ୍ଧଜାହାଜମୁତୟନ ହୋଇଥିଲା। ହେମଇମିମ୍ ଏୟାରବେସ୍‌ରେ ଏହା ରୁଷୀୟ ନୌସୈନ୍ୟଙ୍କ ସୁରକ୍ଷା କବଚ ପାଲଟିଥିଲା।

### ନେପ୍‌ଚ୍ୟୁନ ମିଶାଇଲ



୬ ବର୍ଷ ଧରି ବିକଶିତ ହେବା ପରେ ୨୦୨୧ ମାର୍ଚ୍ଚରେ ନେପ୍‌ଚ୍ୟୁନ୍ କ୍ରୁଜ୍ ଆଣ୍ଟାଇ-ଶିପ୍ ମିଶାଇଲ ୟୁକ୍ରେନ୍ ପ୍ରତିରକ୍ଷା ବଳରେ ସାମିଲ ହୋଇଥିଲା। ୨୦୧୪ରେ ୟୁକ୍ରେନ୍‌ର କ୍ରିମିଆ ଉପଦ୍ୱୀପକୁ ରୁଷିଆ କବ୍‌ଜା କରିବା ପରେ ଉପକୂଳ ସୁରକ୍ଷା ଚିନ୍ତା ବଢ଼ିଥିଲା। ରୁଷିଆ ଆଡୁ ବଢୁଥିବା ଚ୍ୟାଲେଞ୍ଜର ମୁକାବିଲା କରିବା ନିମନ୍ତେ ୟୁକ୍ରେନ୍ ଏହି କ୍ଷେପଣାସ୍ତ୍ର ନିର୍ମାଣ କରିଥିଲା। ଏହାର ଓଜନ ୮୭୦ କେ.ଜି. ଲମ୍ବ ୫.୦୫ ମିଟର। ୟୁକ୍ରେନ୍ ପ୍ରତିରକ୍ଷା ମନ୍ତ୍ରଣାଳୟ ସୂଚନା ଅନୁସାରେ, ନେପ୍‌ଚ୍ୟୁନ୍ ମିଶାଇଲ ଉପକୂଳବର୍ତ୍ତୀ ଅଞ୍ଚଳରେ ୩୦୦ କିଲୋମିଟର ପରିଧି ମଧ୍ୟରେ ଥିବା ଯୁଦ୍ଧଜାହାଜକୁ ଧ୍ୱଂସ କରିବାରେ ସକ୍ଷମ। ସଦ୍ୟ ଆକ୍ରମଣରେ ଟିବି-୨ ଡ୍ରୋନ୍ ବ୍ୟବହାର କରାଯାଇ ନେପ୍‌ଚ୍ୟୁନ୍ ମିଶାଇଲକୁ ନିକ୍ଷେପ କରାଯାଇଥିବା ରିପୋର୍ଟ ପ୍ରକାଶ ପାଇଛି।



ବୈଶାଖୀ ପର୍ବ ପାଳନ ଅବସରରେ ଅମୃତସର ସ୍ୱର୍ଣ୍ଣମନ୍ଦିରରେ ଦୀପ ଜାଳୁଛନ୍ତି ଶ୍ରଦ୍ଧାଳୁ।

# ୨୨ କୋଟିର ଟୁଇଟ୍ ୨୧ ହଜାର ଟଙ୍କା

**ମହଙ୍ଗା ପଡ଼ିଲା ଏନ୍‌ଏଫ୍‌ଟି କ୍ରୟ**



**ୱାଶିଂଟନ୍, ୧୪।୪**

ଟୁଇଟର ପ୍ରତିଷ୍ଠାତା ଜ୍ୟାକ୍ ଡୋର୍ସିଙ୍କ ପ୍ରଥମ ଟୁଇଟ୍‌ର ଏନ୍‌ଏଫ୍‌ଟିକୁ କିଣିଥିବା ବ୍ୟକ୍ତିଙ୍କୁ ବଡ଼ ଝଟକା ଲାଗିଛି। ୨୦୦୬ ମେ ୨୧ରେ ଡୋର୍ସି କରିଥିବା ଟୁଇଟ୍‌କୁ ଉଦ୍ୟୋଗୀ ସାଇନା ଏଷ୍ଟାଭି ୨.୯ ମିଲିୟନ ଡଲାର (ପ୍ରାୟ ୨୨ କୋଟି ଟଙ୍କା)ରେ କିଣିଥିବାବେଳେ ନିଲାମ ବେଳେ ତାହା ସର୍ବାଧିକ ୨୮୦ ଡଲାର (୨୧,୩୩୪ ଟଙ୍କା) ପର୍ଯ୍ୟନ୍ତ ଯାଇଛି। ଏଷ୍ଟାଭି ଗତ ସପ୍ତାହରେ ଏହି ଟୁଇଟ୍‌କୁ ୪୮ ମିଲିୟନ ଡଲାର (୩୬୫,୭୩,୧୪,୪୦୦ ଟଙ୍କା)ରେ ବିକ୍ରି କରିବା ପାଇଁ ନିଲାମ ଡାକିଥିଲେ। ନିଲାମ ଅର୍ଥର ଅଧାଭାଗ ସେ ଦାତବ୍ୟ ସଂସ୍ଥାକୁ ଦାନ କରିବେ ବୋଲି ଘୋଷଣା କରିଥିଲେ। ମ୍ୟାଲେସିଆର ଦୁଇ କ୍ରିପ୍ଟୋକରେନ୍ସି କମ୍ପାନୀର ମାଲିକ ହେଉଛନ୍ତି ସାଇନା ଏଷ୍ଟାଭି। ଅର୍ଥ ବ୍ୟବସ୍ଥାରେ ବିଶୃଙ୍ଖଳା ସୃଷ୍ଟି ଅଭିଯୋଗରେ ଗତ ବର୍ଷ ମେ'ରେ ତାଙ୍କୁ ଇରାନରେ ଗିରଫ କରାଯାଇଥିଲା। ୯ ମାସ ଜେଲରେ ରହିବା ପରେ ସେ ମୁକୁଳିଥିଲେ। ତାଙ୍କ କ୍ରିପ୍ଟୋ କମ୍ପାନୀ 'କ୍ରିପ୍ଟୋଲ୍ୟାଣ୍ଡ' ଇରାନର ସବୁଠାରୁ ବଡ଼ କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜ ହୋଇଥିବାବେଳେ ଏଷ୍ଟାଭିଙ୍କ ଗିରଫଦାରି ପରେ ତାହା ବନ୍ଦ ହୋଇଯାଇଥିଲା।

ନନ୍ ଫଞ୍ଜିବୁଲ ଟୋକେନ (ଏନ୍‌ଏଫ୍‌ଟି) ଏକ ପ୍ରକାର ଡିଜିଟାଲ ଆସେଟ୍। ଏନ୍‌ଏଫ୍‌ଟିର ମାଲିକାନା ବ୍ଲକ୍‌ଚେନ୍‌ରେ ଏନ୍‌କୋଡ୍ କରାଯାଇଥାଏ। ଫଟୋ, ଭିଡିଓ, ଟୁଇଟ୍, ଚିତ୍ର ଭଳି କୌଣସି ଅସାଧାରଣ ଜିନିଷକୁ ଜଣେ ଏନ୍‌ଏଫ୍‌ଟିରେ ପରିବର୍ତ୍ତନ କରି ଏହି ଡିଜିଟାଲ ସମ୍ପତ୍ତି ଉପରେ ନିୟନ୍ତ୍ରଣ ରଖିପାରିବେ।

### ୪ ଆତଙ୍କବାଦୀ ନିହତ

**ଶ୍ରୀନଗର, ୧୪।୪**

ଜମ୍ମୁ କଶ୍ମୀରର ସୋପିଆନରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୪ ଆତଙ୍କବାଦୀ ନିହତ ହୋଇଛନ୍ତି। ଶ୍ରୀନଗର ଜାଇନାପୋରାର ବଦିଗାମରେ କେତେଜଣ ଆତଙ୍କବାଦୀ ଲୁଚି ରହିଥିବା ନେଇ ଗୋଇନ୍ଦା ସୂଚନା ମିଳିବା ପରେ ସ୍ଥାନୀୟ ପୋଲିସ ଓ ସେନା ପକ୍ଷରୁ ଉକ୍ତ ସ୍ଥାନକୁ ଘେରାବନ୍ଦୀ କରାଯାଇଥିଲା। ଘଟଣାସ୍ଥଳ ଛାଡ଼ି ଆତଙ୍କବାଦୀ ଫେରାର ହେବାକୁ ଉଦ୍ୟମ ବେଳେ ଗୁଳି ବିନିମୟ ହୋଇଥିଲା। ଗୁରୁବାର କଶ୍ମୀରରେ ଏକ ଗାଡ଼ି ଦୁର୍ଘଟଣାର ଶିକାର ହୋଇ ୨ ସେନା ଅଧିକାରୀ ପ୍ରାଣ ହରାଇଥିବା ବେଳେ ଅନେକେ ଆହତ ହୋଇଛନ୍ତି।

# ଟୁଇଟର କିଣିବାକୁ ଚାହୁଁଛନ୍ତି ମସ୍କ

**ଶେୟାର ପିଛା ୫୪.୨୦ ଡଲାର ଦେବେ**



**ୱାଶିଂଟନ୍, ୧୪।୪**

ଟେସ୍‌ଲା ମାଲିକ ଏଲନ ମସ୍କ ଏବେ ସୋସିଆଲ ମିଡିଆ କମ୍ପାନୀ ଟୁଇଟରକୁ କିଣିବା ପାଇଁ ଅଫର ଦେଇଛନ୍ତି। ତାଙ୍କ ପାଖରେ ଟୁଇଟରର ୯.୨% ଅଂଶଧନ ଥିବା ନେଇ ନିକଟରେ ସେ ଘୋଷଣା କରିଥିବାବେଳେ ଏବେ ଏହି କମ୍ପାନୀର ଶତପ୍ରତିଶତ ଶେୟାର କିଣିବାକୁ ଇଚ୍ଛୁକ ଅଛନ୍ତି। ପ୍ରତି ଶେୟାର ପିଛା ମସ୍କ ୫୪.୨୦ ଡଲାର ବା ପ୍ରାୟ ୪ ହଜାର ଟଙ୍କାରେ କିଣିବାକୁ ଆଗ୍ରହୀ ଥିବା କହିଛନ୍ତି। ପୂରା କମ୍ପାନୀକୁ ସେ ୪୩ ବିଲିୟନ ଡଲାରରେ କିଣିବାକୁ ଅଫର ଦେଇଛନ୍ତି। ଦୁନିଆରେ ଅଭିବ୍ୟକ୍ତିର ସ୍ୱାଧୀନତା ବଜାୟ ରଖିବା ନିମନ୍ତେ ଟୁଇଟର ଏକ ବଡ଼ ପ୍ଲାଟ୍‌ଫର୍ମ ହୋଇପାରିବ ବୋଲି ବିଶ୍ୱାସ ରହିଛି। ଗଣତନ୍ତ୍ରରେ ଅଭିବ୍ୟକ୍ତିର ସ୍ୱାଧୀନତା ଜରୁରୀ। କମ୍ପାନୀର ସାମାଜିକ ଦାୟିତ୍ୱ ପୂରଣ ଉଦ୍ଦେଶ୍ୟରେ ସେ ଟୁଇଟରରେ ପୁଞ୍ଜି ନିବେଶ କରିବା ସହ ଏହାର ମାଲିକାନା ହାସଲ କରିବାକୁ ଚାହୁଁଥିବା ମସ୍କ କହିଛନ୍ତି।

# ଚରଣଜିତ ସିଂ ଚନ୍ନିଙ୍କୁ ଇଡି ଜେରା

**ଲୁଧିଆନା, ୧୪।୪:** ବେଆଇନ ବାଲି ଖନନ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ଚରଣଜିତ ସିଂ ଚନ୍ନିଙ୍କୁ ଜେରା କରିଛି। ଜଳନ୍ଧରଠାରେ ଇଡି ଅଧିକାରୀମାନେ ବୁଧବାର ତାଙ୍କୁ ଦୀର୍ଘ ୬ ଘଣ୍ଟା ଧରି ପଚରାଉଚରା କରିଥିଲେ। ବାଲି ଖନନ ମାମଲାରେ ଚନ୍ନିଙ୍କ ପୁତୁରା ଭୂପିନ୍ଦ୍ର ସିଂ ହନି ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ଅଛନ୍ତି। ପୂର୍ବରୁ ଇଡି ଚନ୍ନିଙ୍କୁ ଦୁଇଥର ସମନ କରିଥିଲେ ହେଁ ସେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ହାଜର ହୋଇ ନ ଥିଲେ। ହନିଙ୍କଠାରୁ ନଗଦ ୧୦ କୋଟି ଟଙ୍କା ଜବତ ହୋଇଥିଲା। ଚନ୍ନିଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟ ଏବଂ ଏହା ପୂର୍ବରୁ ସେ ମନ୍ତ୍ରୀ ଥିବାବେଳେ ବିଭିନ୍ନ ଅଧିକାରୀଙ୍କୁ ବଦଳି ପୋଷ୍ଟିଂ ଆଦି କରାଇ ସେ ବିପୁଳ ଅର୍ଥ ରୋଜଗାର କରିଥିବା ଅଭିଯୋଗ ହୋଇଥିଲା।

# ସମଲିଙ୍ଗୀ ବିବାହକୁ ସ୍ୱୀକୃତି ଆବେଦନ ଖାରଜ

**ଆଲ୍ଲାହାବାଦ, ୧୪।୪ (ପି.ଟି.)**

ଉତ୍ତରପ୍ରଦେଶର ଦୁଇ ମହିଳା ସେମାନଙ୍କ ବିବାହକୁ ସ୍ୱୀକୃତି ଦେବା ଲାଗି ଆଲ୍ଲାହାବାଦ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ସେମାନଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି। ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ଏଭଳି ବିବାହକୁ ବିରୋଧ କରାଯାଇଥିଲା। ସମଲିଙ୍ଗୀ ବିବାହ ଭାରତୀୟ ସଂସ୍କୃତି ଓ ଧର୍ମର ବିରୋଧୀ। ଭାରତୀୟ ଆଇନ ଅନୁଯାୟୀ ଏଭଳି ବିବାହ ଅବୈଧ ବୋଲି ୟୁପି ସରକାରଙ୍କ ଓକିଲ ଯୁକ୍ତି ଦର୍ଶାଇଥିଲେ।

ଅଞ୍ଜୁ ଦେବୀ ନାମ୍ନୀ ମହିଳାଙ୍କ ୨୩ ବର୍ଷୀୟ ଝିଅଙ୍କୁ ଅନ୍ୟ ଜଣେ ୨୨ ବର୍ଷୀୟା ଯୁବତୀ ବେଆଇନ ଭାବେ ଅଟକ ରଖିଥିବା ସେ କୋର୍ଟଙ୍କୁ ଜଣାଇଥିଲେ। ଉଭୟ ଝିଅଙ୍କୁ ଶୁଣାଣି ଲାଗି ହାଜର କରାଇବା ପାଇଁ କୋର୍ଟ ରାଜ୍ୟ ସରକାରଙ୍କ ଓକିଲଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେମାନେ ଅଦାଲତରେ ହାଜର ହୋଇ ପରସ୍ପରକୁ ବିବାହ କରିଥିବା ଜଣାଇଥିଲେ। ସରକାରୀ ଓକିଲ କହିଥିଲେ, ଅନ୍ୟ ଦେଶରେ ବିବାହ ଏକ ଠିକା ହୋଇଥିବାବେଳେ ହିନ୍ଦୁ ବିବାହ ଏକ ସଂସ୍କାର, ଯାହା ଜଣେ ପୁରୁଷ ଓ ଜଣେ ମହିଳାଙ୍କ ମଧ୍ୟରେ ହୋଇଥାଏ। ପରେ ଅଦାଲତ ଦୁଇ ମହିଳାଙ୍କ ବିବାହ ସ୍ୱୀକୃତି ଆବେଦନକୁ ଖାରଜ କରିଦେଇଥିଲେ।

# ବିକାଶରେ ସବୁ ପ୍ରଧାନମନ୍ତ୍ରୀଙ୍କ ଅବଦାନ ରହିଛି







ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ପ୍ରଧାନମନ୍ତ୍ରୀ ସଂଗ୍ରହାଳୟ' ଉଦ୍‌ଘାଟନ କରୁଛନ୍ତି।

**ନୂଆଦିଲ୍ଲୀ, ୧୪।୪**

## ପ୍ରଧାନମନ୍ତ୍ରୀ ସଂଗ୍ରହାଳୟ ଉଦ୍‌ଘାଟିତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର 'ପ୍ରଧାନମନ୍ତ୍ରୀ ସଂଗ୍ରହାଳୟ'କୁ ଉଦ୍‌ଘାଟନ କରିଛନ୍ତି। ଭାରତର ୧୪ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ପାଇଁ ଉତ୍ସର୍ଗୀକୃତ ଏହି ମ୍ୟୁଜିୟମ୍‌ରେ ସେମାନଙ୍କ ଜୀବନୀ ଓ ଅବଦାନ ପ୍ରଦର୍ଶିତ ହୋଇଛି। ନୂଆଦିଲ୍ଲୀର ତ୍ରିମୂର୍ତ୍ତି କମ୍ପ୍ଲେକ୍ସଠାରେ ଥିବା ଉକ୍ତ ମ୍ୟୁଜିୟମର ଉଦ୍‌ଘାଟନ ପରେ ମୋଦି ପ୍ରଥମ ଟିକେଟ କିଣି ମ୍ୟୁଜିୟମ୍‌ରେ ପ୍ରବେଶ କରିଥିଲେ। ସେଠାରେ ମୋଟ ୪୩ଟି ଗ୍ୟାଲେରି ରହିଛି। ସ୍ୱାଧୀନତା ସଂଗ୍ରାମଠାରୁ ଆରମ୍ଭ କରି ସମ୍ବିଧାନ ପ୍ରଣୟନ ଆଦିର ଚିତ୍ର ଦେଖିବାକୁ ମିଳିବ। ଏଥିରେ ପ୍ରଧାନମନ୍ତ୍ରୀମାନଙ୍କ ସଫଳତା ପ୍ରଦର୍ଶିତ ହୋଇଛି। ଏହି ଅବସରରେ ମୋଦି ଦେଶର ବିକାଶରେ ବିଭିନ୍ନ ପ୍ରଧାନମନ୍ତ୍ରୀଙ୍କ ଅବଦାନକୁ ପ୍ରଶଂସା କରିଥିଲେ। ସଂଗ୍ରହାଳୟ ସମସ୍ତ ପୂର୍ବ ସରକାରଙ୍କ ଉଦ୍ୟମର ପ୍ରତିଫଳନ। ବର୍ତ୍ତମାନ ଆମେ ଯେଉଁଠି ପହଞ୍ଚିଛେ, ଏହା ସ୍ୱାଧୀନତା ପରବର୍ତ୍ତୀ ସମସ୍ତ ପ୍ରଧାନମନ୍ତ୍ରୀଙ୍କ ଅବଦାନର ଫଳ। ସମସ୍ତ ପ୍ରଧାନମନ୍ତ୍ରୀ ନିଜ ଢଙ୍ଗରେ ଦେଶ ପାଇଁ ଅନେକ ଅବଦାନ ଦେଇଯାଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଥିଲେ। ଆମ ଦେଶର ସମ୍ବିଧାନକୁ ମଜଭୁତ କରିବାକୁ ହେଲେ ସମସ୍ତ ପ୍ରଧାନମନ୍ତ୍ରୀଙ୍କ ଅବଦାନକୁ ମନେ ରଖିବା ଆବଶ୍ୟକ ବୋଲି ସେ ପରାମର୍ଶ ଦେଇଥିଲେ।

୨୦୧୮ରେ ସରକାର ଉକ୍ତ ସଂଗ୍ରହାଳୟ ନିର୍ମାଣ ଯୋଜନା ଘୋଷଣା କଲା ବେଳେ ବିରୋଧୀ ଦଳଗୁଡ଼ିକ ଏହାର ପ୍ରତିବାଦ କରିଥିଲେ। ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁଙ୍କ ଲିଗାସୀକୁ ହଟାଇବା ପାଇଁ କେନ୍ଦ୍ର ସରକାର ଉଦ୍ୟମ କରୁଥିବା କଂଗ୍ରେସ ଅଭିଯୋଗ କରିଥିଲା। ହାତରେ ଧରାଯାଇଥିବା ଧର୍ମଚକ୍ରକୁ ସଂଗ୍ରହାଳୟର ଲୋଗୋ କରାଯାଇଛି, ଯାହା ରାଷ୍ଟ୍ର ଓ ଗଣତନ୍ତ୍ରର ପ୍ରତୀକ। ସେଠାରେ ଏକସଙ୍ଗେ ୪,୦୦୦ ପର୍ଯ୍ୟଟକ ଭ୍ରମଣ କରିବା କ୍ଷମତା ରହିଛି। ଅନ୍‌ଲାଇନରେ ଟିକେଟ ଦାମ୍ ୧୦୦ ଟଙ୍କା ଓ ଅଫ୍‌ଲାଇନରେ ୧୧୦ ଟଙ୍କା ରଖାଯାଇଛି। ବିଦେଶୀଙ୍କ ପାଇଁ ପ୍ରବେଶ ଦେୟ ୭୫୦ ଟଙ୍କା ଧାର୍ଯ୍ୟ ହୋଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୦,୨୪,୯୮,୯୭୨ | ୬୨,୧୫,୯୬୫ | ୪୫,୨୮,୦୩,୩୫୭ |
| ଭାରତ | ୪,୩୦,୩୯,୦୨୩ | ୫,୨୧,୭୬୬ | ୪,୨୫,୦୬,୨୨୮ |
| ଓଡ଼ିଶା | ୧୨,୮୭,୮୮୫ | ୯୧୨୨(+୫୩) | ୧୨,୭୮,୬୦୫ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ଜ୍ୱାଇଁଙ୍କୁ ୧୦ ଲକ୍ଷ ଠକେଇ, ଜେଲ ଗଲେ ଶ୍ୱଶୁର

**ଢେଙ୍କାନାଳ ଅଫିସ, ୧୪।୪**

କମ୍ ମୂଲ୍ୟରେ ଜାଗା କିଣାଇଦେବାକୁ ପ୍ରଲୋଭିତ କରି ଜ୍ୱାଇଁଙ୍କଠାରୁ ୧୦ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗରେ ଶ୍ୱଶୁର ଗିରଫ ହୋଇଛନ୍ତି। ଢେଙ୍କାନାଳ ଟାଉନ ଥାନା ଅଞ୍ଚଳରେ ଘଟିଥିବା ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଢେଙ୍କାନାଳ ସହର କୁମ୍ଭାରସାହି ଅଞ୍ଚଳର ଅଭିଯୁକ୍ତ ରଞ୍ଜନ କୁମାର ସାହୁଙ୍କୁ ଗତ ୧୦ ତାରିଖରେ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ଅଧୀନ ବିଡୋ ଗ୍ରାମର ପ୍ରଭାତ କୁମାର ସାହୁଙ୍କୁ ଘରବାରି କିସମର ଏକ ଜମି କମ୍ ମୂଲ୍ୟରେ କିଣାଇଦେବାକୁ ତାଙ୍କ ଶ୍ୱଶୁର ରଞ୍ଜନ ୧୦ଲକ୍ଷ ଟଙ୍କା ମାଗିଥିଲେ। ଏଥିରେ ବିଶ୍ୱାସ କରି ପ୍ରଭାତ ତାଙ୍କ ଆକାଉଣ୍ଟକୁ ୧୦ ଲକ୍ଷ ଟଙ୍କା ପଠାଇଥିଲେ। ୨୦୨୦ ନଭେମ୍ବର ୩୦ରେ ପ୍ରଭାତ ପୁଣି ଥରେ ଶ୍ୱଶୁରଙ୍କୁ ଯୋଗାଯୋଗ କରିବା ବେଳେ ସେ ଅନ୍ୟ ଏକ ଭଲ ଜାଗା ପାଇଁ ଅଧିକ ୯ ଲକ୍ଷ ଟଙ୍କା ଦାବି କରିଥିଲେ। ଏହାପରେ ସେ ଠକେଇର ଶିକାର ହୋଇଥିବା ନିଶ୍ଚିତ ହୋଇ ଟାଉନ ଥାନାର ଦ୍ୱାରସ୍ଥ ହୋଇଥିଲେ।






# ମହାନଦୀରେ ବୁଡ଼ି ୨ ଛାତ୍ର ମୃତ

**କୁଜଙ୍ଗ,୧୪।୪ (ଡି.ଏନ୍.ଏ.)**

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅନ୍ତର୍ଗତ ପଥୁରିଆ ଗ୍ରାମର ବଡପାଳ ନିକଟ ମହାନଦୀରେ ବୁଡ଼ି ଗୁରୁବାର ୨ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଏହି ଗ୍ରାମର ରମେଶ ଚନ୍ଦ୍ର ସାହୁଙ୍କ ପୁଅ ରାଜୀବ ଲୋଚନ ସାହୁ (୨୧) ଓ ଦିବାକର ସାହୁଙ୍କ ପୁଅ ଅଭିଜିତ୍ ସାହୁ (୧୭)। ଉଭୟେ କୁଟୁମ୍ବରେ ସମ୍ପର୍କୀୟ ଭାଇ ଥିଲେ। ରାଜୀବ ରାହାମାସ୍ଥିତ ଶାରଳା ମହାବିଦ୍ୟାଳୟର ଯୁକ୍ତ ୩ ବିଜ୍ଞାନ ଛାତ୍ର ଥିଲେ। ଅଭିଜିତ ତିର୍ତ୍ତୋଲସ୍ଥିତ ଆଦିକବି ଶାରଳା ଦାସ କଲେଜର ଯୁକ୍ତ୨ ଛାତ୍ର ଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟା ବେଳେ ଉଭୟେ

**ଗାଧୋଇବା କାଳ ହେଲା**


ରାଜୀବ ଲୋଚନ ସାହୁ


ଅଭିଜିତ୍ ସାହୁ

ଆଉ ୨ ସାଙ୍ଗଙ୍କ ସହ ମିଶି ମହାନଦୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ଅଭିଜିତ୍‌ଙ୍କ ଗୋଡ଼ ଖସିଯିବାରୁ ଗଭୀର ଜଳକୁ ଚାଲିଯାଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇ ରାଜୀବ ମଧ୍ୟ ପାଣିରେ ବୁଡ଼ିଯାଇଥିଲେ। ଆଉ ୨ ସାଙ୍ଗ ଏହା ଦେଖି ଅନ୍ୟ ଉପାୟ ନ ପାଇ ଗାଁରେ ଆସି ଖବର ଦେଇଥିଲେ। ଏହାପରେ ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ଉଭୟଙ୍କୁ ପାଣିରୁ ଉଦ୍ଧାର କରି କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ରାଜୀବ ଓ ଅଭିଜିତ୍‌ଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। କୁଜଙ୍ଗ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ. ୧୪/୨୨) ରୁଜୁ ହୋଇଛି।

# ଶିବଙ୍କୁ ରିମାଣ୍ଡରେ ନେଲା ପୋଲିସ

**ମାହାଙ୍ଗା ଗଣହତ୍ୟା ମାମଲା**

## ଅସୁସ୍ଥତା ଯୋଗୁ ହୋଇପାରିଲାନି ସିନ୍ ରିକ୍ରିଏଶନ

**ନିଶ୍ଚିନ୍ତକୋଇଲି/ମାହାଙ୍ଗା,୧୪।୪(ସ୍ୱ.ପ୍ର.)**

କଟକ ଜିଲା ମାହାଙ୍ଗା ଥାନା କୁସୁପୁର ଗ୍ରାମରେ ସମ୍ପତ୍ତି ବିବାଦରୁ ବଡ଼ ଭାଇଙ୍କ ପରିବାରର ସମସ୍ତ ୫ଜଣଙ୍କୁ ହତ୍ୟା କରିବା ଘଟଣାର ଅଭିଯୁକ୍ତ ତଥା ସାନଭାଇ ଶିବ ପ୍ରସାଦ ସାହୁଙ୍କୁ ଗୁରୁବାର ମାହାଙ୍ଗା ପୋଲିସ ୩ ଦିନିଆ ରିମାଣ୍ଡରେ ନେଇଛି। ତେବେ ଶିବଙ୍କ ଶରୀର ଅସୁସ୍ଥ ଥିବାରୁ ପ୍ରଥମ ଦିନରେ ସିନ୍ ରିକ୍ରିଏଶନ କରାଯାଇ ପାରି ନାହିଁ। ତାଙ୍କୁ ଥାନାରେ ରଖି ଘଟଣା ସମ୍ପର୍କରେ ପଚରା ଉଚରା କରାଯାଇଛି। ଗୁରୁବାର ସକାଳୁ ମାହାଙ୍ଗା ପୋଲିସ ସାଲେପୁର ଶିଶୁଆ ଜେଲରେ ପହଞ୍ଚିଥିଲା। ହେଲେ ଶିବଙ୍କ ଗୋଡ଼ରେ କଷ୍ଟ ଅନୁଭବ ହେବାରୁ ସେ ଚାଲିପାରି ନ ଥିଲେ। କାରାଗାରର ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା କରିବା ପରେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ମାହାଙ୍ଗା ଥାନାକୁ ଅଣାଯାଇଥିଲା। କଟକ ଗ୍ରାମାଞ୍ଚଳ ଅତିରିକ୍ତ ଏସ୍‌ପି ଅଶୋକ କୁମାର ବେହେରା ଓ ସାଲେପୁର ଏସଡିପିଓ ବିମଳ କୁମାର ବାରିକ ତଦନ୍ତ କରିବା ପାଇଁ ମାହାଙ୍ଗା ଥାନାରେ ପହଞ୍ଚିଥିଲେ। ତେବେ ଶିବ ଠିକ୍‌ଭାବେ ଚାଲି ପାରୁ ନ ଥିବାରୁ ଗୁରୁବାର ପୋଲିସ ସିନ୍ ରିକ୍ରିଏଶନ କରିପାରି ନ ଥିଲା। ଶୁକ୍ରବାର ଶିବ ସୁସ୍ଥ ହେବା ପରେ ତଦନ୍ତର ବିଭିନ୍ନ ଦିଗ ଉପରେ ଦୃଷ୍ଟି ଦିଆଯିବ ବୋଲି ଅତିରିକ୍ତ ଏସ୍‌ପି ବେହେରା ସୂଚନା ଦେଇଛନ୍ତି। ଅପରପକ୍ଷରେ ମାହାଙ୍ଗା ଥାନା ଅଧିକାରୀ ଅଲେଖ ସାହୁଙ୍କ ଘରକୁ ସିଲ୍ କରି ନୋଟିସ୍ ଜାରି କରିଛି।


ଶିବ ପ୍ରସାଦ ସାହୁ

ସୂଚନାଯୋଗ୍ୟ ସମ୍ପତ୍ତି ବିବାଦକୁ ନେଇ ଗତ ସୋମବାର ରାତିରେ କୁସୁପୁର ଗ୍ରାମର ଶିବ ପ୍ରସାଦ ସାହୁ ତାଙ୍କ ବଡ଼ଭାଇ ଅଲେଖ ଚନ୍ଦ୍ର ସାହୁ, ଭାଉଜ ରଶ୍ମିତା ପୃଷ୍ଟି, ଝିଆରୀ ସ୍ମୃତି ସନ୍ଧ୍ୟା ଓ ୨ ପୁତୁରା ସ୍ମୃତି ସ୍ୱରୂପ ଓ ସ୍ମୃତି ସାଇଙ୍କୁ ବୀଭତ୍ସ ଭାବେ କଟୁରିରେ ହାଣି ହତ୍ୟା କରିଥିଲେ। ପରେ ମଙ୍ଗଳବାର ହତ୍ୟାକାଣ୍ଡ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ଜାରି କରିବା ସହ ବାଲିଚନ୍ଦ୍ରପୁର ଥାନାରେ ଆତ୍ମସମର୍ପଣ କରିଥିଲେ। ପୋଲିସ ଏନେଇ ଏକ ମାମଲା(ନଂ.୮୧/୨୨) ରୁଜୁ କରି କଟକ ବଡ଼ ଡାକ୍ତରଖାନାରେ ସମସ୍ତ ୫ ମୃତକଙ୍କ ଶବ ବ୍ୟବଚ୍ଛେଦ କରାଇ କାଳିଆବୋଦାଠାରେ ଶେଷକୃତ୍ୟ ସମ୍ପର୍ନ୍ନ କରିଥିଲା। ଅପରପକ୍ଷରେ ବୁଧବାର ପୋଲିସ ଶିବଙ୍କୁ ବାଲିଚନ୍ଦ୍ରପୁର ଥାନାରୁ ଆଣି ସାଲେପୁର ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରାଇବା ସହ ୫ ଦିନ ରିମାଣ୍ଡରେ ନେବାକୁ ଆବେଦନ କରିଥିଲା। କୋର୍ଟ ୩ଦିନ ରିମାଣ୍ଡ ଅନୁମତି ଦେଇଥିଲେ। ଗୁରୁବାର ଶିବଙ୍କୁ ମେଡିକାଲରୁ ଥାନା ହାଜତକୁ ନେବା ସମୟରେ ହତ୍ୟାକାଣ୍ଡରେ ସ୍ତ୍ରୀ କିମ୍ବା ଅନ୍ୟ କାହାରି ସମ୍ପୃକ୍ତି ଥିବାନେଇ ଗଣମାଧ୍ୟମ ପ୍ରତିନିଧି ପ୍ରଶ୍ନ କରିଥିବାବେଳେ ସେ କିଛି ଉତ୍ତର ନ ଦେଇ କେବଳ ଗୋଟିଏ ଆଙ୍ଗୁଠି ଦେଖାଇଥିଲେ।




## ରେଳଧାରଣାରୁ ଯୁବତୀଯୁବକଙ୍କ ମୃତଦେହ ଜବତ

ସମ୍ବଲପୁର,୧୪।୪(ବ୍ୟୁରୋ): ସମ୍ବଲପୁର ବୁର୍ଲା ଥାନା ହୀରାକୁଦ ଷ୍ଟେଶନ ନିକଟ ରେଳଧାରଣାରୁ ଗୁରୁବାର ଜିଆର୍‌ପି ଯୁବତୀଯୁବକଙ୍କ ମୃତଦେହ ଜବତ କରିଛି। ଉଭୟଙ୍କ ବୟସ ୨୦ବର୍ଷ ବୋଲି ପୋଲିସ କହିଛି। ଘଟଣାସ୍ଥଳରୁ ଏକ ସଂସ୍କୃତ ବ୍ୟାକରଣ ନୋଟ୍‌ବୁକ ଓ ବାଇକ୍‌କୁ ଜବତ କରିଛି। ଜିଆର୍‌ପି ଏହାକୁ ନେଇ ତଦନ୍ତ ଆରମ୍ଭ କରିଛି। ମୃତ ଯୁବତୀ ସୋନପୁର ଜିଲା ଡୁଙ୍ଗୁରିପାଲି ଥାନା ଅଞ୍ଚଳର। ହେଲେ ପରିବାର ବର୍ଗ ଚିହ୍ନଟ କରିବା ପରେ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ଯୁବକଙ୍କ ପରିଚୟକୁ ନେଇ ତନାଘନା ଚାଲିଛି। ଯୁବକ ଓ ଯୁବତୀଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ପ୍ରାୟ ୧୦ ଫୁଟ୍ ବ୍ୟବଧାନରେ ପଡିରହିଥିଲା। ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ କରିଥିଲା। ପ୍ରେମ ସମ୍ପର୍କକୁ ନେଇ ଆତ୍ମହତ୍ୟା କିମ୍ବା କେହି ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରୁଛି।


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ସୁଇଟି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଆଜିର ମନ୍ତବ୍ୟ

"ସାମ୍ବିଧାନିକ ଗଣତନ୍ତ୍ରର ଲକ୍ଷ୍ୟ ପୂରଣ ଦିଗରେ ଭାରତର ପ୍ରତ୍ୟେକ ପ୍ରଧାନମନ୍ତ୍ରୀଙ୍କ ଅବଦାନ ରହିଛି।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆପ ରୁଚି ଭୋଜନ,
ପର ରୁଚି ପହରଣ।**

ନିଜ ରୁଚି ଅନୁସାରେ ଭୋଜନ ଗ୍ରହଣ କରିବା ଉଚିତ। କାରଣ ନିଜ ମନ ପସନ୍ଦ ଅନୁସାରେ ଖାଦ୍ୟ ଗ୍ରହଣ କଲେ ତାହା ସ୍ୱାସ୍ଥ୍ୟ ବୃଦ୍ଧିରେ ସହାୟକ ହୋଇଥାଏ। ସେହିପରି ନିଜ ଶରୀରକୁ କେଉଁ ପ୍ରକାରର ପୋଷାକ ଭଲ ମାନୁଛି ତାହା ଅନ୍ୟର ଆଖିରେ ସହଜରେ ଜଣା ପଡିଯାଇଥାଏ। ତେଣୁ ଅନ୍ୟ ବା ପର ର ପସନ୍ଦ ଅନୁସାରେ ପୋଷାକ ପରିଧାନ କରିବା ଉଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆଖିଟି ବଡ଼,
ପେଟଟି ସାନ।**

ଖାଇବାକୁ ଚାହିଁବା ଓ ଆହାର ପେଟକୁ ନେବା ଏକା କଥା ନୁହେଁ। ଖାଦ୍ୟଲୋଭୀ ବ୍ୟକ୍ତି ଲୋଭରେ ପଡି ଅଧିକ ଖାଇବାକୁ ମନ ବଳାଇଥାନ୍ତି। ପରନ୍ତୁ ନିଜ ସାମର୍ଥ୍ୟ ଠାରୁ ଅଧିକ ଖାଦ୍ୟ ଗ୍ରହଣ କରିପାରି ନ ଥାନ୍ତି। ଲୋଭ ବହୁତ ଅଥଚ ଆୟତ୍ତ କରିବା ପାଇଁ ଅସମର୍ଥ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଜୁନ୍ ୩ୟ ସପ୍ତାହରେ ଓଡ଼ିଶା ଛୁଇଁବ ମୌସୁମୀ

- ଚଳିତ ବର୍ଷ ସ୍ୱାଭାବିକ ବୃଷ୍ଟିପାତ
- ଜୁଲାଇରେ ଭଲ ବର୍ଷା ସମ୍ଭାବନା



ଭୁବନେଶ୍ୱର, ୧୪।୪(ବ୍ୟୁରୋ)

ପ୍ରଶାନ୍ତ ମହାସାଗରରେ 'ଲା-ନିନା' ପ୍ରଭାବ ଥିବାରୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପାଇଁ ପାଗ ଅନୁକୂଳ ରହିବ। ଭାରତ ମହାସାଗରରେ ଡାଇପୋଲ ନକାରାତ୍ମକ ସ୍ଥିତି କାରଣରୁ ସମୁଦ୍ର ଉପରିଭାଗ ତାପମାତ୍ରା ବୃଦ୍ଧି ପାଇବ। ଫଳରେ ମୌସୁମୀ ଆଗମନରେ ସୁବିଧା ହେବ। ଏହାର ପ୍ରଭାବରେ ଦେଶରେ ଭଲ ବୃଷ୍ଟିପାତ ହେବ। ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ବର୍ଷା ସ୍ୱାଭାବିକ ରହିବ। ଜୁନ୍ ତୃତୀୟ ସପ୍ତାହ ବେଳକୁ ମୌସୁମୀ ଓଡ଼ିଶା ଛୁଇଁବ। ଚଳିତବର୍ଷ ପାଣିପାଗ ବିଭାଗ ପକ୍ଷରୁ କରାଯାଇଥିବା ଏଭଳି ଅନୁମାନ ରାଜ୍ୟର ଚାଷୀଙ୍କ ପାଇଁ ଖୁସି ଆଣିଦେଇଛି।

ଚଳିତ ବର୍ଷ ମୌସୁମୀ ଋତୁରେ ଦୀର୍ଘମିଆଦୀ ହାରାହାରି ବୃଷ୍ଟିପାତ (ଏଲ୍‌ପିଏ)ର ୯୬ରୁ ୧୦୪% ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଆକଳନ କରିଛି। ୧୯୭୧ରୁ ୨୦୨୦ ମଧ୍ୟରେ ଦୀର୍ଘମିଆଦୀ ହାରାହାରି ବୃଷ୍ଟିପାତ ୮୭% ଭାବେ ଆଇଏମ୍‌ଡି ଗ୍ରହଣ କରିଆସୁଛି। ପରିମାଣ ଦୃଷ୍ଟିରୁ ଦେଖିଲେ, ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ମୌସୁମୀ ବର୍ଷା ଏଲ୍‌ପିଏର ୯୯% ରହିବ ଅଥବା ଏଥିରେ ୫% ଅଧିକ କିମ୍ବା କମ୍ ହୋଇପାରେ। ସ୍ୱାଭାବିକ ବୃଷ୍ଟିପାତର ୪୦% ସମ୍ଭାବନା ରହିଛି। ସ୍ୱାଭାବିକଠାରୁ ଅଧିକ (ଏଲ୍‌ପିଏର ୧୦୪ରୁ ୧୧୦ ପ୍ରତିଶତ) ବର୍ଷା ହେବାର ୧୫% ଏବଂ ୧୧୦% ରୁ ଅଧିକ ବର୍ଷା ହେବାର ୫% ସମ୍ଭାବନା ରହିଛି। ସେହିପରି ସ୍ୱାଭାବିକଠାରୁ କମ୍ (ଅର୍ଥାତ୍ ଏଲ୍‌ପିଏର ୯୦ରୁ ୯୬ ପ୍ରତିଶତ) ବୃଷ୍ଟିପାତ ସମ୍ଭାବନା ୨୬% ଥିବାବେଳେ ଏହାଠାରୁ କମ୍ ବର୍ଷା ହେବାର ୧୪% ସମ୍ଭାବନା ଥିବା ଆଇଏମ୍‌ଡି ପକ୍ଷରୁ ସୂଚନା ଦିଆଯାଇଛି।

ଆକଳନ ଅନୁଯାୟୀ ଉତ୍ତର ଭାରତ, କେନ୍ଦ୍ରାଞ୍ଚଳ, ହିମାଳୟ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଏବଂ ଉତ୍ତରପଶ୍ଚିମ ଭାରତର କେତେକ ଅଞ୍ଚଳରେ ସ୍ୱାଭାବିକ ଏବଂ ଏହାଠାରୁ ଅଧିକ ବୃଷ୍ଟିପାତ ହୋଇପାରେ। ସେହିପରି ଉତ୍ତରପୂର୍ବାଞ୍ଚଳ, ଉତ୍ତରପଶ୍ଚିମାଞ୍ଚଳ ଏବଂ ଦକ୍ଷିଣ ଭାରତରେ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇପାରେ ବୋଲି ରିପୋର୍ଟରେ କୁହାଯାଇଛି। ଏଥିସହିତ ଭାରତ ମହାସାଗର ଉପରେ ଭାରତ ମହାସାଗର ଡାଇପୋଲ୍ (ଆଇଓଡି) ନିରପେକ୍ଷ ସ୍ଥିତିରେ ରହିବ। ଏହା ପରେ ଆଇଓଡିର ନକାରାତ୍ମକ ସ୍ଥିତି ବଢ଼ିବା ସମ୍ଭାବନା ରହିଛି। ପୂର୍ବ ପ୍ରଶାନ୍ତ ମହାସାଗର ଅଞ୍ଚଳରେ ଏଲ୍-ନିନୋ ସମୁଦ୍ର ଉପରିଭାଗର ତାପମାତ୍ରା ଓ ବାୟୁ ପ୍ରବାହ ଦିଗକୁ ପ୍ରଭାବିତ କରିଥାଏ। ଏହା ଅଧିକାଂଶ ଗ୍ରୀଷ୍ମମଣ୍ଡଳୀୟ ଜଳବାୟୁ ଉପରେ ପ୍ରଭାବ ପକାଇଥାଏ। ଏଲ୍- ନିନୋ ଭାରତରେ ମୌସୁମୀ ବର୍ଷାକୁ ହ୍ରାସ କରାଉଥିବାବେଳେ ଲା- ନିନା ବୃଷ୍ଟିପାତ ବଢ଼ାଇଥାଏ। ତଦନୁଯାୟୀ ଜୁନ୍ ତୃତୀୟ ସପ୍ତାହ ବେଳକୁ ମୌସୁମୀ ଓଡ଼ିଶାକୁ ପ୍ରବେଶ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ତେବେ ଜୁନ୍‌ରେ ଅଧିକ ବର୍ଷା ହେବ ନାହିଁ। ଜୁଲାଇରେ ବର୍ଷା ପରିମାଣ ବଢ଼ିବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପୂର୍ବତନ ନିର୍ଦ୍ଦେଶକ ଶରତ ଚନ୍ଦ୍ର ସାହୁ କହିଛନ୍ତି। ଉପକୂଳ, ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଓଡ଼ିଶାରେ ବୃଷ୍ଟିପାତ ସ୍ୱାଭାବିକ ରହିବ। କେତେକ ସ୍ଥାନରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବ ବୋଲି ଆକଳନ କରାଯାଇଛି। ୨୦୧୯, ୨୦୨୦ ଏବଂ ୨୦୨୧ରେ ଦକ୍ଷିଣ-ପଶ୍ଚିମ ମୌସୁମୀ ସ୍ୱାଭାବିକ ରହିଥିଲା। ଗତବର୍ଷ ଜୁନ୍ ଓ ଜୁଲାଇରେ ମୌସୁମୀ ଧୋକା ଦେଇଥିବା ବେଳେ ଅଗଷ୍ଟରେ ପ୍ରବଳ ବର୍ଷା ହୋଇଥିଲା। ବିଳମ୍ବିତ ମୌସୁମୀ ବର୍ଷା ଯୋଗୁ ରାଜ୍ୟରେ ଚାଷ କାର୍ଯ୍ୟ ଠିକ୍ ସମୟରେ ଆରମ୍ଭ ହୋଇପାରି ନ ଥିଲା।

### ଲା-ନିନା କ'ଣ

ସ୍ପେନ୍ ଭାଷାରେ 'ଲା-ନିନା'ର ଅର୍ଥ ଛୋଟ ଝିଅ। ଅନ୍ୟ ଅର୍ଥରେ ପାଣିପାଗ ବିଜ୍ଞାନୀମାନେ ଏହାକୁ ଏକ 'ଥଣ୍ଡା ଘଟଣା ବା କୋଲ୍ଡ ଇଭେଣ୍ଟ' ବୋଲି କହିଥାଆନ୍ତି। ପ୍ରଶାନ୍ତ ମହାସାଗରରେ 'ଲା-ନିନା' ସୃଷ୍ଟି ହେଲେ ଜଳଭାଗରେ ତାପମାତ୍ରା ହ୍ରାସ ପାଇବା ସହ ସ୍ୱାଭାବିକ ବାୟୁ ପ୍ରବାହର ଗତି ବଢ଼ିଥାଏ। ବିଶେଷ କରି ଅଧିକ ପରିମାଣର ଉଷ୍ମ ବାୟୁ ଏସିଆ ମହାଦେଶ ଆଡ଼କୁ ଆସିବାରେ ସାହାଯ୍ୟ କରିଥାଏ। ସେହିପରି ପ୍ରଶାନ୍ତ ମହାସାଗରର ଥଣ୍ଡା ଜେଟ୍ ଷ୍ଟ୍ରିମ୍ ଉତ୍ତର ପଶ୍ଚିମ ଦିଗକୁ ବହିଥାଏ। ଲାନିନା ଯୋଗୁ ଦକ୍ଷିଣ ମେରୁରେ ଶୀତ ଋତୁରେ ବାୟୁର ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ହେବା ସହ ଉତ୍ତରମେରୁରେ ଥଣ୍ଡା ରହିଥାଏ। ଏହା ଦକ୍ଷିଣ ପଶ୍ଚିମ ମୌସୁମୀ ପାଇଁ ଅନୁକୂଳ ପାଗ ସୃଷ୍ଟି କରିଥାଏ।




ବୁଧବାର ରାତିରେ ଦଣ୍ଡପର୍ବ ଶୋଭାଯାତ୍ରା ସମୟରେ ଘଟିଥିବା ହତ୍ୟା ପରେ ଉତ୍ତ୍ୟକ୍ତ ଲୋକଙ୍କୁ ଏସ୍‌ପି ନୟାଗଡ଼ ଟାଉନ ଥାନା ସମ୍ମୁଖରେ ବୁଝାଶୁଝା କରୁଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଇଞ୍ଜିନିୟରଙ୍କୁ ଅପହରଣ...

ଗଣ୍ଡଗୋଳର ସୂତ୍ରପାତ ଘଟିଥିଲା। ସିନ୍ଦୁରିଆ ଲୋକନାଥ ମନ୍ଦିରରେ ଦୁର୍ଗାପ୍ରସାଦର ଦଣ୍ଡୁଆମାନଙ୍କୁ ତାଲା ପକାଇ ପ୍ରାୟ ଅଧ ଘଣ୍ଟା ରଖାଯାଇଥିଲା। ସେମାନଙ୍କ ଉପରକୁ ଢେଲାପଥର ମଧ୍ୟ ମାଡ଼ କରାଯାଇଥିଲା। ପୋଲିସକୁ ଦଣ୍ଡୁଆମାନେ ଖବର ଦେଇଥିଲେ ହେଁ ପୋଲିସ ଘଟଣାସ୍ଥଳକୁ ବହୁ ବିଳମ୍ବରେ ପହଞ୍ଚିବାରୁ ସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଥିଲା। ଦଣ୍ଡୁଆମାନଙ୍କୁ ଉଦ୍ଧାର କରିବା ପାଇଁ ଦୁର୍ଗାପ୍ରସାଦର ପ୍ରାୟ ୫ ଜଣ ଲୋକ ସେଠାରେ ପହଞ୍ଚିଥିବାବେଳେ ଅପରଗୋଷ୍ଠୀ ଢେଲାପଥର ମାଡ଼ କରିଥିଲେ। ଗଣ୍ଡଗୋଳ ଚାଲିଥିବାବେଳେ ନବୀନଙ୍କ ସମେତ ୨ ଜଣଙ୍କୁ ଅପହରଣ କରାଯାଇଥିଲେ ମଧ୍ୟ ଦୁର୍ଗାପ୍ରସାଦ ଗାଁର ଲୋକେ ଜାଣିପାରି ନ ଥିଲେ। ତେବେ ଦୁହିଙ୍କ ମଧ୍ୟରୁ ଜଣେ ଖସି ପଳାଇଥିବାବେଳେ ବିଳମ୍ବିତ ରାତିରେ ନବୀନଙ୍କୁ ହତ୍ୟା କରାଯାଇ ଫୋପାଡ଼ି ଦିଆଯାଇଥିବା ଅଭିଯୋଗ ହୋଇଛି।

ପୋଲିସ ନବୀନଙ୍କ ମୃତଦେହ ଜବତ କରି ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇବା ପରେ ଗୁରୁବାର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ଆକ୍ରମଣକାରୀଙ୍କ ପଥର ମାଡ଼ରେ ଟାଉନ ଥାନା ଆଇଆଇସି ପ୍ରଜ୍ଞା ପରମିତା ଜେନାଙ୍କ ସମେତ ଦୁର୍ଗାପ୍ରସାଦର ଅଖିଳ ମାଝି, କିଶୋର ମାଝି, ଶ୍ରୀକାନ୍ତ ଦଳେଇ, ଶ୍ରୀହରି ହରପ୍ରସାଦ, ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ୧୧ ଜଣ ଆହତ ହୋଇଛନ୍ତି। ଆହତମାନେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଦେଉଳପଲ୍ଲୀର ଆହତମାନେ କେଉଁଠି ଚିକିତ୍ସିତ ହେଉଛନ୍ତି ସୂଚନା ମିଳିନାହିଁ। ମୃତକଙ୍କ ପରିବାର ଓ ଆହତମାନଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୪୩/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରେ ଏସ୍‌ପି ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଏସ୍‌ପି ଉମାକାନ୍ତ ମଲ୍ଲିକ ପହଞ୍ଚି ତଦନ୍ତ କରିଛନ୍ତି। ଅନ୍ୟପକ୍ଷେ ଏତେବଡ଼ ଶୋଭାଯାତ୍ରାରେ ପୋଲିସ ଫୋର୍ସ ବଦଳରେ ହୋମଗାର୍ଡ ଡ୍ୟୁଟି କରୁଥିବା ଦେଖିବାକୁ ମିଳିଥିଲା। ପୋଲିସର ଦାୟିତ୍ୱହୀନତା ଯୋଗୁ ଗୋଟିଏ ଜୀବନ ଚାଲିଗଲା ବୋଲି ଗ୍ରାମବାସୀ କହିଛନ୍ତି। ଏନେଇ ଟାଉନ ଥାନା ଆଇଆଇସି ପ୍ରଜ୍ଞା ପରମିତା ଜେନା କୁହନ୍ତି, ପୋଲିସ ଘଟଣା ତଦନ୍ତ କରୁଛି। କେତେଜଣ ଲୋକଙ୍କୁ ଅଟକ ରଖି ପଚରାଉଚୁରା ଚାଲିଛି। ନବୀନଙ୍କ ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଦେଶର ଉତ୍ତପ୍ତ...

୪୦ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି କଟକରେ ସର୍ବୋଚ୍ଚ ତାପମାତ୍ରା ୩୮.୪ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ଭୁବନେଶ୍ୱରରେ ୩୭.୭, ଚାନ୍ଦବାଲିରେ ୩୮.୭, କେନ୍ଦୁଝରଗଡ଼ରେ ୩୬.୨, ହୀରାକୁଦରେ ୩୯.୯, ଫୁଲବାଣୀରେ ୩୯.୨, ରାୟଗଡ଼ାରେ ୩୯.୧ ଓ ଭଦ୍ରକରେ ୩୯ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ରାଜ୍ୟର ଗୋଟିଏ ପଟେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେଉଥିବା ବେଳେ ଅନ୍ୟପକ୍ଷରେ ଝଡ଼ବର୍ଷା ଆଶଙ୍କା ବଢ଼ିଯାଉଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, ଢେଙ୍କାନାଳ, କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ୟେଲୋ୍ୱାର୍ନିଂ ଜାରି କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜି ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଆନନ୍ଦ ଅନୁଭବ କରିବେ। ପାରିବାରିକ କ୍ଷେତ୍ରରେ ବନ୍ଧୁମାନଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ସାମିଲ ହୋଇପାରନ୍ତି। ରାଜନୈତିକ, ଆନୁଷ୍ଠାନିକ ତଥା ସାଙ୍ଗଠନିକ ସ୍ଥିତି ବେଶ୍ ମଜଭୁତ ରହିବ। ଅଫିସ୍‌ରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ।

**ବୃଷ** — ଆଜି ଆପଣଙ୍କ କଥା ଯେମିତି, କାମ ମଧ୍ୟ ସେମିତି ହେବ। ନିଜ ଲୋକ ବିରୋଧ କରୁଥିଲେ ମଧ୍ୟ ଶୁଭେଚ୍ଛୁମାନେ ଆପଣଙ୍କୁ ସୁହାଇଲା ଭଳି କଥା କହିବେ। ପାରିବାରିକ ଅଶାନ୍ତିର ହେତୁ ମନରେ ଭାବନାର ଜୁଆର କେନ୍ଦ୍ରୀଭୂତ ହେବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ପ୍ରଶାସନ, ଆଇନ ଅଦାଲତରେ ଶୁଭଫଳ ପାଇବେ।

**ମିଥୁନ** — ସହାନୁଭୂତିର ସହ କଥା ଓ କାମରେ ସନ୍ତୁଷ୍ଟ କରାଇ ବନ୍ଧୁଙ୍କୁ ଆପଣେଇବାରେ ସମର୍ଥ ହେବେ। ବିଭିନ୍ନ ଯୋଜନା କ୍ଷେତ୍ରରେ ସମସ୍ୟା ସମାଧାନ ପୂର୍ବକ ଅନୁକୂଳ ବାତାବରଣ ସୃଷ୍ଟି ହେବ। ମତଭେଦ କାରଣରୁ ପରିବାର ଭିତରେ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ସାଙ୍ଗଠନିକ ସ୍ତରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**କର୍କଟ** — ଆଜି ଆପଣଙ୍କ ସ୍ୱାସ୍ଥ୍ୟ, ଯାତ୍ରା, ବ୍ୟବସାୟରେ ଦୁଶ୍ଚିନ୍ତା ଦେଖାଦେଇପାରେ। ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ଠିକ୍ ଭାବେ ସମ୍ପୂର୍ଣ୍ଣ ହେବାର କ୍ଷୀଣ ଆଶା ରହିଛି। ବନ୍ଧୁଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତିରୁ ଆଶ୍ୱସ୍ତି ଲାଭ କରିବେ। ପ୍ରତିଯୋଗିତା କ୍ଷେତ୍ରରେ କଳା, ସାହିତ୍ୟ, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ରାଦିରେ ଉନ୍ନତମାନର ଫଳ ପାଇବେ।

**ସିଂହ** — ଆଜି ପ୍ରତ୍ୟେକ କ୍ଷେତ୍ର ଅନୁକୂଳ ବାତାବରଣ ମଧ୍ୟରେ ସମ୍ପନ୍ନ ହେବାର ସମ୍ଭାବନା ରହିଛି। ଆଲୋଚନା ପରିସରରେ ପିଲାଳିଆମି କଥାରୁ ଦୂରେଇ ରହିଲେ ଭଲ। ଜମିଜମା କ୍ରୟ ବିକ୍ରୟ, ନିର୍ମାଣାଧୀନ କାମ, ଆମଦାନୀ, ବିଦେଶ ଯାତ୍ରା ପାଇଁ ଦିନଟି ଭଲ। କାର୍ଯ୍ୟଦକ୍ଷତାକୁ ନେଇ ବନ୍ଧୁ ଗହଣରେ ପ୍ରଶଂସିତ ହେବେ।

**କନ୍ୟା** — ବିଭିନ୍ନ ସମସ୍ୟା ମଧ୍ୟରେ କର୍ମକ୍ଷେତ୍ର ଅଶାନ୍ତ ରହିପାରେ। ବିରୋଧୀମାନଙ୍କ ଦ୍ୱାରା ହଠାତ୍ କୌଣସି ମିଥ୍ୟା ଗୁଜବ ମନକୁ ଚହଲାଇ ଦେବାର ଆଶଙ୍କା ରହିଛି। କିନ୍ତୁ ସାମାଜିକ ସ୍ତରରେ ମଙ୍ଗଳଜନକ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

**ତୁଳା** — ଆଜି ବିବାଦରୁ ଦୂରେଇ ରହନ୍ତୁ, ଅନ୍ୟଥା ପରିସ୍ଥିତି ସଙ୍ଗିନ୍ ହୋଇପାରେ। ପ୍ରତିଦ୍ୱନ୍ଦ୍ୱିତା କଲେ ଲାଭ ହେବନି। ଆର୍ଥିକ ସ୍ଥିତି ଭଲ ରହିବ, କିନ୍ତୁ ଆତ୍ମୀୟ ସ୍ୱଜନଙ୍କ ଅସହିଷ୍ଣୁତା ଦୁଶ୍ଚିନ୍ତାର କାରଣ ହୋଇପାରେ। ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ଆଇନ ଅଦାଲତ କ୍ଷେତ୍ରରୁ ଆଶାନୁଯାୟୀ ସୁଫଳ ପାଇବେ।

**ବିଛା** — ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ ଓ କାମ ହାସଲ କରିବେ। ପାଖ ପଡ଼ୋଶୀମାନଙ୍କ ନିମନ୍ତ୍ରଣ କ୍ରମେ ମନୋରଞ୍ଜନରେ ଆଗ୍ରହ ପ୍ରକାଶ କରିପାରନ୍ତି। ଅଫିସିଆଲି କାମ ସକାଶେ ଅପରାହ୍ନରେ ଟେନସନ୍ ବଢ଼ିପାରେ। ଆପଣ ଆଜି ଯାହା କରନ୍ତୁନା କାହିଁକି, କାର୍ଯ୍ୟସାଧନରେ ସହଯୋଗର ଅଭାବ ରହିବନି।

**ଧନୁ** — ଅଭାବ ନ ଥିଲେ ମଧ୍ୟ କୌଣସି ବ୍ୟକ୍ତିର ପରୋକ୍ଷ ମନ୍ତ୍ରଣା ମାନସିକ ସୁସ୍ଥତାକୁ ନଷ୍ଟ କରିବ। ପରିଜନଙ୍କ ସହ ନୂତନ ସ୍ଥାନ ଭ୍ରମଣ ସୁଯୋଗ ଜୁଟିବ। ହିତୈଷୀଙ୍କ ସହଯୋଗରୁ ଅର୍ଥ ଓ ସମ୍ମାନ ମିଳିବ, ବ୍ୟବସାୟିକ ଉନ୍ନତି କରିବେ। ପ୍ରତ୍ୟେକ କ୍ଷେତ୍ରରେ ଅପ୍ରିୟ ସତ୍ୟ ପ୍ରକାଶ କରିବା କାରଣରୁ ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ।

**ମକର** — ବନ୍ଧୁଙ୍କ କଥାକୁ ପାଳନ କଲେ ଉପକୃତ ହେବେ। ଦୂରାଗତ ବନ୍ଧୁଙ୍କ ଆଗମନ ହେତୁ ପାରିବାରିକ କ୍ଷେତ୍ର ଚଳଚଞ୍ଚଳ ରହିବ। ପରିବହନ, ପ୍ରଶାସନ, ପ୍ରକାଶନ, ସାହିତ୍ୟ, ସାମ୍ବାଦିକତା ତଥା ରଚନାତ୍ମକ କାମ ପାଇଁ ଆଜି ଦିନଟି ପ୍ରକୃଷ୍ଟ ଦିବସ। କିନ୍ତୁ ଧନିଷ୍ଠା ନକ୍ଷତ୍ରର ବହୁତ ମାନସିକ ଦୁଶ୍ଚିନ୍ତା କାରଣରୁ ରକ୍ତଚାପ ମଧ୍ୟ ବୃଦ୍ଧି ପାଇପାରେ।

**କୁମ୍ଭ** — ପ୍ରତ୍ୟେକ କାମକୁ ସମ୍ପନ୍ନ କରିବେ ସତ, କିନ୍ତୁ ଟେନ୍‌ସନ ଜମା ଛାଡ଼ିବ ନାହିଁ। ସମସ୍ୟା ସମାଧାନ ହେବ, ମାତ୍ର ଅସୁବିଧାର ଶେଷ ପର୍ଯ୍ୟାୟରେ। ଘରର ବରାଦ ଅନୁଯାୟୀ ଆଜି ନୂତନ ଜିନିଷ କ୍ରୟ କରିବା ସକାଶେ ମନ ବଳାଇ ପାରନ୍ତି। ଅବଶ୍ୟ ଉଦାରତା ଗୁଣ ସକାଶେ ସ୍ଥାନୀୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଉପକୃତ ହେବେ।

**ମୀନ** — ଆପଣଙ୍କ ଚିନ୍ତାଧାରା ଭଲ ହେଲେ ମଧ୍ୟ କ'ଣ ହେବ ସତ କହି ସମସ୍ୟାକୁ ଡାକି ଆଣିବେ। ଅବଶ୍ୟ ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଦେଖେଇ ଶିଖେଇ ବହୁତ କଥା କହିପାରନ୍ତି। ଫଳରେ କେତେକ କ୍ଷେତ୍ରରେ ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିପାରେ। ପାରିବାରିକ ବୁଝାମଣା ସମ୍ପର୍କରେ ମଧ୍ୟ ବିଶେଷ ଅଗ୍ରଗତି ହେବ ନାହିଁ।


# classifieds Everyday
0674-2580101, 2549302

## real estate
### SALE

Plot for Sale at Ghangapatna (4km from Sumhospital). 9583295832, 9937816565. D- 067

Residential gharabari plot near English Medium School Brahmanjharilo with boundarywall, 7k.m. from Nakhara, Cuttack, 12k.m. to Bhubaneswar, no Bank Loan, registration at 50% cost, balance 5years installment, no interest. 7809525452. D-71881

9000sqft. of home stead land near Bomikhal west canal ready for sharing construction (Apartment). Contact: 9437301547. D-079

ଭୁବନେଶ୍ୱର ରଙ୍ଗବଜାର BJEM-2 ଲାଗି 4BHK duplex East Facing area- 1500sqft. 4.5. k.m. from Ravi Talkies (Bank Finance available). 9040072232. D-73230

ଜଟଣୀଗେଟ୍‌ରୁ କିଛି ଦୂରତାରେ sqft.- 450/-, sqft.- 350/-, sqft.- 220/- ପର୍ଯ୍ୟନ୍ତ ଜାଗା ଅଛି। Immediately registration & possession. 9348232008, 9556055607. D-014

Studio and 1BHK Apartment with all furnished available at Srikhetradham, Puri. 9348332283, 9861593321. D-017

Commercial Cum residential gharabari plot just 2 k.m. distance from Khurdha Collectorate Office for sale. Contact: 9800700664, 9439101373. D-106

Conversion Demarcation 30ft. Roadside Corner Plot Sale near GITA, DN fair tyle and BIT 3200sqft 28,80,000/-.8249086912. D-093

Gharabari plot sale Sundarpada near Hi-Tech Plaza sqft. 950/-, Kateni 650/-, Gangapada 950/- first possession then registration. 7504615299, 9337766961. D-71344

Morningsun Villa Balianta (4k.m. from Hanspal) duplex price- 55,00,000/- to 65,00,000/-. 9938137503. D-73228

ଭୁବନେଶ୍ୱର ସୁନ୍ଦରପଦା-ଜଟଣୀ ରାସ୍ତାରେ Xavier University ଏବଂ Aditya Birla School ପାଖରେ possession ପ୍ଲଟ୍ ମିଳୁଛି। 8249292535, 7377376856. D-73215

ଭୁବନେଶ୍ୱର, ତମାଣ୍ଡୋ ବଜାର ନିକଟରେ 30ft. road, electricity, ପାଚେରି ଥାଇ ପ୍ଲଟ୍ କିଣନ୍ତୁ। 8658918284. D-73224

ଭୁବନେଶ୍ୱର ପଟିଆ ବିଗ୍‌ବଜାରରୁ 3.5 K.M. ଦୂରତାରେ ଘରବାରି ପ୍ଲଟ୍ sqft.-650/- ରେ ବିକ୍ରିହେବ। First possesion then registration. 7978533676. D-73229

Plot for sale at Chhatabar per sqft. @99/-. 9583295832, 9937816565. D-091

ଭୁବନେଶ୍ୱର Gita/ Gandhi କଲେଜରୁ 1k.m. BDA Satellitecityକୁ ଲାଗି 30' ରାସ୍ତା ଥାଇ boundary ପ୍ଲଟ୍ 30ft.-750/-. 9439918431, 8249603324. D-73222

Private gharabari boundary plot sale near Gita, Gandhi College, Infosys-II, K.K Petrolpump close to NH-16, Bhubaneswar. 9040033905, 7978230118. D-73216

ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁରରେ 30ft. Road, Bank Finance ସହିତ ପ୍ଲଟ୍ ମିଳୁଛି। 8093465134, 9668194157. D-73308

ବରମୁଣ୍ଡାରୁ ୧୫ କି.ମି. ଦୂରରେ Gharabari Plot- 19,00,000/-, investment plot- 8,00,000/- (Loan available). 9853150290. D-73233

ଭୁବନେଶ୍ୱର-ପୁରୀ ଯିବା ରାସ୍ତାରେ ମଙ୍ଗଳପୁର NHରୁ 1 Km. Distance 30 Ft. Road, ଘରବାରି, Boundary, ଇଲେକ୍ଟ୍ରିସିଟି ଥାଇ Shreekhetra Vihar Colony, Gated Society ରେ sqft. 399/- ପ୍ଲଟ୍ ବିକ୍ରିହେବ। 8117084862. D-73231

ଭୁବନେଶ୍ୱରରେ ଜମି ଆବଶ୍ୟକ। ଡୁପ୍ଲେକ୍ସ ପ୍ରୋଜେକ୍ଟ ପାଇଁ Sharing / Outright. ଯୋଗାଯୋଗ: 6371693373. D-136

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## GENERAL
### SALE

Automatic stone crusher plant for sale at Chatrama, Khurdha. 9937427861, 9337767967. D-045

## to-let

Rent for Office/ Bank/ Shop 2000sqft. area. Prime location on NH-Cosmopolis Chhaka, near Khandagiri, Bhubaneswar- 751019. Contact: 9871816986. D-71487

## healthcare

Newly open SPA positively health benefits expert therapist, Kalpana. 7846814019. D-71486

Mesmerizing, energetic body, mind qualitative relaxing massage experienced therapists. 9668374480. D-71975

Newly open full body massage ladies and gents. 8327740003. D-71885

Relax, Refresh your body, mind at Saikrupa Spa with best therapies. 8984068077. D-129

## AFFIDAVIT

By an affidavit (No. 54AA 090933) before the Executive Magistrate at Jharsuguda, I Maranatha John Stephen Bridge, resident of Swargiyasthana, Cox Colony, Jharsuguda, hereby declare that my mother's actual and correct name is DELPHINA TITRA BRIDGE. That her name is wrongly mentioned in my Educational and Identification documents as DELPHINE TITRA BRIDGE. That DELPHINE TITRA BRIDGE and DELPHINA TITRA BRIDGE are one and the same person. D-138

## ତୃତୀୟ ଲିଙ୍ଗ ଶିଶୁକୁ ଗ୍ରହଣ କଲେନି ବାପା

**ଯାଜପୁର ଅଫିସ:** ଯାଜପୁର ଜିଲା ରସୁଲପୁର ବ୍ଲକ୍ ହରିପୁର ଗ୍ରାମର ଜଣେ ମହିଳା ସ୍ଥାନୀୟ ଘରୋଇ ଡାକ୍ତରଖାନାରେ ଏକ ଶିଶୁକୁ ଜନ୍ମ ଦେଇଥିଲେ। ସେହି ଶିଶୁ ତୃତୀୟ ଲିଙ୍ଗୀ ବୋଲି ଜଣାପଡ଼ିବା ପରେ ପରିବାର ଲୋକେ ତାଙ୍କୁ ଗ୍ରହଣ କରିବାକୁ ରାଜି ନ ଥିବା ଜଣାପଡିଛି। ମା'ଓ ଶିଶୁଙ୍କୁ ଡାକ୍ତରଖାନାରେ ଛାଡ଼ି ବାପା ପଳାଇ ଯାଇଥିବା ଅଭିଯୋଗ ହୋଇଛି। ଫଳରେ ପ୍ରସୂତି ଅସହାୟ ଅବସ୍ଥାରେ ଡାକ୍ତରଖାନରେ ପଡ଼ି ରହିଛନ୍ତି। ଗତ ୧୦ ତାରିଖରେ ହରିପୁର ଗ୍ରାମର ତପନ କୁମାର ବରାଳଙ୍କ ସ୍ତ୍ରୀ ସ୍ନେହଲତା ଏକ ଶିଶୁ ଜନ୍ମ ଦେଇଥିଲେ। ସେହି ଶିଶୁଟି ତୃତୀୟ ଲିଙ୍ଗୀ ବୋଲି ଡାକ୍ତର ଘୋଷଣା କରିବା ପରେ ତାଙ୍କ ବାପା ସେହି ପିଲାକୁ ଅନାଥ ଆଶ୍ରମରେ ଛାଡ଼ି ଦେବାକୁ ସ୍ତ୍ରୀଙ୍କୁ କହିଥିଲେ। ସ୍ନେହଲତା ରାଜି ନ ହେବାରୁ ଫଳରେ ଉଭୟ ମା' ଓ ଶିଶୁଙ୍କୁ ଛାଡି ତପନ ଓ ତାଙ୍କ ପରିବାର ଲୋକେ ପଳାଇ ଯାଇଥିଲେ।



### ସଂକ୍ଷେପରେ

## ଜାମଶେଦପୁରରେ ଓଡ଼ିଆ ନିବେଶକଙ୍କ ବୈଠକ

**ଭୁବନେଶ୍ୱର,୧୪।୪:** ଦେଶର ଏକ ଅଗ୍ରଣୀ ଶିଳ୍ପରାଜ୍ୟ ହେବାର ନିରନ୍ତର ପ୍ରୟାସରେ ଥିବା ଓଡ଼ିଶା ସରକାର ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ସହ ମିଳିତ ପ୍ରୟାସ ଜାରି ରଖିଛି। ଏହି କ୍ରମରେ ଏପ୍ରିଲ ୧୩ ଏବଂ ୧୪ରେ ଝାଡ଼ଖଣ୍ଡର ଜାମସେଦପୁରଠାରେ ନିବେଶକମାନଙ୍କର ଏକ ବୈଠକ ହୋଇଛି। ଏଥିରେ ମେଟାଲ, ମେଟାଲ ଡାଉନ୍‌ଷ୍ଟ୍ରିମ୍, ରାସାୟନିକ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ରାଜ୍ୟର ପୁଞ୍ଜି ବିନିଯୋଗ ସମ୍ଭାବନା ପ୍ରଦର୍ଶନ କରାଯାଇଛି। ଏଥିରେ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ନିବେଶକଙ୍କ ସହ ଆଲୋଚନା କରିଥିଲେ। ଦେଶର ମୋଟ ଖଣିଜ ଉତ୍ପାଦନର ୩୪.୩% ଅଂଶୀଦାର ହେଉଛି ଓଡ଼ିଶା। ରାଜ୍ୟ କ୍ରୋମାଇଟ୍, ନିକେଲ୍, ବକ୍ସାଇଟ୍, ମାଙ୍ଗାନିଜ୍ ଏବଂ ଆଇରନ୍ ଓର୍‌ର ଏକ ନମ୍ବର ଉତ୍ପାଦକ। ଓଡ଼ିଶା ପାଖରେ ବାର୍ଷିକ ୩୦ ମିଲିୟନ ଟନ୍ ଷ୍ଟିଲ୍ ଉତ୍ପାଦନ କରିବାର କ୍ଷମତା ରହିଛି। ୨୦୩୦ ସୁଦ୍ଧା ଏହି କ୍ଷମତା ୧୦୦ ମିଲିୟନ ଟନ୍‌କୁ ବୃଦ୍ଧି ପାଇବ ବୋଲି ମନ୍ତ୍ରୀ ମିଶ୍ର କହିଛନ୍ତି। ଝାଡ଼ଖଣ୍ଡ ସିଆଇଆଇ ଷ୍ଟେଟ୍ କାଉନ୍‌ସିଲ୍‌ର ଅଧକ୍ଷ ତାପସ ସାହୁ ନିବେଶକଙ୍କୁ ସ୍ୱାଗତ କରିବା ସହିତ ଓଡ଼ିଶା ଏବଂ ଝାଡ଼ଖଣ୍ଡର ସମାନତା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଅଧିକାରୀ ଭୂପେନ୍ଦ୍ର ସିଂ ପୁନିଆ ଏବଂ ୧୨୦ରୁ ଊର୍ଦ୍ଧ୍ୱ ବରିଷ୍ଠ ଅଧିକାରୀ ଓ ନିବେଶକ ଯୋଗଦେଇଥିଲେ।

## ଟେଣ୍ଡର ଆବେଦନ ପୂର୍ବରୁ ବିଡର ଖଣି ଅଞ୍ଚଳ ବୁଲି ଦେଖିବେ

**ଭୁବନେଶ୍ୱର,୧୪।୪(ବ୍ୟୁରୋ):** ଟେଣ୍ଡର ପୂର୍ବରୁ ବିଡରମାନଙ୍କୁ ଖଣି ବ୍ଲକ ପରିଦର୍ଶନ କରିବାକୁ ରାଜ୍ୟ ସରକାର ଅନୁମତି ଦେଇଛନ୍ତି। ଏହାଦ୍ୱାରା ଟେଣ୍ଡର ପ୍ରକ୍ରିୟାରେ ଅଧିକ ସ୍ୱଚ୍ଛତା ଆସିପାରିବ। ଖଣି ଅଞ୍ଚଳ ପରିଦର୍ଶନ ପରେ ଆବେଦନକାରୀମାନଙ୍କ ମଧ୍ୟରେ ଟେଣ୍ଡରରେ ଭାଗ ନେବାକୁ ଆଗ୍ରହ ବୃଦ୍ଧି ପାଇବ। ଟେଣ୍ଡର ହେବାକୁ ଥିବା ଖଣି ଅଞ୍ଚଳ ପରିଦର୍ଶନରେ ଯିବାକୁ ଥିବା ବିଡରମାନଙ୍କ ପାଇଁ ସମସ୍ତ ବ୍ୟବସ୍ଥା କରିବାକୁ ଖଣି ନିର୍ଦ୍ଦେଶକ ଦେବୀଦତ୍ତ ବିଶ୍ୱାଳ କୋଇଡ଼ା ଖଣି ଅଞ୍ଚଳର ଉପନିର୍ଦ୍ଦେଶକଙ୍କୁ କହିଛନ୍ତି। ରାଜ୍ୟ ସରକାର ୨୦୨୨ ମାର୍ଚ୍ଚ ୨୯ ତାରିଖରେ ୪ଟି ଖଣି ପାଇଁ ନୋଟିସ ଇନ୍‌ଭାଇଟିଂ ଟେଣ୍ଡର (ଏନ୍‌ଆଇଟି) କରିବାକୁ ବିଜ୍ଞପ୍ତି ଜାରି କରିଛନ୍ତି। ସେଥିରୁ ୨ଟି ଲୁହାପଥର ଖଣି ହୋଇଥିବା ବେଳେ ଅନ୍ୟ ଦୁଇଟି ମାଙ୍ଗାନିଜ ଓ ଲୁହାପଥର ଖଣି ରହିଛି। ଖଣି ନିର୍ଦ୍ଦେଶାଳୟ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତି ଅନୁଯାୟୀ ବିଡରମାନେ ଟେଣ୍ଡର ଡକ୍ୟୁମେଣ୍ଟ କ୍ରୟ କରି ୨୦୨୨ ମେ' ୯ ତାରିଖ ସୁଦ୍ଧା ଇ-ଟେଣ୍ଡର ଜରିଆରେ ଆବେଦନ କରିବାକୁ କୁହାଯାଇଛି। ତେବେ ୨୦୨୨ ମେ' ୧୭ ତାରିଖ ଟେଣ୍ଡର ଆବେଦନର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ପ୍ରତ୍ୟେକ ଖଣି ବ୍ଲକ ପାଇଁ ଟେଣ୍ଡର ଫି' ୫ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଛି।

## ବଜରଙ୍ଗ ଦଳ-ଭୀମ୍ ଆର୍ମି କର୍ମୀ ମୁହାଁମୁହିଁ

**ସରଣ୍ଡା/ଅତାବିରା,୧୪।୪(ଡି.ଏନ.ଏ):** ହନୁମାନ ଜୟନ୍ତୀ ଏବଂ ଆମ୍ବେଡ଼କର ଜୟନ୍ତୀ ପାଳନ ବେଳେ ବରଗଡ଼ ଜିଲା ଗୋଡ଼ଭଗା, ଅତାବିରାରେ ବଜରଙ୍ଗ ଦଳ ଏବଂ ଭୀମ୍ ଆର୍ମି ଦଳର କର୍ମୀମାନେ ମୁହାଁମୁହିଁ ହୋଇଛନ୍ତି। ବାଇକ୍ ଭଙ୍ଗାରୁଜା ସହିତ ମାଡ଼ପିଟ୍ ପର୍ଯ୍ୟନ୍ତ କଥା ଯାଇଛି। ଉତ୍ତେଜନା ଯୋଗୁ ଅତାବିରାରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଗୁରୁବାର ଗୋଡ଼ଭଗା ଛକରେ ବଜରଙ୍ଗ ଦଳ କର୍ମୀମାନେ ଶୋଭାଯାତ୍ରା ପାଇଁ ପ୍ରସ୍ତୁତ ହେଉଥିଲେ। ଏହି ସମୟରେ ଭୀମ୍ ଆର୍ମି ଦଳର କର୍ମୀମାନେ ଶୋଭାଯାତ୍ରା ସାରି ଫେରୁଥିଲେ। ସେଠାରେ କୌଣସି କାରଣରୁ ଉଭୟ ଦଳ ମଧ୍ୟରେ ଠେଲାପେଲା, ମାଡ଼ପିଟ୍ ଏବଂ ଗାଡ଼ି ଭଙ୍ଗାରୁଜା ହୋଇଥିଲା।

# ୨୦୨୪ ମାର୍ଚ୍ଚରୁ ମାଲକାନଗିରିରୁ ବିମାନ ଉଡ଼ାଣ

**ଭୁବନେଶ୍ୱର,(ବ୍ୟୁରୋ)/ମାଲକାନଗିରି/ ଜୟପୁର,୧୪।୪(ଡି.ଏନ୍.ଏ./ନି.ପ୍ର.)**

ଆସନ୍ତା ୨୦୨୪ ମାର୍ଚ୍ଚରେ ମାଲକାନଗିରିରୁ ବିମାନ ଉଡ଼ାଣ ଆରମ୍ଭ ହେବ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଗୁରୁବାର ମାଲକାନଗିରି ଜିଲା ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ପରେ ଏହି ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ ବିମାନବନ୍ଦର ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ହୋଇଛି। ବିମାନବନ୍ଦର ଲାଗି ଜଙ୍ଗଲ ଜମି କିସମ ପରିବର୍ତ୍ତନ ପାଇଁ ଅନୁମତି ମିଳିସାରିଛି । ବିମାନବନ୍ଦର ଜମିର ଚତୁଃପାର୍ଶ୍ୱ ଆବଦ୍ଧ କରାଯାଇଛି । ବନ୍ଦର ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କାର୍ଯ୍ୟ ତ୍ୱରାନ୍ୱିତ କରାଯାଉଛି । ଖୁବ୍‌ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି । ମୁଖ୍ୟ ଶାସନ ସଚିବ ସ୍ଥାନୀୟ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସଭା ଗୃହରେ ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ଆରକ୍ଷୀ ଅଧୀକ୍ଷକ ନିତେଶ ୱାଧ୍ୱାନୀ, ପ୍ରକଳ୍ପ ନିର୍ଦ୍ଦେଶକ ବାଲମୁକୁନ୍ଦ ଭୂୟାଁଙ୍କ ସମେତ ବନଖଣ୍ଡ ଅଧିକାରୀ ଓ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀମାନଙ୍କ ସହ



ମାଲକାନଗିରି ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସଭା ଗୃହରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

ଜିଲାରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ । ବୈଠକରେ ମୁଖ୍ୟତଃ ରାସ୍ତାଘାଟ ଓ ପୋଲ ନିର୍ମାଣ, ଦୂରଦୂରାନ୍ତ ସ୍ଥାନକୁ ଗମନାଗମନ ସୁବିଧା, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ଉଦ୍ୟାନ, କୃଷି, ମତ୍ସ୍ୟଚାଷ, ଜଳସେଚନ ଓ ବିବିଧ ଶସ୍ୟ ଉତ୍ପାଦନ ଆଦି ବିଷୟରେ ସମୀକ୍ଷା ହୋଇଥିଲା । ସେବା ମନୋବୃତ୍ତି ନେଇ ଜିଲାର ସମସ୍ତ ଲୋକାଭିମୁଖୀ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ସେ ଦେଇଛନ୍ତି । ନିର୍ମାଣ ବା ମରାମତି କାମ ଆରମ୍ଭ କରାଯାଇଥିବା ରାସ୍ତାଗୁଡ଼ିକୁ ମୌସୁମୀ ଆସିବା ପୂର୍ବରୁ ଯାତାୟାତ ଯୋଗ୍ୟ କରିବା ସହ ଅଣ ସଂଯୋଗୀକୃତ ଜନବସତିକୁ ରାସ୍ତା ନିର୍ମାଣ ପାଇଁ ମଧ୍ୟ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ଜିଲାର ପ୍ରାକୃତିକ ଓ ମାନବ ସମ୍ବଳ ଉପଯୋଗୀ ବିଭିନ୍ନ ପ୍ରକାର ଜୀବିକା ନିର୍ବାହ ପନ୍ଥାଗୁଡ଼ିକୁ ଶୀଘ୍ର କାର୍ଯ୍ୟକ୍ଷମ କରି ଲୋକମାନଙ୍କ ନିମନ୍ତେ ବର୍ଷତମାମ ଆୟର ସୁଯୋଗ ସୃଷ୍ଟି ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ ସ୍ୱାଭିମାନ ଅଞ୍ଚଳ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷଣା କରାଯାଇଥିବା ଯୋଜନାଗୁଡ଼ିକୁ ଜିଲାରେ କାର୍ଯ୍ୟକାରୀ କରାଯାଉଛି । ଏସବୁ ପ୍ରକଳ୍ପର ବିଭିନ୍ନ ପର୍ଯ୍ୟାୟ ପୂର୍ଣ୍ଣାଙ୍ଗ ପାଇଁ କ୍ଷେତ୍ର ସ୍ତରୀୟ ସ୍ଥିତି ଅନୁସାରେ ସମୀକ୍ଷା ସାରଣୀ ନିର୍ଦ୍ଧାରଣ କରାଯାଇଛି । ସମଗ୍ର ଜିଲା ପାଇଁ ଅଗ୍ରାଧିକାର ଭିତ୍ତିରେ ଜଳ ଯୋଗାଣ ପ୍ରକଳ୍ପ ପ୍ରସ୍ତୁତ କରାଯାଇଛି । ଇତିମଧ୍ୟରେ ବାଲିମେଳା ସହରାଞ୍ଚଳର ଶତ ପ୍ରତିଶତ ଗୃହକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ କରାଯାଉଛି । ମାଲକାନଗିରି ସହରାଞ୍ଚଳର ସମସ୍ତ ଗୃହକୁ ଖୁବ୍‌ଶୀଘ୍ର ପାଇପ୍ ଜଳ ଯୋଗାଣ କରାଯିବ। ଅପରାହ୍ନରେ ମୁଖ୍ୟ ଶାସନ ସଚିବ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରି କ୍ଷେତ୍ର ସ୍ତରୀୟ ସ୍ଥିତିର ଅନୁଧ୍ୟାନ କରିଥିଲେ। ମୁଖ୍ୟ ଶାସନ ସଚିବ ସ୍ୱତନ୍ତ୍ର ବିମାନ ଯୋଗେ ରାଜସ୍ୱ ପର୍ଷଦ ସଦସ୍ୟ ଜି.ଭି. ଭେନୁଗୋପାଳ ଶର୍ମାଙ୍କ ସହ ଆସି କୋରାପୁଟ ଜିଲାର ଜୟପୁରରେ ପହଞ୍ଚିଥିଲେ। ସେଠାରେ କୋରାପୁଟ ଜିଲାପାଳ ମହମ୍ମଦ ଅବଦୁଲ ଅଖତାର, ଏସ୍‌ପି ବରୁଣ ଗୁଣ୍ଡପାଲ୍ଲି, ପିଡି ହେମକାନ୍ତ ସାୟ, ଉପଜିଲାପାଳ ବେଦବର ପ୍ରଧାନ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ପ୍ରମୁଖ ମୁଖ୍ୟ ଶାସନ ସଚିବଙ୍କୁ ସ୍ୱାଗତ କରିଥିଲେ। ଜୟପୁରରେ କିଛି ସମୟ ରହିବା ପରେ ମାଲକାନଗିରି ଗସ୍ତ କରିଥିଲେ। ଶୁକ୍ରବାର ମୁଖ୍ୟ ଶାସନ ସଚିବ ଜୟପୁର ଗସ୍ତରେ ଆସିବା ସହ ଜୟପୁରରେ ଥିବା ଜିଲା ଚିକିତ୍ସାଳୟ, ଐତିହାସିକ ଜଗନ୍ନାଥ ସାଗରର ବିକାଶ, ଏୟାରଷ୍ଟ୍ରିପ୍, କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ସମୀକ୍ଷା କରିବେ।

### ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

## ଦେହରେ ପଥର ବାନ୍ଧି ଡ୍ୟାମ୍‌ରେ ଫିଙ୍ଗିଦେଲେ

**ବାରିପଦା ଅଫିସ,୧୪।୪**

ମୟୂରଭଞ୍ଜ ଜିଲା ଶରତ ଥାନା ଅଞ୍ଚଳରେ ଜନୈକ ବୃଦ୍ଧଙ୍କ ଦେହରେ ପଥର ବାନ୍ଧି ଡ୍ୟାମ୍‌ରେ ଫିଙ୍ଗି ହତ୍ୟା କରାଯିବା ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତକ ହେଲେ ଦେବାନବାହାଲୀ ଗ୍ରାମର ରାମାୟ ସିଂ(୬୨)। ପୋଲିସ ମୃତଦେହ ଜବତ କରି ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଏକ ମାମଲା (ନଂ.୯୯/୨୨) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ସୋମବାର ରାମାୟ ଶ୍ୱଶୁର ଘର ଗାଁ ଉପିସାହିକୁ ଯାଇ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ମଧ ତାଙ୍କର କୌଣସି ସନ୍ଧାନ ପାଇ ନ ଥିଲେ। ଗୁରୁବାର ମାଛ ଧରାଳୀମାନେ ସୋନ ଡ୍ୟାମ୍‌ରେ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଶବ ବ୍ୟବଚ୍ଛେଦ ପାଇଁ ଉଦଳା ଡାକ୍ତରଖାନାକୁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ତଦନ୍ତକାରୀ ଅଧିକାରୀ କହିଛନ୍ତି।



କଟକ ବକ୍ସିବଜାର ବଢେଇସାହି ୭୨ ମଠ ଯୁଗୋଳକିଶୋର ମନ୍ଦିର ସମ୍ମୁଖରେ ଗୁରୁବାର ଅନୁଷ୍ଠିତ ଝାମୁଯାତ୍ରାରେ ମାନସିକଧାରୀ ନିଆଁରେ ଚାଲୁଛନ୍ତି।

## ୧୬ରେ ଜେଲରେ ଜେରା ହେବେ ବିବେକ, ଭାଗ୍ୟଧର

**ଭୁବନେଶ୍ୱର,୧୪।୪ (ବ୍ୟୁରୋ)**

### କ୍ୟାମେରାମ୍ୟାନ ମାନସ ହତ୍ୟା ମାମଲା

ବହୁଚର୍ଚ୍ଚିତ କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲାରେ ଅସଲ ଖିଅ ଖୋଜିବାକୁ କ୍ରାଇମବ୍ରାଞ୍ଚ ଉଦ୍ୟମ ଜାରି ରଖିଛି। ମାନସଙ୍କୁ ଅପହରଣ, ହତ୍ୟା ପରେ ପୋତିଦେବାଠାରୁ ଆରମ୍ଭ କରି ପ୍ରମାଣ ନଷ୍ଟ ଉଦ୍ୟମ ପର୍ଯ୍ୟନ୍ତ ଅନେକ ତଥ୍ୟ ହାସଲ କରିଛି। ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠାଙ୍କ ସମେତ ରଞ୍ଜନ ନାୟକ,ଝୁନା ଭୋଇ, ନିରଞ୍ଜନ ସେଠୀଙ୍କୁ ପଚାରଉଚରା କରି ତଥ୍ୟ ହାସଲ ସହ ପ୍ରମାଣ ଯୋଗାଡ ଜାରି ରଖିଛି। ଦୃଢ଼ ପ୍ରମାଣ ପାଇଁ ତଦନ୍ତକାରୀ ଟିମ୍ ଅଭିଯୁକ୍ତମାନଙ୍କୁ ଘଟଣାସ୍ଥଳକୁ ନେଇ ସିନିକ୍ରିଏଶନ କରିଥିଲା। କିନ୍ତୁ ୨ ଅଭିଯୁକ୍ତ ବିବେକ ନାୟକ ଓ ଭାଗ୍ୟଧର ନାୟକଙ୍କୁ ରିମାଣ୍ଡରେ ଆଣି ଜେରା କରିବାକୁ ଉଦ୍ୟମ କରାଯାଇଥିଲେ ମଧ ସମ୍ଭବ ହୋଇ ନ ଥିଲା। ତେଣୁ ଉଭୟଙ୍କୁ ଜେଲରେ ଜେରା ପାଇଁ ଚାନ୍ଦବାଲି ଜେଏମ୍‌ଏଫ୍‌ସି କୋର୍ଟରେ କ୍ରାଇମବ୍ରାଞ୍ଚ ଆବେଦନ କରିଥିଲା। ଏନେଇ କୋର୍ଟ ବୁଧବାର ଅନୁମତି ଦେଇଛନ୍ତି। ଆସନ୍ତା ୧୬ ତାରିଖରେ ସେମାନଙ୍କୁ ଭଦ୍ରକ ଉପକାରଗାରରେ ଜେରା କରି ମାନସ ହତ୍ୟାକାଣ୍ଡର ଅଧିକ ତଥ୍ୟ ହାସଲ ସହ ପ୍ରମାଣ ପାଇବାକୁ ଲକ୍ଷ୍ୟ ରଖିଛି କ୍ରାଇମବ୍ରାଞ୍ଚ ଟିମ। ତେବେ ଟିପକୁ ନେଇ ଅନ୍ୟ ଅଭିଯୁକ୍ତଙ୍କଠାରୁ ଯେହେତୁ ତଥ୍ୟ ମିଳୁନି, ତେଣୁ ଏ ଦୁହିଁଙ୍କଠାରୁ ସତ ଓଗାଳିବା ଲାଗି ଉଦ୍ୟମ କରାଯିବ ବୋଲି ସୂଚନା ମିଳିଛି।

## ମଡର୍ନ ଆଗ୍ରୋ ଟେକ୍‌ର ପ୍ରୋପ୍ରାଇଟର ଗିରଫ

**ଭୁବନେଶ୍ୱର,୧୪।୪ (ବ୍ୟୁରୋ)**

### ୬.୮୧ କୋଟି କୃଷି ସବ୍‌ସିଡି ହଡ଼ପ ମାମଲା

ଚାଷୀଙ୍କୁ କୃଷି ଉପକରଣ ବିକ୍ରି କରିଥିବା ଦର୍ଶାଇ ୬.୮୧ କୋଟି ସବ୍‌ସିଡି ଟଙ୍କା ହଡ଼ପ ମାମଲାରେ ସମ୍ପୃକ୍ତ ଆଉଜଣେ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚର ଇଓଡବ୍ଲ୍ୟୁ ବାଲେଶ୍ୱରରୁ ଗୁରୁବାର ଗିରଫ କରିଛି। ସେ ହେଲେ ମେସର୍ସ ଶୀତଲ ଆଗ୍ରୋ ଇନ୍‌ପୁଟ୍ସ ପ୍ରାଇଭେଟ୍ ଲିଃର ଡିଲର ତଥା ମଡର୍ନ ଆଗ୍ରୋ ଟେକ୍ ସଂସ୍ଥାର ପ୍ରୋପ୍ରାଇଟର ବିଜୟ କୁମାର ନାୟକ। ତାଙ୍କଠାରୁ କିଛି ଜାଲ୍ କାଗଜପତ୍ର ଜବତ କରାଯାଇଛି। ଗିରଫ ପରେ ବିଜୟଙ୍କୁ ଜଗତ୍‌ସିଂହପୁର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ତଥା ଶୀତଲ ଆଗ୍ରୋର ନିର୍ଦ୍ଦେଶକ ମାନସ ରଞ୍ଜନ ଦାସ ଓ ଭାଇ ତଥା ମିଶିତା ଏଣ୍ଟରପ୍ରାଇଜେସ୍‌ର ପ୍ରୋପ୍ରାଇଟର ତାପସ କୁମାର ଦାସଙ୍କୁ ଏପ୍ରିଲ୍ ୬ରେ ଗିରଫ କରାଯାଇଥିଲା। ସେହିପରି ଆଉଜଣେ ଅଭିଯୁକ୍ତ 'ସିଏସ୍ ଟେକ୍ନୋଲୋଜିସ୍'ର ପ୍ରୋପ୍ରାଇଟର୍ ଚନ୍ଦନ ସାହୁଙ୍କୁ ମଙ୍ଗଳବାର ଗିରଫ କରାଯାଇଥିଲା। ଠକେଇରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଗିରଫ କରିବାକୁ ଇଓଡବ୍ଲ୍ୟୁ ତଦନ୍ତ ଜାରି ରଖିଛି। ଶୀତଲ ଆଗ୍ରୋ ଇନ୍‌ପୁଟ୍ସ ପ୍ରାଇଭେଟ୍ ଲିଃର ଅଫିସ୍ ଜଗତ୍‌ସିଂହପୁର ଜିଲା ତରଡ଼ାପଡ଼ାସ୍ଥିତ ପୁରୋହିତପୁରରେ ରହିଛି। ରାଜ୍ୟ କୃଷି ବିଭାଗ ପକ୍ଷରୁ ଡିବିଟି ସ୍କିମ୍ ଜରିଆରେ ବିଭିନ୍ନ କୃଷି ଉପକରଣ ବିକ୍ରି କରିବାକୁ ଉକ୍ତ କମ୍ପାନୀ ପଞ୍ଜୀକୃତ ରହିଛି। ଅଭିଯୁକ୍ତ ମାନସ ୨୦୧୮-୧୯ ଓ ୨୦୧୯-୨୦ ଆର୍ଥିକ ବର୍ଷରେ ମେସର୍ସ ମିଶିତା ଏଣ୍ଟରପ୍ରାଇଜେସ୍ କମ୍ପାନୀ ସମେତ ୮ ଡିଲରଙ୍କ ଦ୍ୱାରା ଏହି ଠକେଇ କରିଥିଲେ। ଅଭିଯୁକ୍ତମାନେ ଜଗତ୍‌ସିଂହପୁର, ଯାଜପୁର, ବାଲେଶ୍ୱର, ଖୋର୍ଦ୍ଧା, କଳାହାଣ୍ଡି ଓ ସମ୍ବଲପୁର ଆଦି ୧୯ଟି ଜିଲାର ଚାଷୀଙ୍କୁ ୫୦୮ ଧାନରୁଆ ଯନ୍ତ୍ର ବିକ୍ରି କରିଥିବା ଦର୍ଶାଇବା ସହ ବିଭିନ୍ନ ଚାଷୀଙ୍କ ଜାଲ୍ କାଗଜପତ୍ର ୱେବ୍‌ସାଇଟ୍ ଜରିଆରେ ଅପ୍‌ଲୋଡ୍ କରି ୬ କୋଟି ୮୧ ଲକ୍ଷ ୫୩ ହଜାର ୪୮ ଟଙ୍କାର ସବ୍‌ସିଡି ଅର୍ଥ ହଡ଼ପ କରିଥିଲେ। ସବ୍‌ସିଡି ଅର୍ଥ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯିବା ପରେ ମାନସ ଓ ତାଙ୍କ ଭାଇ ତାପସ ଏବଂ ଡିଲରମାନେ ଚାଷୀଙ୍କୁ ଅଳ୍ପ ପରିମାଣ ଅର୍ଥ ଦେଇ ବାକି ଟଙ୍କା ନେଇଯାଇଥିଲେ। ୨୦୨୧ରେ ରୁଜୁ ହୋଇଥିବା ମାମଲା (ନଂ.୭)ର ତଦନ୍ତ କରୁଥିବାବେଳେ ଇଓଡବ୍ଲ୍ୟୁର ଅତିରିକ୍ତ ଏସ୍‌ପି ଏହି ଠକେଇ ସମ୍ପର୍କରେ ଜାଣିବାକୁ ପାଇଥିଲେ। ୨୦୨୨ ଏପ୍ରିଲ୍ ୨ରେ ମାମଲା (ନଂ.୮) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା।

## ତାଲା ପକାଇ ଘରେ ନିଆଁ ଲଗାଇଦେଲେ

**ଭଦ୍ରକ ଅଫିସ, ୧୪।୪**

ଭଦ୍ରକ ସହରାଞ୍ଚଳ ଗବସାହିରେ ବୁଧବାର ବିଳମ୍ବିତ ରାତିରେ ପୂର୍ବଶତ୍ରୁତାରୁ ଘରେ ତାଲା ପକାଇ ନିଆଁ ଲଗାଇଦେବା ଭଳି ଏକ ଅଭାବନୀୟ ଘଟଣା ଘଟିଛି। ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ଅଗ୍ନିକାଣ୍ଡରେ ୫ ବଖରା ଘର ଜଳିଯିବା ସହ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ିଯାଇଛି। ପୂର୍ବଶତ୍ରୁତାରୁ ଆକ୍ରୋଶମୂଳକ ଭାବେ ପଡ଼ୋଶୀମାନେ ଏଭଳି କାଣ୍ଡ ଘଟାଇଥିବା ଭଦ୍ରକ ଟାଉନ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏହି ଘଟଣାରେ ୩ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ଗବସାହି ଅଞ୍ଚଳର ସୁଦର୍ଶନ ଦାସ ପରିବାରର ୬ସଦସ୍ୟଙ୍କ ସହ ଘର ଭିତରେ ଶୋଇଥିଲେ। ବିଳମ୍ବିତ ରାତିରେ ଘରଗୁଡ଼ିକ ହୁତୁହୁତୁ ହୋଇ ଜଳିବାରୁ ପରିବାର ଲୋକଙ୍କ ନିଦ ଭାଙ୍ଗିଥିଲା। ସେମାନେ ଜୀବନ ବିକଳରେ ବାହାରକୁ ବାହାରିବା ପାଇଁ ଚେଷ୍ଟା କରୁଥିବା ବେଳେ କବାଟ ବାହାରପଟୁ ତାଲା ଦିଆଯାଇଥିବା ଜାଣିପାରିଥିଲେ। ଉପସ୍ଥିତ ବୁଦ୍ଧି ଖଟାଇ ପଛପଟ ଝରକାକୁ ଭାଙ୍ଗି ସମସ୍ତେ ସୁରକ୍ଷିତ ଅବସ୍ଥାରେ ବାହାରିଥିଲେ। ଗୁରୁବାର ଏନେଇ ସୁଦର୍ଶନଙ୍କ ଅଭିଯୋଗ ପରେ ଟାଉନ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏଥିସହ ସକାଳେ ସୁଦର୍ଶନଙ୍କ ପରିବାର ଲୋକେ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ପୋଲିସ ବୁଝାଶୁଝା କରିବା ପରେ ସେମାନେ ଧାରଣାରୁ ଉଠିଥିଲେ। ସୁଦର୍ଶନଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରିଛି। ଅପରପକ୍ଷେ ରବୀନ୍ଦ୍ର କୁମାର ଦାସ ପାଲଟା ଅଭିଯୋଗ କରିଛନ୍ତି। ସୁଦର୍ଶନ ନିଜ ଘରେ ନିଆଁ ଲଗାଇ ଆମକୁ ଫସାଇବାକୁ ଚେଷ୍ଟା କରୁଥିବା ସେ ଏତଲାରେ ଉଲ୍ଲେଖ କରିଛନ୍ତି।



ଜଳିଯାଇଥିବା ଘର।

## ୩ ବର୍ଷ ପୁଅର ଗଳା କାଟି ହତ୍ୟାକଲେ ମାଆ

**କୋରାପୁଟ,ଦଶମନ୍ତପୁର/ ଜୟପୁର,୧୪।୪ (ସ୍ୱ.ପ୍ର./ଡି.ଏନ୍.ଏ./ନି.ପ୍ର.)**

- ପରସ୍ପରକୁ ଆକ୍ଷେପ କରୁଛନ୍ତି ସ୍ୱାମୀ, ସ୍ତ୍ରୀ
- ବ୍ଲେଡ୍ ଓ କଟୁରିରେ କଟାଯାଇଛି ଗଳା
- ପୋଲିସ, ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ଆରମ୍ଭ

ମାଆ ସର୍ବଂସହା। ନିଜ ପିଲାଙ୍କ ପାଇଁ ସେ ସବୁକିଛି ତ୍ୟାଗ କରିପାରେ। ସଂସାରର ସବୁ ସୁଖ ସମ୍ପଦ ଆଣି ପିଲାଙ୍କ ପାଦ ପାଖରେ ପହଞ୍ଚାଇଦିଏ। ନିଜର ସବୁ ଇଚ୍ଛା, ଅଭିଳାଷକୁ ନିଜ ଭିତରେ ଚାପିରଖି ପିଲାଙ୍କ ପାଇଁ ଦୀପଶିଖା ପାଲଟିଥାଏ। ମାତ୍ର ପରିସ୍ଥିତି ଓ ସମୟର ତାଡ଼ନାରେ ଯେଉଁଠି ମାଆଟିଏ ନିଜ ଶିଶୁର ହତ୍ୟାକାରୀ ସାଜେ ସେଠାରେ ସମାଜ ତାକୁ ଭିନ୍ନ ଆଖ୍ୟା ଦିଏ। ଏପରି ଏକ ଲୋମଟାଙ୍କୁରା ଘଟଣା ଘଟିଛି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ପୋଡ଼ାଗଡ଼ ପଞ୍ଚାୟତର ଲୁକମାରୀ ଗ୍ରାମରେ। ଏହି ଗ୍ରାମରେ ଗଙ୍ଗା ମୁଦୁଲି ପରିବାର ସହ ବସବାସ କରନ୍ତି। ସ୍ତ୍ରୀ ଫୁଲମତୀ ମୁଦୁଲି ଓ ୩ ବର୍ଷର ପୁଅ ସିନୁଙ୍କୁ ନେଇ ତାଙ୍କ ପରିବାର। ବୁଧବାର ରାତିରେ ଗ୍ରାମବାସୀ ଗ୍ରାମରେ 'ପରବ' ପାଳି ନାଚଗୀତରେ ମସ୍‌ଗୁଲ ହୋଇ ମଦ୍ୟପାନ କରି ଘରକୁ ଫେରିଥିଲେ। ଫୁଲମତୀ, ଗଙ୍ଗା ମଧ୍ୟ ଏଥିରେ ସାମିଲ ହୋଇଥିଲେ। ରାତି ଗୋଟାଏ ବେଳକୁ ଗଙ୍ଗାଙ୍କ ଘରେ ପାଟିତୁଣ୍ଡ ଶୁଭିଥିଲା। ପଡୋଶୀ ଲୋକେ ଆସି ଦେଖିବା ବେଳକୁ ଗଙ୍ଗାଙ୍କ ପୁଅ ସିନୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିଲେ। ତା' ନିକଟରେ ଏକ ବ୍ଲେଡ୍ ଓ କଟୁରି ପଡ଼ିଥିଲା। ଗଙ୍ଗା ଗ୍ରାମବାସୀଙ୍କ ସହଯୋଗରେ ବାଇକ୍‌ରେ ପୁଅକୁ ଧରି ପୋଡ଼ାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଉଥିବା ବେଳେ ବାଟରେ ତା'ର ମୃତ୍ୟୁ ଘଟିଥିଲା। ତେବେ ଘଟଣା ନେଇ ସ୍ୱାମୀସ୍ତ୍ରୀ ପରସ୍ପର ଉପରେ ଦୋଷ ଲଦାଲଦି ହେଉଛନ୍ତି। ଏ ସମ୍ପର୍କରେ ଫୁଲମତୀଙ୍କୁ ପଚାରିବାରୁ ମୋ ସ୍ୱାମୀ ହିଁ ମୋ ପୁଅର ଗଳା କାଟିଥିବେ ବୋଲି ପ୍ରକାଶ କରିଛନ୍ତି। ଗଙ୍ଗାଙ୍କୁ ପଚାରିବାରୁ ମୋ ସ୍ତ୍ରୀ ହିଁ ମୋ ପୁଅର ଗଳାକାଟି ହତ୍ୟା କରିଛି। ପ୍ରଥମେ ଏକ ବ୍ଲେଡ୍‌ରେ ଗଳା କାଟିଛି। ଏଥିରେ ନ କଟିବାରୁ ଘରେ ଥିବା କଟୁରି ଆଣି ସେଥିରେ ସେ ପୁଅର ଗଳା କାଟିଛି ବୋଲି କହିଥିଲେ। ଖବର ପାଇ ଘଟଣାସ୍ଥଳରେ ଦଶମନ୍ତପୁର ପୋଲିସ ପହଞ୍ଚି ଅଭିଯୁକ୍ତ ମାଆ ଫୁଲମତୀଙ୍କୁ ଥାନାକୁ ଆଣି ଅଟକ ରଖିଛି । ମୃତଦେହ ଜବତ କରି ଏନେଇ ଥାନାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସେହିପରି ସାଇଣ୍ଟିଫିକ ଟିମ୍ ଓ ଡ୍ରଗ୍ ସ୍କ୍ୱାଡ୍ ମଧ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ପୂର୍ବ ଉପକୂଳବର୍ତ୍ତୀ ସମୁଦ୍ରରେ ୨ ମାସିଆ କଟକଣା

**ପାରାଦୀପ, ୧୪।୪(ସ୍ୱ.ପ୍ର.)**

- ବନ୍ଦ ରହିବ ପାରାଦୀପ ମାଛଧରା ବନ୍ଦର
- ବହୁ ମତ୍ସ୍ୟଜୀବୀ ପ୍ରଭାବିତ ହେବେ

ଓଡ଼ିଶାର ୪୮୦ କିମି ପୂର୍ବ ଉପକୂଳ ସମୁଦ୍ରରେ ଶୁକ୍ରବାରଠାରୁ ୨ ମାସିଆ ସାମୁଦ୍ରିକ କଟକଣା ଲାଗୁ ହୋଇଛି। ଜୁନ୍ ୧୪ ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ଏହି ସମୟ ମଧ୍ୟରେ ମତ୍ସ୍ୟଜୀବୀଙ୍କୁ ସମୁଦ୍ରରେ ପ୍ରବେଶ ଉପରେ ବାରଣ କରାଯାଇଛି। ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ଓଡିଶା ସରକାରଙ୍କ ପକ୍ଷରୁ ଏନେଇ ନୋଟିସ(୧୦୩୩) ଜାରି କରାଯାଇଛି। ସାମୁଦ୍ରିକ ମତ୍ସ୍ୟ ସମ୍ପଦ ସଂରକ୍ଷଣ ଓ ସୁପରିଚାଳନା ପାଇଁ ଏହି କଟକଣା ଲଗାଯାଇଛି ବୋଲି ସେଥିରେ ଦର୍ଶାଯାଇଛି। ଫଳରେ ୨ମାସ ପର୍ଯ୍ୟନ୍ତ ଓଡ଼ିଶାର ସର୍ବବୃହତ୍ ପାରାଦୀପ ମାଛଧରା ବନ୍ଦର ସମେତ କଟକଣା ପରିଧି ମଧ୍ୟରେ ଆସୁଥିବା ଅନ୍ୟାନ୍ୟ ଅଞ୍ଚଳରେ ମାଛ ଧରା ବନ୍ଦ ରହିବ। ଏଥିଯୋଗୁ ମତ୍ସ୍ୟ ଶିଳ୍ପ ଉପରେ ନିର୍ଭରଶୀଳ ବହୁ ମତ୍ସ୍ୟଜୀବୀ ପ୍ରଭାବିତ ହେବେ। ମାତ୍ର ଏହି କଟକଣାକୁ ବିରୋଧ କରାଯିବ ନାହିଁ ବୋଲି ଟ୍ରଲର ମାଲିକ ଅରବିନ୍ଦ ସ୍ୱାଇଁ କହିଛନ୍ତି। ସେ କହିଛନ୍ତି, ସମୁଦ୍ରରେ ଏପ୍ରିଲରୁ ଜୁନ ମଧ୍ୟରେ ମାଛଙ୍କ ପ୍ରଜନନ ସମୟ ହୋଇଥାଏ। ଏହି ସମୟରେ ମାଛ ଧରିଲେ ତାଙ୍କର ଜୀବନଚକ୍ର ପ୍ରଭାବିତ ହୋଇଥାଏ। ଏପରି କି ମା' ଓ ଛୁଆ ମାଛ ଜାଲରେ ପଡି ମରିଯାଆନ୍ତି। ଯାଆଁଳ ରହିଲେ ବର୍ଷା ଋତୁରେ ବଡ ହୋଇଥାନ୍ତି। ପରବର୍ତ୍ତୀ ସମୟରେ ତାହା ମତ୍ସ୍ୟଜୀବୀଙ୍କ ପାଇଁ ଲାଭଦାୟକ ହୋଇଥାଏ।

ପାରାଦୀପ ମାଛଧରା ବନ୍ଦରରେ ଏବେ ୫୯୯ ବୃହତ୍ ଟ୍ରଲର ଓ ୨୫୦ରୁ ଅଧିକ ଯନ୍ତ୍ର ଚାଳିତ ଡଙ୍ଗା ରହିଛି। ଏସବୁ ବୋଟ ଉପରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ପ୍ରାୟ ୪୦ ହଜାର ଲୋକ ରୋଜଗାର କରିଥାନ୍ତି। ୨୦୧୭ ପୂର୍ବରୁ ସାମୁଦ୍ରିକ କଟକଣା ୪୫ ଦିନ ଥିଲା। ୨୦୧୭ ମାର୍ଚ୍ଚ ୨୯ରେ ସରକାର ଏଥିରେ ପରିବର୍ତ୍ତନ କରି ନୂଆ ବିଜ୍ଞପ୍ତି(୪୦୩୮)ଲାଗୁ କରିଥିଲେ। ସେତେବେଳ କଟକଣା ସମୟ ବଢ଼ାଇ ୨ ମାସ କରାଯାଇଥିଲା।





ପାରାଦୀପ ମାଛଧରା ବନ୍ଦର ପ୍ରବେଶ ପଥ।

ସତ୍ତୁକଥାକୁ ଉଦାରତାର ସହିତ ସ୍ମିତ ହାସ୍ୟରେ ଦେଖ। ଯେଉଁସବୁ କଥା ତୁମକୁ ଉଦ୍‌ବ୍ୟସ୍ତ କରୁଛନ୍ତି- ସେଗୁଡ଼ିକୁ ଦେଖି ନିଜେ ଶିକ୍ଷା କର। ତା'ହେଲେ ଯାଇ ତୁମର ଜୀବନ ଅଧିକ ଶାନ୍ତିପୂର୍ଣ୍ଣ ଓ ଅଧିକ ସଫଳ ହୋଇ ପାରିବ। -ଶ୍ରୀମା

# ବିନାଶକ କାର୍ବନ ସବ୍‌ସିଡି




ଜୟତି ଘୋଷ
ପ୍ରଫେସର ଅଫ୍ ଇକୋନୋମିକ୍ସ, ୟୁନିଭର୍ସିଟି ଅଫ୍ ମାସାଚୁସେଟସ୍, ଏମହର୍ଷ୍ଟ

ଦେବମନ୍ୟୁ ଦାସ
ରିସର୍ଚ୍ଚ ସ୍କଲାର, ୟୁନିଭର୍ସିଟି ଅଫ୍ ମାସାଚୁସେଟସ୍

ନିକଟରେ ଇଣ୍ଟରଗଭର୍ଣ୍ଣମେଣ୍ଟାଲ ପ୍ୟାନେଲ ଅନ୍ କ୍ଲାଇମେଟ୍ ଚେଞ୍ଜ(ଆଇପିସିସି)ର ନୂତନ ରିପୋର୍ଟ ପ୍ରକାଶ ପାଇଛି। ଏହା ନୀତିନିର୍ଦ୍ଧାରକ ଏବଂ ସାରା ବିଶ୍ୱର ସାଧାରଣ ଲୋକଙ୍କୁ ଭୟଭୀତ କରିବା ସହ ଏକ ଆଇପିସିସି ସତର୍କ କରିଦେଇଛି ଯେ, କିଛି ପ୍ରଳୟଙ୍କରୀ ଜଳବାୟୁ ପରିଣାମ ଆସିବା ସମ୍ଭାବନା ରହିଛି ବେଳି ଡେରିରେ ନୁହେଁ, ବରଂ ଆଗାମୀ ୧୫ ବର୍ଷ କିମ୍ବା ପରବର୍ତ୍ତୀ ଦଶନ୍ଧିରେ ଏଭଳି ବିପର୍ଯ୍ୟୟ ଘଟିପାରେ ବୋଲି ରିପୋର୍ଟରେ ବର୍ଣ୍ଣାଯାଇଛି। କିନ୍ତୁ ଏଭଳି ବିପଦକୁ ନେଇ ଯଥାଶୀଘ୍ର ଜାଗ୍ରତ ହେବା ଏବଂ ପ୍ରତିକ୍ରିୟା ପ୍ରକାଶ କରିବା ପରିବର୍ତ୍ତେ ନୀତିନିର୍ଦ୍ଧାରକମାନେ ରୁଷିଆ ୟୁକ୍ରେନ୍ ବିରୋଧରେ ଚଳାଇଥିବା ଯୁଦ୍ଧ ଓ ଏହାର ସାମ୍ପ୍ରତିକ ପରିଣାମ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ୟୁକ୍ରେନ୍ ସଙ୍କଟରେ ପାଶ୍ଚାତ୍ୟ ସରକାରଗୁଡ଼ିକ ସ୍ୱଳ୍ପ ମିଆଦୀ ନୀତି ପ୍ରତି ସେମାନଙ୍କ ଧ୍ୟାନ ଅତ୍ୟଧିକ କେନ୍ଦ୍ରିତ କରିଥିବା ଘଟଣାରୁ ଏହା ସହଜରେ ବୁଝାଯାଇପାରେ। ଏପରିକି କିଛି ମାସ ପୂର୍ବେ ଅନେକ ଦେଶ ଗ୍ଲାସଗୋରେ ଅନୁଷ୍ଠିତ ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀରେ ଜଳବାୟୁ ପ୍ରଭାବକୁ ପ୍ରତିହତ କରିବା ଲାଗି ପ୍ରତିଜ୍ଞା ବା ସଙ୍କଳ୍ପ ନେଇଥିଲେ। ଅପେକ୍ଷାକୃତ କମ୍ ଓ ସ୍ୱଳ୍ପରେ ଅପର୍ଯ୍ୟାପ୍ତ ଜଣାପଡୁଥିବା ଉକ୍ତ ସଙ୍କଳ୍ପରୁ ଏବେ ସେମାନେ ଶୀଘ୍ର ପଛକୁ ହଟି ଆସିଛନ୍ତି। ୟୁକ୍ରେନ୍ ଆକ୍ରମଣ ପରେ ରୁଷିଆ ବିରୋଧରେ ପାଶ୍ଚାତ୍ୟ ଲାଗୁ କରିଥିବା କଟକଣା ଯୋଗୁ ତୈଳ ଦରରେ ନାଟକୀୟ ବୃଦ୍ଧି ଘଟିଲା। ପୂର୍ବରୁ ୟୁରୋପ ଓ ଆମେରିକାରେ ଆର୍ଥିକ ସୁଧାର ଯୋଗୁ ଏନର୍ଜି ମାର୍କେଟ ସ୍ଥିତି ଗମ୍ଭୀର ରହିଥିଲାବେଳେ ଏଭଳି ବୃଦ୍ଧି ଘଟିଲା। ଏହି ମୂଲ୍ୟ ବୃଦ୍ଧି ଘଟିବା ସମୟରେ ଜୀବାଶ୍ମ ଇନ୍ଧନରୁ ଶୀଘ୍ର ଦୂରେଇ ଯିବାର ବାଟ ଖୋଜିବା ଦରକାର ଓ ଏହାକୁ ଏକ ସୁଯୋଗ ଭାବେ ଦେଖିବା କଥା। କିନ୍ତୁ ଏହା ପରିବର୍ତ୍ତେ ଧନୀ ଦେଶଗୁଡ଼ିକର ସରକାର ସ୍ୱଳ୍ପ ମିଆଦୀ ରାଜନୈତିକ କାରଣରୁ ଘରୋଇ ଶକ୍ତି ମୂଲ୍ୟ କମ୍ ରଖି ଲୋକଙ୍କ କଷ୍ଟ ହ୍ରାସ କରିବାକୁ ଚେଷ୍ଟା କରିଛନ୍ତି।

ଏଭଳି ସ୍ଥିତିରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ପ୍ରଶାସନ ସାଉଦି ଆରବକୁ ତେଲ ଉତ୍ପାଦନ ବୃଦ୍ଧି କରିବା ଲାଗି ଅନୁରୋଧ କରିଥିଲେ। ହେଲେ ଏଥିରେ ଅସଫଳ ହେବା ପରେ ଆସନ୍ତା ୬ ମାସ ପାଇଁ ଆମେରିକା ସରକାରଙ୍କ ସାମରିକ ଭଣ୍ଡାରଗୁଡ଼ିକରୁ ପ୍ରତିଦିନ ୧୦ ଲକ୍ଷ ବ୍ୟାରେଲ ଦେବାକୁ ପ୍ରତିଶ୍ରୁତି ଦେଇଛି। ଯୁଦ୍ଧର ପ୍ରଭାବ ଯୋଗୁ ୟୁରୋପରେ ଅତ୍ୟଧିକ କଠିନ ସ୍ଥିତି ଲାଗିରହିଛି। ରୁଷୀୟ ପ୍ରାକୃତିକ ବାଷ୍ପ ଉପରେ ଅତ୍ୟଧିକ ଭରସା କରିବା କାରଣରୁ ଏଭଳି ଘଟିଛି। ତେବେ କେବଳ ଅଧିକ ଆଣବିକ ଶକ୍ତି ନୁହେଁ, ବରଂ କୋଇଲା ଆଧାରିତ ଶକ୍ତି ଉତ୍ପାଦନ କଥା ଦେଖିବା। କହିବାକୁ ଗଲେ କୋଇଲା ସବୁଠୁ ଖରାପ ଜୀବାଶ୍ମ ଇନ୍ଧନ ଏବଂ ଏହା ଅଧିକ କାର୍ବନ ନିର୍ଗମନ କରେ। ଧନୀ ୟୁରୋପୀୟ ଦେଶଗୁଡ଼ିକ ଏହାର ବ୍ୟବହାରକୁ ନେଇ ସବୁବେଳେ ଭାରତ ଓ ଚାଇନାକୁ ଆକ୍ଷେପ କରନ୍ତି। ସବୁଜ ବିଶ୍ୱକୁ ନେଇ ୟୁରୋପୀୟ ସରକାରଗୁଡ଼ିକର ବାକ୍‌ପଟୁତା ଓ ନିଷ୍ଠାହୀନତାର ବାସ୍ତବତା ଉପରେ ସମୀକ୍ଷା ନ କରି ତାହାକୁ ପୂର୍ବରୁ ଯେଉଁମାନେ ବିନା ଦ୍ୱିଧାରେ ଗ୍ରହଣ କରୁଥିଲେ, ସେମାନେ ଘଟଣାର ମୋଡ଼ ଦେଖି ଆଶ୍ଚର୍ଯ୍ୟ ହେବା ଉଚିତ। ଏହି ସରକାରଗୁଡ଼ିକ ଜୀବାଶ୍ମ ଇନ୍ଧନ ଶିଳ୍ପଗୁଡ଼ିକୁ ପର୍ଯ୍ୟାପ୍ତ ସବ୍‌ସିଡି ବା ଆର୍ଥିକ ସହାୟତା ଦେଇ ଆସୁଛନ୍ତି। ଅନ୍ୟପକ୍ଷରେ ଏମାନେ ସବୁଜ ଗୃହ ବାଷ୍ପ ନିର୍ଗମନ କମ୍ କରିବା ପାଇଁ ଅତି ଗରିବ ଦେଶଗୁଡ଼ିକୁ ଆହ୍ୱାନ ଦେଉଛନ୍ତି। ପ୍ରଦାନ କରାଯାଉଥିବା ଏହି ସବୁ ସବ୍‌ସିଡିର ପୁରା ସୀମା ଗୁପ୍ତ ବା ଅପ୍ରକାଶ୍ୟ ରହିଯାଇଛି। ଏଗୁଡ଼ିକୁ ପରିମାଣ ନିର୍ଣ୍ଣୟ କରିବା ଲାଗି ଉଦ୍ଦିଷ୍ଟ ପଦ୍ଧତି ଦ୍ୱାରା ମଧ୍ୟ ଏହା ଠିକ୍ ଭାବେ ହୋଇପାରିନାହିଁ। ଜୀବାଶ୍ମ ଇନ୍ଧନ ଉତ୍ପାଦନ କିମ୍ବା ଉପଯୋଗ ଲାଗି ସରକାର ଦେଉଥିବା ସହଯୋଗକୁ ଆକଳନ କରିବା ପାଇଁ ସାଧାରଣ ପଦ୍ଧତି ରହିଛି। ଏଥିପାଇଁ ଆମକୁ ପ୍ରକୃତ ବଜେଟ ପରେ ଗୋଟିଏ କ୍ଷେତ୍ରରୁ ଅନ୍ୟ କ୍ଷେତ୍ରକୁ କେତେ ପୁଞ୍ଜି ଟ୍ରାନ୍ସଫର ହେଉଛି କିମ୍ବା ସବ୍‌ସିଡି ଦିଆଯାଉଛି ତାହାକୁ ଲକ୍ଷ୍ୟ କରିବାକୁ ହେବ। ଏହି ପଦ୍ଧତି ବ୍ୟବହାର କରି ଅର୍ଗାନାଇଜେଶନ ଫର୍ ଇକୋନୋମିକ କୋଅପରେଶନ ଆଣ୍ଡ୍ ଡେଭଲପ୍‌ମେଣ୍ଟ (ଓଇସିଡି) ଏବଂ ଇଣ୍ଟରନ୍ୟାଶନାଲ ଏନର୍ଜି ଏଜେନ୍ସି (ଆଇଇଏ) ଆକଳନ କରିଛନ୍ତି ଯେ, ବୈଶ୍ୱିକ ଜୀବାଶ୍ମ ଇନ୍ଧନ ଶକ୍ତିର ପ୍ରାୟ ୯୦% ଯୋଗାଣ କରୁଥିବା ବିଶ୍ୱର ୫୨ ଧନୀ ଓ ବିକାଶଶୀଳ ଦେଶ ଜୀବାଶ୍ମ ଇନ୍ଧନ ସବ୍‌ସିଡି ଦେଉଛନ୍ତି। ୨୦୧୭ରୁ ୨୦୧୯ ମଧ୍ୟରେ ବାର୍ଷିକ ହାରାହାରି ୫୫୫ ବିଲିୟନ ଡଲାର ମୂଲ୍ୟର ସବ୍‌ସିଡି ଏମାନେ ଦେଇଛନ୍ତି। ଏହି ସହାୟତା ୨୦୨୦ରେ ୩୪୫ ବିଲିୟନ ଡଲାରକୁ ହ୍ରାସ ପାଇଥିଲା। କୋଭିଡ୍ -୧୯ ମହାମାରୀରେ ଇନ୍ଧନ ଦର କମିଯିବା ଏବଂ ଉପଯୋଗ ହ୍ରାସ ପାଇବା ଯୋଗୁ ଏହା ଘଟିଥିଲା। କିନ୍ତୁ ବୈଶ୍ୱିକ ଅର୍ଥ ବ୍ୟବସ୍ଥା ସୁଧୁରୁଥିବାରୁ ଇନ୍ଧନ ଦରର ପୁନଃ ବୃଦ୍ଧି ସବ୍‌ସିଡି ବୃଦ୍ଧି କରିବ ବୋଲି ୟୁକ୍ରେନ ଯୁଦ୍ଧ ପୂର୍ବରୁ ଆଶଙ୍କା ପ୍ରକାଶ ପାଇଥିଲା ଓ ଏହା ପ୍ରମାଣିତ ହେଲା। ସବ୍‌ସିଡି ପରିମାଣର ନୈରାଶ୍ୟଜନକ ଆକଳନଗୁଡ଼ିକ ସରକାର ଯୋଗାଉଥିବା ଜୀବାଶ୍ମ ଇନ୍ଧନର ବାସ୍ତବ ସବ୍‌ସିଡିକୁ ଅଧିକ ପରିମାଣରେ କମ୍ କରାଯାଇ ଦର୍ଶାଇବା ଦେଖାଗଲା। ନିକଟରେ ଏକ ଅନୁଧ୍ୟାନରେ, ଅନ୍ତର୍ରାଷ୍ଟ୍ରୀୟ ମୁଦ୍ରା ପାଣ୍ଠି ( ଆଇଏମ୍‌ଏଫ୍) ଏକ ପଦ୍ଧତି ପ୍ରସ୍ତୁତ କରିଛି। ଏଥିରେ ଏକ୍ସପ୍ଲିସିଟ ସବ୍‌ସିଡି ବା ବଜେଟ ପରିବ୍ୟୟରେ ପ୍ରାବଧାନ ସବସିଡ଼ି କିମ୍ବା ଯୋଗାଣ ମୂଲ୍ୟକୁ କମ୍ କରିବା ଏବଂ ଇମ୍ପ୍ଲିସିଟ ସବ୍‌ସିଡି ବା ସାମାଜିକ ଓ ଆର୍ଥିକ ସେବା ସାମଗ୍ରୀ ଯୋଗାଇବାରେ ଦିଆଯାଉଥିବା ସବ୍‌ସିଡି କିମ୍ବା ପରିବେଶଗତ ମୂଲ୍ୟକୁ କମ୍ କରିବା ଓ ପୂର୍ବ ନିର୍ଦ୍ଧାରିତ ଉପଭୋକ୍ତା ଟିକସ ଛାଡିବା ଧାରାକୁ ଏଥିରେ ସାମିଲ କରାଯାଇଛି। ଆଇଏମ୍‌ଏଫ୍ ଆକଳନ କରିଥିଲା ଯେ, ୨୦୨୦ରେ ବିଶ୍ୱରେ ସବୁ ଜୀବାଶ୍ମ ଇନ୍ଧନ ସବ୍‌ସିଡିର ପରିମାଣ ମୋଟରେ ୫.୯ ଟ୍ରିଲିୟନ ଡଲାର ଥିଲା। ଏହା ଓଇସିଡି ଏବଂ ଆଇଇଏ ଆକଳନଠାରୁ ୧୦ଗୁଣ ଅଧିକ। ଏହା ମଧ୍ୟରେ ଇମ୍ପ୍ଲିସିଟ ସବ୍‌ସିଡି ପରିମାଣ ମୋଟ ସବ୍‌ସିଡିର ୯୨% ଥିଲା ।

ଦୁଇ ପଦ୍ଧତିରେ ଆକଳନ କଲେ ଜୀବାଶ୍ମ ଇନ୍ଧନ କ୍ଷେତ୍ରରେ ଭାରତର ସବ୍‌ସିଡି ଅତ୍ୟଧିକ ରହିଛି, ଯଦିଓ ଗରିବ ଦେଶଗୁଡ଼ିକୁ ଏଥିରୁ ଆଂଶିକ ମୁକ୍ତ କରାଯାଇପାରେ। ରୁଷିଆ ଜୀବାଶ୍ମ ଇନ୍ଧନ କ୍ଷେତ୍ରରେ ସବୁଠୁ ଅଧିକ ଏକ୍ସପ୍ଲିସିଟ ସବ୍‌ସିଡି ପ୍ରଦାନ କରିଛି। କିନ୍ତୁ ଆମେରିକା ୨୦୨୦ରେ ଆମେରିକାର ଇମ୍ପ୍ଲିସିଟ ସବ୍‌ସିଡି ୬୬୨ବିଲିୟନ ଡଲାର ଓ ୨୦୨୧ରେ ପାଖାପାଖି ୮୦୦ ବିଲିୟନ ଡଲାର ଥିଲା, ଯାହା ସବୁଠାରୁ ଅଧିକ ସବ୍‌ସିଡି ବୋଲି ଆକଳନରୁ ଜଣାପଡିଥିଲା। ୨୦୨୦ରେ ଚାଇନାର ସର୍ବାଧିକ ଇମ୍ପ୍ଲିସିଟ ସବ୍‌ସିଡି ୨.୨ ଟ୍ରିଲିୟନ ଡଲାର ଆକଳନ କରାଯାଇଥିଲା।

ଏହି ସବୁ ସବସିଡ଼ିର ମୋଟ ପରିମାଣରୁ ଜୀବାଶ୍ମ ଇନ୍ଧନକୁ ବିରୋଧ ନ କରି କିଭଳି ସରକାର ଏହାକୁ ସବସିଡ଼ି ଦେଉଛନ୍ତି ଓ ଏହା ସପକ୍ଷରେ ରହିଛନ୍ତି ତାହା ପ୍ରତୀୟମାନ ହୋଇଛି। ୨୦୨୦ରେ ଜୀବାଶ୍ମ ଇନ୍ଧନ ଶିଳ୍ପଗୁଡ଼ିକୁ ସମର୍ଥନ କରି ସବ୍‌ସିଡି ୫.୯ ଟ୍ରିଲିୟନ ଡଲାରକୁ ବଢାଇଥିବାବେଳେ ଆଇପିସିସି ଆକଳନରୁ ଜଣାପଡ଼ିଛି ଯେ ଉଭୟ ସରକାରୀ ଏବଂ ଘରୋଇ ଉତ୍ସରୁ ଜଳବାୟୁ ପରିବର୍ତ୍ତନ ରୋକିବା ଲାଗି ବୈଶ୍ୱିକ ପୁଞ୍ଜି ଯୋଗାଣ ପରିମାଣ ସେହି ବର୍ଷ ମାତ୍ର ୬୪୦ ବିଲିୟନ ଡଲାର ରହିଥିଲା। ଏଭଳି ବିରାଟ ବିଷମତା ଓ ଜୀବାଶ୍ମ ଇନ୍ଧନର ଦୀର୍ଘ ସ୍ଥାୟିତ୍ୱ ଦେଖି ଯେ କେହି ଆଶ୍ଚର୍ଯ୍ୟ ହେବା ଉଚିତ ନୁହେଁ। କାରଣ ବିଶ୍ୱ ଏବେ ବୈଶ୍ୱିକ ହାରାହାରି ତାପମାତ୍ରାକୁ ୧.୫ଡିଗ୍ରୀ ସେଲ୍‌ସିୟସରେ ସୀମିତ ରଖି ଏକ ମହାପ୍ରଳୟ ଟାଳିବାକୁ ଜୋର୍‌ସୋରରେ ଉଦ୍ୟମ କରୁଥିବାବେଳେ ବିଶ୍ୱ ଅର୍ଥ ବ୍ୟବସ୍ଥା ଏବଂ ଅନେକ ସରକାର ଏଭଳି ବିପଦକୁ ଗମ୍ଭୀରତାର ସହ ନେବା ଦେଖାଯାଉନାହିଁ।

## କ୍ଷମାର ମୂଲ୍ୟ



ହରିଶ୍ଚନ୍ଦ୍ର ଅରିଶଲ୍ୟ

ପ୍ରଭୁ ଯିଶୁଖ୍ରୀଷ୍ଟ ମାନବ ଜାତି ପାଇଁ ଉତ୍ସର୍ଗ କରୁଥିବା ଅଦ୍ୱିତୀୟ ବଳିଦାନକୁ ସ୍ମରଣ କରିବା ଲାଗି ଶୁଭ ଶୁକ୍ରବାର ବିଶ୍ୱବ୍ୟାପୀ ପାଳନ କରାଯାଏ। ଖ୍ରୀଷ୍ଟ ବିଶ୍ୱାସ ପରିପ୍ରେକ୍ଷୀରେ 'ଶୁଭ ଶୁକ୍ରବାର' ଏକ ବିଶେଷ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ। ପ୍ରଭୁ ଯିଶୁଖ୍ରୀଷ୍ଟଙ୍କୁ ଅମଣିଷ, ବର୍ବରୋଚିତ ଏବଂ ଅମାନୁଷିକ ଭାବରେ କ୍ରୁଶବିଦ୍ଧ କରିବା ଯେଭଳି ମଣିଷସମାଜରେ ଏକ ବିରଳ ଆଉ ଅଦ୍ୱିତୀୟ ଘଟଣା, ସେଭଳି ମଧ୍ୟ ଏହା ପ୍ରଭୁ ଯିଶୁଙ୍କର ଅହିଂସା, ନମ୍ରତା, ସହିଷ୍ଣୁତା, ପରୋପକାରିତାର ନିଖୁଣ ଚିତ୍ର ଏବଂ ଜ୍ୱଳନ୍ତ ଅଦ୍ୱିତୀୟ ଉଦାହରଣ। ବାଇବେଲ କୁହେ, ''ଈଶ୍ୱର ଜଗତକୁ ଏତେ ପ୍ରେମ କଲେ ଯେ, ସେ ଆପଣା ଅଦ୍ୱିତୀୟ ପୁତ୍ର ପ୍ରଭୁ ଯିଶୁଖ୍ରୀଷ୍ଟଙ୍କୁ ଜଗତକୁ ଦାନ କଲେ, ଏଣୁ ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ପାଇବ।'' ସେହି କ୍ରୁଶବିଦ୍ଧ ହୋଇଥିବା ଯିଶୁଖ୍ରୀଷ୍ଟ, ଈଶ୍ୱରଙ୍କ ପ୍ରଥମ ଓ ଶେଷ ଅବତାର। ପାଠକେ ପ୍ରଶ୍ନ କରିପାରନ୍ତି, ଈଶ୍ୱର କାହିଁକି ମଣିଷ ଅବତାର ନେଲେ। ବାଇବେଲ କୁହେ- ''ଈଶ୍ୱର ମନୁଷ୍ୟକୁ ନିଜ ପ୍ରତିମୂର୍ତ୍ତିରେ ନିର୍ମାଣ କଲେ'', ଅନ୍ୟ ଜୀବଜନ୍ତୁଙ୍କ ପରି ସୃଷ୍ଟି କରିନାହାନ୍ତି। 'ପାପ' ମନୁଷ୍ୟ ଜାତିକୁ ଈଶ୍ୱରଙ୍କଠାରୁ ପୃଥକ୍ କରିଦେଇଛି। ଈଶ୍ୱରଙ୍କ ଆଜ୍ଞା ଲଂଘନ ହିଁ ପାପ ଓ ପାପର ଉତ୍ପତ୍ତି।

ମନୁଷ୍ୟ ପାପ କରେ ବୋଲି ପାପୀ ନୁହେଁ, ବରଂ ମନୁଷ୍ୟ ପାପୀ ହୋଇଥିବାରୁ ପାପ କରେ। ବାଇବେଲ କୁହେ, ''ପାପର ବେତନ ମୃତ୍ୟୁ'', କିନ୍ତୁ ''ସମସ୍ତେ ପାପ କରି ଈଶ୍ୱରଙ୍କ ମହିମାରୁ ଊଣା ପଡ଼ିଅଛନ୍ତି। ଅତଏବ ଈଶ୍ୱର ଧାର୍ମିକ, ପବିତ୍ର ଓ ନ୍ୟାୟବାନ୍ ହୋଇଥିବାରୁ ପାପକୁ ଘୃଣା କରନ୍ତି ଏବଂ ପାପ ନିମନ୍ତେ ବିଚାର କରି ଦଣ୍ଡ ଦିଅନ୍ତି; କିନ୍ତୁ ପାପୀକୁ ପ୍ରେମ କରନ୍ତି।'' ଆଉ ଗୋଟିଏ ପ୍ରଶ୍ନ ପାଠକେ ପଚାରି ପାରନ୍ତି, ଯିଶୁଖ୍ରୀଷ୍ଟ ଯଦି ପ୍ରଭୁ, ତା'ହେଲେ ତାଙ୍କ ଆଦେଶରେ ପାପ କ୍ଷମା ହୋଇପାରିଥା'ନ୍ତା, ସେ କାହିଁକି ମୃତ୍ୟୁ ଭୋଗ ବଳିକୃତ ହେଲେ ? ବାଇବେଲ କୁହେ, ''ବିନା ରକ୍ତପାତରେ ପାପ କ୍ଷମା, ପାପମୋଚନ ହୁଏ ନାହିଁ। 'ପଶୁପକ୍ଷୀ ବଳିଦାନରେ ପାପ କ୍ଷମା ଅସମ୍ଭବ।' ପୁଣି ପ୍ରଭୁ ଯିଶୁଙ୍କ ବଳିଦାନର ରକ୍ତରେ 'ନୂତନ ନିୟମ' ସୃଷ୍ଟି ହେଲା ଏବଂ ଏକ ଉଇଲ୍ କାଏମ୍ ହେଲା।'' ପ୍ରଭୁଯିଶୁ ବଳିକୃତ ହେଲେ, କାରଣ ପାପ କ୍ଷମା ନିମନ୍ତେ ପବିତ୍ର ବଳିଦାନର ଜରୁରୀ ଆବଶ୍ୟକତା ଥିଲା ଏବଂ ପିତା ଈଶ୍ୱରଙ୍କ ଆଦେଶ ଥିଲା। ପାପ କ୍ଷମା ପାଇଁ ପବିତ୍ର ବଳିଦାନର ରକ୍ତ ପ୍ରଭୁ ଯିଶୁ ତେଣୁ ଉତ୍ସର୍ଗ କଲେ।

ଶାରୀରିକ ମୃତ୍ୟୁ ପୂର୍ବରୁ ଏବଂ ବଳିଦାନ ସମ୍ପନ୍ନ ହେଲା ପରେ ପ୍ରଭୁ ଯିଶୁ କ୍ରୁଶ ଭିତରେ ଅକଥନୀୟ କଷ୍ଟ ଭୋଗିବା ଅବସରରେ ସପ୍ତବାଣୀ କହିଲେ, ଯାହାକି ତାଙ୍କର ସମ୍ପୂର୍ଣ୍ଣ ମାନବତା ଓ ସମ୍ପୂର୍ଣ୍ଣ ଈଶ୍ୱରୀୟ ପ୍ରକୃତି ଓ ସ୍ୱଭାବର ପରିଚୟ ଦେଇଥିଲା। ସେହି ସପ୍ତବାଣୀ ହେଲା: ୧- ହେ ପିତା, ଏମାନଙ୍କୁ କ୍ଷମାକର, ଏମାନେ କ'ଣ କରୁଛନ୍ତି ତାହା ଜାଣନ୍ତି ନାହିଁ। ୨- ମୁଁ ତୁମ୍ଭକୁ ସତ୍ୟ କହୁଅଛି, ଆଜି ତୁମ୍ଭେ ମୋ ସହିତ ପାରଦୀଶରେ ଉପସ୍ଥିତ ହେବ। ୩- ଗୋ ନାରୀ, ଦେଖ ତୁମ୍ଭ ପୁତ୍ର । ୪- ହେ ମୋର ଈଶ୍ୱର, ହେ ମୋର ଈଶ୍ୱର, ତୁମ୍ଭେ ମୋତେ କାହିଁକି ପରିତ୍ୟାଗ କର। ୫- ମୋତେ ତୃଷା ଲାଗୁଅଛି। ୬- ଏହା ସମାପ୍ତ ହେଲା। ୭- ହେ ପିତା, ତୁମ୍ଭ ହସ୍ତରେ ମୁଁ ଆପଣାର ଆତ୍ମା ସମର୍ପଣ କରୁଅଛି।

ପ୍ରଭୁ ଯିଶୁଙ୍କର କ୍ରୁଶ ଉପରୁ ପ୍ରଥମବାଣୀ ଆଜି ମାନବସମାଜ ପାଇଁ ଗଭୀର ସତ୍ୟ ପ୍ରତିପାଦନ କରିଛି। କ୍ଷମା କରିବା ଏକ ସାଧାରଣ ବିଷୟ ନୁହେଁ। ସମସ୍ତେ କ୍ଷମା କରିପାରନ୍ତି ନାହିଁ। ବିଶେଷକରି ଦୋଷ ନ ଥାଇ ମୃତ୍ୟୁଦଣ୍ଡ ପାଇବା ଏବଂ କ୍ଷମାଦେବା କେବଳ ଈଶ୍ୱରୀୟ ପ୍ରକୃତି ଥିଲେ ବା ଈଶ୍ୱର ହିଁ ନିଜେ କରିପାରନ୍ତି। ଏହା ଶୁଭ ଶୁକ୍ରବାରର ବିଶେଷ ଅନୁଚିନ୍ତା।

ପ୍ରଭୁ ଯିଶୁ ନିଜ ଜୀବନ କ୍ରୁଶ ଉପରେ ଜଳାଞ୍ଜଳି ଦେଇ ମାନବ ଜାତିକୁ ପାପରୁ ରକ୍ଷା କଲେ ଏବଂ ପାପ କ୍ଷମାର ମାର୍ଗ ଖୋଲିଦେଲେ। ଈଶ୍ୱର ସେହି ବଳିଦାନରେ ସନ୍ତୁଷ୍ଟ ହେଲେ ଏବଂ 'କ୍ଷମା' କରିଦେଲେ। ଏହା ପ୍ରଭୁଯିଶୁଙ୍କ ସାଧନା। ପ୍ରଭୁ ଯିଶୁ ହିଁ କ୍ଷମା ପାଇଁ ବଳିଦାନର ଉତ୍ସ ଓ କ୍ଷମାର ସ୍ରଷ୍ଟା। ଆଜି ଆମ ନିଜ ପରିବାରରେ, ସମାଜରେ, ରାଜ୍ୟରେ, ଦେଶରେ ଏବଂ ପୃଥିବୀରେ ପରସ୍ପରକୁ କ୍ଷମା କରିଦେଲେ ଅନେକ ଜଟିଳ ବିଭିନ୍ନ ସମସ୍ୟା ସମାଧାନ ହୋଇଯିବ ଏବଂ ସମସ୍ୟା ଦୂରେଇଯିବ। ଏହି ଶୁଭ ଶୁକ୍ରବାରରେ ପ୍ରଭୁ ଯିଶୁଖ୍ରୀଷ୍ଟ ସମସ୍ତଙ୍କୁ ଅନେକ ଦୟା, କୃପା ଓ ଆଶୀର୍ବାଦ କରି ରକ୍ଷାକରନ୍ତୁ।

ଓ.ଏମ୍. ଇଣ୍ଡିଆ, ଖ୍ରୀଷ୍ଟିଆନ୍ ସୋସାଇଟି,
ବେହରାମ୍‌ପୁରା, ଅହମଦାବାଦ୍, ଗୁଜରାଟ
ମୋ: ୯୪୯୪୭୮୨୭୭୭

## ଏଇ ଭାରତରେ

ନଡ଼ାପୋଡ଼ି ଯୋଗୁ ବାୟୁ ପ୍ରଦୂଷଣ ବଢୁଥିବାବେଳେ ଏହାର ସମାଧାନ ଲାଗି ଦୁଇଜଣଙ୍କ ପ୍ରଚେଷ୍ଟା ବେଶ୍ ପ୍ରଶଂସନୀୟ। ପୁଣେର ସୁହାସ ବକ୍ସି ଏବଂ ଅଶ୍ୱିନୀ ସାଭେ ବାୟୋମାସ ଏବଂ ଏହା ସହ ଜଡ଼ିତ ବିଭିନ୍ନ ଜିନିଷ ଲାଗି ଏକ ଅନ୍‌ଲାଇନ ମାର୍କେଟ 'ବାୟୋଫୁଏଲ ସର୍କଲ' ଖୋଲିଛନ୍ତି। ଏହାଦ୍ୱାରା ସେମାନେ ନଡ଼ା ଅବଶେଷ ସଂଗ୍ରହ କରୁଛନ୍ତି। ଫଳରେ କୃଷକମାନେ ଏହି ମାର୍କେଟ ସହ ଯୋଡ଼ି ହୋଇ ସେମାନଙ୍କ ନଡ଼ା ଅବଶେଷାଂଶ ବିକ୍ରି କରୁଛନ୍ତି। ଏଣୁ ନଡ଼ାପୋଡ଼ି ଅନେକ ମାତ୍ରାରେ କମାଯାଇପାରିଛି। ବକ୍ସି ଓ ସାଭେ ଏଥିରୁ ସବୁଜ ଶକ୍ତି ଉତ୍ପାଦନ କରିବାକୁ ସକ୍ଷମ ହୋଇଛନ୍ତି ଓ ଗ୍ରାମୀଣ କୃଷକମାନଙ୍କୁ ଶିଳ୍ପଭିତ୍ତିକ ଉତ୍ପାଦକମାନଙ୍କ ସହ ଯୋଡୁଛନ୍ତି। ଦୁହେଁ ୨୦୨୦ରେ ଏହି କମ୍ପାନୀ ଖୋଲିବା ପରେ ଏବେ ସୁଦ୍ଧା ୨୫,୦୦୦ ମେଟ୍ରିକ ଟନ୍ ନଡ଼ା ଅବଶେଷ ସଂଗ୍ରହ କରିସାରିଛନ୍ତି। ପାଖାପାଖି ଏକ ଡଜନ ଫାର୍ମର୍ସ ପ୍ରଡ୍ୟୁସର୍ସ ଅର୍ଗାନାଇଜେଶନ (ଏଫ୍‌ପିଓ) ଦ୍ୱାରା ଉକ୍ତ କୃଷି ବର୍ଜ୍ୟ ସଂଗ୍ରହ ହେଉଛି ଓ ସେଠାରେ ତାହାକୁ କମ୍ପ୍ରେସ କରାଯାଇ ବାୟୋମାସ୍ ବ୍ରିକ୍ୟୁଟି (ଇଟା ଆକାରର ଅଙ୍ଗାର ବା କୋଇଲା ଇନ୍ଧନ) କରାଯାଉଛି। ପରେ ଏଗୁଡ଼ିକୁ ବିଭିନ୍ନ ଶିଳ୍ପକେନ୍ଦ୍ରକୁ ପଠାଯାଉଛି। 'ବାୟୋଫୁଏଲ ସର୍କଲ' କୃଷକମାନଙ୍କଠାରୁ ଏହା ଆଣିବା ପରେ ସେମାନଙ୍କୁ ଏହା ବଦଳରେ ଜୈବିକ ସାର ଯୋଗାଉଛି। ଏବେ ୧,୫୦୦ କୃଷକ ଏହି ଡିଜିଟାଲ ପ୍ଲାଟ୍‌ଫର୍ମ ବ୍ୟବହାର କରୁଛନ୍ତି। ଏହା ମହାରାଷ୍ଟ୍ର, ତାମିଲନାଡୁ ଏବଂ ଗୁଜରାଟରେ କାର୍ଯ୍ୟ କରୁଛି। ଏହି ପ୍ଲାଟ୍‌ଫର୍ମକୁ ଭାରତର ଅନ୍ୟ ରାଜ୍ୟକୁ ସମ୍ପ୍ରସାରିତ କରାଯିବ ବୋଲି କହିଛନ୍ତି ସୁହାସ ବକ୍ସି।

## ୨୫ ବର୍ଷ ତଳର ଧରିତ୍ରୀ

୧୫ ଏପ୍ରିଲ ୧୯୯୭

- ଦକ୍ଷିଣ ରୁଷିଆର ଏକ ବିମାନ ବନ୍ଦର ନିକଟରେ ଅପହରଣକାରୀମାନେ ଗୋଟିଏ ବସ୍‌ରେ ଥିବା ୩୦ ଯାତ୍ରୀଙ୍କୁ ପଣବନ୍ଦୀ କରି ରଖିଛନ୍ତି।
- ମାନବ ସେବା କ୍ଷେତ୍ରରେ ଉଲ୍ଲେଖନୀ ଅବଦାନ ପାଇଁ ନୋବେଲ ବିଜୟିନୀ ମଦର ଟେରେସାଙ୍କୁ ବିର୍ସାମୁଣ୍ଡା ପୁରସ୍କାର ପ୍ରଦାନ କରାଯିବା ଲାଗି ମନୋନୀତ କରାଯାଇଛି।
- ପୁରୁଖା କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅରବିନ୍ଦ ନେତମ୍ କଂଗ୍ରେସ ଛାଡ଼ି ବହୁଜନ ସମାଜ ପାର୍ଟି (ବିଏସ୍‌ପି)ରେ ଯୋଗ ଦେଇଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | 7 | | | | | 5 |
| | | | | 6 | 1 | | | |
| | | | | | | | | 3 |
| 1 | | | | 4 | | | | |
| | | 9 | | 5 | 2 | 4 | 8 | |
| | 5 | 3 | | | | | | 9 |
| | | | 6 | | | | 7 | |
| 5 | | | | | 2 | 7 | | 8 |
| | | | | 9 | | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 5 | 1 | 3 | 8 | 2 | 9 | 7 | 6 |
| 7 | 2 | 6 | 5 | 4 | 9 | 3 | 8 | 1 |
| 9 | 8 | 3 | 1 | 7 | 6 | 5 | 4 | 2 |
| 3 | 7 | 5 | 8 | 6 | 1 | 4 | 2 | 9 |
| 6 | 4 | 2 | 9 | 3 | 7 | 1 | 5 | 8 |
| 1 | 9 | 8 | 4 | 2 | 5 | 7 | 6 | 3 |
| 2 | 6 | 4 | 7 | 1 | 3 | 8 | 9 | 5 |
| 5 | 1 | 7 | 2 | 9 | 8 | 6 | 3 | 4 |
| 8 | 3 | 9 | 6 | 5 | 4 | 2 | 1 | 7 |

ଗତକାଲିର ଉତ୍ତର

# ଯୁଦ୍ଧ ଜର୍ଜରିତ ଶୈଶବ



ପ୍ରକାଶ ତ୍ରିପାଠୀ

ରୁଷ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧ ଥମିବାର ନାଁ ନେଉନାହିଁ। ଇତିମଧ୍ୟରେ ବୁଚ୍ଚା ସହରରେ ରୁଷ ସୈନିକଙ୍କ ବର୍ବର କାଣ୍ଡର ଅନେକ ଛବି ଗଣମାଧ୍ୟମକୁ ଆସିବା ପରେ ବୁଝାପଡୁଛି ସତେଯେମିତି ରୁଷ ରାଷ୍ଟ୍ରପତି ପୁଟିନ ୟୁକ୍ରେନ ନାଗରିକଙ୍କୁ ହତ୍ୟା କରିବା ପାଇଁ ପ୍ରତିଜ୍ଞା କରିଛନ୍ତି। ବୃଦ୍ଧାବୃଦ୍ଧ,ମହିଳା ଓ ଶିଶୁ କେହି ବି ବାଦ୍ ପଡୁନାହାନ୍ତି ରୁଷ ସୈନ୍ୟଙ୍କ ଦୌରାତ୍ମ୍ୟରୁ। ଶାନ୍ତି ପରିବର୍ତ୍ତେ ଯୁଦ୍ଧର ବିଭୀଷିକା କ୍ରମେ ବଢ଼ି ବଢ଼ି ଚାଲିଛି। ତେବେ ଏଇ ଯୁଦ୍ଧରେ ସବୁଠାରୁ ଅଧିକ ପ୍ରଭାବ ପଡୁଛି ଶିଶୁମାନଙ୍କ ଉପରେ । ଅତି ବର୍ବର ଭାବେ ଦଳି ଦିଆଯାଉଛି ସେମାନଙ୍କ ଶୈଶବକୁ। ଅନ୍ତର୍ଜାତୀୟ ସ୍ତରରେ ଶିଶୁ ଅଧିକାରର କଥା କହୁଥିବା ସଂସ୍ଥାଗୁଡ଼ିକ ଚୁପ୍ ରହିଛନ୍ତି। ମିଳିତ ଜାତିସଂଘ, ୟୁନିସେଫ ଓ ନାଟୋର ନିଷ୍କ୍ରିୟତା ଅନୁଭୂତ ହେଲାଣି। ପୁଟିନଙ୍କ ଦୃଢ଼ ଯୁଦ୍ଧଖୋର ମନୋଭାବ ଆଗରେ ବିଶ୍ୱ ସଂସ୍ଥାଗୁଡ଼ିକ ଶକ୍ତିଶୂନ୍ୟ ଭଳି ପ୍ରତ୍ୟୟ ହେଉଛି। ଯୁଦ୍ଧ ରୋକିବାକୁ ଅନେକ ରାଷ୍ଟ୍ର ପକ୍ଷରୁ ପୁଟିନଙ୍କୁ ଅନୁରୋଧ କରାଗଲେ ମଧ୍ୟ ତାହାର କୌଣସି ସୁଫଳ ମିଳୁନାହିଁ। ମିଳିତ ଜାତିସଂଘ, ଅନ୍ତର୍ଜାତୀୟ ନ୍ୟାୟାଳୟ, ନାଟୋ, ୟୁରୋପୀୟ ସଂଘ ପକ୍ଷରୁ କଠୋର ଆର୍ଥିକ ପ୍ରତିବନ୍ଧ ଲଗାଯାଇଥିଲେ ବି ଏହାର କୌଣସି ପ୍ରଭାବ ରୁଷ ଉପରେ ପଡୁନାହିଁ। ୟୁକ୍ରେନ୍ ଓ ରୁଷର ନାଗରିକ କେହି ବି ଯୁଦ୍ଧ ଚାହୁଁ ନ ଥିବା ବେଳେ ଉଭୟ ଦେଶର ରାଜନେତାଙ୍କ ପାଇଁ ଯୁଦ୍ଧ ଥମୁନାହିଁ। ଯୁଦ୍ଧ ଶେଷ ହେବା ପରେ ଉଭୟ ଦେଶର ରାଷ୍ଟ୍ରପତିଙ୍କ ହାତରେ କ'ଣ ଥିବ ତାହା ଦେଖିବାକୁ ବାକି ରହିଛି।

ଇତିମଧ୍ୟରେ ୟୁକ୍ରେନ୍ ରାଷ୍ଟ୍ରପତିଙ୍କ ପତ୍ନୀ ଓଲେନା ଜେଲେନସ୍କିଙ୍କ ଏକ ଚିଠି ସମଗ୍ର ବିଶ୍ୱକୁ ସ୍ତବ୍ଧ କରିଦେଇଛି। ରୁଷିଆ ସୈନ୍ୟମାନଙ୍କ ମା'ମାନଙ୍କ ଉଦ୍ଦେଶ୍ୟରେ ସେ ଏକ ଭାବନାତ୍ମକ ଚିଠି ଲେଖି ଯୁଦ୍ଧ ବନ୍ଦ କରିବାକୁ ନିବେଦନ କରିଛନ୍ତି। ସେ ଲେଖିଛନ୍ତି ଯେ କୌଣସି ମା'କୁ ପଚାରନ୍ତୁ, ତାଙ୍କ ପାଇଁ ସବୁଠାରୁ ମୂଲ୍ୟବାନ କ'ଣ ? ମୁଁ ନିଶ୍ଚିତ ଯେ, ଆପଣ ସେମାନଙ୍କଠାରୁ ଉତ୍ତର ପାଇବେ ପିଲାମାନେ ସବୁଠାରୁ ମୂଲ୍ୟବାନ। କିନ୍ତୁ ଏଇ ଯୁଦ୍ଧର ଅର୍ଥ ହେଉଛି ସେହି ପିଲାମାନଙ୍କ ମୃତ୍ୟୁ। ଜଣେ ମା' ହିସାବରେ ମୁଁ ପିଲାମାନଙ୍କ ମୃତ୍ୟୁକୁ କଳ୍ପନା କରିପାରୁନାହିଁ। କାରଣ ପିଲାଙ୍କ ମୃତ୍ୟୁ ହେଉଛି ହୃଦୟର ମୃତ୍ୟୁ, ପରିବାରର ମୃତ୍ୟୁ ଓ ଭବିଷ୍ୟତର ମୃତ୍ୟୁ। ମୁଁ ରୁଷିଆ ମା'ମାନଙ୍କୁ ପଚାରୁଛି, ତୁମମାନଙ୍କ ପୁଅମାନେ ଆମର ଛୋଟ ଛୋଟ ଛୁଆମାନଙ୍କୁ ମାରୁଛନ୍ତି, ସେମାନଙ୍କ ଉପରକୁ ବୋମା ଫିଙ୍ଗୁଛନ୍ତି, ସେମାନଙ୍କ ଉପରେ ମୋର୍ଟାର ଚଳାଉଛନ୍ତି । କେଉଁ ମା' ଚାହେଁ ଯେ ସେମାନଙ୍କ ପୁଅ ଜଣେ ଶିଶୁ ହତ୍ୟାକରି ହେଉ ? କିନ୍ତୁ ଦୁଃଖର କଥା ଯେ ବର୍ତ୍ତମାନ ସୁଦ୍ଧା ଜଣେ ହେଲେ ରୁଷୀୟ ମା'ଙ୍କ ଠାରୁ ଏ ବିଷୟରେ ପଦେ ହେଲେ ଶୁଣି ପାରିଲିନି । ମୁଁ ବୁଝିପାରୁନି ସେମାନେ ଭୟଭୀତ ନା ଉଦାସୀନ। ଆଉ କେତେ ନିରୀହ ଶିଶୁଙ୍କୁ ହତ୍ୟା କରିସାରିବା ପରେ ରୁଷିଆ ସୈନ୍ୟ ଶିଶୁହତ୍ୟା ବନ୍ଦ କରିବେ। ନିଜ ପିଲାମାନଙ୍କୁ ନ ମାରିବା ପାଇଁ ମା'ମାନେ ଯୁଦ୍ଧ ବିରୋଧରେ ରାଜରାସ୍ତାକୁ ଆସିବା ପୂର୍ବରୁ ରୁଷିଆ ସୈନ୍ୟ ଆଉ କେତେ ଶିଶୁଙ୍କୁ ହତ୍ୟା କରିବେ?

ରୁଷିଆ ସୈନ୍ୟ ୟୁକ୍ରେନ୍ ଶିଶୁମାନଙ୍କୁ ହତ୍ୟା କରୁଛନ୍ତି ବୋଲି ରୁଷିଆର ମା'ମାନଙ୍କୁ ଏକଥା ଜଣାଇଦେବାକୁ ଓଲେନା ଜେଲେନସ୍କି ନିବେଦନ କରିଛନ୍ତି। ସେ ନିଜ ଚିଠିରେ ଲେଖିଛନ୍ତି ଯେ ରୁଷିଆର ମା'ମାନେ ଜାଣନ୍ତୁ ଯେ ସେମାନଙ୍କ ପୁଅ, ସ୍ୱାମୀ, ଭାଇମାନେ ୟୁକ୍ରେନରେ ନିଜର ସନ୍ତାନ ବୟସର ଶିଶୁମାନଙ୍କୁ ହତ୍ୟା କରୁଛନ୍ତି। କିଛିଦିନ ପୂର୍ବରୁ ଏଠାରେ ଯାହା ସବୁ ହେଉଥିଲା ତାହା ଏବେ ଭାବିବାର ବାହାରେ। ମୋ ଦେଶରେ ସର୍ବତ୍ର ଶାନ୍ତି ବିରାଜମାନ କରୁଥିଲା। ମେଟ୍ରୋ ନଗରୀ, ସହର ଓ ଗ୍ରାମ ସବୁଠାରେ ହସ ଖୁସିର ଲହର ଥିଲା। କିନ୍ତୁ ଫେବୃୟାରୀ ୨୪ ସକାଳେ ଏକ ଅଶୁଭ ଖବର ଆମ ପାଇଁ ସତେ ଯେମିତି ଅପେକ୍ଷା କରି ରହିଥିଲା। ରୁଷିଆ ସହ ଯୁଦ୍ଧ ଆରମ୍ଭ ହେବ ବୋଲି ସକାଳୁ ସକାଳୁ ଘୋଷଣା କରିଦିଆଗଲା। ଠିକ୍ ଏହା ପରେ ପରେ ୟୁକ୍ରେନ ସୀମାକୁ ରୁଷିଆ ଟ୍ୟାଙ୍କ ଅତିକ୍ରମ କଲା, ୟୁକ୍ରେନ ଆକାଶରେ ଯୁଦ୍ଧ ବିମାନ ଓ ରକେଟ ଲଞ୍ଚରଗୁଡ଼ିକ ଆମ ସହର ଚାରିପାଖରେ ରହିଗଲେ। ସମ୍ପୂର୍ଣ୍ଣ ଶାନ୍ତିରେ ବିଶାସ ରଖୁଥିବା ସାଧାରଣ ନାଗରିକଙ୍କୁ ସଂହାର କରିବା ଉଦ୍ୟମ ଆରମ୍ଭ ହୋଇଗଲା।

ଏ ଯୁଦ୍ଧରେ ସର୍ବାଧିକ କ୍ଷତି ହେଉଛି କୋମଳମତି ଶିଶୁମାନଙ୍କର। ଆଠ ବର୍ଷର ଅଲିଶାର ମୃତଦେହରେ ଯେପରି ଆଉ ଅଧିକ ଗୁଳି ନ ବାଜେ ସେଥିପାଇଁ ତାଙ୍କ ଜେଜେବାପା ଅଲିଶାକୁ ନିଜ ଦେହରେ ଘୋଡାଇ ରଖିଥିଲେ ନିଜ ମା-ବାପାଙ୍କ ସହ ଗୁଳିରେ ମରି ରାସ୍ତା ମଝିରେ ପ ପୁଳିନା। ସେହିପରି ଏକ ଯୁଦ୍ଧ ଜାହାଜର ଭଗ୍ନାବଶେଷ ମୁଣ୍ଡରେ ଆଘାତ ଲାଗିଥିବା ୧୪ ବର୍ଷୀୟ ଆର୍ସେନିଜ ନିକଟରେ ଆମ୍ବୁଲାନ୍ସ ପହଞ୍ଚିବାକୁ ଦେଇ ନ ଥିଲା ରାସ୍ତାରେ ଗୁଳିଗୋଳା ବର୍ଷଣ। ଛଅ ବର୍ଷର ସଫିକା ଓ ତା' ଦେଢ଼ ବର୍ଷର ସାନ ଭାଇ ସହ ସେମାନଙ୍କ ମା-ବାପା ୟୁକ୍ରେନ ଛାଡ଼ି ପଡ଼ୋଶୀ ଦେଶକୁ ଯାଉଥିବା ବେଳେ ସମସ୍ତଙ୍କୁ ହତ୍ୟା କରିଥିଲେ ରୁଷ ସୈନ୍ୟ। ଯଦି ରୁଷିଆ କେବେ ବି କୁହେ ଏହି ଯୁଦ୍ଧ ସାଧାରଣ ନାଗରିକଙ୍କ ବିରୋଧରେ ହୋଇନାହିଁ, ତେବେ ପ୍ରଥମେ ଏହାକୁ ବିରୋଧ କରି ଏହି ସବୁ ଉଦାହରଣ ଉପସ୍ଥାପନ କରାଯିବ।

ଏବେ ଶିଶୁମାନେ ଡାକ୍ତରଖାନାରେ ଜନ୍ମ ହେଉନାହାନ୍ତି, ଗୁଳିଗୋଳା ସ୍ଥଳରେ ଜନ୍ମ ହେଉଛନ୍ତି। କାରଣ ଡାକ୍ତରଖାନା ଓ ଏହାର ପ୍ରସବସ୍ଥଳ ଏବେ ରୁଷିଆ ଆକ୍ରମଣରେ ଧ୍ୱଂସ ବିଧ୍ୱସ୍ତ। ନବଜାତ ଶିଶୁଙ୍କ ପାଇଁ ଶାନ୍ତିର ପରିଭାଷା ବଦଳିଯାଇଛି ୟୁକ୍ରେନ୍‌ରେ। ଶାନ୍ତସ୍ନିଗ୍ଧ ଆକାଶ ବଦଳରେ ଏବେ ସେମାନେ ଦେଖୁଛନ୍ତି ଅନ୍ଧାରୁଆ ଘରର (ବଙ୍କର)କଂକ୍ରିଟ ଛାତ। ୟୁକ୍ରେନ୍‌ର ଯେଉଁ ପିଲାମାନଙ୍କ ହାତରେ ଖେଳଣା, ବହି ଓ ଆଞ୍ଜୁଳା ଆଞ୍ଜୁଳା ସ୍ୱପ୍ନ ଭରି ରହିଥିଲା, ସେହି ନିରୀହ ପିଲାଙ୍କୁ ଏବେ ମୃତ୍ୟୁ ମିଳୁଛି। ସେମାନଙ୍କ ଶବ ଏବେ ୟୁକ୍ରେନ୍‌ର ରାସ୍ତା ଉପରେ ପଡ଼ିରହିଛି। ସେମାନଙ୍କ ସ୍କୁଲ ଏବେ ମାଟିରେ ମିଶି ଯାଇଛି। ଡାକ୍ତରଖାନାଗୁଡ଼ିକ ଧ୍ୱଂସସ୍ତୂପ। ଅନେକ ଶିଶୁ ଅନାଥ। ଏହାକୁ ସମଗ୍ର ବିଶ୍ୱ ଅନୁଭବ କରୁଛି ମୂକ ଓ ବଧିର ଭଳି। ସେଭ ଦି ଚିଲ୍‌ଡ୍ରେନ ସଂସ୍ଥାର ରିପୋର୍ଟ ଅନୁଯାୟୀ ୟୁକ୍ରେନ୍‌ର ପ୍ରାୟ ୬୦ ଲକ୍ଷ ଶିଶୁଙ୍କର ଭବିଷ୍ୟତ ସମ୍ପୂର୍ଣ୍ଣ ଅନ୍ଧକାର। ୪୬୪ ସ୍କୁଲ ଧ୍ୱଂସ, ଡାକ୍ତରଖାନାଗୁଡ଼ିକରେ ସେମାନଙ୍କ ଚିକିତ୍ସା ସୁବିଧା ନାହିଁ। ୧୫ ଲକ୍ଷ ଶିଶୁ ୟୁକ୍ରେନ୍ ଛାଡ଼ି ପଡୋଶୀ ଦେଶକୁ ଚାଲି ଯାଇଛନ୍ତି, ଯେଉଁମାନଙ୍କ ଭବିଷ୍ୟତ କ'ଣ କେହି ବି କହିପାରିବେ ନହିଁ। । ପ୍ରାୟ ୮୦ ହଜାର ଗର୍ଭବତୀ ୟୁକ୍ରେନ୍ ମହିଳା କିପରି ସେମାନଙ୍କ ସନ୍ତାନକୁ ଜନ୍ମ ଦେବେ ତାହା ଏକ ବିରାଟ ସମସ୍ୟା ରୂପେ ଦେଖାଦେଇଛି। ଡାକ୍ତରଖାନା ନାହିଁ କି ପ୍ରସବ ନିମନ୍ତେ ସ୍ୱତନ୍ତ୍ର ଘର ବି ନାହିଁ। ଔଷଧପତ୍ର ତ ସ୍ୱପ୍ନ। ମାତୃ ଓ ଶିଶୁ ଅଧିକାରର ସଂଜ୍ଞା ଏଠି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗୋଟିଏ ଯୁଦ୍ଧ ଭବିଷ୍ୟତର ଅନେକ ଯୁଦ୍ଧର ବୀଜ ବପନ କରିଥାଏ। ଏଠାରେ ପ୍ରଶ୍ନ କେବଳ ୟୁକ୍ରେନ୍-ରୁଷ ଯୁଦ୍ଧ ନୁହେଁ, ସିରିୟା, ଆଫଗାନିସ୍ତାନ, ଏମେନ, ଇରାକ ଓ ସୋମାଲିୟା ଭଳି ଦେଶ, ଯେଉଁଠାରେ କି ଯୁଦ୍ଧ ସମୟରେ ଲକ୍ଷ ଲକ୍ଷ ଶିଶୁଙ୍କ ଜୀବନ ବିପନ୍ନ ହେବାର ଦୃଶ୍ୟ ଏ ବିଶ୍ୱ ଦେଖିଛି। ଲକ୍ଷ ଲକ୍ଷ ଶିଶୁଙ୍କ ମୃତ୍ୟୁ ସହ କୁପୋଷଣ, ପାଠପଢ଼ା ବନ୍ଦ ଓ ପରିବାରଠାରୁ ଦୂରେଇଯିବା, ଅନାଥ ହେବା ଓ ଅପହରଣ ଭଳି କରୁଣ ଖବର ସାମ୍ପ୍ରତିକ ସଭ୍ୟ ସମାଜର ବାସ୍ତବ ଚିତ୍ର। ଯୁଦ୍ଧର ବିଭୀଷିକା କବଳରୁ ଶୈଶବକୁ ଉଦ୍ଧାର କରିବା ପାଇଁ ୟୁକ୍ରେନ୍ ରାଷ୍ଟ୍ରପତିଙ୍କ ପତ୍ନୀଙ୍କ କରୁଣ ନିବେଦନକୁ ବିଶ୍ୱ ନେତାମାନେ କିପରି ଗ୍ରହଣ କରୁଛନ୍ତି ତାହା ଏବେ ବୁଝିବାକୁ ବାକି ରହିଲା।

ମୋ: ୯୪୩୭୨୩୨୪୬୩
PRAKAS.TRIPATHY09@GMAIL.COM

## ପାଠକ ଶ୍ରେଷ୍ଠ ବିଚାରକ

### ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟିପଡୁ

ମହାଶୟ,

ବାଲେଶ୍ୱର ପୌର ପରିଷଦ ପକ୍ଷରୁ ସମସ୍ତ ୱାର୍ଡରେ ସଠିକ୍ ଜାଗାରେ ସିମେଣ୍ଟ ବେଞ୍ଚ କରାଯାଇଥିଲେ ହେଁ କେତେକ ସ୍ଥାନରେ ଅଜାଗାରେ ହୋଇଛି। ସହର ମଧ୍ୟରେ ଅନେକ ସ୍ଥାନରେ ଦିନ ବେଳେ ବିଜୁଳି ଖୁଣ୍ଟରେ ଆଲୁଅ ଜଳୁଥିବା ବେଳେ ବିଜୁଳି ବିଭାଗର କର୍ମଚାରୀ ଆମ ହାତରେ କିଛି ନାହିଁ, ମ୍ୟୁନିସିପାଲିଟିରେ କମ୍ପ୍ଲେନ ଦେବା ପାଇଁ କହୁଛନ୍ତି। ଗରମରେ ଲୋକେ ଛଟପଟ ହେବା ଆରମ୍ଭ କରିଥିବାବେଳେ ବିଜୁଳି କାଟ ହେଉଛି। ଅପରପଟେ ଚବିଶ ଘଣ୍ଟିଆ ଆଲୁଅ ରାସ୍ତାରେ ଜଳୁଛି। ପରିବା ମାର୍କେଟ କଥା ନକହିବା ଭଲ। ବେଙ୍ଗଲରୁ ଆସୁଥିବା ଆଳୁ ବୋରାରୁ ପଚାଆଳୁ ଅଧିକ ବାହାରୁଥିବାରୁ ଖାଉଟି ଓ ପରିବା ଦୋକାନୀ ହିନସ୍ତା ହେଉଛନ୍ତି। ଦୀର୍ଘବର୍ଷ ପରେ ପୌର ପରିଷଦ ନବକଳେବର ପାଇଁ ସମସ୍ତେ ଆନନ୍ଦରେ ମସ୍‌ଗୁଲ ଅଛନ୍ତି। ଏହି ଶୁଭବେଳରେ ସହର ମଧ୍ୟରେ ଥିବା ସମସ୍ତ ହାଣ୍ଡିଆଭାଟି ମଳିକ ସକ୍ରିୟ ହୋଇଯାଇଛନ୍ତି। ବାଲେଶ୍ୱରର ଏହିସବୁ ସମସ୍ୟା ପ୍ରତି କର୍ତ୍ତୃପକ୍ଷ ଦୃଷ୍ଟିଦେବା ଦରକାର।

-ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

## ଚିରନ୍ତନୀ

ବିବାହର ଦିନ ଯାଇ ନାହିଁ ମୋର ସରିନାହିଁ ଯଉବନ
ଚିକ୍‌କଣ ଅଳକା ରଖିଛି ସାଇତି ନୀଳ ନଦୀ ଦରପଣ
ସିନ୍ଦୂର ଟୋପା ରହିଛି ଗୋଲାପେ
ନୟନର ପତା କଳାପୀ କଳାପେ
କଜ୍ଜଳ ରେଖା ଦିଗ୍‌ବଳୟେ ତ ଲିଭିନାହିଁ ଏତେକ୍ଷଣ
ବିବାହର ତିଥି ବାକି ନାହିଁ ମୋର ସରିନାହିଁ ଯଉବନ।
-(ମଧୁ-ବିବାହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




କର୍ନାଟକ ଗ୍ରାମାଞ୍ଚଳ ଓ ପଞ୍ଚାୟତିରାଜ ମନ୍ତ୍ରୀ ଈଶ୍ୱରାପ୍ପାଙ୍କ ଇସ୍ତଫା ଦାବିରେ ବେଙ୍ଗାଲୁର ଠାରେ ଗୁରୁବାର ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ।

# ମମତାଙ୍କ ମନ୍ତବ୍ୟକୁ ଦଳୀୟ ଏମ୍‌ପିଙ୍କ ବିରୋଧ

**କୋଲକାତା,୧୪।୪(ଆଇଏଏନ୍‌ଏସ୍‌)**

**ହଂସଖାଲି ନାବାଳିକା ବଳାତ୍କାର ମାମଲା**

ପଶ୍ଚିମବଙ୍ଗ ନଦିଆ ଜିଲାର ହଂସଖାଲିଠାରେ ନାବାଳିକା ବଳାତ୍କାର ଓ ହତ୍ୟା ମାମଲାକୁ ନେଇ ରାଜନୀତି ଜୋର୍‌ ଧରିଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଉକ୍ତ ମାମଲା ସମ୍ପର୍କରେ ଦେଇଥିବା ବିବୃତିକୁ ଦଳର ଦୁଇଜଣ ଏମ୍‌ପି ପରୋକ୍ଷରେ ବିରୋଧ କରିଛନ୍ତି। ଟିଏମ୍‌ସି ଏମ୍‌ପି ମହୁଆ ମୈତ୍ରଙ୍କ ପରେ ବରିଷ୍ଠ ନେତା ସୌଗତ ରାୟ ଉକ୍ତ ମାମଲାରେ ମମତାଙ୍କ ମନ୍ତବ୍ୟକୁ ନାପସନ୍ଦ କରିଛନ୍ତି। ଏହା ଏକ ଛୋଟ ଘଟଣା ଓ ବଳାତ୍କାର ସହ ପ୍ରେମ ବ୍ୟାପାରର ସମ୍ପର୍କ ଥିବା ମମତା କହିଥିଲେ। ଜଣେ ମହିଳା ମୁଖ୍ୟମନ୍ତ୍ରୀଙ୍କ ଶାସନରେ ମହିଳାଙ୍କ ବିରୋଧରେ ଗୋଟିଏ ବି ଅପରାଧ ଗ୍ରହଣୀୟ ନୁହେଁ ବୋଲି ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ସୌଗତ କହିଛନ୍ତି। ଏଭଳି ଅପରାଧକୁ ଆଦୌ ବରଦାସ୍ତ କରାଯିବ ନାହିଁ, ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ ଦାବି କରିଛନ୍ତି। ୧୮ ବର୍ଷରୁ କମ୍‌ ବୟସର ଝିଅ ସହ ସହମତିରେ ଯୌନ ସମ୍ପର୍କ ଆଇନ ଅନୁଯାୟୀ ବଳାତ୍କାର ବୋଲି ଗତ ୧୨ ତାରିଖରେ ଏମ୍‌ପି ମହୁଆ ମୈତ୍ର କହିଥିଲେ।



ସୌଗତ ରାୟ

ସୌଗତଙ୍କ ମନ୍ତବ୍ୟକୁ ଭାଜପା, ସିପିଆଇ-ଏମ୍‌ ଏବଂ କଂଗ୍ରେସ ପକ୍ଷରୁ ପ୍ରଶଂସା କରାଯାଇଛି। ସେ ଜଣେ ଦାୟିତ୍ୱସମ୍ପନ୍ନ ଏମ୍‌ପି ଭାବେ ମନ୍ତବ୍ୟ ଦେଇଛନ୍ତି। ଏହି ପ୍ରସଙ୍ଗରେ ସୌଗତ ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେବା ଉଚିତ ବୋଲି ବିରୋଧୀ ଦଳଗୁଡ଼ିକ ମତ ଦେଇଛନ୍ତି। ସୂଚନାଯୋଗ୍ୟ ମୁଖ୍ୟମନ୍ତ୍ରୀ ମମତା ନାବାଳିକା ବଳାତ୍କାର ଓ ହତ୍ୟା ଘଟଣାକୁ ନିନ୍ଦା କରିଥିଲେ ହେଁ ବିରୋଧୀ ଦଳ ଓ ଗଣମାଧ୍ୟମର ଗୋଟିଏ ଗୋଷ୍ଠୀ ଏହାକୁ ରାଜନୈତିକ ମୋଡ଼ ଦେଉଥିବାରୁ ସେ ଏହାର ସମାଲୋଚନା କରିଥିଲେ। ଅଭିଯୁକ୍ତ ଓ ପୀଡ଼ିତାଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା। ତଦନ୍ତ ଶେଷ ନ ହେଉଣୁ ସେମାନେ କ'ଣ ପାଇଁ ନିଷ୍କର୍ଷରେ ପହଞ୍ଚୁଛନ୍ତି ବୋଲି ଟିଏମ୍‌ସି ନେତ୍ରୀ ବିରୋଧୀ ଦଳଗୁଡ଼ିକୁ ପ୍ରଶ୍ନ କରିଥିଲେ।

# ଇସ୍ତଫା ଦେବେ ଈଶ୍ୱରାପ୍ପା

**ବେଙ୍ଗାଲୁରୁ,୧୪।୪**

**ଠିକାଦାର ଆତ୍ମହତ୍ୟା ମାମଲା**

କର୍ନାଟକର ଠିକାଦାର ସନ୍ତୋଷ ପାଟିଲଙ୍କ ଆତ୍ମହତ୍ୟା ସହ ମନ୍ତ୍ରୀ କେ.ଏସ୍‌. ଈଶ୍ୱରାପ୍ପାଙ୍କ ସମ୍ପୃକ୍ତି ଅଭିଯୋଗକୁ ନେଇ ତାଙ୍କ ଉପରେ ଇସ୍ତଫା ଚାପ ବଢ଼ିବାରେ ଲାଗିଛି। ମୃତକଙ୍କ ପରିବାରର ଏତଲା କ୍ରମେ କର୍ନାଟକ ପୋଲିସ ଗ୍ରାମାଞ୍ଚଳ ଓ ପଞ୍ଚାୟତିରାଜ ମନ୍ତ୍ରୀ ଈଶ୍ୱରାପ୍ପାଙ୍କ ବିରୋଧରେ ଆତ୍ମହତ୍ୟା ପାଇଁ ବାଧ କରିବା ଅଭିଯୋଗରେ ମାମଲା ରୁଜୁ କରିଛି। ବିବାଦରେ ଛନ୍ଦି ହୋଇପଡ଼ିଥିବା ଈଶ୍ୱରପ୍ପା ଶୁକ୍ରବାର ସନ୍ଧ୍ୟାରେ ମନ୍ତ୍ରୀ ପଦରୁ ଇସ୍ତଫା ଦେବେ ବୋଲି ସୂଚନା ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ ସନ୍ତୋଷ ଗ୍ରାମାଞ୍ଚଳ ବିକାଶ ଓ ପଞ୍ଚାୟତିରାଜ ବିଭାଗରେ ୪ କୋଟି ଟଙ୍କାର କାର୍ଯ୍ୟ କରିଥିଲେ। ବିଲ୍‌ ମଞ୍ଜୁର ପାଇଁ ମନ୍ତ୍ରୀଙ୍କ ସହଯୋଗୁ ୪୦ ପ୍ରତିଶତ କମିଶନ ଦାବି କରୁଥିବା ସେ ଅଭିଯୋଗ ଆଣିଥିଲେ। ହ୍ୱାଟ୍ସଆପ୍‌ ବାର୍ତ୍ତା ଜରିଆରେ ଏ ସମ୍ପର୍କରେ ସେ ତାଙ୍କ ବନ୍ଧୁମାନଙ୍କୁ ଜଣାଇବା ସହ ଆତ୍ମହତ୍ୟା କରିବେ ବୋଲି କହିଥିଲେ। ଗତ ମଙ୍ଗଳବାର ସକାଳେ ଉଡୁପିର ଏକ ଲଜ୍‌ରୁ ଭାଜପା କର୍ମୀ ତଥା ୩୭ ବର୍ଷୀୟ ଠିକାଦାରଙ୍କ ମୃତଦେହ ମିଳିଥିଲା। ତେବେ ସନ୍ତୋଷଙ୍କ ଆତ୍ମହତ୍ୟା ସହ ସମ୍ପୃକ୍ତିକୁ ମନ୍ତ୍ରୀ ଅସ୍ୱୀକାର କରିବା ସହ ଇସ୍ତଫା ଦେବାର ପ୍ରଶ୍ନ ଉଠୁନାହିଁ ବୋଲି ବୁଧବାର କହିଥିଲେ। ପ୍ରାଥମିକ ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ ଗଣମାଧ୍ୟମକୁ କହିଥିଲେ। ତଦନ୍ତ ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ସେ କହିଥିଲେ।



କେ.ଏସ୍‌. ଈଶ୍ୱରାପ୍ପା

## ଯଶିପୁର ଦିବ୍ୟାଙ୍ଗ ଆଦିବାସୀ ଛାତ୍ରୀ ବଳାତ୍କାର ଘଟଣା

# କେନ୍ଦ୍ର ଆଦିବାସୀ ମନ୍ତ୍ରୀଙ୍କୁ ସମାଜବାଦୀ ପାର୍ଟି ପକ୍ଷରୁ ଚିଠି

**ଭୁବନେଶ୍ୱର,୧୪।୪ (ବ୍ୟୁରୋ)**

ମୟୂରଭଞ୍ଜ ଜିଲା ଯଶିପୁର ଅଞ୍ଚଳର ଦିବ୍ୟାଙ୍ଗ ଆଦିବାସୀ ଛାତ୍ରୀ ବଳାତ୍କାର ଘଟଣାର ୧୫ ଦିନ ପରେ ମଧ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିପାରି ନାହିଁ। ଏହା ଅତ୍ୟନ୍ତ ଲଜ୍ଜା ଓ ଦୁଃଖର ବିଷୟ ବୋଲି ସମାଜବାଦୀ ପାର୍ଟି ପକ୍ଷରୁ କୁହାଯାଇଛି। ପାର୍ଟିର ରାଜ୍ୟ ସଭାପତି ରବି ବେହେରା ଏନେଇ ଉଦ୍‌ବେଗ ପ୍ରକାଶ କରିବା ସହ ପୀଡିତାଙ୍କୁ ନ୍ୟାୟ ଦେବାକୁ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କୁ ଚିଠି ଲେଖି ତ୍ୱରିତ ପଦକ୍ଷେପ ପାଇଁ ଦାବି କରିଛନ୍ତି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ସହ ଦିବ୍ୟାଙ୍ଗ ନାବାଳିକାଟିର ସମସ୍ତ ଚିକିତ୍ସା ଖର୍ଚ୍ଚ ଓ ତା'ର ଭବିଷ୍ୟତକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସମସ୍ତ ପଢାଖର୍ଚ୍ଚ ବହନ କରନ୍ତୁ। ଜାତୀୟ ଆଦିବାସୀ କମିଶନ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି ପୀଡିତା ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ କରନ୍ତୁ ବୋଲି ବେହେରା ଦାବି କରିଛନ୍ତି। ଅପରପକ୍ଷେ, ଘଟଣା ସ୍ଥଳ କେନ୍ଦ୍ର ଆଦିବାସୀ ବ୍ୟାପାର ରାଜ୍ୟମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ସଂସଦୀୟ କ୍ଷେତ୍ର ହୋଇଥିବାରୁ ତଦନ୍ତର ଗତି ନେଇ ବେହେରା ମନ୍ତ୍ରୀଙ୍କୁ ସମାଲୋଚନା କରିଛନ୍ତି।

# ପିସିସି ସଭାପତି ପରିବର୍ତ୍ତନ ନେଇ ମୁହଁ ଖୋଲିଲେ ନିରଞ୍ଜନ

**ଭୁବନେଶ୍ୱର,୧୪।୪ (ବ୍ୟୁରୋ)**

- ଏଆଇସିସିଙ୍କ ସଦ୍‌ବୁଦ୍ଧି ଥିବ, ଉପଯୁକ୍ତ ବ୍ୟକ୍ତିଙ୍କୁ ଦାୟିତ୍ୱ ଦେବେ
- ନିରଞ୍ଜନ ଦଳ ସମ୍ଭାଳିବାକୁ ଅସମର୍ଥ: ଶରତ
- ମାସ ଶେଷ ସୁଦ୍ଧା ସଭାପତି ପଦର ନବକଳେବର: ମୋକିମ

ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି)ର ଅନୁମତି ପରେ ଓଡିଶା ପ୍ରଦେଶ କଂଗ୍ରେସ କମିଟି (ଓପିସିସି) ସଭାପତି ପରିବର୍ତ୍ତନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାକୁ ନେଇ କଂଗ୍ରେସ ଶିବିର ଚଳଚଞ୍ଚଳ ରହିଥିବାବେଳେ ଗୁରୁବାର ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମୁହଁ ଖୋଲିଛନ୍ତି। ନିରଞ୍ଜନ କହିଛନ୍ତି, ଜଣେ ଯଦି ସଭାପତି ହେବ, ସେ କ'ଣ ସବୁଦିନ ପାଇଁ ସଭାପତି ହୋଇ ରହି ପାରିବ! କଂଗ୍ରେସରେ ଦୁଇତିନି ବର୍ଷ ଅନ୍ତରାଳରେ ପିସିସି ସଭାପତି ପରିବର୍ତ୍ତନ ହୁଏ। ରାଜ୍ୟ କଂଗ୍ରେସରେ ଏହି ପରିବର୍ତ୍ତନର ଆବଶ୍ୟକତା ରହିଛି। ଏହି ପରିବର୍ତ୍ତନ ଯେତେଶୀଘ୍ର ହେବ ସେତେ ଭଲ। ସେହିପରି ନିଜ ଇସ୍ତଫା ନେଇ ନିରଞ୍ଜନ କହିଛନ୍ତି, ୨୦୧୯ରେ ଇସ୍ତଫା ଦେଇ ସାରିଛି। ଏକଥା ମୁଁ ଅସ୍ୱୀକାର କରୁନି। ତେବେ ସଭାପତି ନିଷ୍ପତ୍ତି କେବେ ହେବ, ତାହା ଏଆଇସିସି ଉପରେ ନିର୍ଭର କରେ। ଯିଏ ଦଳକୁ ସମ୍ଭାଳି ପାରିବ ଓ ଦଳକୁ ଆହୁରି ଆଗକୁ ନେଇ ପାରିବ ସେପରି ଲୋକ ଦଳ ନେତୃତ୍ୱ ନେଲେ ଭଲ। ଆମ କଂଗ୍ରେସ ନେତାଙ୍କର ଥିବ ଯଦି ସଦ୍‌ବୁଦ୍ଧି ଥିବ, ତେବେ ଉପଯୁକ୍ତ ବ୍ୟକ୍ତିକୁ ଦାୟିତ୍ୱ ଦେବେ।



ନିରଞ୍ଜନ ପଟ୍ଟନାୟକ

ଅପରପକ୍ଷରେ ପିସିସି ପୂର୍ବତନ ସଭାପତି ଜୟଦେବ ଜେନା କହିଛନ୍ତି, ନିରଞ୍ଜନ ୨ଥର ଇସ୍ତଫା ଦେଇଥିବା କହିଛନ୍ତି। ହେଲେ କେଉଁ କାରଣରୁ ସେ ଇସ୍ତଫା ଦେଇଛନ୍ତି ଓ କାହିଁକି ଏଆଇସିସି ଇସ୍ତଫା ଗ୍ରହଣ କରିନାହାନ୍ତି, ତାହା କେବଳ ନିରଞ୍ଜନ ସ୍ପଷ୍ଟ କରିପାରିବେ। ସେହିପରି ଏଆଇସିସି ସମ୍ପାଦକ ଶରତ ରାଉତ ନିରଞ୍ଜନଙ୍କୁ ସମାଲୋଚନା କରି କହିଛନ୍ତି, ନିରଞ୍ଜନ ଦଳ ସମ୍ଭାଳିବାକୁ ଅସମର୍ଥ। ଇସ୍ତଫା ଦେଇଛନ୍ତି କି ନାହିଁ, କେହି ବି ତାଙ୍କୁ ଏ ବିଷୟରେ ପ୍ରଶ୍ନ କରିନାହାନ୍ତି, ସେ ନିଜେ ଏହି ବିଷୟରେ କହି ବୁଲୁଛନ୍ତି।

ପିସିସି ପରିବର୍ତ୍ତନ ନେଇ ରାଜ୍ୟ ପ୍ରଭାରୀ ଡ. ଏ. ଚେଲ୍ଲାକୁମାରଙ୍କୁ ଏଆଇସିସି ଦାୟିତ୍ୱ ପ୍ରଦାନ କରିବା ପରେ ସେ ରାଜ୍ୟର ବରିଷ୍ଠ ନେତାଙ୍କ ସହ ଆଲୋଚନା କରି ମନୋନୟନ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଅତି ଶୀଘ୍ର ପିସିସି ପରିବର୍ତ୍ତନ ହେବାକୁ ଯାଉଥିବା ବେଳେ କଂଗ୍ରେସର ୯ ବିଧାୟକଙ୍କ ମଧ୍ୟରୁ ଜଣଙ୍କୁ କରାଯାଉ ବୋଲି ବିଧାୟକମାନେ ଦାବି କରୁଛନ୍ତି। ତେବେ ପୂର୍ବତନ ସଭାପତି ଜୟଦେବ ଜେନା ଓ ଶରତ ପଟ୍ଟନାୟକ ଏହି ପଦବୀ ଦୌଡ଼ରୁ ନିଜକୁ ଦୂରରେ ରଖିଥିବାବେଳେ ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ କହିଛନ୍ତି, ପ୍ରଭାରୀ ଓ ହାଇକମାଣ୍ଡଙ୍କ ନିଷ୍ପତ୍ତି ଉପରେ ପୂର୍ଣ୍ଣ ବିଶ୍ୱାସ ରହିଛି। ଯାହାବି ନିଷ୍ପତ୍ତି ନିଆଯିବ ତାହାକୁ ସମସ୍ତେ ଗ୍ରହଣ କରିବେ। ଚଳିତ ମାସ ଶେଷ ସୁଦ୍ଧା ସଭାପତି ପଦ ନବକଳେବର ହେବା ପାଇଁ ଯାଉଛି ବୋଲି ସେ ସ୍ପଷ୍ଟ କରିଛନ୍ତି।

# ଏଏପିରେ ପୂର୍ବତନ କଂଗ୍ରେସ ବିଧାୟକ ରାଜଗୁରୁ

**ଲୁଧିଆନା,୧୪।୪**

ଗୁଜରାଟ କଂଗ୍ରେସର ପୂର୍ବତନ ବିଧାୟକ ଇନ୍ଦ୍ରନୀଲ ରାଜଗୁରୁ ଗୁରୁବାର ଆମ୍‌ ଆଦ୍‌ମୀ ପାର୍ଟି (ଏଏପି)ରେ ସାମିଲ ହୋଇଛନ୍ତି। ଲୋକଙ୍କ ସେବା କରିବା ପାଇଁ ଏବଂ ରାଜ୍ୟରୁ ଶାସକ ଭାଜପାକୁ କ୍ଷମତାଚ୍ୟୁତ କରିବା ଲାଗି ଏଏପି ସବୁଠୁ ଭଲ ବିକଳ୍ପ ବୋଲି ରାଜଗୁରୁ କହିଛନ୍ତି। ଏହି ଅବସରରେ ସେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଏଏପି ନେତା ଅରବିନ୍ଦ କେଜ୍‌ରିୱାଲଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି। ସେ ନିଜ ଦଳ ପାଇଁ ନୁହେଁ, ଦିଲ୍ଲୀ ଜନସାଧାରଣଙ୍କ ପାଇଁ ଲଢ଼େଇ କରୁଥିବା ରାଜଗୁରୁ କହିଛନ୍ତି। ସେ ଆରମ୍ଭରୁ କଂଗ୍ରେସରେ ରହିଥିଲେ। ଭାଜପା ଲୋକଙ୍କୁ ବୋକା ବନାଇ ଦୀର୍ଘବର୍ଷ ହେବ ରାଜ୍ୟରେ ଶାସନ କରୁଥିବାବେଳେ ବିକଳ୍ପ ଭାବେ ଉଭା ହେବାର କ୍ଷମତା କଂଗ୍ରେସ ହରାଇଛି। ଏପରିକି ଭାଜପାକୁ ହରାଇବାର ଇଚ୍ଛାଶକ୍ତି ମଧ୍ୟ ଏହି ଦଳରେ ନାହିଁ ବୋଲି ସେ କହିଛନ୍ତି। ୨୦୧୨ରେ ରାଜଗୁରୁ ରାଜକୋଟ-ପୂର୍ବ ଆସନରୁ କଂଗ୍ରେସ ଟିକେଟରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୧୭ରେ ସେ ନିଜ ଆସନ ଛାଡ଼ି ରାଜକୋଟ-ପଶ୍ଚିମରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀଙ୍କ ବିରୋଧରେ ଲଢ଼ି ହାରିଯାଇଥିଲେ। ସାଂଗଠନିକ କାର୍ଯ୍ୟରେ ଅସନ୍ତୁଷ୍ଟ ରାଜଗୁରୁ ୨୦୧୮ରେ କଂଗ୍ରେସରୁ ଇସ୍ତଫା ଦେଇଥିଲେ। ୨୦୧୯ରେ ସେ ପୁଣି ଥରେ କଂଗ୍ରେସକୁ ଫେରିଥିଲେ।

# 'ଜିଲାପରିଷଦ ସଭ୍ୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ'

**ବାହାନଗା, ୧୪।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ନୂଆପୁର ପଞ୍ଚାୟତରେ ଗତ ୧୧ତାରିଖରେ ଅନୁଷ୍ଠିତ ପଞ୍ଚାୟତ ବୈଠକକୁ ୧୮ ନଂ. ଜିଲା ପରିଷଦ ସଭ୍ୟ ନୀଳାମ୍ବର ମହାଳିକଙ୍କୁ ଡକା ନ ଯିବାରୁ ଗଣ୍ଡଗୋଳ ସୂତ୍ରପାତ ହୋଇଥିଲା। ପରେ ଜିଲାପରିଷଦ ସଭ୍ୟ ମହାଳିକ କାର୍ଯ୍ୟନିର୍ବାହୀ ଅଧିକାରୀ ବିନୋଦ ସିଂଙ୍କଠାରୁ ପଞ୍ଚାୟତ ନୋଟିସ୍‌ ଖାତା ଓ ସଭା ବହି ଛଡାଇ ନେଇ ପଳାଇଯାଇଥିଲେ । ସରପଞ୍ଚ ଓ ଅନ୍ୟ ୱାର୍ଡସଭ୍ୟଙ୍କ ଉପସ୍ଥିତିରେ ପଞ୍ଚାୟତ ଚଳାଇ ନ ଦେବାକୁ ଧମକ ଦେଇ ଚାଲିଯାଇଥିଲେ ବୋଲି ସରପଞ୍ଚ ଅଟଳ ବିହାରୀ ରାଉତ ଅଭିଯୋଗ କରି ଏକ ଖବରଦାତା ସମ୍ମିଳନୀରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ସରପଞ୍ଚ ରାଉତଙ୍କ ସମେତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିନୋଦ ସିଂ ଓ ୱାର୍ଡ ସଭ୍ୟାସଭ୍ୟଙ୍କ ଉପସ୍ଥିତିରେ ପଞ୍ଚାୟତ ବୈଠକ ବସିଥିଲା। ଏହି ସମୟରେ ଜିଲାପରିଷଦ ସଭ୍ୟ ମହାଳିକ ପହଞ୍ଚି ତାଙ୍କୁ ଡକା ନ ଯିବା କାରଣ ପଚାରିଥିଲେ। ଏଥିନେଇ ସରପଞ୍ଚ ଓ ଜିଲାପରିଷଦ ସଭ୍ୟଙ୍କ ମଧ୍ୟରେ ଯୁକ୍ତିତର୍କ ଲାଗିବା ସହିତ ଗଣ୍ଡଗୋଳ ହୋଇଥିଲା। ପରେ ଜିଲାପରିଷଦ ସଭ୍ୟ ମହାଳିକ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କଠାରୁ ପଞ୍ଚାୟତ ନୋଟିସ୍‌ ଖାତା ଓ ସଭା ବହିକୁ ଛଡାଇ ନେଇ ପଳାଇଯାଇଥିଲେ। ସରପଞ୍ଚ ରାଉତ ଏ ସମ୍ପର୍କରେ ବିଡିଓ ଗୌରାଙ୍ଗ ଚନ୍ଦ୍ର ଘୋଷ ଓ ଗୋପାଳପୁର ଫାଣ୍ଡିରେ ଅଭିଯୋଗ କରିବା ସହ ବାଲେଶ୍ୱର ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କଠାରେ ଅଭିଯୋଗ କରିଥିବା କରିଛନ୍ତି । ଏ ସମ୍ପର୍କରେ ଜିଲା ପରିଷଦ ସଭ୍ୟ ମହାଳିକ କହିଛନ୍ତି, ସେ କୌଣସି ନୋଟିସ୍‌ ଖାତା କି ବହି ଛଡାଇନାହାନ୍ତି। ତାଙ୍କ ବିରୋଧରେ ଆସିଥିବା ଆରୋପ ସମ୍ପୂର୍ଣ୍ଣ ମିଥ୍ୟା।

# ତଦନ୍ତ ନ କଲେ ସପ୍ତାହେ ପରେ ପୁଣି ମନେପକାଇଦେବି: ଅପରାଜିତା

**ଭୁବନେଶ୍ୱର,୧୪।୪(ବ୍ୟୁରୋ)**

**ପ୍ରତିଷ୍ଠା ଦିବସରେ ଏମ୍‌ପିଙ୍କୁ ଡକା ନ ଯିବା ଘଟଣା**

ରାଜଧାନୀ ଭୁବନେଶ୍ୱରର ୭୪ତମ ପ୍ରତିଷ୍ଠା ଦିବସରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କୁ ଡକା ନ ଯିବା ଘଟଣାକୁ ନେଇ ରାଜନୀତି ବଢ଼ିବାରେ ଲାଗିଛି। ଅପରାଜିତା ଏକଥାକୁ ସହଜରେ ଗ୍ରହଣ କରିପାରିନାହାନ୍ତି। ପ୍ରଥମେ ବୁଧବାର ଟୁଇଟ୍‌ କରି ତାଙ୍କୁ କାହିଁକି ଡକାଗଲା ନାହିଁ, କ'ଣ ଭୁଲ୍‌ ରହିଲା ବୋଲି ପଚାରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ଗୁରୁବାର ଉକ୍ତ ଘଟଣାରେ ଅପରାଜିତା ପୁଣିଥରେ ଟୁଇଟ୍‌ କରି ରାଜଧାନୀବାସୀ ସରକାରଙ୍କ ଜବାବକୁ ଅପେକ୍ଷା କରିଛନ୍ତି। ଯଦି ଏହି ଘଟଣାର ତଦନ୍ତ ନ ହୁଏ ତେବେ ସପ୍ତାହେ ପରେ ପୁଣିଥରେ ମନେପକାଇବେ ବୋଲି ମଧ ସେ ଉଲ୍ଲେଖ କରିଛନ୍ତି। ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଟୁଇଟ୍‌ କରି ନିଜ ମନର ବ୍ୟଥା ବିଷୟରେ ଜଣାଇବା ପରେ ଏମ୍‌ପି ପୁଣି ଗୁରୁବାର ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ସେ ମୁଖ୍ୟମନ୍ତ୍ରୀଙ୍କୁ ଦେଇଥିବା ଚିଠିକୁ ଟ୍ୟାଗ୍‌କରି ତୁରନ୍ତ ଏହି ଘଟଣାର ତଦନ୍ତ କରାଯିବ ବୋଲି ଆଶା ରଖିଥିବା ଉଲ୍ଲେଖ କରିଛନ୍ତି। ସେ ମୁଖ୍ୟମନ୍ତ୍ରୀଙ୍କୁ ଦେଇଥିବା ଚିଠିରେ ଉଲ୍ଲେଖ କରିଥିଲେ ଯେ, ଭୁବନେଶ୍ୱରରୁ ଲୋକ ସଭାକୁ ନିର୍ବାଚିତ ହୋଇଥିବାରୁ ରାଜଧାନୀ ପ୍ରତିଷ୍ଠା ଦିବସକୁ ନିମନ୍ତ୍ରିତ ହେବା ତାଙ୍କର ଅଧିକାର। ତାଙ୍କୁ କାହିଁକି ଏଥିରୁ ବାଦ୍‌ ଦିଆଗଲା, ତା'ର ବିଧିବଦ୍ଧ ତଦନ୍ତ ଆବଶ୍ୟକ। ଏମ୍‌ପିଙ୍କୁ ଡକା ନ ଯିବା ପଛରେ କେଉଁ ବ୍ୟକ୍ତି ଉତ୍ତରଦାୟୀ। ତଦନ୍ତ କରି ତାଙ୍କୁ ବାହାର କରିବାକୁ ସେ ଚିଠିରେ ଉଲ୍ଲେଖ କରିଛନ୍ତି। ଏପରିକି ମୁଖ୍ୟମନ୍ତ୍ରୀଙ୍କଠାରୁ ଚିଠିର ପ୍ରତ୍ୟୁତ୍ତର ମଧ ଆଶା କରିଛନ୍ତି। କାରଣ ତାଙ୍କୁ ଭୋଟ ଦେଇଥିବା ରାଜଧାନୀବାସୀ ଏହାର କାରଣ ଜାଣିବାକୁ ଚାହୁଁଛନ୍ତି ବୋଲି ଅପରାଜିତା ତାଙ୍କ ଚିଠିରେ ଉଲ୍ଲେଖ କରିଥିଲେ।



# ଏମ୍‌ପିଙ୍କ ଅଜାଣତରେ ବ୍ଲକ ପ୍ରତିନିଧି ଚୟନ

**ସମ୍ବଲପୁର,୧୪।୪(ବ୍ୟୁରୋ)**

- ଭାଜପା ଶିବିରରେ ହଇଚଇ
- ପୂର୍ବରୁ ହୋଇଥିଲା ଏଭଳି ଘଟଣା

ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବଙ୍କ ଅଜାଣତରେ ଯୁଯୁମୁରା ବ୍ଲକ ପାଇଁ ପ୍ରତିନିଧି ଚୟନ କରାଯାଇଛି। ଏ ନେଇ ଏମ୍‌ପି ଗଙ୍ଗଦେବ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଜଣେ ଭାଜପା କର୍ମୀ ଲେଟରପ୍ୟାଡ ରଖି ଏଭଳି କରୁଥିବା ସେ କହିଛନ୍ତି। ସେ ଆହୁରି କହିଛନ୍ତି, ଦେବେନ୍ଦ୍ର ମହାପାତ୍ର ଯୁଯୁମୁରା ବ୍ଲକ ପ୍ରତିନିଧି ରହିଛନ୍ତି। ସେ କାହାକୁ ନୂତନ ଭାବେ ନିଯୁକ୍ତି ଦେଇନାହାନ୍ତି। ସସ୍ମିତା ଦେହୁରିଙ୍କୁ ସେ ଜାଣିନାହାନ୍ତି କିମ୍ବା ପ୍ରତିନିଧି ଭାବେ ନିଯୁକ୍ତ କରି ନ ଥିବା କହିଛନ୍ତି। ଏମ୍‌ପିଙ୍କ ଏଭଳି ବୟାନକୁ ନେଇ ଭାଜପା ଶିବିରରେ ହଇଚଇ ସୃଷ୍ଟି ହୋଇଛି। ଏମ୍‌ପିଙ୍କ ଅଜାଣତରେ କିଭଳି ଲେଟରପ୍ୟାଡ ବ୍ୟବହାର କରାଗଲା, ଚିଠି ନେଇ ସସ୍ମିତା କିଭଳି ସମିତି ବୈଠକରେ ଯୋଗଦାନ କଲେ ବୋଲି ଦଳୀୟ କର୍ମକର୍ତ୍ତା ପ୍ରଶ୍ନ କରୁଛନ୍ତି। ବୁଧବାର ହୋଇଥିବା ସମିତି ବୈଠକରେ ନିର୍ବାଚିତ ଜନପ୍ରତିନିଧି ବିଡିଓଙ୍କ ପାଖରେ ଏହି ଅଭିଯୋଗ କରିଥିଲେ। ପୂର୍ବରୁ ମଧ ଏଭଳି ହୋଇଥିଲା। ବ୍ଲକ ପ୍ରତିନିଧି ଭାବେ ଯୁଯୁମୁରା ପଞ୍ଚାୟତ ସମିତି ସଭ୍ୟ ତଥା ଡଙ୍ଗାପାଲ ଗ୍ରାମର ଜୟନ୍ତ ପ୍ରଧାନଙ୍କ ନାମ ଏମ୍‌ପିଙ୍କ ଲେଟରପ୍ୟାଡରେ ରହିଥିବା ପତ୍ର ବିଡିଓଙ୍କୁ ଦିଆଯାଇଥିଲା। ଏମ୍‌ପି ଗଙ୍ଗଦେବ ଏହା ଜାଲିଆତି ହୋଇଥିବା ଓ ସେ ଜୟନ୍ତଙ୍କୁ ନିଯୁକ୍ତ କରି ନ ଥିବା ସୂଚନା ଦେଇଥିଲେ। ଯୁଯୁମୁରା ବ୍ଲକର କେତେଜଣ ଭାଜପା ନେତା ଏହି ଘଟଣା ନେଇ ଜିଲା ଓ ରାଜ୍ୟସ୍ତରୀୟ ନେତାଙ୍କ ପାଖରେ ଫେରାଦ ହୋଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, କେବଳ ପ୍ରତିନିଧି ଚୟନରେ ନୁହେଁ, ଲେଟରପ୍ୟାଡ ଓ ଅନ୍ୟ ଅସାମାଜିକ କାମରେ ମଧ ବ୍ୟବହାର ହେଉଛି। ଏଥିରେ ଦଳ ଓ ନେତାଙ୍କ ଛବି ଖରାପ ହେଉଛି। ଏମ୍‌ପି ଏଥିପ୍ରତି ଗୁରୁତ୍ୱ ଦେବାକୁ ଦାବି ହେଉଛି।

ସୂଚନାଥାଉ କି କଂଗ୍ରେସ ନେତ୍ରୀ ସସ୍ମିତା ଦେହୁରି କିଛିଦିନ ପୂର୍ବରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦିଲ୍ଲୀରେ ଭେଟିଥିଲେ। ସେହି ସମୟରେ ଭାଜପା ନେତା ଦେବେନ୍ଦ୍ର ମହାପାତ୍ର, ସମିତି ସଭ୍ୟ ଜୟନ୍ତ ପ୍ରଧାନଙ୍କ ସମେତ କେତେଜଣ ସମର୍ଥକ ଉପସ୍ଥିତ ଥିଲେ। ଗଣମାଧ୍ୟମକୁ ସୂଚନା ଦେଇ ସସ୍ମିତା କହିଥିଲେ, ଏହା ସାକ୍ଷାତକାର ଥିଲା। ମନ୍ତ୍ରୀ ପ୍ରଧାନଙ୍କ ସମ୍ବଲପୁର ଗସ୍ତ ସମୟରେ ବିଶାଳ କାର୍ଯ୍ୟକ୍ରମ କରି ଯୋଗଦାନ କରିବେ ବୋଲି କହିଥିଲେ। ହେଲେ ଭାଜପା ପକ୍ଷରୁ ତାଙ୍କୁ ଯୁଯୁମୁରା ବ୍ଲକ ପ୍ରତିନିଧି କରିବେ ବୋଲି ପ୍ରତିଶ୍ରୁତି ଦେଇ ଦଳରେ ସାମିଲ କରିବାକୁ ପ୍ରଲୋଭନ ଦେଖାଇଥିଲେ ବୋଲି ଆଲୋଚନା ହୋଇଥିଲା। ଏହା ପ୍ରଚାର ହେବା ପରେ ଭାଜପା ପକ୍ଷରୁ ବିରୋଧ କରାଯାଇଥିଲା। ସସ୍ମିତାଙ୍କ ନାମରେ ଦିଆଯାଇଥିବା ଲେଟରପ୍ୟାଡରେ ୨୦୨୨ ଏପ୍ରିଲ ୧୧ ତାରିଖ ପତ୍ର ସଂଖ୍ୟା ସମ୍ବଲପୁର ୦୨୭/୨୨ ବୋଲି ଉଲ୍ଲେଖ ରହିଛି।



Nitesh Ganga Deb
MEMBER OF PARLIAMENT
LOK SABHA
Sambalpur Constituency, Odisha

Member:
Standing Committee on Defence
Consultative Committee on Coal & Mines

12-A, Windsor Place
New Delhi-110001

Letter no. - SBP 027/22 Dt - 11th April 2022

To,
The Block Development Officer, Jujomura,
Dist : Sambalpur

Sub : Appointment of representative on my behalf to attend meetings at Block level.

Dear Sir,

With reference to above cited subject, Mrs. Sasmita Rani Dehuri, wife of Parkhita Naik, r/o Kushanpuri, Kukudapali, P.S. Sadar, District : Sambalpur, Mob : 6370377153, has been nominated to attend all the meetings and development work held in block level on my behalf during my absent period, as I am not able to attend the same at every time due to exigencies of my services at other sector.

This is for your information and necessary action.

Thanking you.

11/04/2022
Nitesh Ganga Deb
MEMBER OF PARLIAMENT
LOK SABHA
3, Sambalpur Constituency

Palace, AT/PO/Dist. Deogarh, Odisha, Pin-768108, E-mail : nitesh.gangadeb@sansad.nic.in

ଏମ୍‌ପିଙ୍କ ଜାଲିଆତି ଲେଟରପ୍ୟାଡ।

**RURAL WORKS DIVISION No.-II, KEONJHAR**

**"e" Procurement Notice for Road Works**

**Identification No. Online NCB - 01/2022-23**

No. O-56

1. Name of the work : 01 No. Road Works
2. Total Number of Work : 01 No.
3. Estimated Cost : Rs.65.77 lakhs
4. Class of Contractor : As per Annexure
5. Period of Completion : As per Annexure
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Date & Time of Opening of Tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, R.W. Divn. No.-II, Keonjhar | Road Works Online N.C.B. 01/2022-23 | Dt.18.04.2022 at 10.00 A.M. | Dt.28.04.2022 upto 1.30 P.M. | Dt.28.04.2022 at 4.30 P.M. |

Further details can be seen from the website **www.tenderorissa.gov.in**.

**Sd./- Superintending Engineer**
**R.W. Divn. No.-II, Keonjhar**
**OIPR - 25093/11/0001/2223**

**Government of Odisha**
**Office of the Chief Construction Engineer**
**RURAL WORKS CIRCLE, Bhawanipatna**

**NOTICE**

**FOR PRADHAN MANTRI GRAM SADAK YOJANA (PMGSY)**
**NATIONAL COMPETITIVE BIDDING THROUGH**
**e-Procurement Notice for PMGSY-III. Batch-III (2021-22)**
**Package Bid identification No. BPT/Online-01/2022-23**

**No.O-55:The Chief Construction Engineer, R. W. Circle, Bhawanipatna on behalf of Odisha State Rural Road Agency invites the percentage rate** bids in electronic tendering system for construction of roads under Pradhan Mantri Gram Sadak Yojana in the districts of **Kalahandi and Nuapada for 65** (Sixty five) number of package with estimated cost totaling to **Rs.284.29 Cr** including their maintenance for five years from the eligible contractors registered with **State PWD / CPWD / MES / Railways**. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

Date of release of Invitation for Bids through e-procurement. dtd.**18.04.2022**

**Availability of Bid Documents and mode of submission:** The bid document is available online and should be submitted online in www.pmgsytenders.gov.in. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved format (c) original affidavit regarding correctness of information furnished with bid document as per provisions of Clause 4.4B(a) (ii) of ITB with **C.C.E., R. W. Circle, Bhawanipatna/** Concerned Executive Engineers, R.W.Division (as per Tender Call Notice) on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.

**Last Date/ Time for receipt of bids through e-procurement: 10.05.2022 upto 5.00 PM**.

For further details please log on to www.pmgsytenders.gov.in.

**Sd./- Chief Construction Engineer**
**R.W.Circle, Bhawanipatna**
**OIPR-25102/11/0001/2223**

## ସଂକ୍ଷେପରେ

### 'ଝାଡ଼ଖଣ୍ଡ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଦକ୍ଷତା ବିକାଶର ଅଗ୍ରଣୀ କେନ୍ଦ୍ର ହେବ'

ଭୁବନେଶ୍ୱର, ୧୪।୪(ବ୍ୟୁରୋ)
ବୈଷୟିକ ଓ ଧନ୍ଦାମୂଳକ ଶିକ୍ଷା କ୍ଷେତ୍ରରେ ପାରସ୍ପରିକ ସହଯୋଗ ପାଇଁ ସୁଯୋଗ ଚିହ୍ନଟ କରିବା ଏବଂ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଝାଡ଼ଖଣ୍ଡ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଏବଂ ଦକ୍ଷତା ବିକାଶ ଓ ଉଦ୍ୟୋଗ ମନ୍ତ୍ରଣାଳୟ ଅଧୀନ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଣ୍ଟରପ୍ରେନ୍ୟୁରଶିପ୍ ଆଣ୍ଡ୍ ସ୍ମଲ୍ ବିଜନେସ୍ ଡେଭଲପ୍‌ମେଣ୍ଟ(ଏନ୍‌ଆଇଇଏସ୍‌ବିୟୁଡି) ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ମନ୍ତ୍ରଣାଳୟ ସଚିବ ରାଜେଶ ଅଗ୍ରୱାଲଙ୍କ ଉପସ୍ଥିତିରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର କ୍ଷିତି ଭୂଷଣ ଦାସ, ଶକ୍ତି ଇଞ୍ଜିନିୟରିଂ ବିଭାଗ ମୁଖ୍ୟ ଡ. ଦେବଦାସ ଲତା ଏବଂ ଏନ୍‌ଆଇଇଏସ୍‌ବିୟୁଡିର ନିର୍ଦ୍ଦେଶକ ଡ. ପୁନମ ସିହ୍ନା ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଏହା ୫ବର୍ଷ ପାଇଁ ବୈଧ ହେବ। ଏହି ଅବସରରେ କୁଳପତି ପ୍ରଫେସର ଦାସ କହିଲେ, ଝାଡ଼ଖଣ୍ଡ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଦକ୍ଷତା ବିକାଶର ଏକ ଅଗ୍ରଣୀ କେନ୍ଦ୍ର ହେବାକୁ ଯାଉଛି। ଏହାଦ୍ୱାରା ଯୁବ ଆଦିବାସୀ ଛାତ୍ରୀଛାତ୍ରଙ୍କୁ କ୍ଲଷ୍ଟର ବିକାଶ, କୃଷି ବ୍ୟବସାୟ, ସ୍ୱାସ୍ଥ୍ୟ ଏବଂ ସୁସ୍ଥତା, କ୍ଷୁଦ୍ର ଉଦ୍ୟୋଗ ପ୍ରତିଷ୍ଠା କରିବା ପାଇଁ ସଶକ୍ତ କରାଯାଇପାରିବ। ଚଳିତ ୨୦୨୨-୨୩ ଅଧିବେଶନରୁ ବିଶ୍ୱବିଦ୍ୟାଳୟରେ ଏହା ଆରମ୍ଭ ହେବ। ଏହି କାର୍ଯ୍ୟକ୍ରମରେ ଜାତୀୟ କ୍ଷୁଦ୍ର ଶିଳ୍ପ ବିକାଶ ସଙ୍ଗଠନ ଏବଂ କ୍ଷୁଦ୍ରଶିଳ୍ପ ବିକାଶ ବ୍ୟାଙ୍କ, ନାବାର୍ଡ ମଧ୍ୟ ସାମିଲ ହେବେ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ପ୍ରଫେସର ଦାସ ହେଉଛନ୍ତି ଦେଶରେ ଥିବା ୫୪ଟି କେନ୍ଦ୍ରୀୟ ବିବିଦ୍ୟାଳୟର କୁଳପତିମାନଙ୍କ ମଧ୍ୟରେ ଏକମାତ୍ର ଓଡ଼ିଆ କୁଳପତି।

### ପୂର୍ବ ଓଡ଼ିଶା ଧନୁଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ

ଜଟଣୀ,୧୪।୪(ଡିଏନ୍.ଏ.):
ଚଳିତ ବର୍ଷ ପୂର୍ବ ଓଡ଼ିଶା ଧନୁଯାତ୍ରା ଆଡ଼ମ୍ବରରେ ପାଳନ କରାଯିବ। ମହାବିଷୁବ ସଂକ୍ରାନ୍ତି ଅବସରରେ ଗୁରୁବାର ଧନୁଯାତ୍ରା ମହୋତ୍ସବ ନିମନ୍ତେ ପୁରୀ ଶ୍ରୀମନ୍ଦିରରୁ ଆଜ୍ଞାମାଳ ଅଣାଯାଇଛି। ଏହି ଆଜ୍ଞାମାଳକୁ ଶୋଭାଯାତ୍ରାରେ ଜଟଣୀ ସହର ପରିକ୍ରମା କରାଯିବା ପରେ ପାତ୍ରପଡ଼ାସ୍ଥିତ ଶ୍ରୀମଦନମୋହନ ଦେବଙ୍କ ମନ୍ଦିର ପରିକ୍ରମା କରାଯାଇଥିଲା। ପରେ ଧନୁଯାତ୍ରା ପଡିଆରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମ ଶା ଧନୁଯାତ୍ରା ମହୋତ୍ସବ କମିଟିର ନୂତନ ସଭାପତି ମନମୋହନ ରାଉତରାୟ, ଉପସଭାପତି ଅଭିମନ୍ୟୁ ପ୍ରଧାନ, ସମ୍ପାଦକ ଅଶୋକ ମଙ୍ଗରାଜ, ସହସମ୍ପାଦକ ଜୟନ୍ତ ପଲେଇ, କୋଷାଧ୍ୟକ୍ଷ କେଲୁଚରଣ ସାହୁ, କର୍ତ୍ତା ବାଇଧର ପ୍ରଧାନ ଓ କମିଟିର ସମସ୍ତ ସଭ୍ୟ ଯୋଗଦେଇଥିଲେ।

### ନୀଳାଦ୍ରି ବିହାରରେ ମହାବୀର ଜୟନ୍ତୀ

ଭୁବନେଶ୍ୱର, ୧୪।୪(ବ୍ୟୁରୋ):
ମହାବିଷୁବ ସଂକ୍ରାନ୍ତି ଅବସରରେ ଗୁରୁବାର ନୀଳାଦ୍ରି ବିହାରସ୍ଥିତ ସେକ୍ଟର-୨ ହନୁମାନ ମନ୍ଦିରରେ ମହାବୀର ଜୟନ୍ତୀ ପାଳିତ ହୋଇଯାଇଛି। ବୁଧବାର ସନ୍ଧ୍ୟାରେ ଯଥାବିଧି ରୀତିନୀତି ଅନୁସାରେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଗୁରୁବାର ସକାଳୁ ମହାପ୍ରଭୁଙ୍କ ପୂଜା ଆରମ୍ଭ କରାଯାଇ ଯଜ୍ଞ ଅନୁଷ୍ଠିତ ହୋଇ ସନ୍ଧ୍ୟା ୭ରେ ପୂର୍ଣ୍ଣାହୁତି ହୋଇଥିଲା। ଉତ୍ସବରେ ସ୍ଥାନୀୟ ଅଞ୍ଚଳର ଭକ୍ତମାନେ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ମହାବୀର କମିଟିର ସଦସ୍ୟମାନେ ସୂଚାରୁ ରୂପେ ପରିଚାଳନା କରିଥିଲେ। ରାତ୍ରିରେ ଭଜନ ସମାରୋହ ସହ ପ୍ରସାଦ ସେବନ କାର୍ଯ୍ୟକ୍ରମ ହୋଇଥିଲା।

# ରାଜେଶଙ୍କ ଘର ଭାଙ୍ଗିଲା ପୋଲିସ


ଅଭିଯୁକ୍ତ ରାଜେଶ୍‌ଙ୍କ ଘରେ ପୋଲିସ ଟିମ୍ ଯାଞ୍ଚ କରୁଛି।


ବେଆଇନ୍ ସାମଗ୍ରୀ ପୋତା ଯାଇଥିବା ସନ୍ଦେହରେ ଘର ଭିତରେ ଖୋଳାଯାଉଛି।

ଭୁବନେଶ୍ୱର,୧୪।୪ (ବ୍ୟୁରୋ):

- ମିଳିଲା ଏକାଧିକ ମାରଣାସ୍ତ୍ର, ନକଲି ବନ୍ଧୁକ
- ଖଣ୍ଡାରେ ହାଣି ଲୁଟୁଥିଲେ
- ଗ୍ୟାଙ୍ଗରେ ଅଛନ୍ତି ଏକାଧିକ ସଦସ୍ୟ



ରାଜଧାନୀରେ ମାରଣାସ୍ତ୍ର ଧରି ଆତଙ୍କ ସୃଷ୍ଟି କରିବା ସହ ଏହାର ଭିଡିଓ ଭାଇରାଲ କରି କିଛି ମାସ ତଳେ ଚର୍ଚ୍ଚାକୁ ଆସିଥିଲା କେବିଏନ୍ (କୋଇ ଭି ନହିଁ) ଗ୍ୟାଙ୍ଗ। କମିଶନରେଟ ପୋଲିସ ଏହି ଗ୍ୟାଙ୍ଗ୍‌ର ମୁଖ୍ୟ ବୁବୁ ଜେନାଙ୍କ ସମେତ ଏକାଧିକ ସଦସ୍ୟଙ୍କୁ ଗିରଫ କରି ଜେଲ ପଠାଇଥିବା ବେଳେ କେତେଜଣ ଅପରାଧୀଙ୍କ ଘର ଭାଙ୍ଗି ମାରଣାସ୍ତ୍ର ମଧ୍ୟ ଜବତ କରିଛି। ଏପରି ସ୍ଥିତିରେ ରାଜଧାନୀରେ ସକ୍ରିୟ ଥିବା ଆଉ ଏକ ଗ୍ୟାଙ୍ଗ୍ ପାଇଁ କମିଶନରେଟ ପୋଲିସର ଚିନ୍ତା ବଢ଼ାଇଛି। ଏହି ଗ୍ୟାଙ୍ଗ୍‌ର ସଦସ୍ୟମାନେ ଲୋକଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରି ଲୁଟପାଟ କରନ୍ତି। ତେବେ ଗ୍ୟାଙ୍ଗ୍‌ର ମୁଖ୍ୟ କୁହାଯାଉଥିବା ରାଜେଶ ମହାପାତ୍ରଙ୍କୁ ଧରିବାକୁ ପୋଲିସ ପ୍ରୟାସ ଆରମ୍ଭ କରିଛି। ତାଙ୍କ ଘର କ୍ୟାପିଟାଲ ଥାନା ଗଙ୍ଗନଗରସ୍ଥିତ ପିଚୁକୋଳି ବସ୍ତିରେ ଜଣାପଡ଼ିବା ପରେ ସ୍ୱତନ୍ତ୍ର ପୋଲିସ ଟିମ୍ ଗୁରୁବାର ଚଢ଼ାଉ କରି ଘର ଭାଙ୍ଗିଛି। ପୋଲିସ ତଲାସି କରି ତାଙ୍କ ଘରୁ ଗୋଟିଏ ଖେଳନା ବନ୍ଧୁକ, ଖଣ୍ଡା, ଭୁଜାଲି, ଚାପଡ ପ୍ରଭୃତି ମାରଣାସ୍ତ୍ର ଆଦି ଜବତ କରିଛି। ଅତିରିକ୍ତ ଡିସିପି ପ୍ରକାଶ ଚନ୍ଦ୍ର ପାଲଙ୍କ ନେତୃତ୍ୱରେ ଏହି ଟିମ୍ ଚଢ଼ାଉ କରିଥିଲା। ଅପରାହ୍ନ ୧ଟାରେ ପୋଲିସ ଟିମ୍ ବସ୍ତିରେ ଯାଇ ରାଜେଶଙ୍କ ଘର ଖୋଜିଥିଲା। ପୋଲିସ ଆସିବା ଖବର ପାଇ ରାଜେଶ ଓ ତାଙ୍କ ପରିବାର ଘର ଛାଡ଼ି ଫେରାର୍ ହୋଇଯାଇଥିଲେ। ରାଜେଶଙ୍କ ଘରର ସାମ୍ନା ପଟ କବାଟ ତାଲା ପଡ଼ିଥିବା ବେଳେ ବାଡ଼ି ପଟ କବାଟ ଖୋଲା ଥିଲା। ପୋଲିସ ପଛପଟ କବାଟ ଖୋଲି ଖାନ୍ ତଲାସି ଆରମ୍ଭ କରିଥିଲା। ଆଜବେଷ୍ଟସ ଭାଙ୍ଗି ପୋଲିସ ଖୋଜାଖୋଜି କରିଥିଲା। ମାରଣାସ୍ତ୍ର ଖୋଜିବା ପାଇଁ ପୋଲିସ ମେଟାଲ ଡିଟେକ୍ଟର୍ ମେଶିନ୍‌ର ସହାୟତା ଲୋଡ଼ିଥିଲା। ପୁରୁଣା ଟ୍ରଙ୍କରୁ ଖୋଲିବାରୁ ଏକ ଖେଳାନା ବନ୍ଧୁକ ମିଳିଥିଲା। ଏଥିସହ ସିମେଣ୍ଟ ଚଟାଣ ଖୋଳି ଛୁରି, ଭୁଜାଲି ଆଦି ମିଳିଥିଲା। ଅପରାହ୍ନ ପ୍ରାୟ ୩ଟା ୩୦ ବେଳେ ପୋଲିସ ଖାନ୍‌ତଲାସି କରି ଫେରିଥିଲା। ସେପଟେ ରାଜେଶଙ୍କ ପୈତୃକ ଘର ନୟାଗଡ଼ ହୋଇଥିବାବେଳେ ସେ ପରିବାର ସହ ସେଠାକୁ ଚାଲିଯାଇଥିବା ପୋଲିସ ସନ୍ଦେହ କରିଛି। ଗ୍ୟାଙ୍ଗର ସଦସ୍ୟମାନେ ଫେରାର ଥିବାରୁ ପୋଲିସ ସେମାନଙ୍କୁ ଧରିବାକୁ ଉଦ୍ୟମ କରୁଛି।

#### ୧୯ ବର୍ଷରୁ ଅପରାଧ ଜଗତରେ ପାଦ



ରାଜେଶ ୧୯ ବର୍ଷ ବୟସରେ ପ୍ରଥମେ ବିଭିନ୍ନ ଅପରାଧୀଙ୍କ ସହ ମିଶି ଲୁଟ୍‌ପାଟ କରିଥିଲେ। ଗତ ପ୍ରାୟ ମାସେ ହେବ ସେ ଏକ ନୂଆ ଗ୍ୟାଙ୍ଗ୍ କରିଥିଲେ। ଗ୍ୟାଙ୍ଗରେ ୩ରୁ ଅଧିକ ସଦସ୍ୟ ଥିଲେ। ଘରେ ମାରଣାସ୍ତ୍ର ଆଦି ରଖିଥିବାରୁ ବସ୍ତି ଲୋକ ତାଙ୍କୁ ଭୟ କରୁଥିଲେ। ଟିକେ ଟିକେ କଥାରେ ହାଣିଦେବାକୁ ଧମକ ଦେଉଥିଲେ। ଏପରିକି ନିଜ ବାପା ମା'ଙ୍କୁ ମଧ୍ୟ ମାନୁ ନ ଥିଲେ ରାଜେଶ।

#### ରାତିରେ ବ୍ୟବସାୟୀ, ପ୍ରାତଃ ଭ୍ରମଣରେ ଲୋକଙ୍କୁ ହାଣି ଲୁଟୁଥିଲେ

ଏହି ଗ୍ୟାଙ୍ଗ ବିଶେଷ କରି ରାତିରେ ଫେରୁଥିବା ବ୍ୟବସାୟୀ ଓ ପ୍ରାତଃ ଭ୍ରମଣରେ ଆସୁଥିବା ଲୋକଙ୍କୁ ଟାର୍ଗେଟ କରୁଥିଲେ। ଲୁଟ୍‌ପାଟ୍ ପାଇଁ ସେମାନେ ଛୋଟ ଗଳିକନ୍ଦି ରାସ୍ତାକୁ ବାଛୁଥିଲେ। ନିଛାଟିଆ ରାସ୍ତାରେ ଲୋକଙ୍କୁ ଦେଖି ପ୍ରଥମେ ବନ୍ଧୁକ ଓ ଭୁଜାଲି ଦେଖାଇ ଭୟଭୀତ କରୁଥିଲେ। ନ ମାନିଲେ ହାଣି ଲୁଟ୍‌ପାଟ କରୁଥିଲେ। ତେବେ ସେ ରାଜଧାନୀରେ କ୍ୟାପିଟାଲ, ଖାରବେଳନଗର, ନୟାପଲ୍ଲୀ ଓ ଶହୀଦନଗର ଆଦି ଥାନାରେ ୨୦ଟି ମାମଲାରେ ସମ୍ପୃକ୍ତ ଥିବା ପୋଲିସ କହିଛି।

#### ବୁଧବାର ବିଳମ୍ବିତ ରାତିରେ ଖସି ପଳାଇଥିଲେ

ଏକାଧିକ ସିସିଟିଭି ଫୁଟେଜ୍‌ରୁ ରାଜେଶଙ୍କ ଗ୍ୟାଙ୍ଗର ସମ୍ପୃକ୍ତି ଥିବା ଜଣାପଡ଼ିବା ପରେ ତାଙ୍କୁ ଧରିବାକୁ କମିଶନରେଟ ପୋଲିସ ଉଦ୍ୟମ କରିଥିଲା। ସ୍ପେଶାଲ ସ୍କ୍ୱାଡ୍ ପୋଲିସ ବିଳମ୍ବିତ ରାତିରେ ରାଜେଶଙ୍କୁ ଖୋଜାଖୋଜି କରୁଥିଲା। ତେବେ ଗଙ୍ଗନଗର ରାସ୍ତାରେ ରାଜେଶ ଏକ ବାଇକରେ ଜଣେ ସହଯୋଗୀଙ୍କ ସହ ଯାଉଥିବା ବେଳେ ପୋଲିସ ଟିମ୍ ତାଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲା। ହେଲେ ସେମାନେ ବାଇକକୁ ଛାଡ଼ି ସେଠାରୁ ଚାଲିଯାଇଥିଲେ। ତେବେ ଜବତ ହୋଇଥିବା ବାଇକଟି ଏକ ଚୋରା ବାଇକ ବୋଲି ଜଣାପଡ଼ିଛି।

## ସରିଲା ଶ୍ରେଷ୍ଠ ଓଡ଼ିଆଣୀ ମହୋତ୍ସବ

ଭୁବନେଶ୍ୱର,୧୪।୪(ବ୍ୟୁରୋ):

ଶେଷ ହେଲା ଓଡ଼ିଆଣୀ ମହୋତ୍ସବ। ଓଡ଼ିଆଙ୍କର ନୂଆବର୍ଷ ସନ୍ଧ୍ୟାରେ ବିଷୁବ ପଣାର ମହକ ମଧ୍ୟରେ ଓଡ଼ିଆଣୀମାନେ ପାରମ୍ପରିକ ବେଶପୋଷାକ ପରିଧାନ କରି ଜଣକ ପରେ ଜଣେ ମଞ୍ଚକୁ ଆସୁଥିଲେ। ଓଡ଼ିଆ ପରମ୍ପରା ସମ୍ପର୍କିତ ପ୍ରଶ୍ନର ଉତ୍ତର ଦେଇ ମଞ୍ଚରୁ ବିଦାୟ ନେଉଥିଲେ। ସେହିଭଳି ହୁଳହୁଳି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ମଞ୍ଚକୁ ପ୍ରକମ୍ପିତ କରୁଥିଲେ। ଆମର ପରମ୍ପରା, ମାତୃଭାଷାକୁ ଓଡ଼ିଆଙ୍କ ମଧ୍ୟରେ ପୁନଃଆଦୃତ କରିବା ଲକ୍ଷ୍ୟରେ ସପ୍ତଦଶ ବର୍ଷ ପାଇଁ ଆୟୋଜିତ ହେଉଥିବା ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ଗୁରୁବାର ଏକାମ୍ର ହାଟରେ ଉଦ୍‌ଯାପିତ ହୋଇଯାଇଛି। ଏହି ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଓଡ଼ିଆଣୀଙ୍କ ବେଶଭୂଷାର ଚମକ ଓ ହୁଳହୁଳିର ଲାଳିତ୍ୟ ମଧ୍ୟରେ ଉପସ୍ଥିତ ପ୍ରତିଟି ଓଡ଼ିଆ ଆତ୍ମବିଭୋର ହୋଇପଡୁଥିଲେ। ଚିତ୍ରଶିଳ୍ପୀ ଗଜେନ୍ଦ୍ର ପାଢୀ, ଅମ୍ବୁଜ ଶତପଥୀ ଓ ଓଡ଼ିଆ ଭାଷା ସାହିତ୍ୟର ପ୍ରଫେସର ଡ. ସନ୍ତୋଷ ତ୍ରିପାଠୀ ଓଡ଼ିଆଣୀମାନଙ୍କ ବେଶଭୂଷା ଦକ୍ଷତାର ବିଚାର କରୁଥିଲେ। ଏହି ଅବସରରେ ମହାନଗରପାଳ ସୁଲୋଚନା ଦାସ, ମନ୍ତ୍ରୀ ସମୀରରଞ୍ଜନ ଦାଶ, ଓଡ଼ିଶା ହାଉସିଂ ବୋର୍ଡର ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, ସାହିତ୍ୟିକ ଓ ବକ୍ତା ଦାଶ ବେନ୍‌ହୁର, ଓଡ଼ିଶା ପ୍ରେସ୍ କ୍ଲବ୍ ଓ ଦିନଲିପିର ସମ୍ପାଦିକା ଅନ୍ନପୂର୍ଣ୍ଣା ଦାଶ ଏବଂ ୨୦୨୧ର ଶ୍ରେଷ୍ଠ ଓଡ଼ିଆଣୀ ରଶ୍ମି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସଂଭାବନାର ଦ୍ରଷ୍ଟି ସ୍ମୃତି ମହାନ୍ତିଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଅନୁଷ୍ଠିତ ଏହି ଉତ୍ସବରେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ ସହ କଣ୍ଠଶିଳ୍ପୀ ଛନ୍ଦା ମିଶ୍ର, ସିଦ୍ଧାନ୍ତ ଶତପଥୀ, ଅର୍ଣ୍ଣବ ପଣ୍ଡା, ପୂର୍ଣ୍ଣତା ଦାଶ ପ୍ରମୁଖ ମନଛୁଆଁ ଓଡ଼ିଆ ସଂଗୀତରେ ଦର୍ଶକଙ୍କୁ ମୋହିତ କରିଥିଲେ।

# ରଥଖଳାରେ ପହଞ୍ଚିଲା ରୁକୁଣା ରଥ

ପୁରୁଣା ଭୁବନେଶ୍ୱର,୧୪।୪(ଡିଏନ୍.ଏ.):

### ଆଜି ସ୍ୱର୍ଣ୍ଣାଦ୍ରି ବିଜେ



ରଥ ଖଳାରେ ଗୁରୁବାର ରୁକୁଣା ରଥ ପହଞ୍ଚିଥିଲେ ମଧ୍ୟ ଶ୍ରୀଜୀଉ ସ୍ୱର୍ଣ୍ଣାଦ୍ରି ବିଜେ କରିପାରି ନାହାନ୍ତି। ୬ଦିନ ପଡୁଥିବାରୁ ମନ୍ଦିର ପ୍ରବେଶ ନିଷେଧ ରହିଛି। ଶୁକ୍ରବାର ଶ୍ରୀଜୀଉମାନେ ସ୍ୱମନ୍ଦିର ଯାତ୍ରା କରିବା ନେଇ ସ୍ଥିର ହୋଇଥିବା ବରିଷ୍ଠ ସେବାୟତ କାଶୀନାଥ ପୂଜାପଣ୍ଡା କହିଛନ୍ତି। ପ୍ରଭୁ ଶ୍ରୀଲିଙ୍ଗରାଜ ରୁକୁଣା ରଥଯାତ୍ରାରେ ଭଉଣୀ ରୁକୁଣା ଦେବୀ, ପ୍ରଭୁ ଦୋଳଗୋବିନ୍ଦଙ୍କୁ ସାଙ୍ଗରେ ଧରି ରାମେଶ୍ୱର ମନ୍ଦିର ଯାତ୍ରା କରିଥିଲେ। ବାହୁଡ଼ା ଯାତ୍ରାରେ ଆସି ବୁଧବାର ଗୋସାଗରେଶ୍ୱର ଛକରେ ଅଟକି ରହିଥିବା ରଥରେ ପୂଜାର୍ଚ୍ଚନା ପରେ ରଥଟଣା ଆରମ୍ଭ ହୋଇଥିଲା। ଅପରାହ୍ନ ୩ଟା ୧୫ରେ ରଥ କାଳସୀ ରଥ ଟାଣିବା ନେଇ ନିର୍ଦ୍ଦେଶ ଦେଇଥିଲେ। ବାଟରେ ତିନିମୁଣ୍ଡିଆ, ରାମାୟଣୀ ମଠ ଓ ପଥୁରିଆ ବଢ଼ୁ ସାହି ନିକଟରେ ବ୍ରାହ୍ମଣ ନିଯୋଗ, ବଢ଼ୁ ନିଯୋଗ ପକ୍ଷରୁ ପଣା ଲାଗି କରାଯାଇଥିଲା। ବଢ଼େଇବାଙ୍କ ଅନତି ଦୂରରେ ଶ୍ରୀଜୀଉଙ୍କ ରଥ ଅଟକି ଥିଲା। ବିଧି ମୁତାବକ ସୁସଜ୍ଜିତ ପାଲିଙ୍କିରେ ମା'ପାର୍ବତୀ ରଥ ନିକଟକୁ ଆବରଣ ଦେଇ ପହଞ୍ଚିଥିଲେ। ରଥ ଚତୁଃପାର୍ଶ୍ୱ ବୁଲି ଲିଙ୍ଗରାଜ ମନ୍ଦିରର ପୂର୍ବ-ଉତ୍ତର କୋଣ ଐଶାନ୍ୟକୋଣ ମେଘନାଦ ପାଚେରି ଉପରେ ଥିବା ଚାହାଣି ମଣ୍ଡପରେ ଲୁଚି ରହିଥିଲେ। ରଥରେ ପ୍ରଭୁ ତାଙ୍କୁ କାହିଁକି ନେଇ ନ ଥିଲେ, ତାଙ୍କୁ ମନ୍ଦିରକୁ ଯିବା ପାଇଁ କବାଟ ଖୋଲିବେ ନାହିଁ ଆଦି ରାଗରେ ମା' ଲୁଚି ରହିଥିଲେ।


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି।

# ଓଡ଼ିଶାର ଭିତ୍ତିଭୂମିକୁ ପ୍ରଗତିଶୀଳ କରିବାକୁ ଆହ୍ୱାନ

ଭୁବନେଶ୍ୱର,୧୪।୪(ବ୍ୟୁରୋ):

### ଉତ୍କଳ ବିକାଶ ପରିଷଦର ୨୪ତମ ବାର୍ଷିକ ଅଧିବେଶନ



କାର୍ଯ୍ୟକ୍ରମରେ ବିଚାରପତି ରଘୁନାଥ ବିଶ୍ୱାଳ ଓ ଅତିଥିମାନେ।

ଉତ୍କଳ ବିକାଶ ପରିଷଦର ୨୪ତମ ବାର୍ଷିକ ଅଧିବେଶନ ଗୁରୁବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ଜଳ ଓ ମୃତ୍ତିକା ସଂରକ୍ଷଣ' ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଉଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ନ୍ୟାୟାଧୀଶ ରଘୁନାଥ ବିଶ୍ୱାଳ, ଅନ୍ୟ ଅତିଥି ଭାବେ କୃଷି ବିଭାଗର ପୂର୍ବତନ ସ୍ୱତନ୍ତ୍ର ସଚିବ ମନ୍ମଥ ପାଣି, ସେବା ନିବୃତ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ଡ. ଅଲେଖ ଚନ୍ଦ୍ର ପଢ଼ିଆରୀ, ଉତ୍କଳ ବିକାଶ ପରିଷଦ ଭୁବନେଶ୍ୱରର ସଭାପତି ସୁଦର୍ଶନ ନାୟକ , ମୁଖ୍ୟ ବକ୍ତା ଭାବେ କୃଷି ମହାବିଦ୍ୟାଳୟ ପୂର୍ବତନ ପ୍ରଫେସର ଡ. ଦିବାକର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶାର ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ଭିତ୍ତିଭୂମିକୁ ପ୍ରଗତିଶୀଳ କରିବା ସହିତ ଓଡ଼ିଶାର ଗୌରବମୟ ଇତିହାସ ଓ ଐତିହ୍ୟ ପ୍ରତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରି ଜାତୀୟ ଭାବେ ଉଦ୍‌ବୁଦ୍ଧ ହେବା ପାଇଁ ପ୍ରେରଣା ଦେବା ସଙ୍ଗଠନର ମୂଳ ଲକ୍ଷ୍ୟ। ଆସନ୍ତା ୩ବର୍ଷ ପାଇଁ କାର୍ଯ୍ୟ ନିର୍ବାହୀ ମଣ୍ଡଳୀର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ଭାବେ ସୁଦର୍ଶନ ନାୟକ, ବରିଷ୍ଠ ଉପାଧ୍ୟକ୍ଷ ମୁରଲୀଧର ପାତ୍ର, ଅର୍ଥ ସଚିବ ସମୀର ସାମଲ, ଯୋଜନା ଓ ସଂଗଠନ ସଚିବ ମିହିର ନାରାୟଣ ଜେନା, ଆଇନ ସଚିବ ଅନିଲ ଦଳାଇ, ସମରକଳା ସଚିବ ବିଭୁଦେନ୍ଦୁ କେଶରୀ ଭୋଳ ଏବଂ କାର୍ଯ୍ୟାଳୟ ସଚିବ ଭାବେ ସୁବାସ ଚନ୍ଦ୍ର ଜେନା ପ୍ରମୁଖ ମନୋନୀତ ହୋଇଛନ୍ତି।

# ସମ୍ବିଧାନ ପ୍ରଣେତାଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୧୪।୪ (ବ୍ୟୁରୋ):

ସମ୍ବିଧାନ ପ୍ରଣେତା ବାବାସାହେବ ଡ. ଭୀମରାଓ ଆମ୍ବେଡକରଙ୍କ ଜୟନ୍ତୀ ଗୁରୁବାର ଭୁବନେଶ୍ୱରସ୍ଥିତ ଏ.ଜି. ଛକଠାରେ ଥିବା ଡ. ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ନିକଟରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ସକାଳ ୭ଟାରେ ଆରମ୍ଭ ହୋଇଥିବାବେଳେ ସେଠାରେ ରାଜନୈତିକ ଦଳ, ସଂଘ, ପରିଷଦ ଏବଂ ଅନୁଷ୍ଠାନର ଲୋକେ ଉପସ୍ଥିତ ଥିଲେ। ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳା ନେଇ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ସେହିପରି ପିସିସି ପକ୍ଷରୁ କଂଗ୍ରେସ ଭବନ କାର୍ଯ୍ୟାଳୟରେ ଡ. ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଥିଲା। ଏହି ଅବସରରେ ନବୀନ ନିବାସ ପରିସରରେ ଥିବା ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସ ନେତୃଗଣ ଭୁବନେଶ୍ୱର ଏ.ଜି. ଛକସ୍ଥିତ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ କଂଗ୍ରେସ ଭବନଠାରେ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏଥିରେ କଂଗ୍ରେସ ନେତା ଓ ଶତାଧିକ କର୍ମୀ ଯୋଗଦେଇଥିଲେ। ସେହିପରି ସାମାଜିକ ନ୍ୟାୟ ଅଭିଯାନ, ଓଡ଼ିଶା ପକ୍ଷରୁ ଡ. ଆମ୍ବେଡକରଙ୍କ ଜୟନ୍ତୀ ଇଡ଼କଲ ଅଡ଼ିଟୋରିୟମଠାରେ ପାଳିତ ହୋଇଯାଇଛି। ରାଜ୍ୟ ଆବାହକ ଅକ୍ଷୟ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନ୍ମଜୟନ୍ତୀ ଉତ୍ସବ ଓ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଯୋଗଦେଇ କହିଲେ, ଜାତିଭିତ୍ତିକ ଜନଗଣନା କାର୍ଯ୍ୟକାରୀ, ପଛୁଆବର୍ଗଙ୍କୁ ଶିକ୍ଷା ଓ ଚାକିରି କ୍ଷେତ୍ରରେ ୨୭ଭାଗ ସଂରକ୍ଷଣ, ଏସ୍‌ସି-ଏସ୍‌ଟି ଛାତ୍ରୀଛାତ୍ରଙ୍କ ପାଇଁ ମେଡ଼ିକାଲ ଓ ଇଂଜିନିୟରିଂ ଶିକ୍ଷାରେ ୩୮.୫ ଭାଗ ସଂରକ୍ଷଣ ଆଦି ବିଭିନ୍ନ ଦାବି ଉପସ୍ଥାପନା କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଖବରଦାତା ରବି ଦାସ, ଅନ୍ୟ ଅତିଥି ଭାବେ କବି ମୋହନ ରବି ଗାନ୍ଧୀ, ସମ୍ମାନିତ ଅତିଥି ଭାବେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ସିପିଆଇ ନେତା ରାମକୃଷ୍ଣ ପଣ୍ଡା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


ମହାବିଷୁବ ସଂକ୍ରାନ୍ତି ଅବସରରେ ଗୁରୁବାର ନୀଳାଦ୍ରି ବିହାରସ୍ଥିତ ସେକ୍ଟର-୨ ହନୁମାନ ମନ୍ଦିରରେ ମହାବୀର ଜୟନ୍ତୀ ପାଳନ କରାଯାଉଛି।


ହନୁମାନ ଜୟନ୍ତୀ ଅବସରରେ ଗୁରୁବାର ଭୁବନେଶ୍ୱର ୟୁନିଟ୍-୮ସ୍ଥିତ ୧୦୮ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା ଚାଲିଛି।



ଭୁବନେଶ୍ୱର ୟୁନିଟ୍-୧ ମାର୍କେଟସ୍ଥିତ ମା' ତାରିଣୀ ପୀଠରେ ଗୁରୁବାର ଦଶମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ପାଳନ ଅବସରରେ ଭଜନ ସନ୍ଧ୍ୟା।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଦିଲ୍ଲୀର ଜେଏନ୍‌ୟୁ ଛାତ୍ରଙ୍କୁ ଆକ୍ରମଣ ଘଟଣାରେ ବିକ୍ଷୋଭ, ମାଷ୍ଟରକ୍ୟାଣ୍ଟିନ ଛକ, ପୂର୍ବାହ୍ନ ୧୦ଟା।
- ଅଲ ଇଣ୍ଡିଆ ଫେଡେରେଶନ ଅଫ୍ ଟ୍ୟାକ୍ସ ପ୍ରାକ୍ଟିଶନର୍ସ ପକ୍ଷରୁ ସମ୍ମିଳନୀ, ହୋଟେଲ ଏକ୍ସିଲେନ୍ସି, ମାଷ୍ଟରକ୍ୟାଣ୍ଟିନ, ପୂର୍ବାହ୍ନ ୧୦ଟା।
- ଚିନ୍ତା ଓ ଚେତନା ପକ୍ଷରୁ ୪୩ତମ ଜାତୀୟ ବୈଶାଖୀ ଉତ୍ସବ-୨୦୨୨, ସୂଚନା ଭବନ, ସନ୍ଧ୍ୟା ୫ଟା ୩୦।
- ମା' ତାରିଣୀଙ୍କର ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ, ମା' ତାରିଣୀ ମନ୍ଦିର, ୨ୟ ପୋଷ୍ଟାଲ କଲୋନୀ ନିକଟ, ବୀର ସୁରେନ୍ଦ୍ର ସାଏ ନଗର, ରାତି ୮ଟା।

**ପୁରୀ**

- ଦେକୁଦୀ ଗ୍ରାମବାସୀ ବୃନ୍ଦ ଓ ତାରିଣୀ ଉନ୍ନୟନ କମିଟି ପକ୍ଷରୁ ତାରିଣୀ ମହୋତ୍ସବ, ମା'ତାରିଣୀ ପୀଠ, ଦେକୁଦୀ, ବ୍ରହ୍ମଗିରି, ରାତି ୮ଟା।

**ବାଲିଅନ୍ତା**

- ୯ମ ଜନ୍ମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ, ହଂସପାଳ, ବାଟମହାବୀର ମନ୍ଦିର, ସକାଳ ୮ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ଷଠିଲୋ ବାବା ଚମ୍ପେଶ୍ୱର ମନ୍ଦିର, ସକାଳ ୮ଟା।
- ବାଦୀପାଳା, ମହାନ୍ତିପାଟଣା ଗ୍ରାମର ବନଦୁର୍ଗାଙ୍କ ପୀଠସ୍ଥଳୀ, ରାତି ୭ଟା।
- ନାଟକ 'ରାମବନବାସ', ବେଣୁପୁର ରାମଲୀଳା ପଡିଆ, ରାତି ୧୧ଟା।
- ରାମଲୀଳାର ନାଟକ 'ବାଳିବଧ', କାକରୁଦ୍ରପୁର ପତିତପାବନ ଦେବ ମନ୍ଦିର ନିକଟ, ରାତି ୧୧ଟା।

## ଝାମୁଯାତ୍ରାରେ କାଳିଶିଙ୍କ ମୃତ୍ୟୁ

**ବଳଙ୍ଗା,୧୪।୪(ଡି.ଏନ୍.ଏ.):** ଝାମୁଯାତ୍ରା ହେବା ପୂର୍ବରୁ ଟଳିପଡ଼ିଲେ କାଳିଶି। ଏହି ଦୁଃଖଦ ଘଟଣା ଘଟିଛି ବଳଙ୍ଗା ଥାନା ଅନ୍ତର୍ଗତ ବଧି ଗ୍ରାମରେ। ସେ ହେଲେ ଉକ୍ତ ଗ୍ରାମର ରବି ଭୋଇ(୫୦)। ପ୍ରତିବର୍ଷ ଭଳି ଏ ବର୍ଷ ମଧ ବଧି ଗ୍ରାମରେ ପୂଜା ପାଉଥିବା ମା' ମଙ୍ଗଳା ଦୁଲାଦେଈଙ୍କ ୮ ବର୍ଷ ହେବ ରବି ଭୋଇ କାଳିଶି ଭାବେ କାର୍ଯ୍ୟ କରନ୍ତି। ଗୁରୁବାର ବିଷୁବ ସଂକ୍ରାନ୍ତି ତଥା ଝାମୁଯାତ୍ରା ଶେଷଦିନରେ ଗ୍ରାମରେ ହେଉଥିବା ଯାତ୍ରା ପାଇଁ ଅପରାହ୍ନ ୨ ଘଟିକାରେ ଠାକୁରଙ୍କ ଆଜ୍ଞାମାଳ ନେଇ ଭକ୍ତମାନେ ଘଣ୍ଟ ବଜାଇ ରବିଙ୍କ ଘରକୁ ଯାଇଥିଲେ। ରବି ଘଣ୍ଟ ଶବ୍ଦ ଶୁଣି ବାହାରକୁ ଆସି ନିଜକୁ ପ୍ରସ୍ତୁତ କରୁଥିବା ବେଳେ ହଠାତ୍ ଟଳିପଡ଼ିଥିଲେ। ଏଭଳି ଅବସ୍ଥା ଦେଖି ଗ୍ରାମବାସୀ ରବିଙ୍କୁ ଉଦ୍ଧାର କରି ପ୍ରଥମେ ବଳଙ୍ଗା ଡାକ୍ତରଖାନା ପରେ ସାକ୍ଷୀଗୋପାଳ ଡାକ୍ତରଖାନା ନେଇଥିଲେ। ସେଠାରେ ଚିକିତ୍ସା କରୁଥିବା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୁକ୍ରବାର ପୁରୀ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯିବ। ଏହି ଘଟଣା ଜଣାପଡ଼ିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବା ବେଳେ ଝାମୁଯାତ୍ରା ବନ୍ଦ ରହିଛି।

## ବଜ୍ରକାପ୍ତା, ବାଘ ଶାବକ ମୃତ

**ବାରଙ୍ଗ,୧୪।୪(ଡି.ଏନ୍.ଏ.):** ନନ୍ଦନକାନନରେ ବଜ୍ରକାପ୍ତା ବୁଧବାର ଜନ୍ମ ଦେଇଥିବା ମାଈ ଶାବକଟିର ଗୁରୁବାର ମୃତ୍ୟୁ ହୋଇଛି। ଶାବକଟିର ଜନ୍ମ ପରେ ମା' ତାକୁ ଗ୍ରହଣ ନ କରିବାରୁ ଡାକ୍ତରଖାନାରେ ଥିଲା। ପରଦିନ ସକାଳେ ଶାବକଟି ମରି ପଡିଥିବା କର୍ମଚାରୀ ଦେଖିଥିଲେ। ଶାବକଟିର ମୃତ୍ୟୁ ପରେ ଏମାନଙ୍କ ସଂଖ୍ୟା ୨୭ରେ ପହଞ୍ଚିଛି। ସେଥି ମଧ୍ୟରୁ ୧୬ଟି ମାଈ ଏବଂ ୧୧ଟି ଅଣ୍ଡିରା ରହିଛନ୍ତି। ସେହିପରି ମଙ୍ଗଳବାର ବାଘ ଛୁଆ ବିବେକ ମରିଥିବାବେଳେ ଗୁରୁବାର ପୁଣି ଏକ ବାଘ ଛୁଆର ମୃତ୍ୟୁ ହୋଇଛି। ମା' ରୁପା ଓ ବାପା ରାକେଶଙ୍କ ମିଳନରୁ ୩ଟି ଶାବକ ଜନ୍ମ ନେଇଥିଲେ। ଛୁଆଙ୍କୁ ମା' ଗ୍ରହଣ ନ କରିବାରୁ ଡାକ୍ତରଖାନାରେ ରଖାଯାଇଥିଲା। ସେଥି ମଧ୍ୟରୁ ୮ ଦିନରେ ଗୋଟେ ଶାବକର ମୃତ୍ୟୁ ହୋଇଥିବାବେଳେ ଗୁରୁବାର ସକାଳେ ଆଉ ଏକ ଶାବକର ମୃତ୍ୟୁ ହୋଇଛି। ଶାବକଟି ମୃତ୍ୟୁର ସାଢେ ୩ ଘଣ୍ଟା ପୂର୍ବରୁ ମା'ଠାରୁ କ୍ଷୀର ପିଇଥିଲା। ଶୁକ୍ରବାର ଓୟୁଏଟିରେ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ।

# କେଜିଏଫ୍-୨ କ୍ରେଜ୍

**ପ୍ରଥମ ଥର ପାଇଁ ରାତି ୨ଟା ୫୦ରୁ ଶୋ ଟାଇମ୍**

**ଭୁବନେଶ୍ୱର,୧୪।୪(ବ୍ୟୁରୋ)**

ବହୁ ପ୍ରତୀକ୍ଷିତ ଫିଲ୍ମ କେଜିଏଫ୍‌ର ଚାପ୍ଟର ୨ ଗୁରୁବାର ରିଲିଜ୍ ହୋଇଛି। ଦର୍ଶକଙ୍କ ପାଖେ ଦେଖିବାକୁ ମିଳିଛି କେଜିଏଫ୍-୨ର କ୍ରେଜ୍। କନ୍ନଡ଼ ସିନେମା ପ୍ରେମରେ ପାଗଳ ସିନେପ୍ରେମୀ। କନ୍ନଡ଼ ବ୍ୟତୀତ ହିନ୍ଦୀ, ତେଲୁଗୁ, ତାମିଲ ଓ ମାଲାୟାଲମ୍‌ରେ ଏକ ସାଙ୍ଗରେ ମୁକ୍ତିଲାଭ କରିଛି। କେବଳ ଭାରତ ନୁହେଁ ସମଗ୍ର ବିଶ୍ୱରେ କେଜିଏଫ-୨କୁ ନେଇ ଏକ ଚର୍ଚ୍ଚା ସୃଷ୍ଟି ହୋଇଛି। ବିଶ୍ୱରେ ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ସ୍ଥାନରେ ଏହା ସ୍କ୍ରିନିଂ ହୋଇଛି। ୨୦୧୮ରେ ଏହାର ପ୍ରଥମ ସଂସ୍କରଣ ମୁକ୍ତିଲାଭ କରିଥିଲା। ଏହାର ଦ୍ୱିତୀୟ ସଂସ୍କରଣ ଦେଖିବାକୁ ସେବେଠୁ ସିନେପ୍ରେମୀଙ୍କ ମଧ୍ୟରେ ବ୍ୟାକୁଳତା ବଢ଼ିଥିଲା। ହେଲେ କୋଭିଡ୍ କାରଣରୁ ଏହାର ମୁକ୍ତିଲାଭ ସମୟ ଗଡ଼ି ଚାଲିଥିଲା। ନିକଟରେ ରିଲିଜ ହୋଇଥିବା ଆର୍‌ଆର୍‌ଆର୍ ଆଡଭାନ୍ସ ବୁକିଂରେ ୫କୋଟି ଟଙ୍କାର ବ୍ୟବସାୟ କରିଥିବା ବେଳେ ଏହି ଫିଲ୍ମ ୨୫କୋଟି ଟପିଛି। ତେବେ ଓଡ଼ିଶାରେ ଏହି ଫିଲ୍ମ ୭୦ ସ୍କ୍ରିନରେ ଚାଲୁଛି। ପ୍ରଥମ ଥର ପାଇଁ ରାତି ୨.୫୦ରୁ ଆରମ୍ଭ ହୋଇଛି। ପ୍ରଥମ ଦିନର ସମସ୍ତ ଶୋ'ରେ ରାଜଧାନୀର ବିଭିନ୍ନ ପ୍ରେକ୍ଷାଳୟରେ ହାଉସ୍‌ଫୁଲ ଦେଖିବାକୁ ମିଳିଥିଲା।



କେଜିଏଫ୍-୨କୁ ନେଇ ଉତ୍ସାହିତ ଦର୍ଶକ

### ଭରପୂର ଆକ୍ସନ

ଫିଲ୍ମ ଦେଖିବାକୁ ଯାଇଥିବା ସିନେପ୍ରେମୀ ଗୁରୁ ହଂସଦା କୁହନ୍ତି, କେଜିଏଫ୍-୧ରେ ଛଡ଼ାଯାଇଥିବା ସସ୍‌ପେନ୍ସ କେଜିଏଫ୍-୨ ଦେଖିବାକୁ ମୋତେ ପ୍ରେକ୍ଷାଳୟକୁ ଟାଣି ଆଣିଥିଲା। ପ୍ରଥମ ସଂସ୍କରଣ ଠାରୁ ଦ୍ୱିତୀୟରେ ଆକ୍ସନ ଭରପୂର ରହିଛି। ୟଶ୍‌ଙ୍କ ଚମତ୍କାର ଅଭିନୟ ଆଖିରେ ପଲକ ପକାଇବାକୁ ଦେଇ ନ ଥିଲା।

### ଏକ୍ସାଇଟମେଣ୍ଟ ଓ ଏକ୍ସପେକ୍ଟେଶନ୍‌ର ଫିଲ୍ମ

ଦର୍ଶକ ରାଜା ଖାନ୍‌ଙ୍କ କହିବା ହେଲା, ବଲିଉଡ୍ କଳାକାର ରବିନା ଟଣ୍ଡନ ଓ ସଞ୍ଜୟ ଦତ୍ତ ଫିଲ୍ମରେ ଦମ୍‌ଦାର ଅଭିନୟ କରିଛନ୍ତି। ସେମାନଙ୍କ ନେଗେଟିଭ ରୋଲ୍ ମୋତେ ବହୁତ ଭଲ ଲାଗିଲା। ଏକ୍ସାଇଟ୍‌ମେଣ୍ଟ ଓ ଏକ୍ସପେକ୍ଟେଶନ୍‌କୁ କମ୍ପିଟ କଲାଭଳି ଫିଲ୍ମ ହେଉଛି କେଜିଏଫ୍-୨।



### ପାରିବାରିକ ସିନ୍ ମନ ଛୁଆଁ

ଫିଲ୍ମରେ ପାରିବାରିକ ସିନ୍ ବହୁତ ଭଲ ଥିଲା। ମା'କୁ ନେଇ ଥିବା ଇମୋଶନାଲ ଦୃଶ୍ୟଗୁଡ଼ିକ ହୃଦୟକୁ ଛୁଇଁଥିଲା। ହିରୋଇନ, ହିରୋଙ୍କ କାହାଣୀ ପ୍ରଥମ ଭାଗ ପରି ଏଥିରେ ମଧ କମ୍ ରହିଛି ବୋଲି ଦର୍ଶକ ଶାଶ୍ୱତୀ ଦାସ କହିଛନ୍ତି।



### ବ୍ୟବସାୟରେ ନୂଆ ଆଶା

କରୋନା ପରେ ବ୍ୟବସାୟ ଠିକ୍ ଚାଲୁ ନ ଥିବାରୁ ହଲ୍ ବନ୍ଦ କରିଦେବି ଭାବିଥିଲି। କିନ୍ତୁ ସାଉଥ ଫିଲ୍ମଗୁଡ଼ିକ ବ୍ୟବସାୟର ବାଟ ଖୋଲି ଦେଇଛି। କେଜିଏଫ୍-୨କୁ ନେଇ ଦର୍ଶକଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଥିଲା। ପ୍ରଥମଥର ପାଇଁ ରାତି ୨.୫୦ରୁ ଶୋ' ଆରମ୍ଭ ହୋଇଥିଲା ବୋଲି ମହାରାଜା ଫିଲ୍ମ ହଲ୍‌ର ମ୍ୟାନେଜର ଲିଙ୍ଗରାଜ ପଣ୍ଡା କହିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିଶ୍ୱ



@ ସତ୍ୟଜିତ



@ ଅନୀଲ



@ ଅନୁଭବ



@ ମନମୋହନ



@ ସଜ୍ଜପୁ




ଭୁବନେଶ୍ୱର ସୂଚନା ଭବନରେ ଗୁରୁବାର ଭାରତରତ୍ନ ବାବା ସାହେବ ଡ. ଭୀମରାଓ ରାମଜୀ ଆମ୍ବେଦକରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଓ ଅନ୍ୟ ଅତିଥିମାନେ।

## ଆମ୍ବେଦକର ଗଣତନ୍ତ୍ର, ସମାଜବାଦର ଦୃଢ଼ ପ୍ରବକ୍ତା

### ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ

**ଭୁବନେଶ୍ୱର,୧୪।୪(ବ୍ୟୁରୋ)**

ସାମାଜିକ ନ୍ୟାୟ, ସାମ୍ୟବାଦ ପ୍ରତିଷ୍ଠା, ସମତାଭିତ୍ତିକ ସମାଜ ଗଠନରେ ଆମ୍ବେଡକରଙ୍କ ଭୂମିକା ଅତୁଳନୀୟ। ସେ ଥିଲେ ଗଣତନ୍ତ୍ର ଓ ସମାଜ ବାଦର ଜଣେ ଦୃଢ଼ ପ୍ରବକ୍ତା ଓ ବହୁମୁଖୀ ପ୍ରତିଭାର ଅଧିକାରୀ। ତାଙ୍କ ଦ୍ୱାରା ପ୍ରଣିତ ସମ୍ବିଧାନ ଆଜି କୋଟି କୋଟି ଭାରତୀୟଙ୍କ ଜୀବନଧାରାରେ ମାର୍ଗଦର୍ଶିକା ହୋଇଛି। ଛାତ୍ରୀଛାତ୍ର ଆମ୍ବେଡକରଙ୍କ ସମ୍ପର୍କରେ ଅଧିକରୁ ଅଧିକ ପୁସ୍ତକ ପଢି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଅତିଥି ଓ ବକ୍ତାମାନେ ଆହ୍ୱାନ ଦେଇଛନ୍ତି। ଗୁରୁବାର ସୂଚନା ଭବନରେ ଭାରତରତ୍ନ ବାବାସାହେବ ଡ. ଭୀମରାଓ ରାମଜୀ ଆମ୍ବେଡକରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ରାଜ୍ୟ ଜଳ ସମ୍ପଦ ଏବଂ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଉଦ୍‌ଘାଟନ କରି ସମାଜ ଗଠନରେ ଆମ୍ବେଡକରଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କୁସଂସ୍କାରମୁକ୍ତ ସମାଜ ଗଠନର ସଂକଳ୍ପ ନେଇ ନୂଆ ଯୁଗର ନାଗରିକ ହୋଇ ଆଗକୁ ବଢିବାକୁ ସେ କହିଛନ୍ତି। ରାଜ୍ୟ ସୂଚନା ପ୍ରଯୁକ୍ତି, କ୍ରୀଡା ଓ ଯୁବ ସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ କହିଲେ, ଆମ୍ବେଡକର ନିଜର ସାଧନା ଓ ନିଷ୍ଠା ବଳରେ କେବଳ ଭାରତରେ ନୁହେଁ, ବିଦେଶରେ ଆମ ଦେଶର ଗୌରବକୁ ପ୍ରତିଷ୍ଠିତ କରିପାରିଥିଲେ। ଜାତିପ୍ରଥା ଭଳି ମାରାତ୍ମକ ସାମାଜିକ ବ୍ୟାଧିରୁ ମୁକ୍ତ ହୋଇ ଏକ ସୁସ୍ଥ ସମାଜ ଗଠନ କରିବା ତାଙ୍କର ମୂଳ ଲକ୍ଷ୍ୟ ଥିଲା। ମୁଖ୍ୟବକ୍ତା ଶିକ୍ଷାବିତ୍ ତଥା ଆଲୋଚକ ପ୍ରାଧ୍ୟାପକ ଧନେଶ୍ୱର ସାହୁ ଆମ୍ବେଡକରଙ୍କ ଛାତ୍ର ଜୀବନ ଓ ଜୀବନର ବହୁ ଘଟଣାବଳୀ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଉତ୍କଳ ପ୍ରସଙ୍ଗ ଏବଂ ଓଡିଶା ରିଭ୍ୟୁର ସମ୍ପାଦକ ଡ. ଲେନିନ୍ ମହାନ୍ତି ବିଭିନ୍ନ କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ଉଦ୍ଦୀପନା ଆଣିବାକୁ ହେଲେ ବାବା ସାହେବ ଆମ୍ବେଡକରଙ୍କ ରାସ୍ତାକୁ ଆପଣାଇବା ଆବଶ୍ୟକ ବୋଲି କହିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଅଧ୍ୟକ୍ଷତା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଭାଗର ବୈଷୟିକ ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ପରିଜା ଧନ୍ୟବାଦ ଦେଇଥିଲେ। ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ସହକାରୀ ନିର୍ଦ୍ଦେଶକ(କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସଚ୍ଚିଦାନନ୍ଦ ବେହେରା ଜୟନ୍ତୀ ଉତ୍ସବର ସଂଯୋଜନା କରିଥିଲେ। ସକାଳେ ବିଭାଗ ପକ୍ଷରୁ ଏଜି ଛକସ୍ଥିତ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି।

## ଟ୍ରକ୍ ଧକ୍କାରେ ଯୁବକ ମୃତ

**ଯାଁଳା,୧୪।୪ (ଡିଏନ୍.ଏ.):** ଇନ୍‌ଫୋଭ୍ୟାଲି ଥାନା ଓଗାଳପଡ଼ା ବାଟ ଭୁଆସୁଣୀ ମନ୍ଦିର ସମ୍ମୁଖରେ ଗୁରୁବାର ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀ ପ୍ରମୋଦ ଭୋଇ(୩୫)ଙ୍କ ମୃତ୍ୟୁ ଘଟିଛି। ପୂର୍ବାହ୍ନ ୧୧ଟାରେ ପ୍ରମୋଦ ବାଇକରେ ଖୋର୍ଦ୍ଧାରୁ ଭୁବନେଶ୍ୱର ଯାଉଥିଲେ। ଭୁଆସୁଣୀ ମନ୍ଦିର ନିକଟରେ ଏକ କାର୍ ଚାଳକ ଡୋର ଖୋଲିବାରୁ ପ୍ରମୋଦ ଡୋରକୁ ଧକ୍କା ଦେଇ ପଡ଼ିଯାଇଥିଲେ। ଏହି ସମୟରେ ପଛପଟୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ତାଙ୍କ ମୁଣ୍ଡ ଉପରେ ଚଢ଼ିଯାଇଥିଲା।

## ରତ୍ନାକର ସାହୁଙ୍କୁ 'ଶାମ୍ଭବୀ ପୁରସ୍କାର'

**ଭୁବନେଶ୍ୱର,୧୪।୪(ବ୍ୟୁରୋ)**

ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନ (ବିଆଇପିଏଫ୍)ର ୯ମ ଶାମ୍ଭବୀ ପୁରସ୍କାର ଉତ୍ସବ ଗୁରୁବାର ମୈତ୍ରୀବିହାରସ୍ଥିତ ଲେମନ୍ ଟ୍ରି ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ୱାଟର ଏଡ୍ ଇଣ୍ଡିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ରତ୍ନାକର ସାହୁ, ସମ୍ମାନିତ ଅତିଥି ଇନଷ୍ଟିଚ୍ୟୁଟ ଅଫ୍ ଲାଇଫ ସାଇନ୍ସର ନିର୍ଦ୍ଦେଶକ ଅଜୟ ପରିଡ଼ା ଓ ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନର ଟ୍ରଷ୍ଟି ପାରମିତା ପଣ୍ଡା ଯୋଗଦେଇଥିଲେ। ଏହି ଅବସରରେ ଶିକ୍ଷା କ୍ଷେତ୍ରରେ ଅନନ୍ୟ ଅବଦାନ ପାଇଁ ଭୁବନେଶ୍ୱରର ରତ୍ନାକର ସାହୁଙ୍କୁ ଶାମ୍ଭବୀ ପୁରସ୍କାର-୨୦୨୨ ପ୍ରଦାନ କରାଯାଇଛି। ରତ୍ନାକର ହେଉଛନ୍ତି 'ଆଶାଏଁ' ଅନୁଷ୍ଠାନର ପ୍ରତିଷ୍ଠାତା। ଏହି ଅନୁଷ୍ଠାନ ଦ୍ୱାରା ସେ ସମାଜର ଅବହେଳିତ ଶିଶୁମାନଙ୍କୁ ଶିକ୍ଷିତ କରିବା ସହ ସେମାନଙ୍କ ବିକାଶ ପାଇଁ ନିଜକୁ ସମର୍ପଣ କରିଛନ୍ତି। ଏଥିସହ 'ବ୍ରିଜ୍ ଏଜୁକେଶନ୍' ମାଧ୍ୟମରେ ସେ ବେସାହାରା ପିଲାଙ୍କୁ ଆନୁଷ୍ଠାନିକ ବିଦ୍ୟାଳୟଗୁଡିକରେ ନାମଲେଖାଇବାରେ ମଧ ସହଯୋଗ କରିଥାନ୍ତି। ପୁରସ୍କାର ସ୍ୱରୂପ ତାଙ୍କୁ ଫାଉଣ୍ଡେଶନ ପକ୍ଷରୁ ଅଢେଇ ଲକ୍ଷ ଟଙ୍କାର ନଗଦ ରାଶି ସହିତ ଏକ ମାନପତ୍ର ଏବଂ ଫଳକ ପ୍ରଦାନ କରାଯାଇଛି। ସେହିପରି ଚଳିତବର୍ଷ ଅନୁଗୋଳ ଜିଲାର ଖାରପଡ଼ା ନିବାସୀ ସୁଶ୍ରୀ ଚିନ୍ମୟୀ ଦାସଙ୍କୁ ବିଆଇପିଏଫ୍ ଦ୍ୱାରା 'ଜୁରି କମେଣ୍ଡେଶନ୍ ସାର୍ଟିଫିକେଶନ୍ ୨୦୨୨' ପ୍ରଦାନ କରାଯାଇଛି। ସେ ଅନୁଗୋଳ ଜିଲା ହସ୍ପିଟାଲରେ ଏକ 'କିନ୍ନର ୱାର୍ଡ' ଖୋଲିଛନ୍ତି। ଏଥିସହ ଶିଶୁ ଓ ବରିଷ୍ଠ ନାଗରିକଙ୍କ ପଠନ ପାଇଁ ୨୦୦୦ରୁ 'ମୋ-ପାଠଘର' ଏକ ପାଠାଗାର ପ୍ରତିଷ୍ଠା କରିଛନ୍ତି। ତାଙ୍କୁ ପୁରସ୍କାର ସ୍ୱରୂପ ୫୦ହଜାର ଟଙ୍କା ପୁରସ୍କାର ଓ ମାନପତ୍ର ଦିଆଯାଇଛି। ଶାମ୍ଭବୀ ପୁରସ୍କାର ବିଚାରକ ମଣ୍ଡଳୀରେ ଓଡ଼ିଶା ଖାଦ୍ୟ ଆୟୋଗର ପୂର୍ବତନ ଅଧ୍ୟକ୍ଷ ପ୍ରମୋଦ ମେକାପ, ଏସିଆନ ଏଜ୍‌ର ସ୍ୱତନ୍ତ୍ର ପ୍ରତିନିଧି ଅକ୍ଷୟ କୁମାର ସାହୁ, ଟ୍ରଷ୍ଟି ଶୈଫାଳିକା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଫାଉଣ୍ଡେଶନର ଉପସଭାପତି ଅଶୋକ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।




ପୁରସ୍କାର ସହ ଅତିଥିଙ୍କ ଗହଣରେ ରତ୍ନାକର ସାହୁ ଓ ସୁଶ୍ରୀ ଚିନ୍ମୟୀ ଦାସ।



ଅଗ୍ନିଶମ ଶହୀଦ ଦିବସ ପାଳନ ଅବସରରେ ଗୁରୁବାର ଭୁବନେଶ୍ୱର ଫାୟାର ଷ୍ଟେଶନରେ ଅନୁଷ୍ଠିତ ପରେଡ଼।




ବାବା ସାହେବ ଆମ୍ବେଡକରଙ୍କ ଜୟନ୍ତୀ ପାଳନ ଅବସରରେ ଗୁରୁବାର ଭୁବନେଶ୍ୱର ଏଜି ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ସିପିଆଇ ଓ ବିକେଏମ୍‌ୟୁ ପକ୍ଷରୁ ମାଲ୍ୟାର୍ପଣ କରାଯାଉଛି।




ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶାଖା ପକ୍ଷରୁ ଓଡ଼ିଆ ନବବର୍ଷ ପାଳନ ଅବସରରେ ଗୁରୁବାର ଶାଖା ସଭାପତି ଅଧିବକ୍ତା ଦିଲୀପ ଦାଶଶର୍ମା ଓ ଅନ୍ୟମାନେ ଅଭିନନ୍ଦନ ପତ୍ର ଉନ୍ମୋଚନ କରୁଛନ୍ତି।

**ଏମ୍ ଆଣ୍ଡ ଏମ୍ ପକ୍ଷରୁ ଗାଡ଼ି ଦାମ୍ ବୃଦ୍ଧି**

**ନୂଆଦିଲ୍ଲୀ :** ଦେଶର ଅଗ୍ରଣୀ ଅଟୋମୋବାଇଲ କମ୍ପାନୀ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଗାଡ଼ି ଦର ବୃଦ୍ଧି ଘୋଷଣା କରିଛି। ଏହି ବୃଦ୍ଧି ଗୁରୁବାରଠାରୁ ଲାଗୁ ହୋଇଛି। ଗାଡ଼ିଗୁଡ଼ିକର ଦାମ୍‌ରେ ୨.୫% ବୃଦ୍ଧି କରାଯିବା ସମ୍ପର୍କରେ କମ୍ପାନୀ ପକ୍ଷରୁ ଷ୍ଟକ୍ ଏକ୍ସଚେଞ୍ଜକୁ ସୂଚନା ଦିଆଯାଇଛି। ଫଳରେ କମ୍ପାନୀଗୁଡ଼ିକର ଗାଡ଼ିରେ ୧୦,୦୦୦ ଟଙ୍କାଠାରୁ ଆରମ୍ଭ କରି ୬୩,୦୦୦ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ଘଟିବ। ଇନ୍‌ପୁଟ୍ ମୂଲ୍ୟରେ ବୃଦ୍ଧି କାରଣରୁ ଗାଡ଼ିଗୁଡ଼ିକର ନିର୍ମାଣ ଖର୍ଚ୍ଚ ବୃଦ୍ଧି ପାଇଛି।

## ସଂକ୍ଷେପରେ

### ମିନ୍ତ୍ରାରେ ଫ୍ଲିପ୍‌କାର୍ଟର ୧୧୬ ମିଲିୟନ ଡଲାର ନିବେଶ

**ନୂଆଦିଲ୍ଲୀ,୧୪।୪:** ମାର୍କେଟ୍‌ପ୍ଲେସ୍ ଏବଂ ନୂଆ ହେଲ୍‌ଥକେୟାର ବ୍ୟବସାୟ ଦିଗରେ ପ୍ରାୟ ୭୦୦ ମିଲିୟନ ଡଲାର ନିବେଶ କରିବା ପରେ ଭାରତୀୟ ଇ-କମର୍ସ କମ୍ପାନୀ ଫ୍ଲିପ୍‌କାର୍ଟ ବର୍ତ୍ତମାନ ଫ୍ୟାଶନ ରିଟେଲର 'ମିନ୍ତ୍ରା'ରେ ନିବେଶ କରିଛି। ଫ୍ଲିପ୍‌କାର୍ଟର ସିଙ୍ଗାପୁର ସଂସ୍ଥା ମିନ୍ତ୍ରାରେ ୧୧୬ ମିଲିୟନ ଡଲାର ନିବେଶ କରିଛି। ନିୟାମକପତ୍ରରୁ ମିଳିଥିବା ସୂଚନା ଅନୁସାରେ ଏହି ନିବେଶ ମାର୍ଚ୍ଚ ୨୫ରେ କରାଯାଇଛି। ଫଳରେ ମାର୍ଚ୍ଚରେ ଫ୍ଲିପ୍‌କାର୍ଟର ସର୍ବମୋଟ୍ ବଜାର ନିବେଶ ୮୦୦ ମିଲିୟନ ଡଲାରରୁ ଊର୍ଦ୍ଧ୍ୱ ରହିଛି। ଏହାପୂର୍ବରୁ ଫ୍ଲିପ୍‌କାର୍ଟ ମାର୍କେଟ୍‌ପ୍ଲେସ୍‌ରେ ୫୫୩ ମିଲିୟନ ଡଲାର ଏବଂ ନିଜର ନୂଆ ହେଲ୍‌ଥକେୟାର ବ୍ୟବସାୟରେ ୧୪୩ ମିଲିୟନ ଡଲାର ନିବେଶ କରିଥିବା ଗଣମାଧ୍ୟମରୁ ଜଣାଯାଇଥିଲା। ସୂଚନାଯୋଗ୍ୟ, ଫ୍ଲିପ୍‌କାର୍ଟ ଏହା ପୂର୍ବରୁ ଏପ୍ରିଲ ୬ରେ ହେଲ୍‌ଥକେୟାର ବ୍ୟବସାୟ ପାଇଁ ଫ୍ଲିପ୍‌କାର୍ଟ 'ହେଲ୍‌ଥ ପ୍ଲସ୍' ନାମରେ ଏକ ସ୍ୱତନ୍ତ୍ର ଆପ୍ ଲଞ୍ଚ କରିଥିଲା।

### ୧୮ରୁ ରେନଲ୍ଟ ଗ୍ରୀଷ୍ମ କ୍ୟାମ୍ପ

**ନୂଆଦିଲ୍ଲୀ,୧୪।୪:** ଗ୍ରାହକଙ୍କୁ ସନ୍ତୁଷ୍ଟ କରିବା ଦିଗରେ ନିଜ ପ୍ରତିବଦ୍ଧତା ଜାରି ରଖିବା ଉଦ୍ଦେଶ୍ୟରେ ଅଟୋମୋବାଇଲ ନିର୍ମାତା କମ୍ପାନୀ ରେନଲ୍ଟ ପକ୍ଷରୁ ୭ଦିନିଆ ଗ୍ରୀଷ୍ମ କ୍ୟାମ୍ପ ଆୟୋଜନ କରାଯିବ। ସାରା ଦେଶରେ ଏହି କ୍ୟାମ୍ପ ଚଳିତ ମାସ ୧୮ ତାରିଖରୁ ଆରମ୍ଭ ହୋଇ ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। କମ୍ପାନୀ ପକ୍ଷରୁ ଗ୍ରାହକମାନଙ୍କୁ ଉତ୍ତମ ସେବା ପ୍ରଦାନ କରିବା ଏହି କ୍ୟାମ୍ପର ଉଦ୍ଦେଶ୍ୟ। କ୍ୟାମ୍ପ ସମୟରେ ଗ୍ରାହକମାନେ ରେନଲ୍ଟ ଇଣ୍ଡିଆ ଦ୍ୱାରା ନିର୍ଦ୍ଦେଶିତ ନିର୍ଦ୍ଦେଶାବଳୀ ଅନୁସାରେ କାର୍ ଚେକ୍‌ଅପ୍ କରିପାରିବେ। କ୍ୟାମ୍ପରେ ତାଲିମପ୍ରାପ୍ତ ଟେକ୍ନିସିଆନ୍‌ଙ୍କ ଦ୍ୱାରା ମାଗଣାରେ କାର୍ ଯାଞ୍ଚ କରାଯିବ। ମାଗଣା କାର୍ ସର୍ଭିସିଂ ଏବଂ ଯାଞ୍ଚ ସହିତ ଏହି କ୍ୟାମ୍ପ୍‌ରେ ଗ୍ରାହକ ରିହାତି ଏବଂ ୱାରେଣ୍ଟି ସହିତ କାର୍ ଉପକରଣ କ୍ରୟ କରିପାରିବେ।

# ଟେକ୍ସଟାଇଲ ପିଏଲ୍‌ଆଇ ଜରିଆରେ ୬୧ ପ୍ରସ୍ତାବ ଗୃହୀତ

## ନିବେଶ ହେବ ୧୯,୦୭୭ କୋଟି ଟଙ୍କା

ନୂଆଦିଲ୍ଲୀ, ୧୪।୪



କେନ୍ଦ୍ର ସରକାରଙ୍କ ପକ୍ଷରୁ ଗୁରୁବାର ବୟନ ଶିଳ୍ପ କ୍ଷେତ୍ରରେ ପ୍ରଡକ୍ସନ ଲିଙ୍କ୍‌ଡ ଇନ୍‌ସେନ୍‌ଟିଭ(ପିଏଲ୍‌ଆଇ) ଯୋଜନା ଅନୁଯାୟୀ ୧୯,୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ନିବେଶ ପାଇଁ ଗିନି ଫିଲାମେଣ୍ଟସ୍, କିମ୍ବର୍ଲି କ୍ଲାର୍କ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଏବଂ ଅରବିନ୍ଦ ଲିମିଟେଡ୍ ସହିତ ୬୧ଟି କମ୍ପାନୀର ଆବେଦନକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ବୟନ ଶିଳ୍ପ ସଚିବ ୟୁ.ପି. ସିଂ କହିଛନ୍ତି, ଏହି ସେକ୍ଟର ପାଇଁ ପିଏଲ୍‌ଆଇ ଯୋଜନା ଅନୁସାରେ ୬୭ଟି ପ୍ରସ୍ତାବ ମିଳିଥିଲା। ଯେଉଁ ସମସ୍ତ ଆବେଦନକୁ ମଞ୍ଜୁରୀ ଦିଆଯାଇଛି, ସେମାନଙ୍କଠାରୁ ୧୯,୦୭୭ କୋଟି ଟଙ୍କା ନିବେଶ କରାଯିବାର ଆଶା ରଖାଯାଇଛି। ତେବେ ୧,୮୪,୯୧୭ କୋଟି ଟଙ୍କାର ଆନୁମାନିକ ଟର୍ନଓଭର ରହିଥିବା ବେଳେ ଏହା ସହିତ ୨,୪୦,୧୩୪ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବା ଆଶା କରାଯାଉଥିବା ସଚିବ ସିଂ କହିଛନ୍ତି।

ସୂଚନାଯୋଗ୍ୟ, ସରକାର ନିର୍ମାଣ କ୍ଷମତା ଏବଂ ଆମଦାନୀ ବଢ଼ାଇବା ପାଇଁ ଗତ ୫ ବର୍ଷରେ ୧୦,୬୮୩ କୋଟି ଟଙ୍କାର ଆର୍ଥିକ ବ୍ୟୟ ମଞ୍ଜୁର କରିଛନ୍ତି। ଏମ୍‌ଏମ୍‌ଏଫ୍ ପରିଧାନ, ଏମ୍‌ଏମ୍‌ଏଫ୍ କପଡ଼ା ଏବଂ ଟେକ୍ନିକାଲ ଟେକ୍ସଟାଇଲ ଭଳି ଉତ୍ପାଦଗୁଡ଼ିକ ପାଇଁ ପିଏଲ୍‌ଆଇ ଯୋଜନାକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ପିଏଲ୍‌ଆଇ ଯୋଜନା ଅନୁସାରେ ମିଳିଥିବା ୬୭ଟି ପ୍ରସ୍ତାବ ମଧ୍ୟରୁ ପ୍ରଥମ ପର୍ଯ୍ୟାନ୍ତରେ ୧୫ଟି ଆବେଦନ, ୨ୟ ପର୍ଯ୍ୟାୟରେ ୫୨ଟି ଆବେଦନ ମିଳିଥିଲା। ୧ମ ପର୍ଯ୍ୟାୟରେ ସର୍ବନିମ୍ନ ନିବେଶ ୩୦୦ କୋଟି ଟଙ୍କା ଏବଂ ସର୍ବନିମ୍ନ ଟର୍ନଓଭର ୬୦୦ କୋଟି ଟଙ୍କା ହେବା ଆବଶ୍ୟକ। ସେହିଭଳି ୨ୟ ପର୍ଯ୍ୟାୟରେ ସର୍ବନିମ୍ନ ନିବେଶ ୧୦୦ କୋଟି ଏବଂ ସର୍ବନିମ୍ନ ଟର୍ନଓଭର ୨୦୦ କୋଟି ଟଙ୍କା ହେବା ଆବଶ୍ୟକତା ରହିଛି।

ଯେଉଁ ସମସ୍ତ କମ୍ପାନୀର ଆବେଦନକୁ ମଞ୍ଜୁରୀ ପ୍ରଦାନ କରାଯାଇଛି ସେମାନଙ୍କ ମଧ୍ୟରେ ଅଭଗୋଲ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍, ଗୋଆ ଗ୍ଲାସ୍ ଫାଇବର ଲିମିଟେଡ୍, ଏଚ୍‌ପି କଟନ ଟେକ୍ସଟାଇଲ ମିଲ୍ସ, କିମ୍ବର୍ଲି କ୍ଲାର୍କ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍, ଏମ୍‌ସିପିଆଇ ପ୍ରାଇଭେଟ୍ ଲିମିଟେଡ୍, ଡୋନିୟର ଇଣ୍ଡଷ୍ଟ୍ରିଜ୍, ଗୋକଲଦାସ ଏକ୍ସପୋର୍ଟସ୍ ଏବଂ ଅରବିନ୍ଦ ଲିମିଟେଡ୍ ସାମିଲ ଅଛନ୍ତି। ଏ ସମ୍ପର୍କରେ ସିଂ କହିଛନ୍ତି , ଏହି ଯୋଜନା ବୈଶ୍ୱିକ ମାନବ ନିର୍ମିତ ଫାଇବର ଏବଂ ଟେକ୍ନିକାଲ୍ ଟେକ୍ସଟାଇଲ୍ କ୍ଷେତ୍ରରେ ଭାରତର ଅଂଶଗ୍ରହଣକୁ ବଢ଼ାଇବାରେ ସହଯୋଗ କରିବ। ଏହି ଟେକ୍ନିକାଲ ଟେକ୍ସଟାଇଲର ଆମଦାନୀକୁ ୨ ବିଲିୟନ ଡଲାରରୁ ୧୦ ବିଲିୟନ ଡଲାର ପର୍ଯ୍ୟନ୍ତ ବୃଦ୍ଧି ଲକ୍ଷ୍ୟ ନେଇ ଆଗକୁ ବଢୁଥିବା ସିଂ କହିଛନ୍ତି।

# ସେନ୍‌କୋ ଗୋଲ୍ଡର ବ୍ରାଣ୍ଡ୍ ଆମ୍ବାସାଡର ନିଯୁକ୍ତ

କୋଲକାତା/ଗୁଆହାଟୀ,୧୪।୪



ବଙ୍ଗଳା ଅଭିନେତ୍ରୀ ମଧୁମିତା ସରକାର।

ପୂର୍ବଭାରତର ଅଗ୍ରଣୀ ଜୁଏଲେରି ରିଟେଲ ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଗୁରୁବାର ସ୍ଥାନୀୟ ଦୁଇ ପ୍ରସିଦ୍ଧ ଅଭିନେତ୍ରୀଙ୍କୁ କମ୍ପାନୀର ଆଞ୍ଚଳିକ ବ୍ରାଣ୍ଡ ଆମ୍ବାସାଡର ଭାବରେ ଅନୁବନ୍ଧିତ କରିଛି। ପ୍ରସିଦ୍ଧ ବଙ୍ଗଳା ଅଭିନେତ୍ରୀ ମଧୁମିତା ସରକାର ଏବଂ ଲୋକପ୍ରିୟ ଅସମିଆ ଅଭିନେତ୍ରୀ କୌଶିକଙ୍କୁ ଏହାର ଆଞ୍ଚଳିକ ବ୍ରାଣ୍ଡ ଆମ୍ବାସାଡର କରାଯାଇଛି। ଆଞ୍ଚଳିକ ଗ୍ରାହକଙ୍କୁ ଆକର୍ଷିତ କରିବା ଉଦ୍ଦେଶ୍ୟରେ କମ୍ପାନୀ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଏହାପୂର୍ବରୁ ୨୦୨୧ ଅକ୍ଟୋବରରୁ ବର୍ତ୍ତମାନ ପର୍ଯ୍ୟନ୍ତ ସେନ୍‌କୋ ପକ୍ଷରୁ ବଲିଉଡ୍ ଅଭିନେତ୍ରୀ କିଆରା ଆଡଭାନୀ କମ୍ପାନୀ ବ୍ରାଣ୍ଡ ଆମ୍ବାସାଡର ରହିଥିଲେ। ମଧୁମିତା ପଶ୍ଚିମବଙ୍ଗରେ ବ୍ରାଣ୍ଡର ପ୍ରଚାର କରିବାକୁ ଥିବାବେଳେ କୌଶିକ ବିହୁ ସମୟରେ ଆସାମ, ତ୍ରିପୁରା ସମେତ ଉତ୍ତର-ପୂର୍ବ ରାଜ୍ୟରେ ବ୍ରାଣ୍ଡ ଅଳଙ୍କାର ସମ୍ବନ୍ଧରେ ପ୍ରଚାର କରିବେ। ଏ ସମ୍ପର୍କରେ ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ନିର୍ଦ୍ଦେଶିକା, ଡିଜାଇନ୍ ଏବଂ ମାର୍କେଟିଂ ପ୍ରମୁଖ ସୁଶ୍ରୀ ଜୋଇତା ସେନ୍ କହିଛନ୍ତି, ସିନେ ଜଗତର ଦୁଇ ଅଗ୍ରଣୀ ମହିଳାଙ୍କୁ ଆମେ ବ୍ରାଣ୍ଡ ଆମ୍ବାସାଡର ଭାବରେ ପାଇ ଆନନ୍ଦିତ। ଏହି ଦୁଇ ଅଭିନେତ୍ରୀଙ୍କ ସହଯୋଗରେ ଗ୍ରାହକମାନେ ଆମ ବ୍ରାଣ୍ଡ ପ୍ରତି ଅଧିକ ଆକର୍ଷିତ ହେବେ ବୋଲି ନିଶ୍ଚିତ ଥିବା ସେନ୍ କହିଛନ୍ତି।

# ଅଶ୍ୱିନୀ ୱେଲ୍‌ନେସ୍ ସେଣ୍ଟର ଉଦ୍‌ଘାଟିତ

ଭୁବନେଶ୍ୱର,୧୪।୪




ଅଶ୍ୱିନୀ ହସ୍ପିଟାଲ ଗ୍ରୁପ୍‌ର ଏକ ଅଂଶ ଭାବେ ଜଣାଶୁଣା ଅଶ୍ୱିନୀ ୱେଲ୍‌ନେସ୍ ସେଣ୍ଟର ବୁଧବାର ସ୍ଥାନୀୟ ନାଲ୍‌କୋ ଛକଠାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାହିତ୍ୟିକ ଦାସ ବେନହୁରଙ୍କ ସମେତ ଅଶ୍ୱିନୀ ହସ୍ପିଟାଲର ମୁଖ୍ୟ ଡା. ସୁବ୍ରତ କୁମାର ଜେନା ଓ ଡା. ମାୟା ଗନ୍ତାୟତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସାରା ଓଡ଼ିଶା ଏପରିକି ଦ୍ୱୈତନଗରରେ ଏହା ଏକ ୱାନ୍-ଷ୍ଟପ୍ ୱେଲ୍‌ନେସ୍ ସେଣ୍ଟର ହେବାକୁ ଯାଉଛି। ଅଶ୍ୱିନୀ ୱେଲ୍‌ନେସ୍ ହେଉଛି ରାଜ୍ୟର ପ୍ରଥମ 'ହେଲ୍‌ଥ କେୟାର ଡେଷ୍ଟିନେଶନ'। ଏଠାରେ ରୋଗୀମାନଙ୍କ ପାଇଁ ସର୍ବୋତ୍ତମ ସୁବିଧା ରହିଛି। ଏହାର ସୁପ୍ରଶିକ୍ଷିତ କର୍ମଚାରୀମାନେ ସବୁ ଆବଶ୍ୟକତାକୁ ଅତ୍ୟନ୍ତ ସହାନୁଭୂତିଶୀଳ ହୋଇ ଉତ୍ତମ ବୁଝାମଣା ସହିତ ପୂରା କରିବେ ବୋଲି ସେଣ୍ଟର ପକ୍ଷରୁ କୁହାଯାଇଛି। ଅଶ୍ୱିନୀ ୱେଲ୍‌ନେସ୍‌ରେ ଅଶ୍ୱିନୀ ଫାର୍ମାସୀ ଅନ୍ତର୍ଭୁକ୍ତ ଯେଉଁଠି ସମସ୍ତ ଫାର୍ମାସ୍ୟୁଟିକାଲ୍ ଉତ୍ପାଦ, ଓଟିସି ଉତ୍ପାଦ, ଲାଇଫଷ୍ଟାଇଲ୍ ଉତ୍ପାଦ ଆଦି ଏକ ବୃହତ୍ ରିଟେଲ କାଉଣ୍ଟର ରହିଛି। ସେହିଭଳି ସିଟି କ୍ଲିନିକ୍, ତତ୍ତ୍ୱ କ୍ଲିନିକ୍, ପ୍ରତିଷ୍ଠିତ ଚର୍ମ ବିଶେଷଜ୍ଞ (ଡର୍ମାଟୋଲୋଜିଷ୍ଟ) ଏବଂ କସ୍ମେଟିକ୍ ସର୍ଜନମାନଙ୍କ ଦ୍ୱାରା ଆବଶ୍ୟକ ସେବା ପ୍ରଦାନ କରୁଛି। ସେହିପରି ସୁକୋ ଜରିଆରେ ମଧୁମେହ ରୋଗୀମାନଙ୍କୁ ଉତ୍କୃଷ୍ଟ ପରାମର୍ଶ ଦିଆଯାଏ।

ଏ ସମ୍ପର୍କରେ ସୁମା ଦାସ କୁହନ୍ତି, ସ୍ୱାସ୍ଥ୍ୟସେବା ସମ୍ବନ୍ଧରେ ଆମର ବିଚାର ସବୁବେଳେ ରୋଗୀମାନଙ୍କୁ ଭଲ ଅନୁଭବ ଦେବା ଏବଂ ସେମାନଙ୍କର ସମସ୍ତ ଆବଶ୍ୟକତା ପୂରଣ ପାଇଁ ଅଶ୍ୱିନୀ ୱେଲ୍‌ନେସ୍ ହେଉଛି ଏକ ଉପଯୁକ୍ତ ସ୍ଥାନ।

# ଦିଲ୍ଲୀରେ ପିଏନ୍‌ଜି ଦର ବୃଦ୍ଧି

ନୂଆଦିଲ୍ଲୀ,୧୪।୪

ଗୁରୁବାର ଜାତୀୟ ରାଜଧାନୀ ଦିଲ୍ଲୀରେ ପାଇପ୍‌ଡ ନାଚୁରାଲ୍ ଗ୍ୟାସ୍ (ପିଏନ୍‌ଜି) ଦରରେ ଆଖିଦୃଶିଆ ବୃଦ୍ଧି ଘଟିଛି। ଏହାର ଦର ପ୍ରତି ଷ୍ଟାଣ୍ଡାର୍ଡ କ୍ୟୁବିକ୍ ମିଟର(ଏସ୍‌ସିଏମ୍) ପିଛା ୪.୨୫ ଟଙ୍କା ବୃଦ୍ଧି ହୋଇଛି। ଦିଲ୍ଲୀ-ଏନ୍‌ସିଆର୍‌ରେ ପିଏନ୍‌ଜି ଯୋଗାଉଥିବା ଇନ୍ଦ୍ରପ୍ରସ୍ଥ ଗ୍ୟାସ୍ ଲିମିଟେଡ୍ (ଆଇଜିଏଲ୍) କମ୍ପାନୀ ଦିଲ୍ଲୀରେ ପିଏନ୍‌ଜି ଦର ଏସ୍‌ସିଏମ୍ ପିଛା ୪୫.୮୬ ଟଙ୍କାକୁ ବୃଦ୍ଧି କରିଛି। ଏହାଛଡ଼ା ଗାଜିଆବାଦ, ନୋଏଡା ଏବଂ ଗ୍ରେଟର ନୋଏଡାରେ ପିଏନ୍‌ଜିର ବର୍ଦ୍ଧିତ ଦର ୪୫.୯୬ ଟଙ୍କା ରହିଥିବାବେଳେ ଗୁରୁଗ୍ରାମରେ ଏସ୍‌ସିଏମ୍ ପିଛା ୪୪.୦୬ ଟଙ୍କା ରହିଛି। ସୂଚନାଯୋଗ୍ୟ, ଗତ ୨ସପ୍ତାହ ମଧ୍ୟରେ ଦିଲ୍ଲୀରେ ପିଏମ୍‌ଜି ଦରରେ ୧୦ଟଙ୍କାରୁ ଊର୍ଦ୍ଧ୍ୱ ବୃଦ୍ଧି ଘଟିଛି।

# ଏଲ୍‌ଆଇସି ଶେୟାର ବିକ୍ରି ପାଇଁ ଆଙ୍କର ଇନ୍‌ଭେଷ୍ଟର୍ସ ମନୋନୀତ

ନୂଆଦିଲ୍ଲୀ,୧୪।୪

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ରେ ସରକାର ନିଜ ଅଂଶଧନ ବିକ୍ରି କରିବା ପାଇଁ ପ୍ରାୟ ୫୦-୬୦ ଆଙ୍କର ଇନ୍‌ଭେଷ୍ଟର୍ସ ଚୟନ କରିଛନ୍ତି। ସେଥିମଧ୍ୟରେ ବ୍ଲାକ୍‌ରକ, ସ୍ୟାଣ୍ଡସ କ୍ୟାପିଟାଲ, ଫିଡେଲିଟି ଇନ୍‌ଭେଷ୍ଟମେଣ୍ଟସ୍, ଷ୍ଟାଣ୍ଡାର୍ଡ ଲାଇଫ୍ ଏବଂ ଜେପି ମୋର୍ଗାନ ଭଳି ଅଗ୍ରଣୀ ଫାଇନାନ୍ସିଆଲ କମ୍ପାନୀଗୁଡ଼ିକ ସାମିଲ ଅଛନ୍ତି। ସରକାର ଏଲ୍‌ଆଇସିର ଭାଲ୍ୟୁଏସନ୍‌କୁ ନେଇ ଆଙ୍କର ଇନ୍‌ଭେଷ୍ଟର୍ସମାନଙ୍କଠାରୁ ଫିଡ୍‌ବ୍ୟାକ୍ ମଧ୍ୟ ନେଇଛନ୍ତି। ଗଣମାଧ୍ୟମ ସୂଚନା ଅନୁସାରେ ଏଲ୍‌ଆଇସିର ମୂଲ୍ୟାୟନ ପ୍ରାୟ ୭,୦୦,୦୦୦ କୋଟି ଟଙ୍କା ହୋଇଛି। ସରକାର ଇନ୍‌ଭେଷ୍ଟର୍ସମାନଙ୍କୁ ଆକର୍ଷିତ କରିବା ଉଦ୍ଦେଶ୍ୟରେ ଏଲ୍‌ଆଇସିର ଆଟ୍ରାକ୍ଟିଭ୍ ଭାଲ୍ୟୁଏସନ୍ କରିବାକୁ ଚାହୁଁଛନ୍ତି। ଏହାଦ୍ୱାରା ଏଲ୍‌ଆଇସି ଆଇପିଓରେ ଅର୍ଥ ନିବେଶ କରିଥିବା ନିବେଶକମାନେ ଉତ୍ତମ ଲାଭ ପାଇପାରିବେ। ସୂଚନାଯୋଗ୍ୟ, ସରକାରଙ୍କ ପାଖରେ ଏଲ୍‌ଆଇସିରେ ସର୍ବାଧିକ ୭.୫% ଅଂଶଧନ ବିକ୍ରି କରିବାର ଅଧିକାର ରହିଛି। ତେବେ ସରକାର ଏଲ୍‌ଆଇସିରେ ୫%ରୁ କିଛି ଅଧିକ ମାତ୍ରାରେ ଅଂଶଧନ ବିକ୍ରି କରିବା ଯୋଜନା ରଖିଛନ୍ତି।

## ଫୁର୍‌ସତ



# ଜୀବନସାଥୀ ହେଲେ ଆଲିଆ-ରଣବୀର

**ମୁମ୍ବାଇ:** ସବୁ ଅପେକ୍ଷାର ଅନ୍ତ ଘଟିଛି। ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି ବଲିଉଡ୍ ଜଗତର ଦୁଇ କଳାକାର ରଣବୀର କପୁର ଓ ଆଲିଆ ଭଟ୍ଟ। ଗୁରୁବାର ବୈଦିକ ରୀତିନୀତିରେ ଦୁହିଁଙ୍କ ବାହାଘର ସମ୍ପନ୍ନ ହୋଇଛି। ସନ୍ଧ୍ୟା ପ୍ରାୟ ସାଢେ ୭ଟା ବେଳେ ନବ ଦମ୍ପତି ମିଡିଆ ଆଗରେ ଉଭା ହୋଇଥିଲେ। ଆଲିଆ ଧଳା ରଙ୍ଗର ଶାଢ଼ି ପିନ୍ଧିଥିବାବେଳେ ରଣବୀର ସମାନ ରଙ୍ଗର ଶେରୱାନୀ ଓ ମୁକୁଟ ପିନ୍ଧିଥିବା ନଜରକୁ ଆସିଛନ୍ତି। ସୂଚନାଯୋଗ୍ୟ ଫ୍ୟାଶନ ଡିଜାଇନର ସବ୍ୟସାଚୀ ଉଭୟଙ୍କ ଆଉଟ୍‌ଫିଟ୍ ତିଆରି କରିଥିଲେ। ଦୁହେଁ ବେଶ୍ ଖୁସି ଦେଖାଯାଉଥିବାବେଳେ ମିଡିଆ ସାମ୍ନାରେ ନବ ଦମ୍ପତି ପୋଜ୍ ଦେବା ସହ ରଣବୀର ଆଲିଆଙ୍କୁ ବାହୁରେ ଟେକିନେଇଥିଲେ। ବାହାଘର ପାଇଁ ବୁଧବାରଠାରୁ ମେହେନ୍ଦୀ, ସଙ୍ଗୀତ ଓ ହଳଦୀ ରସମ ଆରମ୍ଭ ହୋଇଥିଲା। ମୁମ୍ବାଇରେ ଥିବା ରଣବୀରଙ୍କ ଘର ବାସ୍ତୁରେ ଏହି ବିବାହ ଶେଷ ହୋଇଛି। ବିବାହ ତାରିଖକୁ ନେଇ ଉଭୟଙ୍କ ପରିବାର ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳି ନ ଥିବାବେଳେ ମିଡିଆଠାରୁ ଦୂରରେ ରଖିବା ପାଇଁ କପୁର ଓ ଭଟ୍ଟ ପରିବାର ମ୍ୟାରେଜ୍ ଡେଟ୍ ଗୋପନ ରଖିଥିଲେ। ଫିଲ୍ମ ନିର୍ଦ୍ଦେଶକ କରଣ ଜୋହର, ପୂଜା ଭଟ୍ଟ, କରିନା କପୁର, କରିଶ୍ମା କପୁର, ସୈଫ ଅଲ୍ଲୀ ଖାନ୍ ପ୍ରମୁଖ ଏହି ବିବାହ ଉତ୍ସବରେ ସାମିଲ ହୋଇଥିଲେ। ରଣବୀର ଆଲିଆ ଆସନ୍ତା ୧୬ ଓ ୧୭ ତାରିଖରେ ଦୁଇଟି ରିସେପ୍ସନ ପାର୍ଟିର ଆୟୋଜନ କରିବେ। ଯେଉଁଥିରେ ଶାହରୁଖ ଖାନ୍, ଦୀପିକା ପାଦୁକୋନ, ସଞ୍ଜୟ ଲୀଳା ଭଂସାଳୀ ପ୍ରମୁଖ ନାମୀଦାମୀ କଳାକାର ଓ ଫିଲ୍ମ ନିର୍ଦ୍ଦେଶକ ପ୍ରଯୋଜକ ସାମିଲ ହେବେ ବୋଲି କୁହାଯାଉଛି।

# ହଟିଲା କଟକଣା, କାନ କାଟିଲେ ଯୁବକ



**ବ୍ରାସିଲିଆ:** ବ୍ରାଜିଲରେ ମହାମାରୀ କରୋନା ସଂକ୍ରମଣ କମିବା ପରେ ସମସ୍ତ କଟକଣା ହଟାଇ ଦିଆଯାଇଛି। ଦେଶରେ ମାସ୍କ ପିନ୍ଧିବା ଆଉ ବାଧ୍ୟତାମୂଳକ ନ ଥିବା ହେତୁ ବ୍ରାଜିଲର ଜଣେ ଯୁବକ ତାଙ୍କର ଦୁଇ କାନ କାଟି ଦେଇଛନ୍ତି। ମିଚେଲ ଫାରୋ ପ୍ରାଡୋ ନାମରେ ଏହି ଯୁବକ ନିଜର ଅଜବଗଜବ କାମ ପାଇଁ ଚର୍ଚ୍ଚାରେ ରହିଆସୁଥିବାବେଳେ ଏବେ କାନ କାଟି ଲୋକଙ୍କ ଧ୍ୟାନ ଆକର୍ଷଣ କରିଛନ୍ତି। ପ୍ରାଡୋ ଜଣେ ବଡ଼ି ଟ୍ରାନ୍ସଫର୍ମର। ରାକ୍ଷସ ଭଳି ଦେଖାଯିବା ପାଇଁ ଯୁବକ ଜଣକ ସର୍ଜରି ଜରିଆରେ ନିଜ ଶରୀରର ଆକାର ସାଙ୍ଗକୁ ଅପ୍ରାକୃତିକ ପରିବର୍ତ୍ତନ କରିଥାନ୍ତି। ବର୍ତ୍ତମାନ ସୁଦ୍ଧା ସେ ନିଜ ଶରୀରରେ ୬୦ଟି ସର୍ଜରି କରିସାରିଥିବାବେଳେ ନିଜ ଶରୀରର ୮୫% ପରିବର୍ତ୍ତନ କରିସାରିଛନ୍ତି। ପ୍ରକାଶ ପାଇଥିବା ରିପୋର୍ଟ ଅନୁସାରେ ସେ ବହୁତ ଦିନ ଧରି କଟକଣା ହଟାଯିବା ଅପେକ୍ଷାରେ ରହିଥିଲେ। କାନ କାଟିବା ପରେ ସେ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରିଥିଲେ।

# ନାମକରଣରୁ କୋଟିଏ ରୋଜଗାର



**ୱାଶିଂଟନ:** ଅର୍ଥ ରୋଜଗାର କରିବାକୁ ସମସ୍ତେ ଚାହାନ୍ତି। କିନ୍ତୁ ରୋଜଗାରର ଉପାୟ ସମସ୍ତଙ୍କ ପାଖରେ ଉପଲବ୍ଧ ନ ଥାଏ। କିଛି ଲୋକ ଉଚ୍ଚ ଡିଗ୍ରୀ ହାସଲ ପରେ ବେକାର ହୋଇ ବୁଲୁଛନ୍ତି ତ ଆଉ କିଛି ଅଳ୍ପ ପାଠ ପଢ଼ି ସୁଦ୍ଧା ବିପୁଳ ପରିମାଣର ଅର୍ଥ ଉପାର୍ଜନ କରୁଛନ୍ତି। ଆମେରିକାର ଜଣେ ମହିଳା ବେବି ନେମର ପାଲଟି କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି। ନ୍ୟୁୟର୍କର ୩୩ ବର୍ଷୀୟା ଟଏଲୋର। ପ୍ରଫେଶନରେ ସେ ଜଣେ ରାଇଟର, ଷ୍ଟୋରିଟେଲର ହୋଇଥିବାବେଳେ ସେ ଜଣେ ପ୍ରଫେସନାଲ ବେବି ନେମର। ଏହା ଜରିଆରେ ସେ ବର୍ଷକୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର କରୁଛନ୍ତି। ୨୦୧୫ରେ ସେ ନିଜର ଏହି ବ୍ୟବସାୟ ଆରମ୍ଭ କରିଥିଲେ। ଟଏଲୋରଙ୍କ ସର୍ଭିସ୍ ଚାର୍ଜ ୧୫ ଡଲାରରୁ ଆରମ୍ଭ ହୋଇଥାଏ। ତେବେ ଉଭୟ ଫୋନ୍ ଏବଂ ସିଧାସଳଖ ସାକ୍ଷାତ ଜରିଆରେ ସେ ପିଲାଙ୍କ ନାମକରଣ କରୁଥିବାବେଳେ ଏ ନେଇ ସେ ପ୍ରଥମେ ଅଭିଭାବକଙ୍କୁ କିଛି ପ୍ରଶ୍ନ ପଚାରିଥାନ୍ତି। ସେମାନଙ୍କ ଉତ୍ତରକୁ ଦୃଷ୍ଟିରେ ରଖି ଟଏଲୋର ଶିଶୁଙ୍କ ନାମ ଦିଅନ୍ତି। ଟଏଲୋରଙ୍କ କୌଣସି ସନ୍ତାନ ନ ଥିବାବେଳେ ଶିଶୁ ବ୍ୟବସାୟରୁ ସେ କୋଟି କୋଟି ଲାଭ କରୁଛନ୍ତି। ୨୦୨୦ରେ ମୋଟ ୧୦୦ ଜଣ ପ୍ୟାରେଣ୍ଟସ୍ ତାଙ୍କ ପିଲାଙ୍କ ନାମ କରଣ ପାଇଁ ଟଏଲୋରଙ୍କ ପରାମର୍ଶ ଲୋଡ଼ିଥିବାବେଳେ ସେ ବର୍ଷ ୧.୧୪ କୋଟି ଟଙ୍କା ସେ ରୋଜଗାର କରିଥିବା କହିଛନ୍ତି।

# ପ୍ରଥମ ଦିନରେ ୧୫୦ କୋଟି

## କେଜିଏଫ୍ ଚାପ୍ଟର-୨




ରିଲିଜ୍ ହୋଇଯାଇଛି ବହୁ ପ୍ରତୀକ୍ଷିତ ସୁପରହିଟ୍ କନ୍ନଡ ଫିଲ୍ମ 'କେଜିଏଫ'ର ଦ୍ୱିତୀୟ ସଂସ୍କରଣ ବା କେଜିଏଫ୍ ଚାପ୍ଟର ୨। ଫିଲ୍ମଟି ଦର୍ଶକଙ୍କୁ ଆଶାନୁରୂପ ମନୋରଞ୍ଜନର ଖୋରାକ ଯୋଗାଇଥିବା କୁହାଯାଉଛି। ଆକ୍ସନ, ଥ୍ରୀଲର, ହାଇ ଡ୍ରାମା ଓ ସସ୍ପେନ୍ସ ଭରି ରହିଥିବା ଏହି ଚଳଚ୍ଚିତ୍ରରେ କନ୍ନଡ଼ ନାୟକ ୟଶ୍ ଏବଂ ସଞ୍ଜୟ ଦତ୍ତଙ୍କ ଦମ୍‌ଦାର ଆକ୍ସନ ସିନେପ୍ରେମୀଙ୍କ ଦୃଷ୍ଟି ଆକର୍ଷଣ କରିଛି। ଫିଲ୍ମରେ ୟଶ୍ ରକି ଭୂମିକାରେ ଅଭିନୟ କରିଥିବାବେଳେ ସଞ୍ଜୟ ଦତ୍ତ ଅଧୀରା ଚରିତ୍ରରେ ନଜରକୁ ଆସିଛନ୍ତି। କେଜିଏଫ୍‌ର ପ୍ରଥମ ସଂସ୍କରଣରେ ରକି ଗରୁଡାକୁ ହତ୍ୟା କରିଥିଲେ। ତେବେ ଚାପ୍ଟର ୨ର କାହାଣୀ କୋଲାର ଗୋଲ୍ଡ ଫିଲ୍ଡ(କେଜିଏଫ୍)ର ମୁଖିଆ ଭାବେ ରକି ଉଭା ହୋଇଛନ୍ତି। ଗୋଲ୍ଡ ଫିଲ୍ଡକୁ ଏକ ବଡ଼ ସାମ୍ରାଜ୍ୟ କରିବା ପାଇଁ ରକି ସ୍ୱପ୍ନ ଦେଖୁଥିବାବେଳେ ଏଥିରେ ବାଧା ସୃଷ୍ଟି କରିବାରେ ଲାଗିଛନ୍ତି ତାଙ୍କ ଶତ୍ରୁସବୁ। ଯେଉଁଥିରେ ଅଧୀରା ମଧ୍ୟ ସାମିଲ ରହିଛି। ସାମ୍ରାଜ୍ୟ ଲୋଭରେ ଅଧୀରା ରକିକୁ ମାରିବା ପାଇଁ ବହୁ ଯୋଜନା କରୁଥିଲେ ହେଁ କୌଣସିଥିରେ ସେ ସଫଳ ହୋଇପାରୁ ନାହିଁ। ଫିଲ୍ମରେ ଉଭୟଙ୍କ ଦମ୍‌ଦାର ଡାଇଲଗ୍‌ବାଜି ସାଙ୍ଗକୁ ଆକ୍ସନ ଦର୍ଶକଙ୍କୁ ପସନ୍ଦ ଆସିଛି। ରବିନା ଟଣ୍ଡନ ରାମିକା ସେନ୍ ନାମରେ ଜଣେ ନାରୀନେତ୍ରୀଙ୍କ ଭୂମିକାରେ ନଜରକୁ ଆସିଥିବାବେଳେ ଶ୍ରୀନିଧି ସେଟ୍ଟୀ ନାୟିକା ସାଜିଛନ୍ତି।

ବିଶ୍ୱର ୧୦ ହଜାର ପ୍ରେକ୍ଷାଳୟରେ ଫିଲ୍ମଟି ରିଲିଜ ହୋଇଥିବାବେଳେ ଭାରତର ୪୪୦୦ ହଲ୍‌ରେ ମୁକ୍ତିଲାଭ କରିଛି। ଚାପ୍ଟର-୨ ବିଶ୍ୱବ୍ୟାପୀ ଭଲ ବ୍ୟବସାୟ କରିଥିବାବେଳେ ପ୍ରଥମ ଦିନରେ ୧.୫ ଲକ୍ଷ ଡଲାର (ପ୍ରାୟ ୧୫୦ କୋଟି ଟଙ୍କା) କଲେକ୍ସନ କରିଛି ଏହି ଫିଲ୍ମ। ସେହିପରି ଫିଲ୍ମର ହିନ୍ଦୀ ସଂସ୍କରଣ ଗୁରୁବାର ୫୦ କୋଟି ଟଙ୍କାର ବ୍ୟବସାୟ କରିଛି।

## ବଜ୍ରପାତରେ ମହିଳାଙ୍କ ମୃତ୍ୟୁ

ଭଞ୍ଜନଗର,୧୪।୪(ଡି.ଏନ୍.ଏ): ଭଞ୍ଜନଗର ତହସିଲ ଅନ୍ତର୍ଗତ ଅଗଝୋଳ ଗ୍ରାମରେ ଗୁରୁବାର ଅପରାହ୍ଣରେ ବଜ୍ରପାତରେ ଜଣେ ମହିଳା ଓ ଗୋଟିଏ ଛେଳିର ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ କଳାବତୀ ନାଇକ (୭୦)। ସେ ଛେଳି ଚରାଇବାକୁ ବାହାରିବା ସମୟରେ ବଜ୍ରପାତ ହୋଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ଭଞ୍ଜନଗର ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଅପରପକ୍ଷରେ ଭଞ୍ଜନଗର ଅଞ୍ଚଳରେ ବିଦ୍ୟୁତ୍ ସେବା ବ୍ୟାହତ ହୋଇଛି । କଣ୍ଟେଇପଲ୍ଲୀ ଗ୍ରୀଡ୍ ସବ୍‌ଷ୍ଟେଶନରୁ ଭଞ୍ଜନଗର ଆସିଥିବା ୩୩ କେଭି ଲାଇନ୍‌ରେ ତ୍ରୁଟି ଯୋଗୁ ଏହି ସମସ୍ୟା ଦେଖାଦେଇଛି ।

## ସଂକ୍ଷେପରେ

### 'ସିପସରୁବାଲି ଜମି ଆନ୍ଦୋଳନକାରୀ ବଟକୃଷ୍ଣଙ୍କ ଗିରଫ ନ୍ୟାୟ ବ୍ୟବସ୍ଥାର ଉଲ୍ଲଂଘନ'

ଭୁବନେଶ୍ୱର,୧୪।୪ (ବ୍ୟୁରୋ): ଉପକୂଳୀୟ ଜମି ଓ ଜଙ୍ଗଲ ସୁରକ୍ଷା ସମିତିର ଆବାହକ ତଥା ସିପସରୁବାଲି ଜମି ଆନ୍ଦୋଳନର ପ୍ରମୁଖ ସାଥି ବଟକୃଷ୍ଣ ସ୍ୱାଇଁଙ୍କୁ ଗିରଫ ଅତ୍ୟନ୍ତ ଅଗଣତାନ୍ତ୍ରିକ ଓ ଅମାନୁଷିକ ବୋଲି ଜନ ଅଧିକାର ମଞ୍ଚ ପକ୍ଷରୁ କୁହାଯାଇଛି। ଜାମିନରେ ଆସିଥିବା ବଟକୃଷ୍ଣଙ୍କୁ ପୁରୀ ଜେଲ ସାମ୍ନାରୁ ପୁନର୍ବାର ଗିରଫ କରିବାକୁ ନେଇ ମଞ୍ଚ ପକ୍ଷରୁ ଦୃଢ ନିନ୍ଦା କରାଯାଇଛି। ପୁରୀରେ ପର୍ଯ୍ୟଟନର ବିକାଶ ଆଳ ଦେଖାଇ ସିପସରୁବାଲି ଜମିରେ ଆନ୍ତର୍ଜାତିକ ବିମାନଘାଟି ଓ ଶାମୁକା ହୋଟେଲ ପ୍ରକଳ୍ପ କରିବା ଲାଗି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଉଦ୍ୟମ କରୁଛନ୍ତି। ସେଠାକାର ଅଧିବାସୀଙ୍କ ଜୀବନ ଜୀବିକାକୁ ଦମନ କରିଚାଲିଛନ୍ତି। ଉକ୍ତ ପ୍ରକଳ୍ପ ବିରୋଧରେ ଉଠୁଥିବା ସ୍ୱରକୁ ଦବାଇଦେବା ପାଇଁ ବଟକୃଷ୍ଣଙ୍କୁ ଏଭଳି ଗିରଫ କରାଯାଇଥିବା ମଞ୍ଚ ପକ୍ଷରୁ କୁହାଯାଇଛି। ସମସ୍ତ ମକଦ୍ଦମାକୁ ପ୍ରତ୍ୟାହାର କରି ବଟକୃଷ୍ଣଙ୍କୁ ତୁରନ୍ତ ଖଲାସ କରାଯିବା ସହ ଢିଙ୍କିଆ ଓ ମାଳୀ ପର୍ବତ ସମେତ ସମସ୍ତ ଜନ ଆନ୍ଦୋଳନ କର୍ମୀଙ୍କ ବିପକ୍ଷରେ ଆପରାଧିକ ମାମଲାକୁ ପ୍ରତ୍ୟାହାର କରାଯାଉ ବୋଲି ମଞ୍ଚର ସମସ୍ତ ସଦସ୍ୟଙ୍କ ପକ୍ଷରୁ ଦାବି କରାଯାଇଛି।

### ଉଭୟ ଶିଳ୍ପାୟନ, ପରିବେଶକୁ ଗୁରୁତ୍ୱ ଦେବା ଉଚିତ

**ସିଏସ୍ଆଇଆର୍-ଆଇଏମ୍ଏମ୍‌ଟିର ପ୍ରତିଷ୍ଠା ଦିବସ**

ଭୁବନେଶ୍ୱର, ୧୪।୪(ବ୍ୟୁରୋ) : ସିଏସ୍ଆଇଆର୍-ଆଇଏମ୍ଏମ୍‌ଟିର ୫୯ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ନାଲ୍‌କୋ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ବର୍ତ୍ତମାନ ଆମେ ଏକ ସ୍ଥିତିରେ ଅଛୁ, ଯେଉଁଠାରେ ଆମକୁ ଏକ ସ୍ଥାୟୀ ସମାଜ ବିଷୟରେ ଚିନ୍ତା କରିବା ଆବଶ୍ୟକ। ଆମକୁ ଉଭୟ ଶିଳ୍ପାୟନ ତଥା ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେବାକୁ ପଡ଼ିବ। ଆମର କାର୍ଯ୍ୟ ଏବଂ ଚିନ୍ତା ପ୍ରକ୍ରିୟା ସମନ୍ୱୟ ହେବା ଆବଶ୍ୟକ। ଶିଳ୍ପ କ୍ଷେତ୍ରର ଉନ୍ନତି ପାଇଁ ଅନୁସନ୍ଧାନ ଓ ବିକାଶ କାର୍ଯ୍ୟରେ ସିଏସ୍ଆଇଆର୍-ଆଇଏମ୍ଏମ୍‌ଟି ଚମତ୍କାର କାର୍ଯ୍ୟ କରୁଛି ବୋଲି ପାତ୍ର କହିଛନ୍ତି। ସିଏସ୍ଆଇଆର୍-ଆଇଏମ୍ଏମ୍‌ଟିର ନିର୍ଦ୍ଦେଶକ ପ୍ରଫେସର ଏସ୍. ବାସୁ ଉପସ୍ଥିତ ଅତିଥିଙ୍କୁ ସ୍ୱାଗତ କରିବା ସହ ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିଲେ। ଏହି ଅବସରରେ ବିଜ୍ଞାନ ପ୍ରଦର୍ଶନ 'ଜିଜ୍ଞାସା ପ୍ରୋଜେକ୍ଟ' ଆୟୋଜିତ ହୋଇଥିଲା। ଖୋର୍ଦ୍ଧା ଜିଲାର ୫ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟ ଓ ମହାବିଦ୍ୟାଳୟର ୩୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଶିକ୍ଷୟିତ୍ରୀଶିକ୍ଷକଙ୍କ ସହିତ ବିଭିନ୍ନ ଲ୍ୟାବ ପରିଦର୍ଶନ କରି ପରୀକ୍ଷଣ କାର୍ଯ୍ୟ ଦେଖିଥିଲେ। ଏହି ଅବସରରେ ହିନ୍ଦୀ ପତ୍ରିକା 'ଅଭିବ୍ୟକ୍ତି' ଉନ୍ମୋଚିତ ହୋଇଥିଲା। ସିଏସ୍ଆଇଆର୍‌ର ଯୁଗ୍ମ ସଚିବ ମହେନ୍ଦ୍ର କୁମାର ଗୁପ୍ତା (ଆଇଆର୍‌ପିଏସ୍), ଆଇଆଇଟି ଖଡ଼ଗପୁରର ପ୍ରଫେସର ରାହୁଲ ମିତ୍ର, ସ୍ଥାପନ ଦିବସ ଆୟୋଜକ କମିଟି ଅଧ୍ୟକ୍ଷ ଏ.କେ. ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

# ଚୁଡ଼ି ବେପାରୀରୁ ଆନ୍ତଃରାଜ୍ୟ ନିଶା ମାଫିଆ

**ଭୁବନେଶ୍ୱରରୁ କୋକେନ୍ ଜବତ ଘଟଣା**

- ମାର୍କେଟ ବିଲ୍ଡିଂରେ ଦୋକାନ ରହିଥିବା ସୂଚନା
- ସନ୍ନିଙ୍କ ସହ ରିମାଣ୍ଡରେ ଆସିବେ ରବି

ଭୁବନେଶ୍ୱର,୧୪।୪(ବ୍ୟୁରୋ)

କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ମଙ୍ଗଳବାର ଭୁବନେଶ୍ୱରରୁ ଦୁଇ ଆନ୍ତଃରାଜ୍ୟ ନିଶା ମାଫିଆଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୨୦୨ ଗ୍ରାମର ନିଷେଧ ନିଶାଦ୍ରବ୍ୟ 'କୋକେନ' ଜବତ କରିଥିଲା। ତେବେ କୋକେନ କାରବାର ଧରାପଡ଼ିବା ଓଡ଼ିଶାରେ ପ୍ରଥମ ଘଟଣା ହୋଇଥିବାବେଳେ ଏହାକୁ ନେଇ ଏବେ କ୍ରାଇମବ୍ରାଞ୍ଚର ଚିନ୍ତା ବଢ଼ିଛି। ପୂର୍ବରୁ ବ୍ରାଉନସୁଗାର, ଗଞ୍ଜେଇ ଆଦି ବେଆଇନ ନିଶାଦ୍ରବ୍ୟ କାରବାର ରୋକିବାରେ ସଫଳ ହୋଇ ନ ଥିବା ଓଡ଼ିଶା ପୋଲିସ ଓ କ୍ରାଇମବ୍ରାଞ୍ଚ ପାଇଁ ବିଦେଶୀ କୋକେନ ଆଉଏକ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ତେଣୁ ଜେଲରେ ଥିବା ରାଜସ୍ଥାନର ୨ ଅଭିଯୁକ୍ତ ରବି ସିଂ ଓ ସନ୍ନି କୁମାରଙ୍କୁ ରିମାଣ୍ଡରେ ଆଣିବାକୁ ଯୋଜନା ରଖିଛି ଏସ୍‌ଟିଏଫ୍। କୋକେନ କାରବାରରେ ରବି ଓ ସନ୍ନିଙ୍କ ବିଦେଶ ଲିଙ୍କ୍ ରହିଥିବାରୁ ଗୁରୁତ୍ୱ ଆହୁରି ବଢ଼ିଯାଇଛି। ଏଥିସହ ଭୁବନେଶ୍ୱରର ବଡ଼ ବଡ଼ ହୋଟେଲ ଓ ହାଟ ବଜାରରେ ଏହି କାରବାର ଚାଲିଥିବା ସନ୍ଦେହ କରାଯାଉଛି। କାରଣ ସନ୍ନି ଭୁବନେଶ୍ୱର ସାଲିଆସାହିର ତାରିଣୀ ବସ୍ତିରେ ରହିବା ସହ ୟୁନିଟ୍-୨ ମାର୍କେଟ ବିଲ୍ଡିଂରେ ଚୁଡ଼ି ଓ କସ୍‌ମେଟିକ୍ସ ଦୋକାନ କରିଥିବା ଏସ୍‌ଟିଏଫ୍ ଜାଣିବାକୁ ପାଇଛି। କିନ୍ତୁ ସ୍ଥାୟୀ ନା ଅସ୍ଥାୟୀ ତାହା ଜଣାପଡି ନାହିଁ। ତେବେ ଏହା ଏକ ପ୍ରମୁଖ ମାର୍କେଟ ହୋଇଥିବାରୁ ସାରା ରାଜ୍ୟରୁ ବିଭିନ୍ନ ବର୍ଗର ଲୋକ ଓ ବ୍ୟବସାୟୀ ଏଠାକୁ ଆସିଥାନ୍ତି। ତେଣୁ ସେ ତାଙ୍କ ଦୋକାନରେ




ରବି ସିଂ  ସନ୍ନି କୁମାର

ଚୁଡ଼ି ବେପାର ଆଳରେ କୋକେନ ଭଳି ନିଶା କାରବାର କରୁଥିଲେ କି? ଏହି ର୍‌ୟାକେଟ କେବଳ ରାଜଧାନୀରେ ନା ଅନ୍ୟ ଜିଲାକୁ ବ୍ୟାପିଛି? ଏହା ପଛରେ ଆଉକିଏ ସଂପୃକ୍ତ ଅଛନ୍ତି? ରାଜଧାନୀରେ ଏହା କେବେଠୁ ଚାଲିଥିଲା? ସେହିଭଳି ଡିଲର ଓ ଗ୍ରାହକଙ୍କ ସମ୍ପର୍କରେ ଖୋଳତାଡ କରିବାକୁ ଉଦ୍ୟମ ଆରମ୍ଭ ହୋଇଛି। ସନ୍ନିଙ୍କ ସହ ରବିଙ୍କୁ ମଧ୍ୟ ଏସ୍‌ଟିଏଫ୍ ୫ ଦିନିଆ ରିମାଣ୍ଡରେ ଆଣିବା ଲାଗି କୋର୍ଟରେ ଆବେଦନ କରିଛି। କିନ୍ତୁ ଗୁରୁବାର, ଶୁକ୍ରବାର ବନ୍ଦ ରହିଥିବାରୁ କୋର୍ଟ ଶନିବାର ଅନୁମତି ଦେଇପାରନ୍ତି। ସେପଟେ ଏହି ଦୁଇ ଅଭିଯୁକ୍ତ ପଞ୍ଜାବ ଓ ଦିଲ୍ଲୀରେ କୋକେନ ବେପାର କରୁଥିବାବେଳେ ସନ୍ନି ଓଡ଼ିଶା ର୍‌ୟାକେଟର ମୁଖ୍ୟ କାର୍ପେଟଦାର ବୋଲି କୁହାଯାଉଛି। ଏସ୍‌ଟିଏଫ୍‌ର ସୂଚନା ଅନୁଯାୟୀ, କୋକେନ୍ ବିଶେଷକରି ଉତ୍ତର ଆମେରିକା ଓ ବ୍ରାଜିଲ୍‌ରୁ ଉତ୍ପାଦନ ହୁଏ। ସେଠାରୁ ଚୋରାଚାଲାଣ ହୋଇ ଭାରତ ଆସେ। ଏହାପରେ ଦିଲ୍ଲୀ ଓ ମୁମ୍ବାଇର ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଓ ଯୁବପିଢ଼ି ଏହି ନିଶାକୁ ନିଜ ଶରୀରକୁ ନିଅନ୍ତି। ଏହାର ଅନ୍ତର୍ଜାତୀୟ ବଜାର ମୂଲ୍ୟ ୧୦୦ ଗ୍ରାମ୍‌କୁ ୧୦ରୁ ୧୫ ଲକ୍ଷ ହୋଇଥିବାବେଳେ ଭାରତରେ ଏହା ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାରେ ବିକ୍ରି ହୁଏ। ତେବେ ଗତ ସୋମବାର ଅଭିଯୁକ୍ତ ରବି କୋକେନ ଧରି ଟ୍ରେନ୍‌ରେ ଭୁବନେଶ୍ୱରରେ ପହଞ୍ଚି ଏକ ହୋଟେଲରେ ରାତ୍ରିଯାପନ କରିଥିଲେ। ମଙ୍ଗଳବାର ଉକ୍ତ କୋକେନକୁ ବିକ୍ରି କରିବା ଲାଗି ସନ୍ନିଙ୍କ ସହ ଜାଭିୟର ଛକ ନିକଟରେ ଛିଡ଼ା ହୋଇ ଓଡ଼ିଶାର ଡିଲର୍‌ଙ୍କୁ ଅପେକ୍ଷା କରିଥିଲେ। ଏହି ସମୟରେ ଏସ୍‌ଟିଏଫ୍ ଟିମ୍ ଉଭୟଙ୍କୁ କାବୁ କରିଥିଲା।

# କୋର୍ଟରେ ହାଜର ହେଲେ ନାହିଁ ରାମ୍‌କୋ କର୍ତ୍ତୃପକ୍ଷ

**ସିମେଣ୍ଟ କାରଖାନା ପ୍ରଦୂଷଣ ମାମଲା**

ଯାଜପୁର ଅଫିସ,୧୪।୪

ଯେତେ ନୀତିନିୟମ ଉଲ୍ଲଂଘନ କଲେ ବି ଶିଳ୍ପ କାରଖାନା କର୍ତ୍ତୃପକ୍ଷଙ୍କ ପ୍ରତି ସରକାର କେତେ ସହାନୁଭୂତିଶୀଳ ଏକଥା ରାମ୍‌କୋ ସିମେଣ୍ଟ କମ୍ପାନୀ କ୍ଷେତ୍ରରେ ଦେଖିବାକୁ ମିଳୁଛି । ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାଶପୁରଠାରେ ପ୍ରତିଷ୍ଠିତ ରାମ୍‌କୋ ସିମେଣ୍ଟ କର୍ତ୍ତୃପକ୍ଷଙ୍କ ବିରୋଧରେ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାନୁଷ୍ଠାନ ମଧ୍ୟ ଫସର ଫାଟିଛି। ନୋଟିସ୍ ପରେ ବି ଏହି କମ୍ପାନୀର କର୍ତ୍ତୃପକ୍ଷ କୋର୍ଟରେ ହଜାର ହୋଇ ନ ଥିବା ଜଣାପଡିଛି ।

ସୂଚନା ଅନୁଯାୟୀ, ୨୮।୩।୨୦୨୨ରେ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ ରାମ୍‌କୋ କର୍ତ୍ତୃପକ୍ଷଙ୍କୁ ତାଙ୍କ କୋର୍ଟରେ ୧୨ ତାରିଖ ପୂର୍ବାହ୍ଣ ୧୦ଟାରେ ହାଜିର ହୋଇ ପ୍ରଦୂଷଣ ଏବଂ ବିବାଦୀୟ ଜମି ସଂକ୍ରାନ୍ତରେ ଆବଶ୍ୟକ କାଗଜପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଜାରି କରିଥିଲେ। ହେଲେ ରାମ୍‌କୋର ସଂପୃକ୍ତ ଅଧିକାରୀମାନେ ସେହି କୋର୍ଟରେ ହାଜିର ହୋଇ ନ ଥିବା ଅଭିଯୋଗକାରୀ ହେମନ୍ତ କୁମାର ପାଢୀ ସୂଚନା ଦେଇଛନ୍ତି। ଏଥିରୁ ପ୍ରଦୂଷଣ ନିୟନ୍ତ୍ରଣ କରିବା ଦିଗରେ ଅବହେଳା କରିବା ବରଦାସ୍ତଯୋଗ୍ୟ ନୁହେଁ ବୋଲି ସରକାରଙ୍କ ଦୃଢୋକ୍ତି ଏଠାରେ ପୁଣି ଫେଲ ମାରିଛି ବୋଲି ମତପ୍ରକାଶ ପାଇଛି।

ରାମ୍‌କୋ କାରଖାନାରୁ ନିର୍ଗତ ସିମେଣ୍ଟ ଗୁଣ୍ଡ ଓ ବିଷାକ୍ତ ବାୟୁ ପ୍ରଦୂଷଣ ଯୋଗୁ ସ୍ଥାନୀୟ ଲୋକେ ଅତିଷ୍ଠ ହୋଇ ପଡିଛନ୍ତି। ଏନେଇ ରାମ୍‌କୋ କର୍ତ୍ତୃପକ୍ଷ ଏବଂ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କିଛି ସୁଫଳ ମିଳି ପାରିନାହିଁ। ଶେଷରେ ଗତ ୨୪ ତାରିଖରେ ପ୍ରଭାବିତ ଅଞ୍ଚଳବାସୀ ସତ୍ୟବ୍ରତ ରାଉତ, ଜୟଦେବ ନାୟକ, ହେମନ୍ତ କୁମାର ପାଢୀ ଓ କୁଞ୍ଜ ବେହେରା ସବ୍‌ଡିଭିଜନାଲଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାପରେ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ ତଥା ଉପଜିଲାପାଳ ଶରତ ଚନ୍ଦ୍ର ମହାପାତ୍ର ଅଭିଯୋଗର ତଦନ୍ତ କରି ସଂପୃକ୍ତ ଅଞ୍ଚଳରେ ଗୁରୁତର ଭାବେ ଶାନ୍ତିଭଙ୍ଗ ହେଉଥିବା ସେ ସ୍ୱୀକାର କରିଥିଲେ। ଏହିକ୍ରମରେ ଉପଜିଲାପାଳ ମହାପାତ୍ର ରାମ୍‌କୋର ପରିଚାଳନା ନିର୍ଦ୍ଦେଶକ(ଏମଡି) ଓ ପବ୍ଲିକ ରିଲେଶନ ଅଫିସର (ପିଆର୍‌ଓ)ଙ୍କୁ ମଙ୍ଗଳବାର ପୂର୍ବାହ୍ଣ ୧୦ଟାରେ ଆବଶ୍ୟକ କାଗଜପତ୍ର ସହ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଜାରି କରିଥିଲେ। ତେବେ ରାମ୍‌କୋର ଏହି ଅଧିକାରୀଦ୍ୱୟଙ୍କ ଅନୁପସ୍ଥିତି ସଂକ୍ରାନ୍ତରେ ଉପଜିଲାପାଳ ମହାପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ତାଙ୍କ କୋର୍ଟରେ କେତେ ମାମଲା ଆସୁଛି। ସମସ୍ତ ମାମଲା ସଂକ୍ରାନ୍ତରେ ମନେ ରହୁନାହିଁ। ତେଣୁ ରାମ୍‌କୋ ସିମେଣ୍ଟ କାରଖାନା ବିରୋଧରେ ହୋଇଥିବା ମାମଲା ସଂକ୍ରାନ୍ତରେ ତାଙ୍କ କିଛି ମନେ ନାହିଁ।



# ଆଜିଠାରୁ ହିଙ୍ଗୁଳାଯାତ୍ରା

## ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ସମ୍ଭାବନା



ମା' ହିଙ୍ଗୁଳାଙ୍କ ଉଭାସ୍ଥଳୀ ଚାରିପଟେ ବ୍ୟାରିକେଡ୍ କରାଯାଇଛି।

ତାଳଚେର,୧୪।୪(ନି.ପ୍ର.)

ଅନୁଗୋଳ ଜିଲା ତାଳଚେରର ଅଧିଷ୍ଠାତ୍ରୀ ଦେବୀ ଅଗ୍ନିରୂପା ମା' ହିଙ୍ଗୁଳାଙ୍କ ନବଦିନାତ୍ମକ ପ୍ରସିଦ୍ଧ ବାର୍ଷିକ ଯାତ୍ରା ୧୫ ତାରିଖ ଶୁକ୍ରବାରଠାରୁ ଆରମ୍ଭ ହେବ। ମହାମାରୀ କରୋନା ଯୋଗୁ ଗତ ୨ ବର୍ଷ ହେଲା ମା'ଙ୍କ ବାର୍ଷିକ ଯାତ୍ରା କେବଳ ରୀତିନୀତି ମଧ୍ୟରେ ସୀମିତ ରହିଥିଲା। ହେଲେ ଚଳିତ ବର୍ଷ ପ୍ରଶାସନ ପକ୍ଷରୁ ଯାତ୍ରା ଓ ଶ୍ରଦ୍ଧାଳୁଙ୍କ ଉପସ୍ଥିତିକୁ ସବୁଜ ସଙ୍କେତ ଦିଆଯାଇଥିବାରୁ ରାଜ୍ୟ ଓ ରାଜ୍ୟ ବାହାରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ରହିଛି।

୨୩ ତାରିଖ ପର୍ଯ୍ୟନ୍ତ ଧୁମ୍‌ଧାମରେ ହେବାକୁ ଯାଉଥିବା ମା' ହିଙ୍ଗୁଳାଙ୍କ ବାର୍ଷିକ ଯାତ୍ରା ଓ ଲୋକ ମହୋତ୍ସବ ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଶେଷ କରାଯାଇଛି। ମନ୍ଦିର ଓ ଉଭାସ୍ଥଳୀ ଚତୁଃପାର୍ଶ୍ୱ ସହ ବିଭିନ୍ନ ଛକରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ୧୮ତମ ଲୋକ ମହୋତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଶୁକ୍ରବାର ସନ୍ଧ୍ୟା ୬ଟା ୩୦ରେ ଅନୁଷ୍ଠିତ ହେବ। ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ପାନୀୟ ଜଳ, ସର୍ବତ, ଆଖୁରସ, ଆଇସକ୍ରିମ, ତରଭୁଜ, ପଣା ଆଦି ବିତରଣ ବ୍ୟବସ୍ଥା ହୋଇଛି। ଉଭାସ୍ଥଳୀ ପାଖରେ ଏକ ବିଶ୍ରାମସ୍ଥଳୀ ନିର୍ମାଣ କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ମନ୍ଦିର ଚତୁଃପାର୍ଶ୍ୱ ଓ ଉଭାସ୍ଥଳୀ ନିକଟରେ ସିସିଟିଭି କ୍ୟାମେରା ଲଗାଯାଇଛି। ମା' ହିଙ୍ଗୁଳା ଟ୍ରଷ୍ଟ ବୋର୍ଡ ମ୍ୟାନେଜିଂ ଟ୍ରଷ୍ଟି ତଥା ତାଳଚେର ଉପଜିଲାପାଳ ବିଶ୍ୱରଞ୍ଜନ ରଥ ବିଭିନ୍ନ ପର୍ଯ୍ୟାୟରେ ଟ୍ରଷ୍ଟ ବୋର୍ଡ ସଦସ୍ୟ, ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଓ ଏମ୍‌ସିଏଲ୍ ଅଧିକାରୀମାନଙ୍କ ସହିତ ବିସ୍ତୃତ ଆଲୋଚନା କରିଛନ୍ତି। ଆସନ୍ତା ୨୩ ତାରିଖରେ ମା' ଅଗ୍ନିରୂପାଙ୍କ ଶୀତୁଳା ପର୍ବ ସହ ସନ୍ଧ୍ୟାରେ ଲୋକ ମହୋତ୍ସବ ଉଦ୍‌ଯାପିତ ହେବାର କାର୍ଯ୍ୟକ୍ରମ ରହିଛି।

# ଶ୍ରୀନୀଳମାଧବ ମନ୍ଦିରର ସାମଗ୍ରିକ ବିକାଶ ହେବ



୫-ଟି ସଚିବ ଭି.କେ.ପାଣ୍ଡିଆନ ନୀଳମାଧବ ମନ୍ଦିରର ଉନ୍ନୟନ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

ଖଣ୍ଡପଡ଼ା,୧୪।୪(ସ୍ୱ.ପ୍ର.)

ନୟାଗଡ଼ ଜିଲାର ଅନ୍ୟତମ ପର୍ଯ୍ୟଟନସ୍ଥଳୀ କଣ୍ଟିଲୋ ଶ୍ରୀନୀଳମାଧବ ମନ୍ଦିର ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି ୫-ଟି ସଚିବ ଭି.କେ.ପାଣ୍ଡିଆନ୍। ଗୁରୁବାର ସକାଳେ ୫-ଟି ସଚିବ ପାଣ୍ଡିଆନ୍ କଣ୍ଟିଲୋରେ ପହଞ୍ଚିବା ପରେ ଶ୍ରୀନୀଳମାଧବଙ୍କ ମନ୍ଦିରକୁ ଯାଇ ପ୍ରଥମେ ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ। ଏହାପରେ ମନ୍ଦିରର ପାରିପାର୍ଶ୍ୱିକ ଓ ଭୌଗୋଳିକସ୍ଥିତି ସମ୍ପର୍କରେ ପୂଜକ ସମାଜର କର୍ମକର୍ତ୍ତାମାନଙ୍କୁ ପଚାରି ବୁଝିଥିଲେ। ଶ୍ରୀଜଗନ୍ନାଥଙ୍କ ଆଦିକ୍ଷେତ୍ର ରୂପେ ପରିଚିତ ଶ୍ରୀନୀଳମାଧବ ମନ୍ଦିରର ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସରକାର ବଦ୍ଧ ପରିକର ବୋଲି ସେ ସୂଚନା ଦେଇଥିଲେ। ନୀଳମାଧବଙ୍କ ମନ୍ଦିରର ବିକାଶ ପାଇଁ ଅର୍ଥର ଅଭାବ ରହିବ ନାହିଁ ବୋଲି ସେ କହିଥିଲେ। ଏହି ଅବସରରେ ପାଣ୍ଡିଆନ୍ ମନ୍ଦିରର ବିଭିନ୍ନ ଅଭାବ ଅସୁବିଧା ସମ୍ପର୍କରେ ପୂଜକମାନଙ୍କଠାରୁ ପଚାରି ବୁଝିଥିଲେ। ପରିତ୍ୟକ୍ତ ଚନ୍ଦନ ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ଚାଲୁ ରହିଛି। ସେଥିପ୍ରତି ଦୃଷ୍ଟି ଦେବାକୁ ୫-ଟି ସଚିବ ଜିଲାପାଳ ଓ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନୀଳମାଧବଙ୍କ ମନ୍ଦିର ସଂଲଗ୍ନ ଅଞ୍ଚଳରେ ବହୁ ଉନ୍ନୟନ କାମ ଅଧାପନ୍ତରିଆ ଅବସ୍ଥାରେ ପଡ଼ିଛି। ଏଥିପ୍ରତି ଦୃଷ୍ଟି ଦେବାକୁ ୫-ଟି ସଚିବ ବିଭାଗୀୟ ଅଧିକାରୀଙ୍କୁ କହିଛନ୍ତି। ପୁରୀ ଶ୍ରୀମନ୍ଦିର ଢ଼ାଞ୍ଚାରେ ନୀଳମାଧବଙ୍କ ମନ୍ଦିରର ବିକାଶ ସହ ଚତୁଃପାର୍ଶ୍ୱର ଉନ୍ନତୀକରଣ କରାଯିବ ବୋଲି ନିର୍ମାଣ ସଚିବ ବୀର ବିକ୍ରମ ଯାଦବ କହିଛନ୍ତି ।

୫-ଟି ସଚିବଙ୍କ ଏହି ସମୀକ୍ଷା ସମୟରେ ନୟାଗଡ଼ ଜିଲାପାଳ ଡ.ପୋମା ଟୁଡୁ, ଏସ୍‌ପି ସିଦ୍ଧାର୍ଥ କଟାରିୟାଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖଣ୍ଡପଡ଼ାବ୍ଲକ୍ ଅଧୀନ ମର୍ଦ୍ଦରାଜପୁରସ୍ଥିତ ଶାନ୍ତିପ୍ରିୟା ଉଚ୍ଚବିଦ୍ୟାଳୟ ସମ୍ମୁଖରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀନୀଳମାଧବ କ୍ଷେତ୍ରର ବିକାଶ ଦିଗରେ ଧ୍ୟାନ ଦିଆଯିବ ବୋଲି ସାଧାରଣ ସଭାରେ କହିଥିଲେ।

# ଖର୍ଚ୍ଚ ୩୯.୩ କୋଟି, ହୋଇନି ସମାଧାନ

**ବଂଶଧାରା ଟ୍ରିବ୍ୟୁନାଲ**

ନୂଆଦିଲ୍ଲୀ,୧୪।୪

ବଂଶଧାରା ନଦୀଜଳ ବଣ୍ଟନକୁ ନେଇ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ବିବାଦ ଲାଗିରହିଥିବାବେଳେ ଏହାର ସମାଧାନ ପାଇଁ ବଂଶଧାରା ଜଳବିବାଦ ଟ୍ରିବ୍ୟୁନାଲ ଗଠନ କରାଯାଇଥିଲା। ୨୦୨୧ ଡିସେମ୍ବର ସୁଦ୍ଧା ଏହି ଟ୍ରିବ୍ୟୁନାଲ ବାବଦରେ ୩୯.୩ କୋଟି ଟଙ୍କା ବ୍ୟୟ ହୋଇଥିବାବେଳେ ବିବାଦର ସମାଧାନ ହୋଇପାରି ନାହିଁ। ଦୁଇ ପଡୋଶୀ ରାଜ୍ୟ ମଧ୍ୟରେ ନଦୀଜଳ ବିବାଦର ସମାଧାନ ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ର ସରକାର ୨୦୧୦ ଫେବୃୟାରୀରେ ଟ୍ରିବ୍ୟୁନାଲ ଗଠନ କରିଥିଲେ। ଚଳିତ ବର୍ଷ ମାର୍ଚ୍ଚରେ ସରକାର ଉକ୍ତ ଟ୍ରିବ୍ୟୁନାଲକୁ ଭାଙ୍ଗି ଦେଇଛନ୍ତି।

ଟ୍ରିବ୍ୟୁନାଲଙ୍କ ରାୟ ବିରୋଧରେ ଓଡ଼ିଶା ସରକାର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲା ଏବେ ସୁପ୍ରିମକୋର୍ଟଙ୍କ ବିଚାରାଧୀନ ରହିଛି। ସୂଚନାଯୋଗ୍ୟ, ୨୦୧୭ ସେପ୍ଟେମ୍ବରରେ ଟ୍ରିବ୍ୟୁନାଲ ଚୂଡ଼ାନ୍ତ ରାୟ ଦେଇଥିଲେ। ଏହା ଉପରେ ଓଡ଼ିଶା ଏବଂ କେନ୍ଦ୍ର ସରକାର ସ୍ପଷ୍ଟୀକରଣ ଚାହିଁବା ସହ ସେହିବର୍ଷ ଡିସେମ୍ବରରେ ଆବେଦନ କରିଥିଲେ। ୨୦୧୯ରେ ଟ୍ରିବ୍ୟୁନାଲ ଅନ୍ୟ ଏକ ରାୟରେ ଓଡ଼ିଶା ଅଧିଗ୍ରହଣ କରିବାକୁ ଥିବା ୧୦୬ ଏକର ଜମି ଚିହ୍ନଟ ପାଇଁ ନିର୍ଦ୍ଦେଶ ଦେଇଥିଲେ। ୨୦୨୧ ଜୁନ୍‌ରେ ଟ୍ରିବ୍ୟୁନାଲ ଦେଇଥିବା ଅନ୍ୟ ଏକ ରାୟରେ ଆନ୍ଧ୍ରପ୍ରଦେଶକୁ ଉକ୍ତ ନଦୀ ଉପରେ ନେରଡ଼ି ବ୍ୟାରେଜ୍ ନିର୍ମାଣ ଲାଗି ଅନୁମତି ଦେଇଥିଲେ। ଏଥିରେ ୮,୦୦୦ କ୍ୟୁସେକ୍ କ୍ଷମତା ବିଶିଷ୍ଟ ରାଇଟ୍ ହେଡ୍ ସ୍ଲୁଇସ୍ ଆନ୍ଧ୍ରପ୍ରଦେଶ ପାଇଁ ଏବଂ ଲେଫ୍ଟ ହେଡ୍ ସ୍ଲୁଇସ୍ (ଏଲ୍ଏଚ୍ଏସ୍) ଓଡ଼ିଶାର ଜଳ ଆବଶ୍ୟକତା ପୂରଣ ପାଇଁ ରହିବ ବୋଲି କୁହାଯାଇଥିଲା। ଏଲ୍ଏଚ୍ଏସ୍ ପାଇଁ ଓଡ଼ିଶା ସରକାର ଅର୍ଥ ଖର୍ଚ୍ଚ କରିବାକୁ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ରାୟ ବିରୋଧରେ ଓଡ଼ିଶା ସୁପ୍ରିମକୋର୍ଟରେ ୩ଟି ସ୍ୱତନ୍ତ୍ର ଲିଭ୍ ପିଟିଶନ ଦାଏର କରିଥିଲା।

## ପ୍ରଥମ ପୃଷ୍ଠାରୁ...

### ନିଯୁକ୍ତି ସଙ୍କୁଚିତ...

ଏଲ୍‌ପିଆର୍ ତଳମୁହାଁ ହେବା ନିଯୁକ୍ତି ସୁଯୋଗରେ ଅଭିବୃଦ୍ଧିର ଅଭାବକୁ ଦର୍ଶାଉଛି ବୋଲି ସିଏମ୍ଆଇଇ ଏହାର ସାପ୍ତାହିକ ଶ୍ରମ ବଜାର ବିଶ୍ଳେଷଣରେ ଉଲ୍ଲେଖ କରିଛି। ସିଏମ୍ଆଇଇ ଡାଟା ଅନୁସାରେ ମାର୍ଚ୍ଚରେ ୧.୪ ନିୟୁତ ନିଯୁକ୍ତି ହ୍ରାସ ପାଇଛି। ସେଥିରୁ ଅଣକୃଷି ନିଯୁକ୍ତି ୧୬.୭ ନିୟୁତ କମିଥିବାବେଳେ କୃଷି କ୍ଷେତ୍ରରେ ନିଯୁକ୍ତି ୧୫.୩ ନିୟୁତ ବୃଦ୍ଧି ପାଇଛି। ରବି ଅମଳ ପାଇଁ ଶ୍ରମିକମାନେ ପ୍ରସ୍ତୁତ ହେଉଥିବାରୁ କୃଷି କ୍ଷେତ୍ରରେ ଏହି ଋତୁକାଳୀନ ଚାହିଦା ବଢ଼ିଥାଇପାରେ। ଅଣକୃଷି କ୍ଷେତ୍ରର ନିଯୁକ୍ତି କଥା ଦେଖିଲେ ଗତ ମାର୍ଚ୍ଚରେ ଶିଳ୍ପରେ ୭.୬ ନିୟୁତ, ମାନୁଫାକ୍ଚରିଂ ସେକ୍ଟରରେ ୪.୧ ନିୟୁତ, ନିର୍ମାଣରେ ୨.୯ ନିୟୁତ ଓ ଖଣି ଖନନରେ ନିୟୋଜିତ ଶ୍ରମିକଙ୍କ ନିଯୁକ୍ତି ୧.୧ ନିୟୁତ ହ୍ରାସ ପାଇଛି।

କେନ୍ଦ୍ର ସରକାର ଦେଶବାସୀଙ୍କୁ ୫ ଟ୍ରିଲିୟନ୍ ଡଲାର ଅର୍ଥନୀତିର ସ୍ୱପ୍ନ ଦେଖାଉଥିବାବେଳେ ଅନୁରୂପ ଆର୍ଥିକ ବିକାଶ ପାଇଁ ପଦକ୍ଷେପ ପରିଲକ୍ଷିତ ହେଉନାହିଁ। ତେଣୁ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ୭.୨ ପ୍ରତିଶତରେ ସୀମିତ ରହିବ ବୋଲି ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଆକଳନ କରିଛି। ପୂର୍ବରୁ ଏହା ୭.୮% ରହିବା ନେଇ ଅନୁମାନ କରାଯାଇଥିଲା। ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ସଂଗ୍ରହ ରେକର୍ଡ ଭାଙ୍ଗୁଥିଲେ ହେଁ ଗତ ଫେବୃୟାରୀରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବଜେଟ ଉପସ୍ଥାପନ ବେଳେ ଅଭିବୃଦ୍ଧିର ଯେଉଁ ଗୋଲାପୀ ଚିତ୍ର ଦେଶବାସୀଙ୍କୁ ଦେଖାଇଥିଲେ ତାହା କ୍ରମଶଃ ପାଣିଚିଆ ହେବାରେ ଲାଗିଛି। ଗୋଟିଏପଟେ ଧନୀଙ୍କ ସମ୍ପତ୍ତି ବଢୁଛି, ଅନ୍ୟପକ୍ଷେ ଗରିବମାନେ ଆହୁରି ଗରିବ ହେବାରେ ଲାଗିଛନ୍ତି। ୱାର୍ଲ୍ଡ ଇନ୍‌ଇକ୍ୱାଲିଟି ରିପୋର୍ଟ, ୨୦୨୨ ଅନୁସାରେ ଭାରତର ଶୀର୍ଷରେ ଥିବା ୧୦ ପ୍ରତିଶତ ଧନୀଙ୍କ ଆୟ ତଳସ୍ତରର ୫୦% ଲୋକଙ୍କ ଆୟଠାରୁ ୯୬ ଗୁଣ ଅଧିକ। କେନ୍ଦ୍ର ସରକାରଙ୍କ ଆର୍ଥିକ ସଂସ୍କାର ଓ ଉଦାରୀକରଣରୁ ସର୍ବାଧିକ ଲାଭାନ୍ୱିତ ହୋଇଛନ୍ତି ସବା ଉପରେ ଥିବା ୧% ଧନୀ। ଏହି ଆର୍ଥିକ ଅସନ୍ତୁଳନକୁ ବିରୋଧୀ 'ଦୁଇଟି ଭାରତ'ର ଆଖ୍ୟା ଦେଇଛନ୍ତି। ଗୋଟିଏ ଧନୀଙ୍କ ଭାରତ ଓ ଅନ୍ୟଟି ଗରିବଙ୍କ ଭାରତ।

ଥିଙ୍କ୍‌ଟ୍ୟାଙ୍କ ସିଏମ୍ଆଇ ପକ୍ଷରୁ ନିକଟରେ ପ୍ରକାଶିତ ଅନ୍ୟ ଏକ ରିପୋର୍ଟରେ ଦର୍ଶାଯାଇଛି ଯେ, ଗତ ମାର୍ଚ୍ଚରେ ଜାତୀୟସ୍ତରରେ ବେରୋଜଗାରି ହାର ୭.୮% ଥିବାବେଳେ କଂଗ୍ରେସ ଶାସିତ ଛତିଶଗଡ଼ରେ ଏହା ମାତ୍ର ୦.୬% ଥିଲା। ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲଙ୍କ ନେତୃତ୍ୱାଧୀନ ରାଜ୍ୟ ସରକାର ଗୋଧନ ନ୍ୟାୟ ଯୋଜନା ଭଳି କାର୍ଯ୍ୟକ୍ରମ ଚଳାଇବା ସହ ଟି-କଫି ବୋର୍ଡ ଗଠନ ଭଳି ଅନେକ ସଂସ୍କାରମୂଳକ ପଦକ୍ଷେପ ନେଇଛନ୍ତି। ସେହିପରି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ (ଏମ୍‌ଜିଏନ୍ଆର୍‌ଇଜିଏ)କୁ ମଧ୍ୟ କାର୍ଯ୍ୟକାରୀ କରିବାରେ ଛତିଶଗଡ଼ ଅଗ୍ରଣୀ ଭୂମିକା ନେଇଛି। କିନ୍ତୁ ଗ୍ରାମାଞ୍ଚଳର ଲୋକଙ୍କୁ ବର୍ଷକୁ ୧୦୦ ଦିନର ନିଯୁକ୍ତି ଗ୍ୟାରେଣ୍ଟି ଦେଉଥିବା ଏହି ଯୋଜନା ଲାଗି କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷ ପାଇଁ ୭୩,୦୦୦ କୋଟି ଟଙ୍କା ଆବଣ୍ଟନ କରିଛନ୍ତି, ଯାହାକି ପୂର୍ବ ବର୍ଷ ତୁଳନାରେ ୨୫.୫୧% କମ୍।

# ବୈତରଣୀକୁ ଡେଇଁ ଛାତ୍ରୀ ନିଖୋଜ

ଚାନ୍ଦବାଲି,୧୪।୪ (ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି-ରାଜକନିକାକୁ ସଂଯୋଗ କରୁଥିବା ବୈତରଣୀ ବ୍ରିଜ୍ (ଗେମନ ପୋଲ)ରୁ ଡେଇଁ ଗୁରୁବାର ଜଣେ କଲେଜ ଛାତ୍ରୀ ନିଖୋଜ ହୋଇଯାଇଛନ୍ତି। ରାଜକନିକା ଓ ଚାନ୍ଦବାଲି ଦମକଳ ବାହିନୀ ପହଞ୍ଚି ବୈତରଣୀ ନଦୀରେ ଖୋଜାଖୋଜି କରିଥିଲେ ହେଁ ରିପୋର୍ଟ ଲେଖା ହେବା ବେଳକୁ ଛାତ୍ରୀଙ୍କର କୌଣସି ସନ୍ଧାନ ମିଳିପାରି ନାହିଁ। ସୂଚନା ଅନୁଯାୟୀ, ଚାନ୍ଦବାଲି ଓରାସାହି ଅଞ୍ଚଳର ଉକ୍ତ ଛାତ୍ରୀ ମାମୁଘର ରାଜକନିକା ବୁରୁଡ଼ିଆରେ ରହି ପାଠ ପଢୁଥିଲେ। ଗୁରୁବାର ସକାଳେ ଚାନ୍ଦବାଲିରେ କମ୍ପ୍ୟୁଟର କ୍ଲାସ କରିବେ କହି ମାମୁଘରୁ ଚାଲି ଆସିଥିଲେ। ମଧ୍ୟାହ୍ନ ୧୨ଟା ବେଳେ ବୈତରଣୀ ପୋଲ ଉପରେ ଜୋତା, ସାଇକେଲ ଓ ବ୍ୟାଗ୍ ରଖି ନଦୀକୁ ଡେଇଁ ପଡ଼ିଥିବା କେତେଜଣ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ପୋଲ ଉପରୁ ମିଳିଥିବା ବ୍ୟାଗ୍‌ରେ ୨ଟି ସାର୍ଟିଫିକେଟ ସହ କିଛି କାଗଜ ଓ ଏକ ବ୍ୟାଙ୍କ ପାସ୍‌ବୁକ ରହିଛି। ଛାତ୍ରୀଙ୍କ ମାମୁ ଉକ୍ତ ସାଇକେଲ ଓ ବ୍ୟାଗ୍‌କୁ ଚିହ୍ନଟ କରିବା ପରେ ରାଜକନିକା ପୋଲିସ ଥାନାକୁ ନେଇ ଘଟଣାର ତଦନ୍ତ ଆରମ୍ଭ କରିଛି। ଏପଟେ ସନ୍ଧ୍ୟା ହୋଇଯିବାରୁ ଅଗ୍ନିଶମ ବାହିନୀ ପକ୍ଷରୁ ନଦୀରେ ଖୋଜିବା ବନ୍ଦ ରଖାଯାଇଛି।




ଅତିଥି ଓ ମଡେଲଙ୍କ ଦ୍ୱାରା ସାଇନିଂ କ୍ୟାଲେଣ୍ଡର ଉନ୍ମୋଚନ କରାଯାଉଛି।

# ସାଇନିଂ କ୍ୟାଲେଣ୍ଡର ଉନ୍ମୋଚିତ

ଭୁବନେଶ୍ୱର,୧୪।୪(ବ୍ୟୁରୋ)

ସାଇନିଂ ଗ୍ରୁପ୍ ଅଫ୍ କମ୍ପାନୀ ଓ ଉତ୍କଳ କନିକା ଗ୍ୟାଲେରିଆ ମଲ୍ ମ୍ୟାନେଜମେଣ୍ଟର ମିଳିତ ସହଯୋଗରେ ଉକ୍ତ ମଲ୍‌ରେ ୧୬ଜଣ ମଡେଲ ଏବଂ ଅତିଥିଙ୍କୁ ନେଇ ସାଇନିଂ କ୍ୟାଲେଣ୍ଡର ଗୁରୁବାର ଉନ୍ମୋଚିତ ହୋଇଯାଇଛି। ଅତିଥି ଭାବେ ମଲ୍‌ର ମାର୍କେଟିଂ ମୁଖ୍ୟ ଦୁଲାଲ ଚନ୍ଦ୍ର ସାହୁ, ଫ୍ୟାଶନ୍ ଫଟୋଗ୍ରାଫର ଏବଂ ଉଦ୍ୟୋଗୀ କୁଶନ କୁମାର, ଅଭିନେତା ତଥା କଣ୍ଠଶିଳ୍ପୀ ସୋହମ ସିଂ, ଦି ଟ୍ରାଇଟୋନ୍ ଏକାଡେମୀର ପ୍ରିନ୍ସିପାଲ ପ୍ରିୟଦର୍ଶିନୀ ମିଶ୍ର ଏବଂ ଡିଜାଇନର ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କମ୍ପାନୀର ନିର୍ଦ୍ଦେଶକ ପଓ୍ୱନ କୁମାର କହିଛନ୍ତି, ମଡେଲ୍ ମେକ୍‌ଅପ୍ ଆର୍ଟିଷ୍ଟ, ଫଟୋଗ୍ରାଫର୍, ଡିଜାଇନରଙ୍କୁ ନୂତନ ପ୍ଲାଟ୍‌ଫର୍ମ ଦେବା ସଂସ୍ଥାର ମୁଖ୍ୟ ଉଦ୍ଦେଶ୍ୟ। 'ଏଏନ୍ଏ' ଏ ନ୍ୟୁ ଆପେରାଲ୍ସ ସଂସ୍ଥା ସହଯୋଗରେ ସେମାନଙ୍କୁ ଏହି ସୁଯୋଗ ମିଳିବ। ପୂର୍ବରୁ ୮୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀଙ୍କୁ ଅଡିଶନ ପାଇଁ ଚୟନ କରାଯାଇଥିଲା। ଏହି ପ୍ରତିଯୋଗୀଙ୍କୁ ତିନୋଟି ପ୍ରକ୍ରିୟାରେ ଚୟନ କରାଯାଇ ଟପ୍ ୧୬ଜଣ ମଡେଲଙ୍କୁ ନେଇ ହାଇ ଫ୍ୟାଶନ୍ କ୍ୟାଲେଣ୍ଡର ଫଟୋ ସୁଟ୍ କରାଯାଇଛି। ଚୟନ ହୋଇଥିବା ୧୬ଜଣ ଟପ୍ ମଡେଲଙ୍କୁ ଆଗାମୀ ଦିନରେ ଫଟୋ ସୁଟ୍, ମ୍ୟୁଜିକ୍ ଭିଡିଓ ଏବଂ ବିଜ୍ଞାପନ ପାଇଁ ସୁଯୋଗ ଦିଆଯିବ। ଜୁରି ଭାବେ ଲୋପାମୁଦ୍ରା ନାୟକ, ସୋନାଲି, ଡ. ସ୍ଥିତିପ୍ରଜ୍ଞା, ସୁଦୀପ୍ତ ବାସ୍ତବ ଲେଙ୍କା, ପିକୋନ୍ ବିଶ୍ୱାଳ ପ୍ରମୁଖ କ୍ୟାଲେଣ୍ଡର ପାଇଁ ଟପ୍ ୧୬ ମଡ଼େଲଙ୍କୁ ଚୟନ କରିଥିଲେ। ସୋନାଲି ମିଶ୍ର ଏବଂ ଶିବାନୀ ଶିବି ମଡେଲଙ୍କ ମେକ୍‌ଅପ୍ କରିଥିବାବେଳେ ଦେବ ମହାନ୍ତି, ତୁଷାରକାନ୍ତ ସ୍ୱାଇଁ, ସୌମ୍ୟରଞ୍ଜନ ବିଶ୍ୱାଳ ପ୍ରମୁଖ ଫଟୋଶୁଟ୍ କରିଥିଲେ ।

# ଆଜିଠାରୁ ଇଣ୍ଡିଆନ ଓମେନ୍ସ ଲିଗ୍

**ଭୁବନେଶ୍ୱର, ୧୪।୪ (କ୍ରୀଡ଼ା ପ୍ରତିନିଧି):** ଇଣ୍ଡିଆନ୍ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)ର ୫ମ ସଂସ୍କରଣ ଶୁକ୍ରବାରଠାରୁ ଭୁବନେଶ୍ୱରରେ ଆରମ୍ଭ ହେବାକୁ ଯାଉଛି। ଏହି ସମ୍ମାନଜନକ ଲିଗ୍ ଭୁବନେଶ୍ୱରର ୩ଟି ଗ୍ରାଉଣ୍ଡ କଳିଙ୍ଗ ଷ୍ଟାଡିୟମ, ୭ମ ବାଟାଲିୟନ ଏବଂ କ୍ୟାପିଟାଲ ପଡ଼ିଆରେ ଏପ୍ରିଲ ୧୫ରୁ ମେ’ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୨ ଦଳର ଅଧିନାୟିକାଙ୍କ ସହିତ ପରିଚିତ ହୋଇଥିଲେ। ଏହି ଅବସରରେ ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍ଏଫ୍)ର ଡେପୁଟି ସାଧାରଣ ସମ୍ପାଦକ ଅଭିଷେକ ଯାଦବ ଏକ ଭାରତୀୟ ଫୁଟବଲ ଜର୍ସି ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ଆଗାମୀ ପ୍ରତିଯୋଗିତାରେ ଆୟୋଜକଭାବେ ସ୍ପୋର୍ଟ୍ସ ଓଡ଼ିଶା ଡେବ୍ୟୁ କରିବାକୁ ଯାଉଥିବାବେଳେ ଭାରତର ଡେଭଲପ୍‌ମେଣ୍ଟାଲ ଟିମ୍ ଇଣ୍ଡିଆନ ଆରୋଜ ମହିଳା ଦଳ ମଧ୍ୟ ପ୍ରଥମଥର ପାଇଁ ଖେଳିବ। ସ୍ପୋର୍ଟ୍ସ ଓଡ଼ିଶା ଓ ଓଡ଼ିଶା ପୋଲିସ ଭାବେ ରାଜ୍ୟର ୨ଟି ଦଳ ଏଥର ଭାଗ୍ୟ ପରୀକ୍ଷା କରିବେ।



କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ଇଣ୍ଡିଆନ ଓମେନ୍ସ ଲିଗ୍‌ର ୧୨ ଅଧିନାୟିକାଙ୍କ ଗହଣରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

# ‘୨୦୨୩ ହକି ବିଶ୍ୱକପ ଅବିସ୍ମରଣୀୟ ହେବ’

## କଳିଙ୍ଗ ଷ୍ଟାଡିୟମରେ ଲୋଗୋ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୪।୪ (କ୍ରୀଡ଼ା ପ୍ରତିନିଧି)**

ଏଫ୍ଆଇଏଚ୍ ପୁରୁଷ ହକି ବିଶ୍ୱକପର ୧୫ଶ ସଂସ୍କରଣ ୨୦୨୩ ଜାନୁୟାରୀ ୧୩ରୁ ୨୯ ପର୍ଯ୍ୟନ୍ତ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ଓ ରାଉରକେଲାର ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ହକି ଇଣ୍ଡିଆ ଓ ଏହାର ଅଫିସିଆଲ ପାର୍ଟନର ଓଡ଼ିଶା ମିଳିତଭାବେ ଏହି ପ୍ରତିଯୋଗିତାକୁ କ୍ରମାଗତ ଦ୍ୱିତୀୟ ଥରପାଇଁ ଆୟୋଜନ କରିବେ। ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ଭାରତ-ଜର୍ମାନୀ ହକି ପ୍ରୋ ଲିଗ୍ ମ୍ୟାଚ ପୂର୍ବରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ଏହି ମେଗା ପ୍ରତିଯୋଗିତାର ଲୋଗୋ ଉନ୍ମୋଚନ କରିଛନ୍ତି। ‘‘ହକି ବିଶ୍ୱକପର ଲୋଗୋ ଉନ୍ମୋଚନ କରି ମୁଁ ବହୁତ ଖୁସି। ଏଥର ଭୁବନେଶ୍ୱର ଓ ରାଉରକେଲା ୨ଟି ଭେନ୍ୟୁ ହୋଇଥିବାରୁ ଆମେ ଖୁବ୍ ଆନନ୍ଦିତ। ୨୦୧୮ ହକି ବିଶ୍ୱକପର ଅନେକ ସ୍ମରଣୀୟ ସ୍ମୃତି ରହିଛି। ୨୦୨୩ ବିଶ୍ୱକପ ଅଧିକ ଉଦ୍ଦୀପକ ଏବଂ ଅବିସ୍ମରଣୀୟ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାକୁ ବିଶ୍ୱର ହକି ପ୍ରଶଂସକ ଏବଂ ଭାଗ ନେବାକୁ ଯାଉଥିବା ଶ୍ରେଷ୍ଠ ଦଳଗୁଡ଼ିକୁ ସ୍ୱାଗତ କରିବାକୁ ଓଡ଼ିଶା ପ୍ରସ୍ତୁତ’’ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା, ହକି ଇଣ୍ଡିଆ ସଭାପତି ଜ୍ଞାନେନ୍ଦ୍ରୋ ନିଙ୍ଗୋମବାମ, ଓଡ଼ିଶା ହକି ପ୍ରମୋଶନ କାଉନସିଲ ଅଧ୍ୟକ୍ଷ ଦିଲୀପ ତିର୍କୀ ଏବଂ ଭାରତ ଓ ଜର୍ମାନୀ ପୁରୁଷ ହକି ଦଳର ସଦସ୍ୟ ଉପସ୍ଥିତ ଥିଲେ। ହକି ଇଣ୍ଡିଆ ସଭାପତି ନିଙ୍ଗୋମବାମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି କୃତଜ୍ଞତା ଜଣାଇଥିଲେ। ‘‘ଆଗାମୀ ବିଶ୍ୱକପ ପାଇଁ ଲୋଗୋ ଉନ୍ମୋଚନ କରିଥିବାରୁ ହକି ଇଣ୍ଡିଆ ପକ୍ଷରୁ ମୁଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଉଛି। ଏଥିସହ ଆଗାମୀ ମେଗା ଇଭେଣ୍ଟ ଆୟୋଜନ ପାଇଁ ହକି ଇଣ୍ଡିଆ ଓ ଓଡ଼ିଶା ସରକାର ଗୋଟିଏ ପାଦ ଆଗକୁ ବଢ଼ିଛନ୍ତି’’ ବୋଲି ସେ କହିଥିଲେ। ଲୋଗୋ ଉନ୍ମୋଚନ କାର୍ଯ୍ୟକ୍ରମକୁ ପୋଲିସ ମିତ୍ର, ଅଙ୍ଗନବାଡ଼ି କର୍ମୀ ଓ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଉପଭୋଗ କରିଥିଲେ।

ପରବର୍ତ୍ତୀ ହକି ବିଶ୍ୱକପ ୨୦୨୨ ଜୁଲାଇ କିମ୍ବା ୨୦୨୩ ଜାନୁୟାରୀରେ ହେବ ବୋଲି ଏଫ୍ଆଇଏଚ୍ ପକ୍ଷରୁ ଘୋଷଣା କରାଯାଇଥିଲା। ଏହାପରେ ଏଫ୍ଆଇଏଚ୍ ନିକଟରେ ୩ଟି ବିଡ୍ ଉପସ୍ଥାପିତ ହୋଇଥିଲା। ବେଲ୍‌ଜିୟମ ଓ ମାଲେସିଆ ପ୍ରତିଯୋଗିତାକୁ ୨୦୨୨ ଜୁଲାଇ ୧ରୁ ୧୭ ପର୍ଯ୍ୟନ୍ତ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ। ଭାରତ ୨୦୨୩ ଜାନୁୟାରୀ ୧୩ରୁ ୨୯ ପର୍ଯ୍ୟନ୍ତ ଆୟୋଜନ କରିବାକୁ ସକ୍ଷମ ଥିବା ବିଡ୍‌ରେ ଉଲ୍ଲେଖ କରିଥିଲା। ଏଫ୍ଆଇଏଚ୍ ଭାରତର ବିଡ୍‌କୁ ଗ୍ରହଣ କରିଥିଲା ଏବଂ ପ୍ରତିଯୋଗିତା ୨୦୨୩ ଜାନୁୟାରୀରେ ହେବ ବୋଲି ୨୦୧୯ ନଭେମ୍ବରରେ ଘୋଷଣା କରିଥିଲା। ଫଳରେ ଓଡ଼ିଶାରେ ଏହି ମେଗା ପ୍ରତିଯୋଗିତା ଦ୍ୱିତୀୟ ଥରପାଇଁ ହେବ ବୋଲି ସ୍ପଷ୍ଟ ହୋଇ ଯାଇଥିଲା। ପୂର୍ବରୁ ୨୦୧୮ରେ ପୁରୁଷ ହକି ବିଶ୍ୱକପ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ସଫଳତାର ସହ ଆୟୋଜିତ ହୋଇଥିଲା। ଏଥର କିନ୍ତୁ ପ୍ରତିଯୋଗିତା ୨ଟି ସ୍ଥାନରେ ହେବ। ଏଥିପାଇଁ କଳିଙ୍ଗ ଷ୍ଟାଡିୟମ ପ୍ରସ୍ତୁତ ଥିବାବେଳେ ବିର୍ସାମୁଣ୍ଡା ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ୨୦,୦୦୦ କ୍ଷମତା ବିଶିଷ୍ଟ ବିର୍ସାମୁଣ୍ଡା ଷ୍ଟାଡିୟମ ହେବ ଦେଶର ସର୍ବବୃହତ୍ ହକି ଷ୍ଟାଡିୟମ।

୨୦୨୩ ହକି ବିଶ୍ୱକପରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିବେ। ଆୟୋଜକ ଭାରତ ସମେତ ବେଲଜିୟମ, ଇଂଲଣ୍ଡ, ଜର୍ମାନୀ, ନେଦରଲାଣ୍ଡ୍ସ, ସ୍ପେନ୍, ଫ୍ରାନ୍ସ, ୱେଲ୍ସ, ଦକ୍ଷିଣ ଆଫ୍ରିକା, ଆର୍ଜେଣ୍ଟିନା, ଚିଲି, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଏଥିପାଇଁ ଯୋଗ୍ୟତା ଅର୍ଜନ କରି ସାରିଛନ୍ତି। ୨୦୨୨ ମେ’ ୨୩ରୁ ଜୁନ୍ ୧ ପର୍ଯ୍ୟନ୍ତ ଜାକର୍ତ୍ତାଠାରେ ହେବାକୁଥିବା ଏସିଆ କପ୍‌ରୁ ଅବଶିଷ୍ଟ ୩ଟି ଦଳ ଏଥିରେ ସାମିଲ ହେବେ।



କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ୨୦୨୩ ହକି ବିଶ୍ୱକପର ଲୋଗୋ ଉନ୍ମୋଚନ ଉତ୍ସବକୁ ଅଙ୍ଗନୱାଡ଼ି କର୍ମୀ ଓ ଛାତ୍ରୀମାନେ ଉପଭୋଗ କରୁଛନ୍ତି।

# ଇଂଲଣ୍ଡ ଷ୍ଟାର୍‌ଙ୍କ ଅବସର ଘୋଷଣା

**ଲର୍ଡ୍ସ, ୧୪।୪:** ଇଂଲଣ୍ଡ ବୋଲର ଆନ୍ୟା ଶ୍ରୁବସୋଲ ଗୁରୁବାର ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଏଥିସହ ତାଙ୍କ ୧୪ ବର୍ଷର ଅନ୍ତର୍ଜାତୀୟ କ୍ୟାରିୟର ଶେଷ ହୋଇଛି। ୨୦୧୭ ବିଶ୍ୱକପ୍ ଚାମ୍ପିୟନ ଇଂଲଣ୍ଡ ଦଳର ସଦସ୍ୟ ଅନ୍ତର୍ଜାତୀୟସ୍ତରରେ ୧୭୩ ମ୍ୟାଚ୍ ଖେଳି ୨୨୭ ଉଇକେଟ ହାତେଇଥିଲେ। ତାଙ୍କ ପ୍ରତିନିଧିତ୍ୱରେ ଇଂଲଣ୍ଡ ଦୁଇଥର ଆଶେସ୍ ଜିତିବା ସହ ଦୁଇଥର ବିଶ୍ୱକପ୍ ଟ୍ରଫି ହାସଲ କରିଥିଲା। ଅନ୍ତର୍ଜାତୀୟ କ୍ରିକେଟରୁ ସନ୍ନ୍ୟାସ ନେବା ପରେ ସେ ଘରୋଇ କ୍ରିକେଟରେ ଖେଳିବା ଜାରି ରଖିବେ ବୋଲି ସୂଚନା ଦେଇଛନ୍ତି।

‘ଦୀର୍ଘ ୧୪ ବର୍ଷ ଧରି ମୋ ଦେଶକୁ ପ୍ରତିନିଧିତ୍ୱ କରିବାକୁ ସକ୍ଷମ ହୋଇଥିବାରୁ ମୁଁ ନିଜକୁ ଭାଗ୍ୟବାନ ମନେକରୁଛି। ଏତେ ଲମ୍ବା ସମୟ ଧରି ଇଂଲଣ୍ଡକୁ ପ୍ରତିନିଧିତ୍ୱ କରିବି, ତାହା ମୁଁ କଦାପି ଚିନ୍ତା କରି ନ ଥିଲି। ମୁଁ ଦେଶ ପାଇଁ ଗୋଟିଏ ମ୍ୟାଚ୍ ଖେଳି ଖୁସି ହୋଇଥାନ୍ତି। ମହିଳା କ୍ରିକେଟ ଦଳର ଏଭଳି ଅଭିବୃଦ୍ଧି ସମୟରେ ଦଳ ସହ ଜଡ଼ିତ ରହିବା ମୋ ପାଇଁ ଗର୍ବର ବିଷୟ। କିନ୍ତୁ ଏହା ସ୍ପଷ୍ଟ ଯେ, ଦଳର ଅଭିବୃଦ୍ଧି ଦ୍ରୁତଗତି ଆଡ଼କୁ ଯାଉଥିବା ବେଳେ ଏହା ସହିତ ମୁଁ ଆଗେଇ ପାରୁନାହିଁ। ଏଣୁ ମୋର ଦୂରେଇଯିବାର ସମୟ ଆସିଛି’ ବୋଲି ଶ୍ରୁବସୋଲ କହିଛନ୍ତି।

# ପୂର୍ବାଞ୍ଚଳ ଦିବ୍ୟାଙ୍ଗ କ୍ରିକେଟ ୧୬ରୁ

**ଭୁବନେଶ୍ୱର, ୧୪।୪ (କ୍ରୀଡ଼ା ପ୍ରତିନିଧି)**

କଲିକତାଠାରେ ଚଳିତ ମାସ ୧୬ରୁ ପୂର୍ବାଞ୍ଚଳ ଦିବ୍ୟାଙ୍ଗ କ୍ରିକେଟ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ କରିବା ଲାଗି ଓଡ଼ିଶା ଦିବ୍ୟାଙ୍ଗ କ୍ରିକେଟ୍ ଆସୋସିଏଶନ୍ ପକ୍ଷରୁ ୧୩ ଜଣିଆ ଦଳ ମନୋନୟନ କରାଯାଇଛି। ପୁନିଲ କୁମାର ମାନସିଂହ ଓଡ଼ିଶା ଦଳର ନେତୃତ୍ୱ ନେବେ। ଓଡ଼ିଶା ଦଳର ଖେଳାଳିମାନଙ୍କୁ ଆଶ୍ରୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସମ୍ପାଦିକା ନମିତା ସାହୁ ଅଭିନନ୍ଦନ ଜଣାଇଛନ୍ତି। ଏଥିରେ ଆୟୋଜକ ପଶ୍ଚିମବଙ୍ଗ ସମେତ ଓଡ଼ିଶା, ଝାଡ଼ଖଣ୍ଡ ,ବିହାର ଦଳ ଅଂଶ ଗ୍ରହଣ କରୁଛନ୍ତି। ଓଡ଼ିଶା ଦଳ: ପୁନିଲ କୁମାର ମାନସିଂହ (ଅଧିନାୟକ), ବଳରାମ ବହିଆ (ଉପ-ଅଧିନାୟକ), ବଳରାମ ପଣ୍ଡା, ଉଦିତ ହର୍ପାଲ, ମହମ୍ମଦ ସୋଇଲ, ପ୍ରଫୁଲ୍ଲ ତରାଇ, ରାଜେଶ୍ ପ୍ରଧାନ, ଭରତ ପଣ୍ଡା, ବିକାଶ ହାତୀ, ବାଦଲ ବାରିକ୍, ସୁଧାଂଶୁ ଦାସ, ମୁନା ମହାପାତ୍ର, ରାଜେଶ୍ ସାହୁ।

CLASSIFIED DISPLAY
ALL EDITION - B/W (Everyday)
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

# ଏଫ୍ଆଇଏଚ୍ ପ୍ରୋ ଲିଗ୍: ଜର୍ମାନୀକୁ ହରାଇଲା ଭାରତ

**ଭୁବନେଶ୍ୱର, ୧୪।୪ (କ୍ରୀଡ଼ା ପ୍ରତିନିଧି)** ଉପ ଅଧିନାୟକ ହରମନପ୍ରୀତଙ୍କ ଡବଲ ଗୋଲ ବଳରେ ଭାରତ ଗୁରୁବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏଫ୍ଆଇଏଚ୍ ପ୍ରୋ ଲିଗ୍ ହକି ମ୍ୟାଚରେ ଜର୍ମାନୀକୁ ୩-୦ ଗୋଲରେ ପରାସ୍ତ କରିଛି। ଏଥିସହ ପଏଣ୍ଟ ଟେବୁଲରେ ଭାରତ ନିଜର ଶୀର୍ଷସ୍ଥାନକୁ ଅଧିକ ଦୃଢ଼ କରିଛି। ଭାରତ ୧୧ ମ୍ୟାଚରୁ ୭ ବିଜୟ, ୧ ଶୁଟ୍‌ଆଉଟ ବିଜୟ, ୧ ଶୁଟ୍‌ଆଉଟ ପରାଜୟ ଓ ୨ ପରାଜୟ ସହ ୨୪ ପଏଣ୍ଟ ପାଇ ପ୍ରଥମସ୍ଥାନରେ ଅପରିବର୍ତ୍ତିତ ରହିଛି। ଏହି ମ୍ୟାଚରେ ଭାରତ ଆରମ୍ଭରୁ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ପ୍ରଥମ କ୍ୱାର୍ଟରରେ ଜର୍ମାନୀ କଡ଼ା ଚ୍ୟାଲେଞ୍ଜ ଦେଇଥିଲା। ଦୁଇ ଦଳ ଏକାଧିକ ସୁଯୋଗ ପାଇଥିଲେ ହେଁ ଗୋଲ କରିପାରି ନ ଥିଲେ। ତେବେ ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୧୮ତମ ମିନିଟରେ ଦଳକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ହରମନପ୍ରୀତ ଭାରତକୁ ଅଗ୍ରଣୀ କରାଇଥିଲେ। ଏହାର ୯ ମିନିଟ ପରେ ଆଉ ଏକ ପେନାଲ୍ଟି କର୍ନର ସୁଯୋଗକୁ ସଦ୍‌ବ୍ୟବହାର କରିଥିଲେ ଏହି ତାରକା ଡିଫେଣ୍ଡର। ୨୭ତମ ମିନିଟରେ ହରମନପ୍ରୀତଙ୍କ ପେନାଲ୍ଟି କର୍ନର ଗୋଲ ବଳରେ ଭାରତ ଅଗ୍ରଣୀ ବ୍ୟବଧାନ ୨-୦ରେ ପହଞ୍ଚିଥିଲା। ପ୍ରଥମାର୍ଦ୍ଧର ଇଞ୍ଜୁରି ଟାଇମ୍‌ରେ ଅର୍ଥାତ୍ ୪୫+୨ ମିନିଟରେ ଭାରତକୁ ମିଳିଥିବା ପେନାଲ୍ଟି କର୍ନରକୁ ଅଭିଷେକ ଗୋଲରେ ପରିଣତ କରି ଦଳକୁ ୩-୦ ଗୋଲରେ ଆଗୁଆ କରିଥିଲେ।



ହରମନପ୍ରୀତ ସିଂ ଗୋଲ ଦେବାପରେ ଭାରତୀୟ ଖେଳାଳିମାନେ ଖୁସି ମନାଉଛନ୍ତି।

# ୧୬ରୁ ୟୁନିଟି କପ୍

**ଭୁବନେଶ୍ୱର, ୧୪।୪(ସ୍ପୋର୍ଟ୍ସ ବ୍ୟୁରୋ):** ଆସନ୍ତା ୧୬ ଏବଂ ୧୭ ତାରିଖରେ ଆଇଟି ଫ୍ରାଟରନିଟି ଅଫ୍ ଓଡ଼ିଶା ପକ୍ଷରୁ ସ୍ଥାନୀୟ ଶହୀଦ ସ୍ପୋର୍ଟିଂ ଗ୍ରାଉଣ୍ଡରେ ଆୟୋଜିତ ହେବାକୁ ଯାଉଛି ୬ଷ୍ଠ ୟୁନିଟି କପ୍। ଏହି ଦିବାରାତ୍ର ଭିତ୍ତିରେ ଖେଳାଯିବାକୁ ଥିବା ଟୁର୍ନାମେଣ୍ଟରେ ୮ ଦଳ ଯଥା କ୍ଲାରିଅନ ଲାୟନ୍ସ, ଜେବ୍ରୋନିକ୍ସ ଟାଇଗର୍ସ, ଏକ୍ସସେସ୍ ୱାରିଅର୍ସ, ଆରଭେକ୍ସ ଆଭେଞ୍ଜର୍ସ ବାଲେଶ୍ୱର, ଫ୍ରଣ୍ଟେକ ଆଚିଭର୍ସ, ମୋଲେକ୍ସ ରେଡ୍ ରାପ୍‌ଟର୍ସ, ଏଡୁଇସ ପିକ୍ସସେଲ ପ୍ରୋ ୮କେ ଓ ଡାଇଚି ଡେଭିଲ୍ସ ଯାଜପୁର ଭାଗ ନେବେ। ଏ ନେଇ ଆଇଟି ଫ୍ରାଟରନିଟି ଅଫ୍ ଓଡ଼ିଶା ପକ୍ଷରୁ ସ୍ଥାନୀୟ ଇଟାଓ କାର୍ଯ୍ୟାଳୟରେ ଗୁରୁବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ଅବସରରେ ଉପସଭାପତି ପ୍ରୀତିମୋହନ ମହାପାତ୍ର, ସମ୍ପାଦକ ପ୍ରମୋଦ ମହାନ୍ତି, ମ୍ୟାନେଜର ପୂର୍ଣ୍ଣଚନ୍ଦ୍ର ସାହୁ ଉପସ୍ଥିତ ଥିଲେ।

# ଦଣ୍ଡିତ ହେଲା ମୁମ୍ବାଇ ଇଣ୍ଡିଆନ୍ସ

**ପୁଣେ, ୧୪।୪:** ପଞ୍ଜାବ କିଙ୍ଗ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚ୍‌ରେ ଧିମା ବୋଲିଂ ହାର ପାଇଁ ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ରୋହିତ ଶର୍ମା ଏବଂ ଦଳର ଅନ୍ୟ ସଦସ୍ୟଙ୍କୁ ଅର୍ଥ ଦଣ୍ଡରେ ଦଣ୍ଡିତ କରାଯାଇଛି। ବୁଧବାର ରାତିରେ ଖେଳାଯାଇଥିବା ମ୍ୟାଚ୍‌କୁ ପଞ୍ଜାବ ୧୨ ରନ୍‌ରେ ଜିତି ନେଇଛି। ପୁଣେସ୍ଥିତ ଏମ୍‌ସିଏ ଷ୍ଟାଡିୟମରେ ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚ୍‌ରେ ଧିମା ବୋଲିଂ ହାର ଲାଗି ମୁମ୍ବାଇ ଇଣ୍ଡିଆନ୍ସକୁ ଅର୍ଥ ଦଣ୍ଡରେ ଦଣ୍ଡିତ କରାଯାଇଛି। ଚଳିତ ସିଜନରେ ଦ୍ୱିତୀୟ ଥର ପାଇଁ ସର୍ବନିମ୍ନ ଓଭର ହାର ସମ୍ପର୍କିତ ଆଇପିଏଲ ନିୟମ ଭଙ୍ଗ କରିଛି ରୋହିତଙ୍କ ନେତୃତ୍ୱାଧୀନ ଦଳ। ଏଥିଯୋଗୁ ଅଧିନାୟକ ରୋହିତଙ୍କ ମ୍ୟାଚ୍ ଫି’ରୁ ୨୪ ଲକ୍ଷ ଏବଂ ଦଳର ଅନ୍ୟ ଖେଳାଳିଙ୍କ ୨୫ ପ୍ରତିଶତ ମ୍ୟାଚ୍ ଫି’ (୬ ଲକ୍ଷ) କାଟ୍ କରାଯାଇଛି ବୋଲି ଆଇପିଏଲ ପକ୍ଷରୁ ଜାରି କରାଯାଇଥିବା ବିବୃତିରେ କୁହାଯାଇଛି।

ସରକାରୀ ସୁବିଧାର ଉଠାନ୍ତୁ ଲାଭ
(୧) କୃଷି ସୋଲାର ପମ୍ପ ଯୋଜନା
(୨) ଗୃହ ସୋଲାର ପ୍ୟାନଲେ ଯୋଜନା
(୩) ପ୍ରଧାନ ମନ୍ତ୍ରୀ ମୁଦ୍ରା ଲୋନ ଯୋଜନା
(୪) କିଷାନ କ୍ରେଡିଟ କାର୍ଡ ଯୋଜନା
6399403124

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
Mudra Finance
Mob. 8987604637
9471160476
Whatsapp: 8902923601

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଜାତୀୟ ଶକ୍ତି ଉତ୍ତୋଳନରେ ଓଡ଼ିଶାକୁ ୬ ପଦକ

**କଟକ, ୧୪।୪ (ସ୍ପୋର୍ଟ୍ସ ବ୍ୟୁରୋ):** ଚଳିତ ମାସ ୯ରୁ ୧୩ ତାରିଖ ପର୍ଯ୍ୟନ୍ତ କେରଳର ଆଲେପୁଜାଠାରେ ଅନୁଷ୍ଠିତ ହୋଇଥିବା ଜାତୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶାକୁ ୬ଟି ପଦକ ମିଳିଛି। ପଦକ ତାଲିକାରେ ୧ ସ୍ୱର୍ଣ୍ଣ, ୩ ରୌପ୍ୟ ଏବଂ ୨ ବ୍ରୋଞ୍ଜ ରହିଛି। ସିନିୟର ପୁରୁଷ ବିଭାଗର ପଦକ ତାଲିକା ଅନୁଯାୟୀ ଓଡ଼ିଶା ରନର୍ସଅପ୍ ହୋଇଛି। ସିନିୟର ବିଭାଗରେ ମୟୂରଭଞ୍ଜର ଅଭିଷେକ ମହାନ୍ତ ମୋଟ ୫୮୨ କେଜି ଓଜନ ଉଠାଇ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଓଡ଼ିଶା ପୋଲିସର ଅନୁପମା ସ୍ୱାଇଁ, ଅନୁଗୋଳର ରାକେଶ ଗୁପ୍ତା ଓ ତେଜବ କୁମାର ସୁନା ବ୍ୟକ୍ତିଗତ ବର୍ଗରେ ରୌପ୍ୟ ପଦକ ହାସଲ କରିଥିଲେ। ସେହିଭଳି ମୟୂରଭଞ୍ଜର ଧନମଣି ଟୁଡୁ ବ୍ରୋଞ୍ଜ ପଦକ ହାତେଇଥିଲେ। ସେହିଭଳି ବରିଷ୍ଠ (ମାଷ୍ଟର-୧) ବିଭାଗରେ ସୁଜିତ କୁମାର ଗିରି ବ୍ରୋଞ୍ଜ ପଦକ ଜିତିଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା ୪୨ ଜଣିଆ ଓଡ଼ିଶା ଦଳରେ ପୂର୍ବତନ ଅନ୍ତର୍ଜାତୀୟ ଶକ୍ତି ଉତ୍ତୋଳକ ପ୍ରଦୀପ କୁମାର ପାତ୍ର, କୋଚ୍ ଗଙ୍ଗାଧର ବିଶୋଇ ଓ ମ୍ୟାନେଜର ରାକେଶ ଶତପଥୀ ଯୋଗଦେଇଥିଲେ।



ଜାତୀୟ ଶକ୍ତି ଉତ୍ତୋଳନରେ ପଦକ ହାସଲ କରିଥିବା ଓଡ଼ିଶା ପ୍ରତିଯୋଗୀ।

# ସସେକ୍ସ ପାଇଁ ପଦାର୍ପଣ କଲେ ପୂଜାରା, ରିଜୱାନ

**ଡର୍ବି, ୧୪।୪:** ଭାରତୀୟ ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ଓ ପାକିସ୍ତାନର ମହମ୍ମଦ ରିଜୱାନ ଗୁରୁବାର ଡର୍ବିଶାୟାର ବିପକ୍ଷରେ ସସେକ୍ସ ପାଇଁ କାଉଣ୍ଟି ଚାମ୍ପିୟନଶିପ୍ସ ଡିଭିଜନ ୨ ଟୁର୍ନାମେଣ୍ଟରେ ପଦାର୍ପଣ କରିଛନ୍ତି। ୩୩ ବର୍ଷୀୟ ପୂଜାରା ପୂର୍ବରୁ ଇଂଲଣ୍ଡରେ ପ୍ରଥମ ଶ୍ରେଣୀ କ୍ରିକେଟ ଖେଳିଥିବା ବେଳେ ଏଥିରେ ପ୍ରଥମ ଥର ପାଇଁ ଭାଗ ନେଉଛନ୍ତି ପାକିସ୍ତାନ ଉଇକେଟକିପର ବ୍ୟାଟର। ଟମ୍ ହେନସଙ୍କ ନେତୃତ୍ୱରେ ଘୋଷିତ ଦଳରେ ଦୁଇ ଖେଳାଳିଙ୍କୁ ସ୍ଥାନ ମିଳିଛି। ଟସ୍ ଜିତି ଡର୍ବିଶାୟାର ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବାରୁ ପୂଜାରା ଏବଂ ରିଜୱାନ ଦ୍ୱିତୀୟ ଦିନ ବ୍ୟାଟିଂ କରିବାକୁ ଓହ୍ଲାଇବେ ବୋଲି ଆଶା କରାଯାଉଛି।

# ୧୭ରୁ ୧୦ ବର୍ଷରୁ କମ୍ ଓପନ୍, ବାଳିକା ଚେସ୍

**କଟକ, ୧୪।୪ (ସ୍ପୋର୍ଟ୍ସ ବ୍ୟୁରୋ):** ଟ୍ରିପଲ-ସି ଚେସ୍ କ୍ଲବ ଏବଂ ମାଷ୍ଟର ଚେସ୍ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଶୈଳବାଳା ମହିଳା ମହାବିଦ୍ୟାଳୟରେ ଆସନ୍ତା ୧୭ ଓ ୧୮ ତାରିଖରେ ରାଜ୍ୟ ୧୦ ବର୍ଷରୁ କମ୍ ଓପନ୍, ବାଳିକା ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଉଭୟ ବିଭାଗର ଶ୍ରେଷ୍ଠ ୧୦ ଖେଳାଳିଙ୍କୁ ପୁରସ୍କାର ରାଶି ବାବଦକୁ ୨୦ ହଜାର ଟଙ୍କା ସହ ଚାମ୍ପିୟନଙ୍କୁ ଉର୍ମିଳା ବିଶୋଇ ସ୍ମାରକୀ ଟ୍ରଫି ପ୍ରଦାନ କରାଯିବ। ଏଥିସହିତ ପ୍ରତିଯୋଗିତାରେ ଭାଗ ନେଇଥିବା ୫, ୬, ୭, ୮, ୯ ବର୍ଷରୁ କମ୍ ବର୍ଗର ଶ୍ରେଷ୍ଠ ୩ ଜଣଙ୍କୁ ସ୍ୱତନ୍ତ୍ର ଟ୍ରଫି ପ୍ରଦାନ କରାଯିବ ବୋଲି ଟ୍ରିପଲ-ସି ଚେସ୍ କ୍ଲବ ସମ୍ପାଦକ ବିରଞ୍ଚି ନାରାୟଣ ସାହୁ କହିଛନ୍ତି। ଏହି ପ୍ରତିଯୋଗିତାରେ ୨୦୧୨, ଜାନୁୟାର ୧ ପରେ ଜନ୍ମ ହୋଇଥିବା ଖେଳାଳିମାନେ ଅଂଶଗ୍ରହଣ କରିପାରିବେ।

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକ

Late Annapurna Sahoo
Laxmisagar, Bhubaneswar
ଆବିର୍ଭାବ- 1.4.1969
ତିରୋଧାନ- 7.5.2021
ହେ ମହାନ୍ ଆତ୍ମା, ଜୀବନର ଶେଷ ସମୟ ପର୍ଯ୍ୟନ୍ତ ଆମ୍ଭମାନଙ୍କ ସହିତ ରହିଛ। ତୁମର କର୍ତ୍ତବ୍ୟନିଷ୍ଠା, ସ୍ନେହ, ଶ୍ରଦ୍ଧା, ସରଳ ଜୀବନ ଶୈଳୀ ଓ ସମ୍ମାନବୋଧ ଏବଂ ସର୍ବଦା ସହାସ୍ୟ ମୁଖ ଆମର ଚିର ସ୍ମରଣୀୟ ହୋଇ ରହିବ।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ।
ଧ-୧୩୯

ପ୍ରଥମ ଶ୍ରାଦ୍ଧବାର୍ଷିକ

Late Ullash Chandra Sahoo
Laxmisagar, Bhubaneswar
ଆବିର୍ଭାବ- 13.4.1953
ତିରୋଧାନ- 26.4.2021
ହେ ମହାନ୍ ଆତ୍ମା, ଜୀବନର ଶେଷ ସମୟ ପର୍ଯ୍ୟନ୍ତ ଆମ୍ଭମାନଙ୍କ ସହିତ ରହିଛ। ତୁମର କର୍ତ୍ତବ୍ୟନିଷ୍ଠା, ସ୍ନେହ, ଶ୍ରଦ୍ଧା, ସରଳ ଜୀବନ ଶୈଳୀ ଓ ସମ୍ମାନବୋଧ ଏବଂ ସର୍ବଦା ସହାସ୍ୟ ମୁଖ ଆମର ଚିର ସ୍ମରଣୀୟ ହୋଇ ରହିବ।
-:ଶୋକସନ୍ତପ୍ତ:-
ସ୍ତ୍ରୀ - ମଞ୍ଜୁଲତା ସାହୁ, ବନ୍ଧୁ ଓ ପରିବାରବର୍ଗ।
ଧ-୧୪୦

ସ୍ୱାଗତ ସମ୍ପଦ ସାହୁ

# ଅଲିମ୍ପିକ ମେଡାଲିଷ୍ଟ ଲଭଲିନା

## ଟାର୍ଗେଟ୍‌ରେ ବିଶ୍ୱ ଚାମ୍ପିୟନଶିପ୍ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା



ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତି କ୍ୟାରିୟରକୁ ଏକ ଭିନ୍ନ ସୋପାନକୁ ନେଇ ଯାଇଥିବା ଲଭଲିନା ବୋରଗୋହେନ ଏବେ ବିଶ୍ୱ ଚାମ୍ପିୟନଶିପ୍ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିଛନ୍ତି। ପୂର୍ବରୁ ଦୁଇଥର ବିଶ୍ୱ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ଜିତିଥିବାରୁ ଏଥର ଅଧିକ ସଫଳତା ଆଶାରେ ଅଛନ୍ତି ଆସାମର ଏହି ମହିଳା ବକ୍ସର...

ଏମ୍.ସି. ମେରିକମ୍‌ଙ୍କ ପରେ ଲଭଲିନା ବୋରଗୋହେନ। ଦୁଇଜଣଯାକ ଉତ୍ତର-ପୂର୍ବ କ୍ଷେତ୍ରର ଅଲିମ୍ପିକ୍ ପଦକ ବିଜେତା ମହିଳା ବକ୍ସର। ଦୁଇଜଣଙ୍କର ଅଲିମ୍ପିକ୍ ସଫଳତାର ବ୍ୟବଧାନ ହେଉଛି ୮ ବର୍ଷ। ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ମେରିକମ୍ ବ୍ରୋଞ୍ଜ ପଦକ ଜିତିଲାବେଳକୁ ଆସାମର ଲଭଲିନା ମାତ୍ର ୧୫ ବର୍ଷୀୟା ଯୁବତୀ। ୨୪ ବର୍ଷ ବୟସରେ ଲଭ୍‌ଲିନା ୨୦୨୦ ଟୋକିଓ ଅଲିମ୍ପିକ୍ସରେ ମେରିକମ୍‌ଙ୍କ ସମକକ୍ଷ ହୋଇପାରିଥିଲେ। ଏଣୁ ୨୦୦୮ ବେଜିଂ ଅଲିମ୍ପିକ୍ସ ବ୍ରୋଞ୍ଜ ବିଜେତା ବିଜେନ୍ଦର ସିଂଙ୍କୁ ମିଶାଇ ଭାରତର ମୋଟ ୩ ଜଣ ବକ୍ସରଙ୍କ ଭାଗ୍ୟରେ ଅଲିମ୍ପିକ୍ ସଫଳତା ଜୁଟିଛି। ଆଗାମୀ ମହିଳା ବିଶ୍ୱ ଚାମ୍ପିଆନଶିପ୍ ବକ୍ସିଂ ତୁର୍କୀର ଇସ୍ତାନ୍‌ବୁଲ ନଗରୀରେ ୬ ମେ'ରୁ ୨୧ ଯାଏ ଆୟୋଜନ ହେବ। ଏଥିରେ ଭାରତର ୭୦ କେଜି ବର୍ଗରେ ପ୍ରତିନିଧିତ୍ୱ କରିବାକୁ ଲଭଲିନା ମନୋନୀତ ହୋଇଛନ୍ତି। ଏହି ବିଶ୍ୱ ଚାମ୍ପିୟନଶିପ୍ ଖେଳି ଲଭଲିନା କରିବେ ହ୍ୟାଟ୍ରିକ୍। ପୂର୍ବରୁ ୨୦୧୮ ଓ ୧୯ ଚାମ୍ପିୟନଶିପ୍‌ରେ ସେ ଦୁଇଟି ବ୍ରୋଞ୍ଜ ପଦକ ଜିତିଥିବାରୁ ଏହି ଟୁର୍ନାମେଣ୍ଟ ସମ୍ପର୍କରେ ତାଙ୍କର ଭଲ ଅନୁଭୂତି ରହିଛି। ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଅନୁଷ୍ଠିତ ତିନିଦିନିଆ ଟ୍ରାଏଲ୍ ପ୍ରତିଯୋଗିତାରେ ଲଭଲିନାଙ୍କୁ ମିଶାଇ ୧୨ ଜଣ ବକ୍ସର ଯୋଗ୍ୟ ବିବେଚିତ ହୋଇଛନ୍ତି। ତେବେ ଏହା ପୂର୍ବରୁ ଲଭଲିନାଙ୍କୁ ବିନା ଟ୍ରାଏଲରେ ମନୋନୀତ କରାଯିବାକୁ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଅରୁନ୍ଧତୀ ଚୌଧୁରୀ ଗ୍ରହଣ କରିପାରି ନ ଥିଲେ। ସେ ଏହାକୁ ଦିଲ୍ଲୀ ହାଇକୋର୍ଟରେ ଚାଲେଞ୍ଜ କରିଥିଲେ। ଅରୁନ୍ଧତୀ ଚଳିତ ବର୍ଷର ଜାତୀୟ ଚାମ୍ପିୟନ ହୋଇଥିଲା ବେଳେ ତାଙ୍କ ନାମରେ ରହିଛି ଯୁବ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ୍। କୋର୍ଟ ଟ୍ରାଏଲ ମ୍ୟାଚ ସପକ୍ଷରେ ନିଷ୍ପତ୍ତି ଶୁଣାଇବାରୁ ଲଭଲିନାଙ୍କୁ ସାମ୍ନା କରିଥିଲେ ଅରୁନ୍ଧତୀ। ହେଲେ ଲଭଲିନାଙ୍କ ଅଭିଜ୍ଞତା ଆଗରେ ଅରୁନ୍ଧତୀ ଫିକା ପଡ଼ିଯାଇଥିଲେ।

ଆସାମର ଆଉ ଜଣେ ଅଲିମ୍ପିଆନ୍ ବକ୍ସର ହେଲେ ଶିବ ଥାପା। ସେ ରିଓ ଅଲିମ୍ପିକ୍ ବକ୍ସିଂରେ ଅଂଶ ଗ୍ରହଣ କରିବାର ସୌଭାଗ୍ୟ ହାସଲ କରିଥିଲେ। ହେଲେ ପ୍ରଥମ ବାଉଟ୍‌ରେ କ୍ୟୁବା ବକ୍ସରଙ୍କ ଦ୍ୱାରା ହାରିଯାଇଥିଲେ। ନୂଆଦିଲ୍ଲୀରେ ୨୦୧୮ ଫେବୃୟାରୀରେ ଅନୁଷ୍ଠିତ ପ୍ରଥମ ଇଣ୍ଡିଆ ଓପନ୍ ମିଟ୍‌ରେ ଲଭଲିନା ସ୍ୱର୍ଣ୍ଣ ଏବଂ ଗୁଆହାଟୀରେ ଅନୁଷ୍ଠିତ ଦ୍ୱିତୀୟ ମିଟ୍‌ରେ ରୌପ୍ୟ ପଦକ ବିଜୟିନୀ ହୋଇଥିଲେ। ଆସାମ ରାଜ୍ୟର ୬ଜଣ ଅର୍ଜୁନ ପୁରସ୍କାର ବିଜେତାଙ୍କ ମଧ୍ୟରେ ଲଭଲିନା ଜଣେ। ୨୦୨୦ ମସିହାରେ କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ତାଙ୍କୁ ଏହି ମର୍ଯ୍ୟାଦା ପ୍ରଦାନ କରାଯାଇଥିଲା।

### ଲଭଲିନାଙ୍କ ସଫଳ ଯାତ୍ରା

* ୨୦୧୭: ଏସୀୟ ଚାମ୍ପିୟନଶିପ୍ ଓ ପ୍ରେସିଡେଣ୍ଟସ କପ୍ ବ୍ରୋଞ୍ଜ ପଦକ
* ୨୦୧୮: ଉଲନବାଟୁର୍ କପ୍‌ରେ ରୌପ୍ୟ
* ୨୦୧୮ ଓ ୨୦୧୯: ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ
* ୧୩ଶ ସିଲେସିଆଁ ଅନ୍ତର୍ଜାତୀୟରେ ବ୍ରୋଞ୍ଜ
* ୨୦୨୦: ଟୋକିଓ ଅଲିମ୍ପିକ୍ସ ବ୍ରୋଞ୍ଜ

### ପୁରସ୍କାର/ସମ୍ମାନ

* ଆସାମ ସୌରଭ ସମ୍ମାନ
* ଅର୍ଜୁନ ପୁରସ୍କାର
* ଖେଲରତ୍ନ ପୁରସ୍କାର



ଲଭଲିନାଙ୍କ ବକ୍ସିଂ ଜୀବନର ଟର୍ଣ୍ଣିଂ ପଏଣ୍ଟ ଥିଲା ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ା। ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲରେ ସେ ଇଂଲଣ୍ଡର ସାଣ୍ଡି ରିଆଁଙ୍କ ହାତରୁ ପରାଜିତ ହୋଇଥିଲେ। ଶେଷରେ ସାଣ୍ଡିଙ୍କ ସପକ୍ଷରେ ଯାଇଥିଲା ରାଜ୍ୟଗୋଷ୍ଠୀ ଟାଇଟଲ୍। ତେବେ ୨୦୨୦ ଏସିଆ ଏବଂ ଓସେନିଆ ଅଲିମ୍ପିକ୍ ଯୋଗ୍ୟତା ପ୍ରତିଯୋଗିତା ଖେଳି ଲଭଲିନା ଟୋକିଓ ଟିକଟ ପାଇଥିଲେ। ଟୋକିଓରେ ତାଙ୍କର କ୍ୱାର୍ଟର ଫାଇନେଲ ମ୍ୟାଚ ଉପରେ ସମସ୍ତଙ୍କର ନଜର ରହିଥିଲା। ଏହି ମ୍ୟାଚରେ ଲଭଲିନାଙ୍କ ମୁକାବିଲା ହୋଇଥିଲା ତାଙ୍କ ଅପରାଜେୟ ପ୍ରତିଦ୍ୱନ୍ଦ୍ୱୀ ଚାଇନିଜ୍ ତାଇପେଇର ଚେନ୍ ନୀଏନ-ଚିନ୍‌ଙ୍କ ସହିତ। ଏହା ପୂର୍ବରୁ ଦୁଇଟି ଅନ୍ତର୍ଜାତୀୟ ମ୍ୟାଚର ପଦକ ରାଉଣ୍ଡରେ ଲଭଲିନା, ଚିନ୍‌ଙ୍କଠାରୁ ହାରିଯାଇଥିବାରୁ ଟୋକିଓ ମ୍ୟାଚ୍ ତାଙ୍କ ପାଇଁ 'କର ବା ମର' ଭଳି ଥିଲା। ସେ ଏଥିରେ ଅବଶ୍ୟ ଭାରତୀୟମାନଙ୍କୁ ନିରାଶ କରି ନ ଥିଲେ। ଟୋକିଓ ସେମିଫାଇନାଲରେ ସେ ଯାହାଙ୍କଠାରୁ ହାରିଲେ ସେ ହିଁ ଶେଷରେ ତାଙ୍କ ୱେଟ୍‌ଗ୍ରୁପରେ ଚାମ୍ପିୟନ୍ ହେଲେ। ସେ ହେଲେ କଲମ୍ବିଆର ବକ୍ସର ବୁସେନାଜ୍ ସୁର୍ମେନେଲୀ।

ଚଳିତବର୍ଷ ଇଂଲଣ୍ଡର ବର୍ମିଂହାମ୍‌ରେ ହେବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଲଭଲିନା ଭାଗ ନେବେ। ହେଲେ ଏସୀୟ କ୍ରୀଡ଼ାରେ ତାଙ୍କ ଅଂଶ ଗ୍ରହଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଆସାମର କୋଲାଘାଟ ଜିଲ୍ଲା, ବଡ଼ପଥର ଗାଁରେ ଲଭଲିନାଙ୍କ ଜନ୍ମ ୧୯୯୭, ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଦିନ। ତାଙ୍କ ବାପା ଟିକେନ ବୋରଗୋହେନ ଜଣେ ସାଧାରଣ ଦୋକାନୀ ଥିଲେ। ମାଆ ମାମୋନି ବୋରଗୋହେନ। ୩ ଭଉଣୀ। ୨ ଭଉଣୀ ବାଳିକା ବୟସରେ କିକ୍ ବକ୍ସିଂ ଶିଖୁଥିଲେ। ତାଙ୍କୁ ଦେଖି ଲଭଲିନା ବକ୍ସିଂ ଶିକ୍ଷା କଲେ। ଏକ ହାଇସ୍କୁଲ ମ୍ୟାଚବେଳେ ତାଙ୍କୁ ଠାବ କରିଥିଲେ ଗୁଆହାଟୀ ଶାଖା ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ(ସାଇ) କୋଚ୍ ପ୍ରଦ୍ୟୁମ୍ନ ଚନ୍ଦ୍ର ବୋଡ଼ୋ। ୨୦୧୨ ମସିହାରେ ସାଇ ତାଲିମ କେନ୍ଦ୍ରରେ ଆନୁଷ୍ଠାନିକ ବକ୍ସିଂ ତାଲିମ ଆରମ୍ଭ କରିଥିଲେ। ପ୍ରଦ୍ୟୁମ୍ନ ଚନ୍ଦ୍ରଙ୍କ ପରେ କୋଚ୍ ସଂଧ୍ୟା ଗୁରୁଙ୍ଗ୍‌ଙ୍କୁ ନିଜ ଗୁରୁ କରିଥିଲେ। ଲଭଲିନା ମୁଏଥାଇ ସାମରିକ କ୍ରୀଡ଼ାରେ ମଧ୍ୟ ପାଦ ରଖିଥିଲେ।

---

# ପଦାର୍ପଣ ବିଶ୍ୱକପ୍‌ରେ ପ୍ରଭାବୀ ପ୍ରଦର୍ଶନ

ଦିନିକିଆ ମହିଳା କ୍ରିକେଟ ବିଶ୍ୱକପ୍‌ର ୧୨ଶ ସଂସ୍କରଣ ଇତିମଧ୍ୟରେ ଶେଷ ହୋଇଯାଇଛି । ପୂରା ଟୁର୍ନାମେଣ୍ଟରେ ଅପରାଜେୟ ରହି ଅଷ୍ଟ୍ରେଲିଆ ୭ମ ଥର ଲାଗି ହାସଲ କରିଛି ବିଶ୍ୱକପ୍। ୫୦ ଓଭର ବିଶିଷ୍ଟ ଟୁର୍ନାମେଣ୍ଟରେ ଅନେକ ଯୁବ ଖେଳାଳି ପଦାର୍ପଣ କରିଥିଲେ। ସେମାନଙ୍କ ମଧ୍ୟରେ ସର୍ବାଧିକ ପ୍ରଭାବିତ କରିଥିବା ୫ ଖେଳାଳିଙ୍କୁ ନେଇ ଏହି ଉପସ୍ଥାପନା..

### ସୋଫିଆ ଡଙ୍କଲେ (ଇଂଲଣ୍ଡ)

ଗତ ବର୍ଷ ଜୁନ୍‌ରେ ଦିନିକିଆ ପଦାର୍ପଣ କରିଥିବା ସୋଫିଆ ଡଙ୍କଲେ ଇଂଲଣ୍ଡ ଦଳର ମଧ୍ୟକ୍ରମରେ ନିଜ ସ୍ଥାନ ସୁନିଶ୍ଚିତ କରିସାରିଛନ୍ତି। ଗତ ବର୍ଷ ଫ୍ରାନ ୱିଲସନଙ୍କ ଅବସର ପରଠୁ ଡଙ୍କଲେ ମଧ୍ୟକ୍ରମର ଦାୟିତ୍ୱ ସମ୍ଭାଳି ଆସୁଛନ୍ତି। ପୂରା ବିଶ୍ୱକପ୍‌ରେ ଡଙ୍କଲେ ରନ୍ କରିବା ସାଙ୍ଗକୁ ଫିଲ୍ଡରେ ମଧ୍ୟ ଚମତ୍କାର ପ୍ରଦର୍ଶନ କରିଥିଲେ। ସେ ବାଂଲାଦେଶ ବିପକ୍ଷ ଅନ୍ତିମ ଲିଗ୍ ମ୍ୟାଚ୍ ଏବଂ ଦକ୍ଷିଣ ଆଫ୍ରିକା ବିପକ୍ଷ ସେମିଫାଇନାଲରେ କ୍ରମାଗତ ଦୁଇଟି ଅର୍ଦ୍ଧଶତକ ହାସଲ କରିଥିଲେ। ଦଳର ବିଜୟରେ ତାଙ୍କର ସବୁବେଳେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ରହୁଥିଲା। ମୋଟ ୨୯୧ ରନ୍ ସହ ଟୁର୍ନାମେଣ୍ଟରେ ସର୍ବାଧିକ ରନ୍‌ସ୍କୋରରଙ୍କ ମଧ୍ୟରେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଇଂଲଣ୍ଡର ନାଟାଲିଆ ସ୍କିଭର ସର୍ବାଧିକ ୪୩୬ ରନ୍ କରିଥିଲେ।

### ଯଷ୍ଟିକା ଭାଟିଆ (ଭାରତ)

ଅନ୍ତର୍ଜାତୀୟ କ୍ୟାରିୟରର ଆରମ୍ଭରୁ ଆଖିଦୃଶିଆ ପ୍ରଦର୍ଶନ କରିବାରେ ବିଫଳ ହୋଇଥିବା ଯଷ୍ଟିକା ଭାଟିଆ ଜଣେ ମିଡିଲ ଅର୍ଡର ବ୍ୟାଟର ଭାବେ ଭାରତୀୟ ଦଳରେ ସ୍ଥାନ ପାଇଥିଲେ। କିନ୍ତୁ ଦ୍ୱିତୀୟ ମ୍ୟାଚ୍‌ରେ ଫର୍ମରେ ନ ଥିବା ଶେଫାଳୀ ବର୍ମାଙ୍କ ସ୍ଥାନରେ ତାଙ୍କୁ ଓପନ କରିବାକୁ ସୁଯୋଗ ମିଳିଥିଲା। କିଛି ଉପଯୋଗୀ ଇନିଂସ ଖେଳିବା ପରେ ତାଙ୍କୁ ପୁଣି ତୃତୀୟ ପୋଜିଶନରେ ବ୍ୟାଟିଂ ସୁଯୋଗ ମିଳିଥିଲା। ସେଠାରେ ମଧ୍ୟ ସେ ଚମତ୍କାର ବ୍ୟାଟିଂ କରି ଅଷ୍ଟ୍ରେଲିଆ ଏବଂ ବାଂଲାଦେଶ ବିପକ୍ଷରେ ଲଗାତର ଅର୍ଦ୍ଧଶତକ ହାସଲ କରିଥିଲେ। ଭଲ ଆରମ୍ଭ କରିଥିଲେ ହେଁ ତାକୁ ଯଦିଓ ସେ କେତେକ ସମୟରେ ବଡ଼ ସ୍କୋରରେ ପରିଣତ କରିପାରି ନାହାନ୍ତି, ତେବେ ବଡ଼ ବଡ଼ ଶଟ୍ ଖେଳିବାର କ୍ଷମତା ଯୋଗୁ ସେ ଟିମ୍ ଇଣ୍ଡିଆକୁ ଦୀର୍ଘ ଦିନ ଧରି ପ୍ରତିନିଧିତ୍ୱ କରିବେ ବୋଲି ସଙ୍କେତ ଦେଇଛନ୍ତି।

### ଆଲାନା କିଙ୍ଗ (ଅଷ୍ଟ୍ରେଲିଆ)

୨୬ ବର୍ଷୀୟା ଆଲାନା କିଙ୍ଗ୍ ବିଶ୍ୱକପ୍ ଆରମ୍ଭ ହେବାର ଏକ ମାସ ପୂର୍ବରୁ ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରିଥିଲେ। ସେ ୨୦୨୧ ମହିଳା ବିଗ୍‌ବାଶ୍ ଲିଗ୍ (ଡବ୍ଲ୍ୟୁବିବିଏଲ)ରେ ୧୬ ଉଇକେଟ ନେଇ ଚର୍ଚ୍ଚାକୁ ଆସିଥିଲେ। ତା' ପରେ ଜର୍ଜିଆ ୱାରେହାମ ଆହତ ସମସ୍ୟା ଯୋଗୁ ବାଦ୍ ପଡ଼ିବା ପରେ ତାଙ୍କ ସ୍ଥାନରେ ଜାତୀୟ ଦଳରେ ସ୍ଥାନ ପାଇଥିଲେ ଆଲାନା। ସେ ଇଂଲଣ୍ଡ ବିପକ୍ଷ ଲିଗ୍ ଏବଂ ଫାଇନାଲରେ ୩ ଲେଖାଏ ଉଇକେଟ ନେଇଥିଲେ। ଲିଗ୍ ମ୍ୟାଚ୍‌ରେ ସେ ଟାମି ବେଉମଣ୍ଟଙ୍କୁ ଆଉଟ୍ କରିବା ପରେ ଶେଷ ଆଡ଼କୁ ନେଇଥିଲେ ଡଙ୍କଲେଙ୍କ ଉଇକେଟ। ଫାଇନାଲର ଘଡ଼ିସନ୍ଧି ମୁହୂର୍ତ୍ତରେ ସେ ହିଥର ନାଇଟ୍ ଏବଂ ଡଙ୍କଲେଙ୍କୁ ଆଉଟ୍ କରି ଇଂଲଣ୍ଡ ଆଶାରେ ପାଣି ଭରିଥିଲେ। ମୋଟ ୧୨ ଉଇକେଟ ସହ ଆଲାନା ଟୁର୍ନାମେଣ୍ଟର ସଫଳ ବୋଲରଙ୍କ ତାଲିକାରେ ମିଳିତ ଚତୁର୍ଥ ସ୍ଥାନରେ ରହିଥିଲେ।

### ସାନା ଫାତିମା (ପାକିସ୍ତାନ)

୨୦୨୧ରେ ଆଇସିସି ମହିଳା ଇମର୍ଜିଂ କ୍ରିକେଟର ପୁରସ୍କାର ପାଇଥିଲେ ପାକିସ୍ତାନର ସାନା ଫାତିମା। ଗତ ବିଶ୍ୱକପରେ ମଧ୍ୟ ସେ ୭ ମ୍ୟାଚରୁ ୭ ଉଇକେଟ ନେଇଥିଲେ। ସେ ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍‌ରେ ନିଜ ଦକ୍ଷତା ପ୍ରଦର୍ଶନ କରି ୩ ଉଇକେଟ ହାସଲ କରିଥିଲେ। ପ୍ରଥମେ ନୂଆ ବଲରେ ଲେଇଜଲ ଲି'ଙ୍କୁ ଏବଂ ଡେଥ୍ ଓଭରରେ ସ୍ଲୋ ବଲ୍ ବୋଲିଂ କରି ସୁନେ ଲୁସ ଓ ତ୍ରିଶା ଚେଟିଙ୍କୁ ପ୍ୟାଭିଲିଅନ ପଠାଇଥିଲେ। ଯଦିଓ ଗତ ବର୍ଷ ସେ କିଛି ଉପଯୋଗୀ ଇନିଂସ ଖେଳିଥିଲେ, ତେବେ ପୂରା ବିଶ୍ୱକପ୍‌ରେ ସେଭଳି କିଛି ଦେଖାଇ ପାରି ନ ଥିଲେ।

### ଚାର୍ଲି ଡିନ (ଇଂଲଣ୍ଡ)

'ଦ ହଣ୍ଡ୍ରେଡ୍'ର ପ୍ରଥମ ସଂସ୍କରଣରେ ଚାର୍ଲି ଡିନ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ୬ ଉଇକେଟ ନେଇଥିବା ଡିନ ଲଣ୍ଡନ ସ୍ପିରିଟ ଲାଗି ଦ୍ୱିତୀୟ ସଫଳତମ ବୋଲର ସାବ୍ୟସ୍ତ ହୋଇଥିଲେ। ବିଶ୍ୱକପ୍‌ର ପ୍ରଥମ ଦୁଇ ମ୍ୟାଚ୍‌ରେ ତାଙ୍କୁ ଇଂଲଣ୍ଡ ଦଳରେ ସ୍ଥାନ ମିଳି ନ ଥିଲା। କିନ୍ତୁ ଭାରତ ବିପକ୍ଷ ମ୍ୟାଚ୍‌ରେ ୪ ଉଇକେଟ ନେଇ ସେ ନିଜ ବୋଲିଂ ଦକ୍ଷତା ପ୍ରଦର୍ଶନ କରିଥିଲେ। ପରବର୍ତ୍ତୀ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ସେ ଦୁଇ ଉଇକେଟ ହାତେଇଥିଲେ। ପ୍ରତିଯୋଗିତାରେ ମୋଟ ୧୧ ଉଇକେଟ ମଧ୍ୟରୁ ୯ ଉଇକେଟ ସେ ମାତ୍ର ୩ ମ୍ୟାଚ୍‌ରେ ହାସଲ କରିଥିଲେ। ଫାଇନାଲରେ ଡିନ ବ୍ୟାଟିଂରେ ଚମତ୍କାରିତା ଦେଖାଇ ଉପଯୋଗୀ ୨୧ ରନ୍ କରିଥିଲେ, ଯାହା ଫଳରେ ସ୍କିଭରଙ୍କ ସହ ମିଶି ସେ ୯ମ ଉଇକେଟ ପାଇଁ ଦଳୀୟ ସ୍କୋରରେ ୬୫ ରନ୍ ଯୋଡ଼ିଥିଲେ।



ସାନା ଫାତିମା
ଚାର୍ଲି ଡିନ

ଆଲାନା କିଙ୍ଗ

ଯଷ୍ଟିକା ଭାଟିଆ



ସୋଫିଆ ଡଙ୍କଲେ

# ବିଜୟ ସହ ଶୀର୍ଷକୁ ଫେରିଲା ଗୁଜରାଟ

**ମୁମ୍ବାଇ, ୧୪।୪**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଗୁଜରାଟ ଟାଇଟାନ୍ସ ୩୭ ରନରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଛି। ଏଥିସହ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱାଧୀନ ଗୁଜରାଟ ଦଳ ବିଜୟ ପଥକୁ ଫେରିଛି। ଲକ୍ଷ୍ନୌ, ଦିଲ୍ଲୀ ଓ ପଞ୍ଜାବକୁ ହରାଇବା ପରେ ଗୁଜରାଟ ପୂର୍ବ ମ୍ୟାଚରେ

| **ଆଇପିଏଲ୍-୧୫** |
|---|
| **ଆଜିର ମ୍ୟାଚ** |
| **ସନ୍‌ରାଇଜର୍ସ ହାଇଦ୍ରାବାଦ ବନାମ କୋଲକାତା ନାଇଟ ରାଇଡର୍ସ** |
| **ସ୍ଥାନ: ମୁମ୍ବାଇ** |
| **ସମୟ: ରାତି ୭ଟା ୩୦** |
| **ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ** |

ହାଇଦ୍ରାବାଦଠାରୁ ହାରିଯାଇଥିଲା। ଏଠାରେ ଗୁଜରାଟ ୨୦ ଓଭରରେ ୪ ଉଇକେଟ ହରାଇ ୧୯୨ ରନ କରିଥିବାବେଳେ ରାଜସ୍ଥାନ ୨୦ ଓଭରରେ ୯ ଉଇକେଟ ହରାଇ ୧୫୫ ରନ କରିବାକୁ ସକ୍ଷମ ହୋଇଥିଲା। ୫ ମ୍ୟାଚରୁ ୪ର୍ଥ ବିଜୟ ସହ ଟାଇଟାନ୍ସ ପଏଣ୍ଟ ଟେବୁଲର ଶୀର୍ଷକୁ ଫେରିଛି। ଅନ୍ୟପକ୍ଷରେ ୫ ମ୍ୟାଚରୁ ଦ୍ୱିତୀୟ ପରାଜୟ ସହ ରାଜସ୍ଥାନ ତୃତୀୟ ସ୍ଥାନକୁ ଖସିଛି।


ଶଟ୍ ଖେଳୁଛନ୍ତି ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ହାର୍ଦ୍ଦିକ ପାଣ୍ଡ୍ୟା।

ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେବା ଧାରା ଆଇପିଏଲରେ ଜାରି ରହିଥିଲା। ସଞ୍ଜୁ ସାମ୍‌ସନ ମଧ କିଛି ଭିନ୍ନ କରି ନ ଥିଲେ। ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ଗୁଜରାଟ ପାୱାରପ୍ଲେ ମଧ୍ୟରେ ମାଥ୍ୟୁ ୱେଡ୍ (୧୨), ବିଜୟ ଶଙ୍କର (୨), ଶୁବମନ ଗିଲ (୧୩)ଙ୍କ ଉଇକେଟ ହରାଇଥିଲା। ଏହାପରେ ଅଭିନବ ମନୋହରଙ୍କ ସହ ମିଶି ଅଧିନାୟକ ହାର୍ଦ୍ଦିକ ଚତୁର୍ଥ ଉଇକେଟରେ ୮୬ ରନ୍ ଯୋଡ଼ିଥିଲେ। ମନୋହର ୪ ଚୌକା ଓ ୨ ଛକା ସହାୟତାରେ ୪୩ ରନ୍ କରିଥିଲେ। ଅନ୍ତିମ ୪ ଓଭରରେ ହାର୍ଦ୍ଦିକ ଓ ମିଲର ବିସ୍ଫୋରକ ବ୍ୟାଟିଂ କରି ୫୩ ରନ୍ ଯୋଡ଼ିଥିଲେ। ଯାହାଫଳରେ ଗୁଜରାଟ ୨୦ ଓଭରରେ ୪ ଉଇକେଟ ହରାଇ ୧୯୨ ରନ୍ କରିବାକୁ ସକ୍ଷମ ହୋଇଥିଲା। ପାଣ୍ଡ୍ୟାଙ୍କ ୮୭ ରନ୍‌ର ଅପରାଜିତ ଇନିଂସରେ ୮ ଚୌକା ଓ ୪ ଛକା ସାମିଲ ଥିଲା। ସେହିଭଳି ମିଲର ୧୪ ବଲରେ ୫ ଚୌକା ଓ ୧ ଛକା ସହାୟତାରେ ଖେଳିଥିଲେ ୩୧ ରନ୍‌ର ଇନିଂସ। ରାଜସ୍ଥାନ ପକ୍ଷରୁ କୁଲଦୀପ ସେନ, ୟୁଜ୍‌ବେନ୍ଦ୍ର ଚହଲ ଏବଂ ରିୟାନ ପରାଗ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ରାଜସ୍ଥାନ ପକ୍ଷରୁ ଟପ୍ ଅର୍ଡରରେ ଜୋଶ୍ ବଟଲର ଭଲ ଖେଳିଥିଲେ ହେଁ ଅନ୍ୟମାନଙ୍କ ବିଫଳତା ଯୋଗୁ ଦଳ ବ୍ୟାକ୍‌ଫୁଟକୁ ଚାଲିଯାଇଥିଲା। ବଟଲର ୨୪ ବଲ୍‌ରୁ ୮ ଚୌକା ଓ ୩ ଛକା ସହାୟତାରେ ସର୍ବାଧିକ ୫୪ ରନ ସ୍କୋର କରିଥିଲେ। ମଧ୍ୟଭାଗରେ ଶିମରନ ହେଟମେର ଦ୍ୱିତୀୟ ସର୍ବାଧିକ ୨୯ ରନ କରିବାକୁ ସକ୍ଷମ ହୋଇଥିଲେ। ଗୁଜରାଟ ବୋଲରଙ୍କ ମଧ୍ୟରେ ୟାଶ୍ ଦୟାଲ ଓ ଲୋକି ଫର୍ଗୁସନ ୩ଟି ଲେଖାଏ ଏବଂ ମହମ୍ମଦ ଶାମି ଓ ହାର୍ଦ୍ଦିକ ପାଣ୍ଡ୍ୟା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଟାଇଟାନ୍ସ ୨୦ ଓଭରରେ ୧୯୨/୪ (ହାର୍ଦ୍ଦିକ ପାଣ୍ଡ୍ୟା-୮୭*, ଅଭିନବ ମନୋହର-୪୩, ଡେଭିଡ ମିଲର-୩୧*, କୁଲଦୀପ ସେନ-୧/୫୧, ୟୁଜବେନ୍ଦ୍ର ଚହଲ-୧/୩୨, ରିଆନ ପରାଗ-୧/୧୨)। ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୫୫/୯ (ଜୋଶ୍ ବଟଲର-୫୪, ଶିମରନ ହେଟମେର-୨୯, ଲୋକି ଫର୍ଗୁସନ-୩/୨୩, ୟାଶ୍ ଦୟାଲ-୩/୪୦, ମହମ୍ମଦ ଶାମି-୧/୩୯, ହାର୍ଦ୍ଦିକ ପାଣ୍ଡ୍ୟା-୧/୧୮)।

# ସାର ରିଚାର୍ଡ ହାଡ୍‌ଲି ମେଡାଲ ଜିତିଲେ ସୌଦି

**ଅକ୍‌ଲାଣ୍ଡ, ୧୪।୪:** ନ୍ୟୁଜିଲାଣ୍ଡ ପେସର ଟିମ୍ ସୌଦି ୨୦୨୧ ବର୍ଷର ଶ୍ରେଷ୍ଠ ନ୍ୟୁଜିଲାଣ୍ଡ ଖେଳାଳି ଭାବେ ବିବେଚିତ ହୋଇଛନ୍ତି। ଏଥିସହ ତାଙ୍କୁ କ୍ୟାରିୟରରେ ପ୍ରଥମ ଥର ପାଇଁ ସମ୍ମାନଜନକ ସାର୍ ରିଚାର୍ଡ ହାଡ୍‌ଲି ମେଡାଲ ମିଳିଛି। ୨୦୨୧-୨୨ ସିଜନରେ ସୌଦି ୨୩.୮୮ ହାରରେ ୩୬ ଟେଷ୍ଟ ଉଇକେଟ ନେଇଥିଲେ। ଏଥିରେ ଭାରତ ବିପକ୍ଷ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ସେ ନେଇଥିବା ୫ ଉଇକେଟ ମଧ୍ୟ ସାମିଲ ରହିଛି। ଇଂଲଣ୍ଡ ବିପକ୍ଷ ଲର୍ଡ୍ସ ଟେଷ୍ଟରେ ସେ ୪୩ ରନ୍‌ରେ ୬ ଉଇକେଟ ନେଇଥିଲେ, ଯାହାକି ଏହି ସମୟ ସୀମା ମଧ୍ୟରେ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ତାଙ୍କ ପ୍ରତିନିଧିତ୍ୱରେ ନ୍ୟୁଜିଲାଣ୍ଡ ଟି୨୦ ବିଶ୍ୱକପ୍ ଫାଇନାଲ ଖେଳିଥିଲା। ନିୟମିତ ଅଧିନାୟକ କେନ ୱିଲିୟମସନଙ୍କ ଅନୁପସ୍ଥିତିରେ ସେ ଭାରତ ବିପକ୍ଷ ସୀମିତ ଓଭର ଫର୍ମାଟରେ ନ୍ୟୁଜିଲାଣ୍ଡ ଦଳର ନେତୃତ୍ୱଭାର ସମ୍ଭାଳିଥିଲେ।










Powertrain options : 1.5 l diesel CRDi & 2.0 l petrol MPi with 6MT & 6AT
Fuel economy: diesel (20.4~ kmpl – MT) & petrol (14.5~ kmpl – MT)
Bluelink connected car technology comes with Over The Air (OTA) map updates. 16 map updates in 8 years.

HYUNDAI

To know more, give a missed call on 8884709630 | 3 Years Unlimited Kilometer Warranty | 3 Years road side assistance (RSA) 3 Years free Bluelink subscription | Lowest cost of maintenance.## | Hyundai Mobility Membership | Hyundai Cl!ck to Buy | Up to 100% on - road funding.* Lowest rate of interest starting @ 7.25%.* Minimal processing fee - as low as nil.*

**FOR INFORMATION CONTACT:** TOLL FREE: 1800114645; **ANGUL: BINOD HYUNDAI**, PH: 8093147272, BALANGIR, PH: 9437166042; **BHUBANESWAR: ADITYA HYUNDAI**, TAMANDO, PH: 7873999645, NAYAGARH, PH: 9348726259; SACHIVALAYA MARG, UNIT IV, PH: 7873999988, LEWIS ROAD, PH: 7873999523; **BERHAMPUR: UTKAL HYUNDAI**, PH: 9437091721; **BALASORE: PREMIER HYUNDAI**, PH: 9938449806; BHADRAK, PH: 9938449806; **BARIPADA: PREMIER HYUNDAI**, PH: 9938449811; **CUTTACK: OSL HYUNDAI**, PH: 9338104597; PARADEEP, PH: 7978931504; JAGATSINGHPUR, PH: 9437844440; **UTKAL HYUNDAI**, PH: 9437063221; KEONJHAR, PH: 9937117471, JAJPUR, PH: 9937047631; **ROURKELA: KOSHALA HYUNDAI**, PH: 7440022333; RAJGANGPUR, PH: 8093598037; **SAMBALPUR: AAKASHDEEP HYUNDAI**, PH: 9437070126; **BARGARH: SAKAMBARI HYUNDAI**, PH: 6370101797; **JHARSUGUDA: INFINITY HYUNDAI**, PH: 7077011114; SUNDERGARH, PH: 7606003303; **JEYPORE: HSPL HYUNDAI**, PH: 8480330001; SIMILIGUDA, PH: 8480330001; RAYAGADA, PH: 8480330001; BHAWANIPATNA, PH: 8480330040; **PATIA: UTKAL HYUNDAI**, PH: 7064278721; **UTTARA: ADITYA HYUNDAI**, PH: 7873999545, PURI, PH: 9777119350;

*Terms & Conditions apply. Features & specifications shown may not be part of standard fitment & are subject to change without prior notice. **Functionality of Bluelink depends on adequate power supply and uninterrupted network connectivity to infotainment system. The Bluelink system is designed in such a way that it makes vehicle theft difficult if its circuit and battery connection is uninterrupted.** ##Hyundai ALCAZAR (Petrol) has lowest average yearly periodic maintenance service cost of ₹3 156 for 5 years in Delhi. **Source:** Cardekho.com. ~As per ARAI test result. Loan is at the sole discretion of financier. Visit your nearest Hyundai dealership for more details. Hyundai urges you to follow traffic rules – these are meant to keep you safe on roads.

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ରାଜେଶଙ୍କ ଘର ଭାଙ୍ଗିଲା ପୋଲିସ

ଭୁବନେଶ୍ୱର,୧୪।୪ (ବ୍ୟୁରୋ): ରାଜଧାନୀରେ ମାରଣାସ୍ତ୍ର ଧରି ଆତଙ୍କ ସୃଷ୍ଟି କରିବା ସହ ଏହାର ଭିଡିଓ ଭାଇରାଲ କରି କିଛି ମାସ ତଳେ ଚର୍ଚ୍ଚାକୁ ଆସିଥିଲା କେବିଏନ୍ (କୋଇ ଭି ନହିଁ) ଗ୍ୟାଙ୍ଗ। କମିଶନରେଟ ପୋଲିସ ଏହି ଗ୍ୟାଙ୍ଗ୍‌ର ମୁଖ୍ୟ ବୁବୁ ଜେନାଙ୍କ ସମେତ ଏକାଧିକ ସଦସ୍ୟଙ୍କୁ ଗିରଫ କରି ଜେଲ ପଠାଇଥିବା ବେଳେ କେତେଜଣ ଅପରାଧୀଙ୍କ ଘର ଭାଙ୍ଗି ମାରଣାସ୍ତ୍ର ମଧ ଜବତ କରିଛି। ଏପରି ସ୍ଥିତିରେ ରାଜଧାନୀରେ ସକ୍ରିୟ ଥିବା ଆଉ ଏକ ଗ୍ୟାଙ୍ଗ୍ ପାଇଁ କମିଶନରେଟ ପୋଲିସର ଚିନ୍ତା ବଢ଼ାଇଛି। ଏହି ଗ୍ୟାଙ୍ଗ୍‌ର ସଦସ୍ୟମାନେ ଲୋକଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରି ଲୁଟପାଟ କରନ୍ତି। ତେବେ ଗ୍ୟାଙ୍ଗ୍‌ର ମୁଖ୍ୟ କୁହାଯାଉଥିବା ରାଜେଶ ମହାପାତ୍ରଙ୍କୁ ଧରିବାକୁ ପୋଲିସ ପ୍ରୟାସ ଆରମ୍ଭ କରିଛି। ତାଙ୍କ ଘର କ୍ୟାପିଟାଲ ଥାନା ଗଙ୍ଗନଗରସ୍ଥିତ ପିଚୁକୋଳି ବସ୍ତିରେ ଜଣାପଡ଼ିବା ପରେ ସ୍ୱତନ୍ତ୍ର ପୋଲିସ ଟିମ୍ ଗୁରୁବାର ଚଢ଼ାଉ କରି ଘର ଭାଙ୍ଗିଛି। ପୋଲିସ ତଲାସି କରି ତାଙ୍କ ଘରୁ ଗୋଟିଏ ଖେଳନା ବନ୍ଧୁକ, ଖଣ୍ଡା, ଭୁଜାଲି, ଚାପଡ ପ୍ରଭୃତି ମାରଣାସ୍ତ୍ର ଆଦି ଜବତ କରିଛି।

### ହନୁମାନ ଜୟନ୍ତୀ ପାଳିତ

ନିରାକାରପୁର,୧୪।୪(ଡିଏନ୍.ଏ.): ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଅବସରରେ ଗୁରୁବାର ଖୋର୍ଦ୍ଧା ଜିଲା ନିରାକାରପୁର ଅଞ୍ଚଳରେ ଥିବା ମହାବୀରଙ୍କ ମନ୍ଦିରରେ ହନୁମାନ ଚାଳିସା ସହିତ ପୂଜାର୍ଚ୍ଚନା କରାଯାଇଛି। ନିରାକାରପୁର ସ୍ଥିତ ମହାବୀର ମନ୍ଦିର, ଡିଆ କାଶିପୁର ଚିତ୍ରକୂଟ ପାହାଡପାଦ ଦେଶରେ ଥିବା ମହାବୀରଙ୍କ ମନ୍ଦିର, ଜଙ୍କିଆ ଟୁବୁରି ପାହଡରେ ଥିବା ମହାବୀରଙ୍କ ପ୍ରାଙ୍ଗଣରେ ଏହି ପର୍ବ ପାଳିତ ହୋଇଥିଲା।

### ଆମ୍ବେଦକରଙ୍କ ଜୟନ୍ତୀ

ଜଟଣୀ,୧୪।୪(ଡିଏନ୍.ଏ.): ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ଗାନ୍ଧୀନଗରଠାରେ ଉତ୍କଳ ଦଳିତ ମହାସଂଘ ପକ୍ଷରୁ ବାବା ସାହେବ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ପୌର ପରିଷଦ ଅଧକ୍ଷ ଅନନ୍ତ ବେହେରା, ଉପାଧକ୍ଷା ଆରତୀ ରାଉତ, ପୂର୍ବତନ କାଉନସିଲର ବିରଞ୍ଚି ନାରାୟଣ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସାମ୍ବାଦିକ ଅମରେଶ ରାଉତରାୟ ଓ ଶ୍ରୀକାନ୍ତ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହାସଂଘର ସଭାପତି କୁନ୍ଦନ ନାୟକ ସଭାରେ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ବସନ୍ତ ନାୟକ ସଂଘର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ସଂଘର ସଭ୍ୟ ବଳରାମ ସୁନ୍ଦରାୟ, ମାଗୁଣି ନାୟକ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ।

### ମହିଳାଙ୍କୁ ବଳାତ୍କାର ଘଟଣାରେ ଜଣେ ଗିରଫ

ବୋଲଗଡ଼,୧୪।୪(ଡିଏନ୍.ଏ.): ଘରେ ପଶି ମହିଳାଙ୍କୁ ବଳାତ୍କାର କରିବା ଅଭିଯୋଗରେ ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ପୋଲିସ ଗୁରୁବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ଏହି ଫାଣ୍ଡି ଅଞ୍ଚଳର ସରୋଜ ପରିଡା। ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଫାଣ୍ଡି ଅଧିକାରୀ ବିନାୟକ ମନ୍ତ୍ରୀ କହିଛନ୍ତି। ପ୍ରକାଶ ଯେ, ଏହି ଫାଣ୍ଡି ଅଞ୍ଚଳର ଏକ ଘରେ ପଶି ଜଣେ ମହିଳାଙ୍କୁ ସରୋଜ ବଳାତ୍କାର କରିଥିବା ନେଇ ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# ନିଶାର୍ଦ୍ଧରେ ବିଲରେ ଗଡ଼ିଲା ବିଜୟା ରଥ

ନିରାକାରପୁର,୧୪।୪(ଡିଏନ୍.ଏ.)

ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ ବିଜେ ଡିଆସ୍ଥିତ ଶ୍ରୀକପିଳେଶ୍ୱର ଦେବଙ୍କ ବିଜୟା ରଥ ପାରମ୍ପରିକ ରୀତିରେ ବୁଧବାର ନିଶାର୍ଦ୍ଧରେ ବିଲ ଗହିରରେ ଭକ୍ତଙ୍କ ଦ୍ୱାରା ଗୁଣ୍ଡିଚା ମନ୍ଦିର ଠାରୁ ରଥ ଟଣା ହୋଇଛି । ଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉଙ୍କୁ ସନ୍ଧ୍ୟା ୬ଟାରେ ଗ୍ରାମବାସୀଙ୍କ ଦ୍ୱାରା ପେଡିଭୋଗ ଲାଗି କରାଯାଇଥିଲା। ସନ୍ଧ୍ୟା ସାଢେ ୭ଟାରେ ଆଳତି ଓ ସୁଖିଲି ଭୋଗ, ୯ଟାରେ ଖେଚୁଡି ଭୋଗ, ସାଢେ ୯ଟାରେ ଶ୍ରୀଗଜପତିଙ୍କର ଉତ୍ତରାଧିକାରୀଙ୍କୁ ଶିରିପା ପ୍ରଦାନ, ସାଢେ ୧୦ଟା ରେ ଶ୍ରଜୀଉଙ୍କ ବିମାନ ପହଣ୍ଡି ଓ ପଟୁଆର ଶୋଭାଯାତ୍ରରେ ଗାଁରେ ଭୋଗ ଖାଇଥିଲେ। ରାତି ୧୨ଟା ୩୦ରେ ଶ୍ରୀଜୀଉମାନେ ବାଟ ପହଣ୍ଡି ହୋଇ ରଥାରୂଢ଼ ହୋଇଥିଲା। ରାତି ୧ଟା ୩୦ରେ ଟାଙ୍ଗୀ ତହସିଲଦାର ଶ୍ରୁତି ରଞ୍ଜନ ଶତପଥୀ ଓ ନିରାକାରପୁର ଥାନା ଅଧିକାରୀ ଗୀତାଞ୍ଜଳି ନାୟକ ପହଞ୍ଚି ରଥ ଟାଣିବା ପରେ ଭକ୍ତମାନେ ରଥ ଟାଣିଥିଲେ। ରାତି ପ୍ରାୟ ୩ଟା ରେ ରଥ ପଣା କିଆରିରେ ପହଞ୍ଚିବା ପରେ ସେଠାରେ ଗୋପାଳମାନଙ୍କ ଦ୍ୱାରା ପଣା ଭୋଗ କରାଯାଇଥିଲା। ପରେ ପୁଣି ରଥକୁ ଭକ୍ତମାନେ ଟାଣି ଭେଟବାଲିରେ ପହଞ୍ଚାଇବା ପରେ ଚମ୍ପା ବାଣ ଠାକୁରଙ୍କୁ ଭୋଗ ଲାଗିହୋଇଥିଲା। ଗୁରୁବାର ଭୋର ୫ଟା ୩୦ରେ ମା'ନାରାୟଣୀଙ୍କୁ ରଥଯାତ୍ରାରେ ସାମିଲ ନ କରାଯାଇଥିବାରୁ ସେ ରୋଷରେ ଆସି ରଥ କାଠ ଭାଙ୍ଗିକି ଯାଇଥିବା ପରମ୍ପରା ଦେଖିବାକୁ ମିଳିଥିଲା। ଏହା ପରେ ରଥ ଟଣା ହୋଇ ମନ୍ଦିରରେ ପହଞ୍ଚିଥିଲା। ରଥରୁ ଶ୍ରୀଜୀଉଙ୍କୁ ମନ୍ଦିରକୁ ନିଆଯାଇଥିଲା। ଅପରାହ୍ନ ୨ଟାରେ ଶ୍ରୀଜୀଉଙ୍କୁ ସ୍ନାନମାର୍ଜଣା ଓ ପ୍ରପାନକ


ଶ୍ରୀଜୀଉଙ୍କୁ ରଥାରୂଢ଼ ପାଇଁ ନିଆଯାଉଛି।


ଶ୍ରଦ୍ଧାଳୁମାନେ ବିଲରେ ରଥ ଟାଣୁଛନ୍ତି।

### ମନ୍ଦିରରେ ପ୍ରବେଶ କଲେ ଶ୍ରୀକପିଳେଶ୍ୱର

ଲାଗି କରାଯାଇଥିଲା। ଅପରାହ୍ନ ୪ଟାରେ ଆସିଥିବା ଦଳବେହେରାମାନଙ୍କୁ ଅଙ୍ଗବସ୍ତ୍ର ପ୍ରଦାନ କରାଯାଇଥିଲା। ଅପରାହ୍ନ ୫ଟାରେ ରଥ ଯାତ୍ରା ପାଇଁ ନିମନ୍ତ୍ରଣ ପାଇ ଆରେଡି ଗ୍ରାମରୁ ଆସିଥିବା ବଡ ଭାଇ ଗ୍ରାମେଶ୍ୱଦେବ ଓ ଭାଉଜ ଗ୍ରାମେଶ୍ୱରୀଙ୍କୁ ମେଲାଣି ଓ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଥାନା ଅଧିକାରୀ ନାୟକ ଉପସ୍ଥିତ ରହିବା ସହ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଏଥିସହ ଟାଙ୍ଗୀ ଅଗ୍ନିଶମ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ବିଶେଷକରି ଭୋଇସାହି ଗ୍ରାମରୁ ଯାଇଥିବା ପଟୁଆରକୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା।

## ଦଣ୍ଡ ପର୍ବ ଉଦ୍‌ଯାପିତ

ବୋଲଗଡ଼,୧୪।୪(ଡିଏନ୍.ଏ.)

ବୋଲଗଡ଼ ବ୍ଲକ ଅଞ୍ଚଳର ଅନେକ ଗ୍ରାମରେ ଦଣ୍ଡ ପର୍ବ ନିଷ୍ଠାର ସହ ପାଳିତ ହୋଇଯାଇଛି। ଏହି ପର୍ବ ଚଳିତ ଚୈତ୍ର ମାସରେ ଗ୍ରାମ ଗୁଡିକର ମୁଖ୍ୟ ପାଟ ଦଣ୍ଡୁଆଙ୍କ ଦ୍ୱାରା ଆୟୋଜିତ ହୋଇଥିଲା। ପ୍ରତିଦିନ ମୁଖ୍ୟ ପାଟଦଣ୍ଡୁଆ ସମେତ ସମସ୍ତ ମାନସିକଧାରୀ ଦଣ୍ଡୁଆମାନେ ମା'କାଳୀକା ଠାକୁରାଣୀଙ୍କୁ ସାଙ୍ଗରେ ଧରି ନିର୍ଦ୍ଦିଷ୍ଟ ପୋଖରୀକୁ ଯାଇ ବିଳମ୍ବିତ ରାତ୍ରରେ ବିଧି ଅନୁସାରେ ହୋମ ଯଜ୍ଞ, ପୂଜା ପାଠ କରି ପାଣିତୋଳି କାଳିକା ମନ୍ଦିରକୁ ଫେରିଥାନ୍ତି। ପ୍ରତିଦିନ ରାତିରେ ଦଣ୍ଡୁଆ ମାନେ କଳିକାଙ୍କୁ ସଙ୍ଗରେ ଧରି ପ୍ରତ୍ୟେକ ଗ୍ରାମ ଗୁଡ଼ିକ ପରିକ୍ରମା କରି ଘର ସମ୍ମୁଖରେ କାଳିକାଙ୍କୁ ଝୁଣା ଧୂପ ଦେଇ ସମସ୍ତଙ୍କର ମଙ୍ଗଳ କାମନା କରିଥାନ୍ତି। ଦଣ୍ଡୁଆ ମାନେ ଦଣ୍ଡ ପର୍ବରେ ଦିନମାନ ନିର୍ଜଳ ଉପବାସ ରହି ପାଣି ତୋଳା ପରେ ଗଜା ମୁଗ ଓ ପଣା ସେବନ କରି ଫଳ ଖାଇଥାନ୍ତି। ଦଣ୍ଡ ପର୍ବର ଶେଷ ଦିନ ତଥା ପଣା ସଂକ୍ରାନ୍ତିରେ ମାନସିକଧାରୀ ଦଣ୍ଡୁଆ ଓ ଭକ୍ତ ମାନେ ଝାମୁ ଯାତ୍ରାରେ ନିଆଁ ଉପରେ ଚାଲିଥାନ୍ତି। ଏହି ଝାମୁ ଯାତ୍ରାକୁ କାହିଁ କେଉଁ କାଳରୁ ପାଳନ କରାଯାଉଛି।

# ନିଆଁରେ ଚାଲିଲେ ମାନସିକଧାରୀ

ଖୋର୍ଦ୍ଧା ଅଫିସ,୧୪।୪

ଖୋର୍ଦ୍ଧା ଉପକଣ୍ଠ ଉଇଲକିଶନ ନଗର ଗ୍ରାମ ଅଧିଷ୍ଠାତ୍ରୀ ଦେବୀ ଅଁଳାଇ ଠାକୁରାଣୀଙ୍କ ପ୍ରସିଦ୍ଧ ଝାମୁଯାତ୍ରା ଗୁରୁବାର ଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ବହୁ ଭକ୍ତଙ୍କ ଭିଡ଼ ଜମିଥିଲା। ମାନସିକଧାରୀମାନେ ନିଆଁରେ ଚାଲିଥିଲେ। ଲୋକ ବିଶ୍ୱାସ ରହିଛି ଯେ, ଠାକୁରାଣୀଙ୍କ ନିକଟରେ ମନାସି ଥିବା କାର୍ଯ୍ୟ ପୂରଣ ହୋଇଥାଏ। ମା'ଙ୍କ ଆଜ୍ଞାମାଳ ପାଇ ମାନସିକଧାରୀମାନେ ନିକଟରୁ ସ୍ନାନସାରି ଶୁଦ୍ଧପୂତ ଭାବେ ନୂତନ ବସ୍ତ୍ର ପରିଧାନ କରି ମା'ଙ୍କ ଆଶୀର୍ବାଦ ପରେ ନିଆଁରେ ସ୍ମରଣ କରି ଚାଲିଥାନ୍ତି। ପ୍ରାଚୀନ କାଳରୁ ଚାଲି ଆସିଥିବା ଏହି ପରମ୍ପରା ଆଜି ମଧ ଉଜ୍ଜୀବିତ ରହିଛି ବୋଲି ଗ୍ରାମର ସାମାଜିକ କର୍ମୀ ଗୋପାଳ ଦଳାଇ କହିଛନ୍ତି। ମା'ଙ୍କ ଆଜ୍ଞାମାଳ ବିଜେ ସମୟରେ ବାଦ୍ୟଯନ୍ତ୍ରର ତାଳେ ତାଳେ ଶୋଭାଯାତ୍ରାରେ ଭକ୍ତଙ୍କ ଜୟଜୟକାରରେ ପରିବେଶ ପ୍ରକମ୍ପିତ ହୋଇଥିଲା। ଗ୍ରାମର ବିଶ୍ୱନାଥ ନନ୍ଦ, ପୂର୍ଣ୍ଣଚନ୍ଦ୍ର ସାହୁ, ସୁଦର୍ଶନ ବଳିୟାରସିଂ, ଗୋକୁଳ ପ୍ରଧାନ, ପ୍ରଦୀପ୍ତ ସାହାଣୀଙ୍କ ସମେତ ଯୁବକମାନେ ପରିଚାଳନା କରିଥିଲେ।


ଜଣେ ମାନସିକଧାରୀ ନିଆଁରେ ଚାଲୁଛନ୍ତି।

ସେହିଭଳି ଖୋର୍ଦ୍ଧାର ପ୍ରସିଦ୍ଧ ଶୈବପୀଠ ଧବଳେଶ୍ୱରଙ୍କ ଝାମୁଯାତ୍ରା ମନ୍ଦିର ପରିସରରେ ଆୟୋଜିତ ହୋଇଯାଇଛି। ଏଠାରେ ଧବଳେଶ୍ୱର, ମା ମଙ୍ଗଳା ଏବଂ ମାନସିକଧାରୀଙ୍କ ପାଇଁ ପୃଥକ ଭାବେ ଝାମୁ ପ୍ରସ୍ତୁତ କରାଯାଇଥାଏ। ୨୧ଜଣ ମାନସିକଧାରୀ (ଦଣ୍ଡୁଆ) ନିଆଁରେ ଚାଲିଥାନ୍ତି। ପୂର୍ବରୁ ମାନସିକଧାରୀ ମାନେ ସପ୍ତାହ ପୂର୍ବରୁ ବିଧି ପୂର୍ବକ ଉପବାସ,ବ୍ରତ ପାଳନ କରିଥାନ୍ତି। ଝାମୁ ଦିନ ମନ୍ଦିର ପରିସର ପୋଖରୀରେ ସ୍ନାନ ପରେ ମହାଦେବ ଏବଂ ଦେବୀଙ୍କ ନିକଟରେ ଗୁହାରିଆ ପଡନ୍ତି। ଧବଳେଶ୍ୱର ଏବଂ ଠାକୁରାଣୀଙ୍କ ଆଦେଶ ପାଇବା ପରେ ଝାମୁରେ ଚାଲିବା ପାଇଁ ବାହାରିଥାନ୍ତି। ମହାଦେବଙ୍କ ଆଜ୍ଞାମାଳ ବିଜେ ପରେ ଝାମୁ ଆରମ୍ଭ ହୋଇଥାଏ। ଏହି ସମୟରେ ଘଣ୍ଟ, କାହାଳି, ମୃଦଙ୍ଗ ପ୍ରଭୃତି ବାଦ୍ୟ ବାଜଣାରେ ପ୍ରକମ୍ପିତ ହୋଇଥିଲା। ଝାମୁ ଦର୍ଶନ ପାଇଁ ଲୋକଙ୍କ ଭିଡ ଜମିଥିଲା। ଧବଳେଶ୍ୱର ପୀଠରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

## ହନୁମାନ ଜୟନ୍ତୀରେ ଶୋଭାଯାତ୍ରା

ଜଟଣୀ,୧୪।୪(ଡିଏନ୍.ଏ.)

ଜଟଣୀ ପୌରାଞ୍ଚଳ ଓ ଏହାର ଆଖପାଖ ଅଞ୍ଚଳରେ ଓଡ଼ିଆ ନବ ବର୍ଷ ଓ ମହାବିଷୁବ ପଣା ସଂକ୍ରାନ୍ତି ପାଳିତ ହୋଇଯାଇଛି। ଜଟଣୀ ଗୋଲେଇ ମାର୍କେଟ ଓ ନିୟୁ ମାର୍କେଟସ୍ଥିତ ସିଦ୍ଧମହାବୀରଙ୍କ ୨୬ତମ ଜନ୍ମ ବାର୍ଷିକ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗତ ୮ତାରିଖରୁ ଅଙ୍କୁରାରୋପଣ ଏବଂ କଳସ ଯାତ୍ରା ସହ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇ ପଣା ସଂକ୍ରାନ୍ତି ସନ୍ଧ୍ୟାରେ ପୂର୍ଣ୍ଣାହୁତି ସହିତ ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ସେହିପରି ହନୁମାନ ବାଟିକା, ଗୋପବନ୍ଧୁ ଛକ, ହାଟବଜାର, ବିଶ୍ୱନାଥ କଲୋନୀ ଗୋରୁ ହାଟସ୍ଥିତ ମହାବୀର ମନ୍ଦିରରେ ହୋମ ଯଜ୍ଞ ସହିତ ହନୁମାନ ଜୟନ୍ତୀ ଓ ମହାବିଷୁବ ସଂକ୍ରାନ୍ତି ପାଳିତ ହୋଇଯାଇଛି। ରାମଚନ୍ଦ୍ରପୁର କନକ ଦୁର୍ଗାଙ୍କ ନିକଟରେ ଯଜ୍ଞ କରାଯାଇଥିବାବେଳେ ବଜରଙ୍ଗୀ ସେବା ସଙ୍ଘ ପକ୍ଷରୁ ସଭାପତି ପ୍ରଶାନ୍ତ ସାହୁଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ସହରରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

## ପୂର୍ବ ଓଡ଼ିଶା ଧନୁଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ

ଜଟଣୀ,୧୪।୪ (ଡିଏନ୍.ଏ.)

ଚଳିତ ବର୍ଷ ପୂର୍ବ ଓଡ଼ିଶା ଧନୁଯାତ୍ରା ଆଡ଼ମ୍ବରରେ ପାଳନ କରାଯିବ। ମହାବିଷୁବ ସଂକ୍ରାନ୍ତି ଅବସରରେ ଗୁରୁବାର ଧନୁଯାତ୍ରା ମହୋତ୍ସବ ନିମନ୍ତେ ପୁରୀ ଶ୍ରୀମନ୍ଦିରରୁ ଆଜ୍ଞାମାଳ ଅଣାଯାଇଛି। ଏହି ଆଜ୍ଞାମାଳକୁ ଶୋଭାଯାତ୍ରାରେ ଜଟଣୀ ସହର ପରିକ୍ରମା କରାଯିବା ପରେ ପାତ୍ରପଡ଼ାସ୍ଥିତ ଶ୍ରୀମଦନମୋହନ ଦେବଙ୍କ ମନ୍ଦିର ପରିକ୍ରମା କରାଯାଇଥିଲା। ପରେ ଧନୁଯାତ୍ରା ପଡିଆରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବ ଓଡ଼ିଶା ଧନୁଯାତ୍ରା ମହୋତ୍ସବ କମିଟିର ନୂତନ ସଭାପତି ମନମୋହନ ରାଉତରାୟ, ଉପସଭାପତି ଅଭିମନ୍ୟୁ ପ୍ରଧାନ, ସମ୍ପାଦକ ଅଶୋକ ମଙ୍ଗରାଜ, ସହସମ୍ପାଦକ ଜୟନ୍ତ ପଲେଇ, କୋଷାଧ୍ୟକ୍ଷ କେଳୁଚରଣ ସାହୁ, କର୍ତ୍ତା ବାଇଧର ପ୍ରଧାନ ଓ କମିଟିର ସମସ୍ତ ସଭ୍ୟ ଯୋଗଦେଇଥିଲେ।


ଶୁଭସ୍ତମ୍ଭ ସ୍ଥାପନ ପାଇଁ ଆଜ୍ଞାମାଳ ନିଆଯାଉଛି।

# 'ଆମ୍ବେଡକରଙ୍କ ବିଚାର ଦେଶରେ ସମୃଦ୍ଧି ଆଣିଛି'

ଖୋର୍ଦ୍ଧା ଅଫିସ,୧୪।୪

### ଜିଲାସ୍ତରୀୟ ଆମ୍ବେଡକର ଜୟନ୍ତୀ ଉତ୍ସବ

ଭାରତ ରତ୍ନ ଭୀମରାଓ ରାମଜି ଆମ୍ବେଡକରଙ୍କ ଆଦର୍ଶଗତ ବିଚାର ସମାଜରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲା। ଆମ୍ବେଡକର ଏକାଧାରାରେ ଜଣେ ଆଇନଜ୍ଞ, ବାଗ୍ମୀ, ରାଜନୈତିଜ୍ଞ, ଶିକ୍ଷାବିତ୍ ଓ ସମାଜ ସଂସ୍କାରକ ଥିଲେ। ସମାଜର ଶେଷ ବର୍ଗ ଲୋକଙ୍କ ବିକାଶ ନ ହେଲେ, ଦେଶର ସମୃଦ୍ଧି ସମ୍ଭବ ନୁହଁ। ତେଣୁ ସମାଜରୁ ଅସ୍ପୃଶ୍ୟତା ଦୂର କରିବା ଦିଗରେ ଆମ୍ବେଡକରଙ୍କ ଉଦ୍ୟମ ପ୍ରଶଂସନୀୟ। ସମାଜରୁ ଅସ୍ପୃଶ୍ୟତା ଦୂର ହେଲେ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର କହିଛନ୍ତି। ଗୁରୁବାର ଜିଲା ପ୍ରଶାସନ ପକ୍ଷରୁ ଜିଲା ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ଜିଲାସ୍ତରୀୟ ଆମ୍ବେଡକର ଜୟନ୍ତୀ ଉତ୍ସବରେ ଜିଲାପାଳ ମହାପାତ୍ର ସଭାପତିତ୍ୱ କରି ଏହା କହିଥିଲେ। ମୁଖ୍ୟ ବକ୍ତାଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ.ସୁଶାନ୍ତ କୁମାର ସାହୁ ଯୋଗଦେଇ କହିଥିଲେ, ଆମ୍ବେଡକର ଛାତ୍ରଜୀବନରୁ ସମାଜ ପାଇଁ ଉତ୍ସର୍ଗୀକୃତ ଥିଲେ। ୩୬ବର୍ଷ ବୟସରେ ସେ ସବୁ ଧର୍ମର ଧର୍ମଗ୍ରନ୍ଥ ଅଧ୍ୟୟନ କରିଥିଲେ। ଦଳିତ ବର୍ଗଙ୍କୁ ସାମାଜିକ ସ୍ରୋତରେ ସାମିଲ କରିବା ପାଇଁ ଜୀବନବ୍ୟାପୀ ସଂଘର୍ଷ କରିଥିଲେ। ସମାଜରେ ସମାନତା ଆଣିବା ଥିଲା ତାଙ୍କର ମୁଖ୍ୟ ଲକ୍ଷ୍ୟ। ମୁଖ୍ୟ ଅତିଥିଭାବେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଯୋଗଦେଇ କହିଥିଲେ, ଆଜି ବି ଅନୁସୂଚିତ ଜାତି, ଜନଜାତି ବର୍ଗ ସବୁ କ୍ଷେତ୍ରରେ ପଛରେ ରହିଛନ୍ତି। ସେମାନେ ନିଜ ସାମ୍ବିଧାନିକ ଅଧିକାର ଉପଲବ୍ଧି କରିପାରୁନାହାନ୍ତି। ସମାଜର ଏହି ବର୍ଗର ଲୋକଙ୍କ ବିକାଶ ବିନା ଦେଶର ପ୍ରଗତି ସମ୍ଭବ ନୁହେଁ। ଅତିଥିଭାବେ ଐତିହାସିକ ପ୍ରଫେସର ନାରାୟଣ ରାଓ କହିଥିଲେ, ଆଉଟଲୁକ୍ ପତ୍ରିକାର ସ୍ୱାଧୀନତା ବିଶେଷ ସର୍ବେକ୍ଷଣ ଅନୁଯାୟୀ ଗାନ୍ଧିଜୀଙ୍କ ପରେ ଯଦି କିଏ ସର୍ବଶ୍ରେଷ୍ଠ ବ୍ୟକ୍ତିତ୍ୱ ଥିଲେ, ସେ ହେଉଛନ୍ତି ଆମ୍ବେଡକର। ଦଳିତ ସମାଜ ସଂସ୍କାର, ସଂଘର୍ଷ ପାଇଁ ସେ ସ୍ୱର ଉତ୍ତୋଳନ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପୁଷ୍ପାଞ୍ଜଳି ପାଇକରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବହୁ ବୁଦ୍ଧିଜୀବୀ, ସାହିତ୍ୟିକ, ସାମାଜିକ କର୍ମୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ବିଧାୟକ ସୁରେଶ ରାଉତରାୟଙ୍କୁ ଆମ୍ବେଡକର ସମ୍ମାନ

ଖୋର୍ଦ୍ଧା ଅଫିସ,୧୪।୪

ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି ପରିବାର ଆନୁକୂଲ୍ୟରେ ଭାରତରତ୍ନ ବାବା ସାହେବ ଆମ୍ବେଡକରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ସ୍ଥାନୀୟ ଶହୀଦ ଜୟୀରାଜଗୁରୁ ଭବନରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ସଞ୍ଜୟ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି, ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ମୁଖ୍ୟବକ୍ତା, ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ବିଧାୟକ ସୁରେଶ କୁମାର ରାଉତରାୟ ଏବଂ ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ ଅତିଥି ଭାବେ ଯୋଗଦେଇ ଆମ୍ବେଡକରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ବିଧାୟକ ରାଉତରାୟଙ୍କୁ ଆମ୍ବେଡକର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ଖୋର୍ଦ୍ଧା ଉପ ନିବନ୍ଧକ ବିଜୟ ସେଠୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସଭାପତି ମୋହନ ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଇଂ.ଅଞ୍ଜଳି ନାୟକ ସଂଯୋଜନା କରିଥିବା ବେଳେ ଆଇନଜୀବୀ ରଞ୍ଜିତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ଭାଷାର ସମୃଦ୍ଧି ପ୍ରଗତି ଆଣେ

ଖୋର୍ଦ୍ଧା ଅଫିସ,୧୪।୪

ଖୋର୍ଦ୍ଧା ଜିଲା ସାହିତ୍ୟ ସମାଜ ଆନୁକୂଲ୍ୟରେ ଓଡ଼ିଆ ନବବର୍ଷ ଓ ମହାବିଷୁବ ସଂକ୍ରାନ୍ତି ଅବସରରେ ସ୍ଥାନୀୟ ଗୀତା ଭବନ ପରିସରରେ ଖୋର୍ଦ୍ଧା ବିଷୁବ ମିଳନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଗାଳ୍ପିକ ଡ.ସୁରେଶ ଛୋଟରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବକୁ ଐତିହାସିକ ଡ. ନାରାୟଣ ରାଓ ଉଦ୍‌ଘାଟନ କରି କହିଥିଲେ, ମାତୃଭାଷାର ପ୍ରଚାର ପ୍ରସାର ପାଇଁ ସମୂହ ଉଦ୍ୟମ ଲୋଡା। ଗୋଟିଏ ଜାତିର ସମୃଦ୍ଧି, ତାର ଭାଷାର ବିକାଶରୁ ଜଣାପଡେ। ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଲାଭ ପରେ ଏହାର ଗୌରବ ବୃଦ୍ଧି ପାଇଛି। ମାତୃଭାଷା ଏବଂ ମାତୃଭୂମିକୁ ସମ୍ମାନ ଜଣାଇବା ପାଇଁ ସେ ପରାମର୍ଶ ଦେଇଥିଲେ। ବିଶିଷ୍ଟ ସାହିତ୍ୟିକ ଅଧ୍ୟାପକ ବିଶ୍ୱରଞ୍ଜନ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ଉତ୍କଳୀୟ ସଂସ୍କୃତି, ପରମ୍ପରାରେ ବିଷୁବ ସଂକ୍ରାନ୍ତିର ବିଶେଷ ମହତ୍ତ୍ୱ ରହିଛି। ଓଡ଼ିଆ ଜାତିର ଗୌରବ, ସଂସ୍କୃତି, ପରମ୍ପରା ଅନନ୍ୟ। ତେଣୁ ନିଜକୁ ଓଡ଼ିଆ ଭାବେ ଗର୍ବ ଅନୁଭବ କରିବାକୁ ସେ ପରାମର୍ଶ ଦେଇଥିଲେ। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥି, ଔପନ୍ୟାସିକ ଡ.ପଦ୍ମଜ ପାଳ ଅତିଥି ଭାବେ ଯୋଗଦେଇ ଉତ୍କଳୀୟ ନବବର୍ଷ ଏବଂ ମହାବିଷୁବ ସଂକ୍ରାନ୍ତି ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଖୋର୍ଦ୍ଧା ଜିଲା ସାହିତ୍ୟ ସମାଜ ପକ୍ଷରୁ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ଖୋର୍ଦ୍ଧା ବିଷୁବ ମିଳନ ସମ୍ମାନ ଏବଂ ସ୍ୱାଗତିକା ସାହିତ୍ୟ ସଂସଦ ପକ୍ଷରୁ ଗୀତିକାର ବାବାଜୀ ଜେନାଙ୍କୁ ଗୀତିକବି ସମ୍ମାନରେ ସମ୍ମାନିତ କରାଯାଇଥିଲା। ତେବେ ଜିଲାପାଳ ମହାପାତ୍ର ଏହି କାର୍ଯ୍ୟକ୍ରମରେ ଅନୁପସ୍ଥିତ ରହିଥିଲେ। ଜ୍ଞାନ ଦାଶଙ୍କ ରଚିତ ପୁସ୍ତକ ଦୁଇନିଆଁ-ଦୁନିଆ ଉନ୍ମୋଚନ ହୋଇଥିଲା। ଅନୁଷ୍ଠାନର ସମ୍ପାଦକ ସାରସ୍ୱତ ସାଧକ ବିବରଣୀ ପାଠ ଓ ସ୍ୱାଗତ ଭାଷଣ, କବି ଗୋପୀନାଥ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଗୀତିକାର ତ୍ରିଲୋଚନ ଦାସଙ୍କ ରଚିତ ବସନ୍ତ ମିଶ୍ରଙ୍କ ନିର୍ଦ୍ଦେଶନାରେ କଣ୍ଠଶିଳ୍ପୀ ସାଇ ଅରୋସ୍ମିତା ହନୁମାନ ଭଜନ ଗାନ କରିଥିଲେ। ଗୋପୀନାଥ ଦାଶ ଓ ବିଶ୍ୱମିତ୍ରା ମିଶ୍ରଙ୍କ ମିଳିତ ସଂଯୋଜନାରେ କବିତା ଆସର ଅନୁଷ୍ଠିତ ହୋଇଥିଲା। ଯମେଶ୍ୱର କହଲସିଂହ, ଗୋବିନ୍ଦ ଚନ୍ଦ୍ର ମହାରଣା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। କବି ସେବତୀ ପରିଡା ଧନ୍ୟବାଦ ଦେଇଥିଲେ।


କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଓ ଅନ୍ୟ ଅତିଥି।

# 'ମାଟିର ମମତା ସାହିତ୍ୟକୁ ଜନ୍ମ ଦିଏ'

ଖୋର୍ଦ୍ଧା ଅଫିସ,୧୪।୪

ଓଡ଼ିଆ ନବବର୍ଷ, ମହାବିଷୁବ ସଂକ୍ରାନ୍ତି ଅବସରରେ ଓଡ଼ିଆ ଯୁବ ଲେଖକ ସମ୍ମେଳନ ଓ ଖୋରଧା ସାହିତ୍ୟ ସଂସଦ ମିଳିତ ଆନୁକୂଲ୍ୟରେ ଓଡ଼ିଆ ସାହିତ୍ୟ ଉତ୍ସବ ପ୍ରାଣନାଥ ମହାବିଦ୍ୟାଳୟ ମୈତ୍ରୀ ଭବନ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଯୁବ ଲେଖକ ସମ୍ମେଳନର ସଭାପତି ଶଙ୍କର୍ଷଣ ପରିଡା ସଭାପତିତ୍ୱ କରିଥିଲେ। ଉତ୍ସବରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, କବି ହରପ୍ରସାଦ ଦାସ, କବି ହୁସେନ ରବି ଗାନ୍ଧୀ, ଅମରେଶ ପଟ୍ଟନାୟକ, ପ୍ରଫେସର କୈଳାସ ଚନ୍ଦ୍ର ଟିକାୟତରାୟ, ରମାକାନ୍ତ ଜେନା, ସାହିତ୍ୟିକ ନିରଞ୍ଜନ ଜେନା ଏବଂ ଖୋରଧା ସାହିତ୍ୟ ସଂସଦ ସଭାପତି ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ସମ୍ପାଦକ ଧୀରେନ୍ଦ୍ର ନନ୍ଦ ପ୍ରମୁଖ ଅତିଥିଭାବେ ଯୋଗଦେଇ ଓଡ଼ିଆ ସାହିତ୍ୟର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ଓଡ଼ିଆ ଯୁବ ଲେଖକ ସମ୍ମେଳନର ସମ୍ପାଦକ ବନୋଜ ତ୍ରିପାଠୀ ଅତିଥି ପରିଚୟ, ସାହିତ୍ୟ ସଂସଦର ଉପଦେଷ୍ଟା ଡ.ଦିଲୀପ ଶ୍ରୀଚନ୍ଦନ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଜିଲାପାଳ ମହାପାତ୍ରଙ୍କୁ ଖୋରଧା ସାହିତ୍ୟ ସଂସଦ ପକ୍ଷରୁ ଚଳିତ ବର୍ଷ ବିଷୁବ ସମ୍ମାନରେ ସମ୍ମାନିତ କରାଯାଇଥିଲା।


ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ବିଷୁବ ସମ୍ମାନରେ ସମ୍ମାନିତ କରାଯାଉଛି।

ଜିଲାପାଳ ମହାପାତ୍ର କହିଥିଲେ, ଛାତ୍ର ଜୀବନରୁ ସାହିତ୍ୟ ପ୍ରତି ରହିଥିବା ରଚି ତାଙ୍କୁ ବାସ୍ତବ ଜୀବନରେ ପରିଚୟ ଆଣିଦେଇଛି। ସର୍ବୋଚ୍ଚ ସ୍ଥାନରେ ରହିଲେ ମଧ ଜନ୍ମମାଟିକୁ ଭୁଲନ୍ତୁ ନାହିଁ। ମାଟିର ମମତା, ମହକ ସାହିତ୍ୟକୁ ଜନ୍ମ ଦେଇଥାଏ ବୋଲି ସେ କହିଥିଲେ। ସାହିତ୍ୟ ଉତ୍ସବର ପ୍ରଥମ ସୋପାନରେ ପରିବର୍ତ୍ତିତ ପୃଥିବୀ ଓ ଓଡ଼ିଆ ଗଳ୍ପ ଶୀର୍ଷକ ଆଲୋଚନାଚକ୍ରରେ ବଂଶୀଧର ରାଉତ, ଡ.ଅଜୟ ସ୍ୱାଇଁ, ପରେଶ ପଟ୍ଟନାୟକ, ଭୀମ ପୃଷ୍ଟି, କ୍ଷୀରୋଦ ଦାସ, ହିରଣ୍ମୟୀ ମିଶ୍ର, ଆଭାସ ବରାଳ, ଶୁଭ୍ରାଂଶୁ ପଣ୍ଡା, ତପନ ମହାପାତ୍ର, ଅଜୟ ମହାପାତ୍ର ପ୍ରମୁଖ ଆଲୋଚକଭାବେ ମତ ରଖିଥିଲେ। ଅସିତ ମହାନ୍ତି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଆମ ସମୟ ଏବଂ ଓଡ଼ିଆ କବିତା ଶୀର୍ଷକ ଆଲୋଚନାଚକ୍ରରେ ସୂର୍ଯ୍ୟ ମିଶ୍ର, ସେନାପତି ପ୍ରଦ୍ୟୁମ୍ନ କେଶରୀ, ସରୋଜ ବଳ, କମଳ କୁମାର ମହାନ୍ତି, ଡ.ଅମୀୟ ରଞ୍ଜନ ମହାପାତ୍ର, ଡ.ଦିଲୀପ ସ୍ୱାଇଁ, ଭିକାରୀ ଧଳ, ଡ.ରଜନୀ ରଣସିଂ, ସୁଶାନ୍ତ ଦାଶ, କବିତା ପଟ୍ଟନାୟକ, ଭାରତ ଭୂଷଣ ରତ, ପ୍ରମୋଦ ଚନ୍ଦ୍ର ଦାଶ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷ ପର୍ଯ୍ୟାୟରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସନ୍ନ୍ୟାସୀ ନାୟକ ଓ ସସ୍ମିତା ପଟ୍ଟନାୟକ ସଂଯୋଜନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସ୍ଥାନୀୟ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏବଂ ଐତିହାସିକ ପ୍ରଫେସର ନାରାୟଣ ରାଓ ଯୋଗଦେଇଥିଲେ। ଏହି ଉତ୍ସବରେ ରାଜ୍ୟର ବିଭିନ୍ନ ଜିଲାର ଯୁବ ଲେଖକ, ସାହିତ୍ୟିକମାନେ ଯୋଗଦେଇଥିଲେ।

## ମକ୍‌ଡ୍ରିଲ ଦ୍ୱାରା ସଚେତନ କଲେ ଅଗ୍ନିଶମ କର୍ମଚାରୀ

ନିମାପଡ଼ା(ଡି.ଏନ୍.ଏ.)- ନିମାପଡ଼ା ଅଗ୍ନିଶମ ସେବା ସଂସ୍ଥା ପକ୍ଷରୁ ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ଅଗ୍ନି ସେବା ସଂସ୍ଥାର ଅଧିକାରୀ ଓ କର୍ମଚାରୀମାନେ ଅଗ୍ନିକାଣ୍ଡ ନ ଘଟିବା ଦିଗରେ ଜନସାଧାରଣ ସଚେତନ ରହିବାକୁ ସହର ବଜାର ପରିକ୍ରମା କରି ସଚେତନତାର ବାର୍ତ୍ତା ଓ ଲିଫଲେଟ୍ ବାଣ୍ଟି ଲୋକଙ୍କୁ ସଚେତନ କରାଇଥଲେ। ସହରରେ ଥିବା ବଡ଼ ଦୋକାନ, ଶୋ'ରୁମ, ନର୍ସିଂହୋମ୍‌ଗୁଡ଼ିକରେ ଅଗ୍ନିଶମ ସେବାସଂସ୍ଥାର କର୍ମଚାରୀମାନେ ଅଗ୍ନିକାଣ୍ଡରୁ ସୁରକ୍ଷା ମକ୍‌ଡ୍ରିଲ କରି ସଚେତନ କରିଥିଲେ। ଏହି ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳନର ମୂଳ ଲକ୍ଷ୍ୟ ଜନସାଧାରଣଙ୍କ ମଧ୍ୟରେ ଅଗ୍ନି ସଚେତନତା ସୃଷ୍ଟି କରିବା ବୋଲି ଅଗ୍ନିଶମ ସେବାସଂସ୍ଥା ଅଧିକାରୀ ବ୍ରହ୍ମାନନ୍ଦ ମଲ୍ଲିକ କହିଛନ୍ତି।




୧୪।୪।୨୦୨୨

| ୪,୩୯,୨୯୫ ଟଙ୍କା | |
|---|---|
| ସୁନା | ୫୦ମିଲି ଗ୍ରାମ |
| ରୁପା | ୧୫ ଗ୍ରାମ |

# ୫ ମହାବୀର ପୀଠକୁ ଯାଏ ଆଜ୍ଞାମାଳ

**ପୁରୀ ଅଫିସ, ୧୪।୪:**

ମହାବିଷୁବ ସଂକ୍ରାନ୍ତିରେ ଗୁରୁବାର ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଥିଲା। ମଙ୍ଗଳ ଆଳତି, ଅବକାଶ ନୀତି ବଢ଼ି ସକାଳ ଧୂପ ସରିବା ପରେ ଦକ୍ଷିଣୀ ଘରୁ ପ୍ରଭୁ ହନୁମାନଙ୍କ ବିଗ୍ରହ ସିଂହାସନକୁ ବିଜେ କରାଯାଇଥିଲା। ପାଳିଆ ପୂଜାପଣ୍ଡା ସାମନ୍ତ ରତ୍ନସିଂହାସନ ଉପରକୁ ଯାଇ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଆଜ୍ଞାମାଳ ଆଣି ହନୁମାନଙ୍କୁ ପ୍ରଦାନ କରିଥିଲେ। ଏହାପରେ ହନୁମାନ ବିମାନକୁ ବିଜେ ହୋଇଥିଲେ। ଶ୍ରୀମନ୍ଦିର ଚାରିଦ୍ୱାରରେ ଥିବା ମହାବୀର, ବାରଭାଇ ହନୁମାନ ଏବଂ ଶ୍ରୀମନ୍ଦିର ପରିସରସ୍ଥ ସମସ୍ତ ହନୁମାନଙ୍କୁ ଦେବା ପରେ ଘଣ୍ଟା, ଛତା, କାହାଳୀ ପଟୁଆରରେ ଜଗନ୍ନାଥବଲ୍ଲଭ ମଠକୁ ଶ୍ରୀହନୁମାନ ବିଜେ କରିଥିଲେ। ସେଠାରେ ଥିବା ମହାବୀରଙ୍କୁ ଆଜ୍ଞାମାଳ ପ୍ରଦାନ ପରେ ଦରିଆ ମହାବୀରଙ୍କ ନିକଟକୁ ଆଜ୍ଞାମାଳ ଯାଇଥିଲା। ଶ୍ରୀମନ୍ଦିରରେ ଭୋଗମଣ୍ଡପ ପରେ ମହାସ୍ନାନ ହୋଇ ନୂଆଲୁଗା ଲାଗି ପରେ ୬ମୂର୍ତ୍ତି ଅଳଙ୍କାର ଲାଗିହୋଇ ବେଶ ବଢ଼ିଥିଲା। ପ୍ରସାଦ ଲାଗି ସହ ବଳିଅନ୍ନକୁ ମନ୍ଦିର ଚାରିପାର୍ଶ୍ୱରେ ଦିଗବଳୀ ଦେଲା ପରେ ଭୋଗ ସମାପନ କରିଥିଲେ। ପରେ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ବନ୍ଦାପନା କରିଥିଲେ।

ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କହନ୍ତି, ଏହି ଉପାସନା ସହିତ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ଜଡ଼ିତ। ମହାବିଷୁବ ସଂକ୍ରାନ୍ତି ଦିନ ମଠ ପକ୍ଷରୁ ଶ୍ରୀମନ୍ଦିର ପୂର୍ବଦ୍ୱାରରେ ବିଜେ କରିଥିବା ଫତେ ମହାବୀର, ପଶ୍ଚିମଦ୍ୱାର ମହାବୀର ଓ ଦକ୍ଷିଣଦ୍ୱାର ମହାବୀରଙ୍କୁ ପ୍ରଥମେ ପନ୍ତିଭୋଗ ଲାଗେ। ପରେ ମହାପ୍ରଭୁଙ୍କ ଆଜ୍ଞାମାଳ ଜଗନ୍ନାଥବଲ୍ଲଭ ମଠକୁ ଯାଇ ବଡ଼ ମହାବୀର ନାମରେ ସୁଗ୍ରୀବଙ୍କ ନିକଟରେ ପହଞ୍ଚିଥାଏ। ଶ୍ରୀମନ୍ଦିର ପୂଜାପଣ୍ଡା ସୁଗ୍ରୀବଙ୍କୁ କାନ୍ତି ଓ ଶିରପା ସମର୍ପଣ କରିବା ପରେ ଆଜ୍ଞାମାଳ ଲାଗି ହୁଏ। ପୁନଃ ମଠ ପରିସରରେ ଥିବା ଗୁମ୍ପା ମହାବୀର (ମନ୍ତ୍ରୀ ଜାମ୍ବବାନ)ଙ୍କ ପାଖକୁ ଆଜ୍ଞାମାଳ ଯାଏ। ଗୁଆବାରୀ ମହାବୀର ରୂପେ ପରିଚିତ ଶ୍ରୀହନୁମାନଙ୍କ ପାଖକୁ ଆଜ୍ଞାମାଳ ଯାଏ। ଏଠାରେ ଶ୍ରୀହନୁମାନଙ୍କୁ ଶିରପା ଲାଗି ପରେ ଶ୍ରୀମନ୍ଦିରରୁ ଆସିଥିବା ବିଜେ କାହାଳୀ ଲାଗି ହେବା ପ୍ରଥା ରହିଛି। ଏହାପରେ ଆଜ୍ଞାମାଳ ପୋଖରିଆ ମହାବୀରଙ୍କ ପାଖକୁ ଯାଏ। ବର୍ତ୍ତମାନ ବଡ଼ଦାଣ୍ଡର ମ୍ୟୁନିସିପାଲଟି ମାର୍କେଟ, ଯାହାକି ବଳଭଦ୍ରବଲ୍ଲଭ ରୂପେ ପରିଚିତ ଥିଲା, ତାହାର ପୂର୍ବ ଦିଗକୁ ଏହି ପୋଖରିଆ ଅବସ୍ଥିତ। ପୂର୍ବେ ଏହା ଶ୍ରୀସୁଦର୍ଶନ ବଲ୍ଲଭ ରୂପେ ପରିଚିତ ଥିଲା। ପୋଖରିଆ ମହାବୀର ଶ୍ରୀଜଗନ୍ନାଥବଲ୍ଲଭ ମଠର ଉପାସନା ଭିତ୍ତିରେ ରାମାୟଣର 'ନୀଳ' ରୂପେ ଉପାସିତ। ଏଠାରେ ନୀତି ହେବା ପରେ ଆଜ୍ଞାମାଳର କିଛି ଅଂଶ ଲାଗି କରାଯାଏ। ଏହାପରେ ମହାପ୍ରଭୁଙ୍କଠାରୁ ଆସିଥିବା ଅବଶିଷ୍ଟ ଆଜ୍ଞାମାଳ ସହ ପୂଜାପଣ୍ଡା ସାମନ୍ତ ଚକ୍ରତୀର୍ଥ ଅଞ୍ଚଳର 'ବେଡ଼ି ହନୁମାନଙ୍କ' ନିକଟକୁ ପଟୁଆରରେ ଯାନ୍ତି। ଶ୍ରୀଜଗନ୍ନାଥ ବଲ୍ଲଭ ମଠର ଉପାସନା ଧାରାରେ ବେଡ଼ି ହନୁମାନ ଅଥବା ଦରିଆ ମହାବୀର 'ନଳ' ରୂପେ ପରିଚିତ। ସେଠାରେ କାନ୍ତି ଶିରିପା ଲାଗି ପରେ ମହାପ୍ରଭୁଙ୍କ ଆଜ୍ଞାମାଳ ଲାଗି ହୁଏ। ସେଠାରୁ ପଟୁଆର ପୁନଃ ଜଗନ୍ନାଥ ବଲ୍ଲଭ ମଠକୁ ଆସେ। ସେତେବେଳକୁ ଶ୍ରୀମନ୍ଦିରର ଭଣ୍ଡାର ମହାବୀର ବିମାନରେ ଆସି ବିଜେ କରିଥାନ୍ତି। ଭଣ୍ଡାର ମହାବୀରଙ୍କୁ ମାଜଣା ସହ କାନ୍ତିଶିରପା ଲାଗି ପରେ ସେ ଶ୍ରୀମନ୍ଦିରକୁ ଫେରିଥାନ୍ତି। ତେବେ ଅତୀତରେ ଶ୍ରୀକ୍ଷେତ୍ରରେ ଅଷ୍ଟ ମହାବୀରଙ୍କ ଉପାସନା ହେଉଥିବା ସୂଚନା ମିଳେ। ମାତ୍ର ଏବେ ୫ ମହାବୀରଙ୍କ ନିକଟକୁ ଆଜ୍ଞାମାଳ ଯାଉଥିବା ବେଳେ ଅନ୍ୟ ୩ ମହାବୀର କିଏ ତାହା ଏବେ ବି ଲୁକ୍କାୟିତ ହୋଇ ରହିଥିବା ମିଶ୍ର କହିଛନ୍ତି।



### ଶ୍ରୀମନ୍ଦିରରେ ହନୁମାନ ଜୟନ୍ତୀ



ପୁରୀ ସିଂହଦ୍ୱାରଠାରେ ଗୁରୁବାର ଅନୁଷ୍ଠିତ ଶ୍ରୀକ୍ଷେତ୍ର ମହୋତ୍ସବରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି ।

## ଖାଇଫୋଡ ଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ

**ସାକ୍ଷୀଗୋପାଳ,୧୪।୪(ଡି.ଏନ୍.ଏ.):** ପୁରୀ ଜିଲା ସାକ୍ଷୀଗୋପାଳ ନିକଟସ୍ଥ ଭିଁପୁର ଓ ଦାସବିଦ୍ୟାଧରପୁର ଗ୍ରାମରେ ପ୍ରସିଦ୍ଧ ଖାଇଫୋଡ ଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମାନସିକ ପୂରଣ ପାଇଁ ପାଟୁଆମାନେ ୬ରୁ ୧୦ ଇଞ୍ଚ ଲମ୍ବା, ୨ରୁ ୪ଟି ଲେଖାଏଁ କଣ୍ଟା ପିଠିରେ ଫୋଡି ୨୨ ହାତ ଉଚ୍ଚ ଖାଇଦଣ୍ଡରୁ ତଳକୁ ଝୁଲିଥିଲେ। ଏହି ଯାତ୍ରାକୁ ଦେଖିବାକୁ ଅନେକ ଲୋକଙ୍କ ଭିଡ ଜମିଥିଲା। ମନ୍ଦିରରେ ମଧ୍ୟାହ୍ନ ଧୂପ ପରେ ମା' ଗଡଚଣ୍ଡୀଙ୍କୁ ଟାହିଆ ଲାଗି କରାଯାଇଥିଲା। ପରେ ୫ କାଳେଶି ନିକଟ ପୋଖରୀକୁ ବିଜେ କରିଥିଲେ। ସେଠାରେ ପାଟୁଆଙ୍କ ପିଠିରେ କାଳେଶିମାନେ କଣ୍ଟା ଫୁଟାଇଥିଲେ ମଧ୍ୟ ତାଙ୍କର ରକ୍ତସ୍ରାବ ହୋଇ ନ ଥିଲା। ସେହିପରି ଅନେକ ଗ୍ରାମରେ କାଳେଶି ଉଭା ହୋଇଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା ହୋଇଥିଲା।

## ବିଭିନ୍ନ ଗ୍ରାମରେ ନିଆଁ ପାଟୁଆ ଯାତ୍ରା

**ବଳଙ୍ଗା,୧୪।୪(ଡି.ଏନ୍.ଏ.)** ପଣା ସଂକ୍ରାନ୍ତି ଉପଲକ୍ଷେ ଗୁରୁବାର ବଳଙ୍ଗା ଅଞ୍ଚଳରେ ଏକମାସ ବ୍ୟାପୀ ଚାଲିଥିବା ମେରୁଯାତ୍ରା ସମାପନ ହୋଇଛି। ବାୟାବର, ତେରହଳ, ଗୋପୀନାଥପୁର, ଉଛୁପୁର, ବାଲିଆ, ଗଡ଼ପଦନପୁର, ଖଣ୍ଡାୟତ ପାଟଣା, ବିରାଟ ସାହି, ଆଦି ଗ୍ରାମରେ ନିଆଁ ପାଟୁଆ ଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ଏକ ମାସ ଧରି କାଷ୍ଠା ରଖିଥିବା ଭକ୍ତମାନେ ଧର୍ମୀୟ ବିଶ୍ୱାସକୁ ନେଇ ନିଆଁରେ ଚାଲିଥିଲେ। ପିଠିରେ କଣ୍ଟା ଫୋଡ଼ି, ଧାରୁଆ ଖଣ୍ଡା ଉପରେ ଠିଆହୋଇ ଓ ଅଗ୍ନିକୁଣ୍ଡକୁ ମୁହଁ ରଖି ଝୁଲି ରହିଥିଲେ। ଏହି ଯାତ୍ରା ଦେଖିବା ପାଇଁ ଆଖପାଖ ଗ୍ରାମରୁ ହଜାର ହଜାର ଭକ୍ତଙ୍କ ଭିଡ଼ ଜମିଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବଳଙ୍ଗା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

## ସଂକ୍ଷେପରେ

### କବିତା ପାଠୋତ୍ସବ

**କଣାସ,୧୪।୪(ସ୍ୱ.ପ୍ର):** କଣାସ ଦୟା ସାହିତ୍ୟ ସଂସଦ ପକ୍ଷରୁ ଦୟାବିହାର ଡିଗ୍ରୀ କଲେଜରେ ଗୁରୁବାର ବିଷୁବ ସଂକ୍ରାନ୍ତି ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ପ୍ରଶାନ୍ତ ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୁନୀଲ ମିଶ୍ର, ମୁଖ୍ୟ ବକ୍ତା ଭାବେ ଡ. ହେମନ୍ତ ଛୋଟରାୟ, ସମ୍ମାନିତ ଅତିଥି ଭାବେ ଅଧାପକ ଅସିତ୍ ନରେନ୍ଦ୍ର, କୃପାସିନ୍ଧୁ ବିଶ୍ୱାଳ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସାହିତ୍ୟ ନାଟ୍ୟ ଗୌରବ ବିଭୂତିଭୂଷଣ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। କବି ଅଜୟ କୁମାର ବଳିୟାରସିଂ କବିତା ପାଠୋତ୍ସବର ସଂଯୋଜନା ଓ ମୃତ୍ୟୁଞ୍ଜୟ ଦକ୍ଷିଣରାୟ ମଞ୍ଚ ପରିଚାଳନା କରିଥିଲେ। କବୟିତ୍ରୀ କବିମାନେ କବିତା ପାଠ କରିଥିଲେ। ଅନୀୟ କୁମାର ଛୋଟରାୟ କବିତା ସଂଯୋଜନା କରିଥିଲେ।

### ଆଲୋଚନାଚକ୍ର, ବିଭିନ୍ନ ପ୍ରତିଯୋଗିତା

**ପୁରୀ ଅଫିସ,୧୪।୪:** ସୁଧା ଅନୁଷ୍ଠାନ, ଆମ୍ବେଡକର ଫାଉଣ୍ଡେଶନ ଏବଂ ଭାରତ ସରକାରଙ୍କ ସାମାଜିକ ସୁରକ୍ଷା ଓ ସଶକ୍ତୀକରଣ ବିଭାଗର ମିଳିତ ଆନୁକୂଲ୍ୟରେ ଗୁରୁବାର ସ୍ଥାନୀୟ ସଂସ୍କୃତି ଭବନରେ ଆମ୍ବେଡକର ଜୟନ୍ତୀ ପାଳନ ସହ ଏକ ଆଲୋଚନାଚକ୍ର ଏବଂ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା କଲ୍ୟାଣ ଅଧିକାରୀ ବିକାଶ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧକ୍ଷ ଦୁର୍ଗାମାଧବ କର ଏବଂ ଭକ୍ତଚରଣ ଦାସ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ବକ୍ତୃତା, ରଚନା ଓ ଚିତ୍ରକଳା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଥିଲା। ସୁଧା ଅନୁଷ୍ଠାନର ଅଧକ୍ଷ ସଞ୍ଜୟ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### 'ଆମ୍ବେଡକରଙ୍କ ଅବଦାନ ପ୍ରେରଣା ହୋଇ ରହିବ'

**ପୁରୀ ଅଫିସ, ୧୪।୪:** ଭାରତରତ୍ନ ଡ. ଭୀମରାଓ ରାମ୍‌ଜୀ ଆମ୍ବେଡକରଙ୍କ ୧୩୧ତମ ଜୟନ୍ତୀ ପୁରୀ ସଦ୍‌ଭାବନା ସଭାଗୃହରେ ଗୁରୁବାର ପାଳିତ ହୋଇଯାଇଛି। ଏହି ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୌରସଂସ୍ଥା ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଯୋଗଦେଇ ଥିଲେ। ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ମୁଖ୍ୟବକ୍ତା ଏବଂ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଭାରତୀୟ ସମ୍ବିଧାନ ପ୍ରଣୟନ କ୍ଷେତ୍ରରେ ଆମ୍ବେଡକରଙ୍କ ଅବଦାନ ଓ ତାଙ୍କ ନିରାଡ଼ମ୍ବର ଜୀବନଶୈଳୀ ସର୍ବଦା ଆମ ପାଇଁ ପ୍ରେରଣା ହୋଇ ରହିବ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ଓଡ଼ିଆ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ପୁରସ୍କାର ଦିଆଯାଇଥିଲା।

## ପୁରୀକୁ କୋକେନ୍ ଚେର ଲମ୍ବିବା ଆଶଙ୍କା

**ପୁରୀ ଅଫିସ,୧୪।୪:**

ରାଜଧାନୀ ଭୁବନେଶ୍ୱରରୁ ଗୁରୁବାର ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର କୋକେନ୍ ଜବତ ହେବା ସହ ୨ଜଣ ଧରାପଡ଼ିଛନ୍ତି। ଉକ୍ତ ଗିରଫବ୍ୟକ୍ତି ଦ୍ୱୟ ରାଜସ୍ଥାନର ବୋଲି ଜଣାପଡ଼ିଛି। ଏହି ଘଟଣା ପରେ ପୁରୀକୁ କୋକେନ୍ ଚେର ଲମ୍ବିପାରେ ବୋଲି ଆଶଙ୍କା ଉପୁଜିଲାଣି। କାରଣ, ରାଜ୍ୟ ବାହାରୁ ବହୁ ଲୋକ ପ୍ରତିଦିନ ପୁରୀକୁ ଆସୁଛନ୍ତି। ସେହିପରି ପୁରୀ ଜିଲାରେ ବ୍ରାଉନସୁଗାର, ଗଞ୍ଜେଇ ପ୍ରଭୃତି ନିଶା କାରବାର ଜୋରଦାର ଚାଲିଛି। ପ୍ରାୟ ପ୍ରତିଦିନ ପୋଲିସ ବ୍ରାଉନସୁଗାର ଓ ଗଞ୍ଜେଇ ପ୍ରଭୃତି ଜବତ କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରୁଛି। ଭୁବନେଶ୍ୱରରୁ ପୁରୀକୁ ପୂର୍ବରୁ ବ୍ରାଉନସୁଗାର ଚାଲାଣ ହେବାର ନଜିର ମଧ୍ୟ ରହିଛି। ଏଣୁ ପୁରୀକୁ କୋକେନ୍ ଚାଲାଣ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଜଳପଥ ଦେଇ ମଧ୍ୟ କୋକେନ୍ ବେପାର ହେବା ଆଶଙ୍କା ବଢ଼ିଛି। ଏ ନେଇ ସାମାଜିକ କର୍ମୀ ବିଶ୍ୱଜିତ ମହାନ୍ତି କହିଛନ୍ତି, ପୁରୀ ବ୍ରାଉନସୁଗାର ବେପାରୀ ଓ ସେବନକାରୀଙ୍କ କବଳରେ ରହିଛି। ପୋଲିସ କ୍ରମାଗତ ଭାବେ ବ୍ରାଉନସୁଗାର ବେପାରୀଙ୍କୁ ଧରୁଥିଲେ ମଧ୍ୟ ବେପାର ଥମିବାର ନାଁ ନେଉନାହିଁ। କୋକେନ ଭଳି ହାଇପ୍ରୋଫାଇଲ୍ ନିଶା ପୁରୀରେ ପ୍ରବେଶ କରିବା ପୂର୍ବରୁ ଏହାକୁ ରୋକିବା ଦରକାର। ଅନ୍ୟପକ୍ଷରେ ସିଟିଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀ କହିଛନ୍ତି, ପୁରୀରେ କେଉଁଠି ବି କୋକେନ୍ କାରବାର ହେଉନାହିଁ। ପୁରୀ ପୋଲିସ ଏହାକୁ ରୋକିବା ପାଇଁ ସଜାଗ ରହିଛି। ବ୍ରାଉନସୁଗାର ବେପାରୀଙ୍କୁ ପ୍ରତିଦିନ ଗିରଫ କରି କୋର୍ଟ ଚାଲାଣ କରାଯାଉଛି। ନିଶା ସେବନ ଓ କାରବାର ଉପରେ ପୁରୀ ପୋଲିସ ଶୂନ୍ୟ ସହନଶୀଳତା ଆଭିମୁଖ୍ୟ ନେଇ କାର୍ଯ୍ୟ କରୁଛି।

## କାଦୁଆ ମେଳଣ ବୁଲି ଦେଖିଲେ ବିଧାୟକ

**ସାକ୍ଷୀଗୋପାଳ,୧୪।୪(ସ୍ୱ.ପ୍ର.)**

ସାକ୍ଷୀଗୋପାଳ ବ୍ଲକ ଅନ୍ତର୍ଗତ କାଦୁଆ ମେଳଣ ଅବସରରେ ଗୁରୁବାର ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ କାଦୁଆ ଗସ୍ତରେ ଆସିଥିଲେ। ଗ୍ରାମବାସୀ ବିଧାୟକ ସାମନ୍ତରାୟଙ୍କୁ ଫୁଲମାଳ ପ୍ରଦାନ କରିବା ସହିତ ବାଜା ବଜାଇ, ବାଣ ଫୁଟାଇ ପାଛୋଟି ନେଇଥିଲେ। କାଦୁଆ ଗ୍ରାମ କୋଠଘରେ ଅନୁଷ୍ଠିତ ବୈଠକରେ ବିଧାୟକ ସାମନ୍ତରାୟ ଗ୍ରାମବାସୀଙ୍କ ଅନୁରୋଧ ଅନୁଯାୟୀ ଗ୍ରାମର ଆରାଧ୍ୟ ଠାକୁରାଣୀ ମା' ଚମ୍ପାଦେଈଙ୍କ ମନ୍ଦିର ମରାମତି, ୩୧୬ ନମ୍ବର ଜାତୀୟ ରାଜପଥଠାରୁ ଗ୍ରାମ ମଧ୍ୟରେ ଡ୍ରେନ୍ ନିର୍ମାଣ ଓ ଗ୍ରାମ ପୋଖରୀ ଖନନ କରାଯିବ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଏହି ଅବସରରେ ସତ୍ୟବାଦୀ ବ୍ଲକ ଅଧକ୍ଷ ସୁନୀଲ କୁମାର ପଣ୍ଡା, କାଦୁଆ ସରପଞ୍ଚ ଗାୟତ୍ରୀ ମହାପାତ୍ର, କାଦୁଆ ପଞ୍ଚାୟତ ବିଜେଡି ସଭାପତି ବାଉରିବନ୍ଧୁ ମହାପାତ୍ର, କାଦୁଆ ଗ୍ରାମ ସଭାପତି କୃଷ୍ଣଚନ୍ଦ୍ର ସାହୁ, ସମ୍ପାଦକ ସତ୍ୟନାରାୟଣ ଆଚାର୍ଯ୍ୟ, ୱାର୍ଡସଭ୍ୟା ଅନ୍ନପୂର୍ଣ୍ଣା ମହାପାତ୍ର, ଶ୍ରୀକାନ୍ତ ମିଶ୍ରଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ପରେ ବିଧାୟକ ଗ୍ରାମରେ ହେଉଥିବା ମେଳଣକୁ ବୁଲି ଦେଖିବା ସହ ପ୍ରଶଂସା କରିଥିଲେ।

## କବିର କବିତାରେ ରହିଛି ହୃଦୟର କଥା

**ସାକ୍ଷୀଗୋପାଳ, ୧୪।୪(ସ୍ୱ.ପ୍ର.)**

କବିର କବିତା ସବୁବେଳେ ଜୀବନ୍ତ। କବିତାରେ ରହିଛି ହୃଦୟର ପ୍ରତିଛବି। କବି ସବୁବେଳ ପାଗଳ, ଭାବୁକ, ପ୍ରକୃତିସ୍ଥ। କବିତା ଯେତେବେଳେ ଜୀବନ୍ତ ହୋଇଯାଏ ବ୍ୟକ୍ତିର ପରିବର୍ତ୍ତନ ଆସେ, ସମାଜର ପରିବର୍ତ୍ତନ ଆସେ। ଜଡ଼, ଅନ୍ଧ, ପଙ୍ଗୁ ମଧ୍ୟ କଥା କହିବାକୁ ଆରମ୍ଭ କରେ। କବିତା ଦ୍ୱାରା ସମାଜର ମଙ୍ଗଳ ହୋଇଥାଏ। ଗୁରୁବାର ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବିଷୁବ କବିତା ଆସର ଓ ସାରସ୍ୱତ ସଭାରେ ଉପସ୍ଥିତ ଅତିଥି ଓ ଯୋଗଦେଇଥିବା ୫୦ରୁ ଅଧିକ କବିଙ୍କ ଦ୍ୱାରା ସ୍ୱରଚିତ କବିତା ମାଧ୍ୟମରେ ସମାଜକୁ ବାର୍ତ୍ତା ଦେଇଛନ୍ତି। ଅନୁଷ୍ଠାନର ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ସତ୍ୟବାଦୀ ଦାସ, ମୁଖ୍ୟବକ୍ତା ରବୀନ୍ଦ୍ର କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ଦିଲୀପ କୁମାର ସେନାପତି, କବି ସୁଶାନ୍ତ ରଥ, ସ୍ୱତନ୍ତ୍ର ଅତିଥି କୃଷ୍ଣମୋହନ ମହାନ୍ତି ଯୋଗଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ମାନସ ରଞ୍ଜନ ପଟ୍ଟନାୟକ, ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ବିଜୟ କୁମାର ପରିଡ଼ା। କବି ରାଧାକୃଷ୍ଣ ପ୍ରଧାନୀ, ସୁରେଶ ପଟ୍ଟନାୟକ, ଲୋପାମୁଦ୍ରା କର ପ୍ରମୁଖ କବିତା ପାଠ କରିଥିଲେ। ପ୍ରାରମ୍ଭରେ ଓଡ଼ିଆ ନବବର୍ଷ ପାଳନ ଓ ଗ୍ରାମାଞ୍ଚଳରେ ସାହିତ୍ୟର ବିକାଶ ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

## ମା' କ୍ଷେତ୍ରପାଳୀଙ୍କ ପୀଠରେ ଝାମୁଚଲା ଉତ୍ସବ

**କଣାସ,୧୪।୪(ସ୍ୱ.ପ୍ର):** କଣାସ ବ୍ଲକ ଅନ୍ତର୍ଗତ କାଦୁଆ ପଞ୍ଚାୟତ ଭାଟପଡା ଗ୍ରାମର ଆରାଧ୍ୟ ଠାକୁରାଣୀ ମା' କ୍ଷେତ୍ରପାଳୀଙ୍କ ପୀଠରେ ଝାମୁଚଲା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଠାକୁରାଣୀଙ୍କ ଆଗ ସାମ୍ନାରେ ଲମ୍ବାରେ ଏକ ଗର୍ତ୍ତ କରାଯାଇ ସେଥିରେ କାଠ ରଖି ଅଗ୍ନି ସଂଯୋଗ କରାଯାଇଥିଲା। ସେହି କାଠ ରଡରେ ମାନସିକଧାରୀ ଚାଲିଥିଲେ। ଠାକୁରାଣୀଙ୍କ ପାଖରେ ପଣା ଲାଗି କରାଯାଇ ଥିଲା। ଏହାକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳର ଶହଶହ ଲୋକ ରୁଣ୍ଡ ହୋଇଥିଲେ।

## ସମରକଳା ପ୍ରଦର୍ଶନ ସହ କୁସ୍ତି ଖେଳିଲେ



**ପୁରୀ ଅଫିସ, ୧୪।୪:**

ପବିତ୍ର ହନୁମାନ ଜୟନ୍ତୀରେ ଗୁରୁବାର ପ୍ରସିଦ୍ଧ ଶିରୁଳି ମହାବୀର ପୀଠ, ଚକ୍ରତୀର୍ଥ ରୋଡ୍‌ସ୍ଥିତ ବେଡ଼ି ହନୁମାନ, ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ନିକଟସ୍ଥ ମହାବୀର, ଶ୍ରୀଜଗନ୍ନାଥବଲ୍ଲଭ ମଠସ୍ଥିତ ସୁଗ୍ରୀବ ମହାବୀର, ଦଇତାପଡ଼ା ସାହିସ୍ଥିତ ପୋଖରିଆ ମହାବୀର, ଭିଆଇପି ରୋଡସ୍ଥିତ ସତ୍ୟ ମହାବୀର, ବାଲିସାହିସ୍ଥିତ ମଶାଣି ମହାବୀରଙ୍କ ସମେତ ପୁରୀ ସହରର ବିଭିନ୍ନ ହନୁମାନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଏହି ଅବସରରେ ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ନିକଟ ମହାବୀରଙ୍କ ନାଗା ବେଶ ଅନୁଷ୍ଠିତ ହୋଇଥିଲା। ଜାଗା ଘରଗୁଡ଼ିକ ପକ୍ଷରୁ ମହାବୀରଙ୍କ ପ୍ରତୀକ ନିଖାମ ବାହାରି ଶ୍ରୀମନ୍ଦିର ଚାରିପାଖ ପରିକ୍ରମା କରିବା ସହ ଜାଗାଘରେ ସରଞ୍ଜାମ ପୂଜା କରାଯାଇଥିଲା। ଅନେକ ଜାଗା ଘର ପକ୍ଷରୁ ଶୋଭାଯାତ୍ରାରେ ସମରକଳା ଓ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ଯାଗା ଘରୁ ପ୍ରତୀକ ନିଶାଣ ଶୋଭାଯାତ୍ରା ବାହାରି ଆଖଡ଼ା ନିକଟକୁ ଯାଇଥିଲା। ମହାବୀରଙ୍କ ନିକଟରେ ନୂତନ ବସ୍ତ୍ର ଲାଗିପରେ ଜାଗା ଆଖଡ଼ାର ସଦସ୍ୟମାନେ ପରମ୍ପରା ଅନୁଯାୟୀ କୁସ୍ତି ଖେଳିଥିଲେ। ପିଲାମାନେ ହନୁମାନ ଜୟନ୍ତୀରୁ କୁସ୍ତିବିଦ୍ୟା ଶିକ୍ଷା ଆରମ୍ଭ କରିଥିଲେ। ଅନ୍ୟପକ୍ଷରେ ମା' ଖାଡ଼େଶ୍ୱରୀ ପୀଠରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଥିଲା। ମାନସିକଧାରୀ ପାଟୁଆମାନେ ନିଆଁରେ ଚାଲିବା ସହ ହଳଦୀ ପାଣିରେ ଗୋଡ଼ ଧୋଇ ମା'ଙ୍କ ପ୍ରସାଦ ପାଇ ବ୍ରତ ସମାପନ କରିଥିଲେ।

## ପୁଷ୍ପା ଗୀତରେ ନାଚିଲା ଗଣେଶ ମେଢ଼

**ପୁରୀ ଅଫିସ,୧୪।୪**

- ସୋସିଆଲ ମିଡିଆରେ ଭିଡିଓ ଭାଇରାଲ୍
- ସାହିଯାତ ପରମ୍ପରା ବିରୋଧୀ କହି ନାପସନ୍ଦ

ଶ୍ରୀକ୍ଷେତ୍ରର ଅନନ୍ୟ ପରମ୍ପରା ହେଉଛି ସାହିଯାତ। ପାରମ୍ପରିକ ରୀତିନୀତି ଓ ଶ୍ରୀଜଗନ୍ନାଥ ସଂସ୍କୃତିକୁ ମୂଳତତ୍ତ୍ୱ ଭାବେ ଗ୍ରହଣ କରି ସାହିଯାତ ପରମ୍ପରା ଶହ ଶହ ବର୍ଷ ଧରି ଶ୍ରୀକ୍ଷେତ୍ର ସହ ଜଡ଼ିତ ହୋଇଛି। ମାତ୍ର ଚଳିତ ବର୍ଷ ସାହିଯାତରେ ଆଧୁନିକୀକରଣ ଛାପ ଦେଖିବାକୁ ମିଳିଛି। ସୋସିଆଲ ମିଡିଆରେ ଏଭଳି ଏକ ଭିଡିଓ ଭାଇରାଲ ହେଉଛି, ଯେଉଁଥିରେ ସାହି ଯାତରେ ଗଣେଶ ମେଢ 'ପୁଷ୍ପା' ଚଳଚ୍ଚିତ୍ରର ଏକ ସଙ୍ଗୀତର ତାଳେତାଳେ ନାଚୁଛି। ଉପସ୍ଥିତ ସାହି ଲୋକେ ଗଣେଶ ମେଢ଼କୁ ନଚାଉଛନ୍ତି। ଏହି ଭିଡିଓ ସୋସିଆଲ୍ ମିଡ଼ିଆରେ ଘୂରି ବୁଲିବା ପରେ ଫେସବୁକ୍ ୟୁଜର୍ସମାନେ କଡ଼ା ସମାଲୋଚନା କରିଛନ୍ତି। ପୁରୀର ଯୁବକ ରବି ନାରାୟଣ ନାୟକ ଶେୟାର କରି ଲେଖିଛନ୍ତି, ଶ୍ରୀକ୍ଷେତ୍ର ସାହିଯାତ ଏକ ନିଆରା ପରମ୍ପରା। ସାହିଯାତର କିଛି ମହତ୍ତ୍ୱ ଅଛି। ଆମ ସଂସ୍କୃତି ଓ ପରମ୍ପରା ଆମ ପାଇଁ ଗର୍ବ ଓ ଗୌରବ। ଦୟାକରି ଏଭଳି ଅଭଦ୍ରାମି କରନ୍ତୁ ନାହିଁ। ସେହିଭଳି ଭବାନୀ ଶଙ୍କର ଆଚାର୍ଯ୍ୟ ଲେଖିଛନ୍ତି, ପର୍ଶୁରାମ ଓ ରାବଣ ବେଶରେ ମଧ୍ୟ ବଲିଉଡ୍ ସଙ୍ଗୀତର ତାଳେତାଳେ ନାଚ ହେଉଛି, ଯାହା ଆଦୌ ଗ୍ରହଣୀୟ ନୁହେଁ। ସାହିଯାତକୁ ଏକ ସାଧାରଣ ଉତ୍ସବ ଭାବେ ଗ୍ରହଣ କରାଯିବା ଉଚିତ୍ ନୁହେଁ। ଏହା କାହାର ବାହାଘର କିମ୍ବା ବ୍ରତଘର ଉତ୍ସବ ନୁହେଁ। ଶ୍ରୀକ୍ଷେତ୍ର ପରମ୍ପରାର ପ୍ରତୀକ ସାହିଯାତରେ ଏଭଳି ନୃତ୍ୟ ଗ୍ରହଣଯୋଗ୍ୟ ନୁହେଁ ବୋଲି ସେ ଲେଖିଛନ୍ତି। ପୁରୀ ସହରବାସୀ ମଧ୍ୟ ସାହିଯାତରେ ଏଭଳି କାର୍ଯ୍ୟକ୍ରମକୁ ସମାଲୋଚନା କରିଛନ୍ତି। ଅନ୍ୟପକ୍ଷରେ ଏ ନେଇ ସାହି କମିଟିର ପ୍ରତିକ୍ରିୟା ମିଳିପାରିନାହିଁ।



## ଅଲ୍ ଓଡ଼ିଶା ଓପନ୍ ଚେସ୍ ଚାମ୍ପିୟନଶିପ ଆରମ୍ଭ

**ପୁରୀ ଅଫିସ,୧୪।୪**

ନିରୁପମା ପ୍ରଧାନୀଙ୍କ ସ୍ମୃତିରେ ରୋଟାରୀ କ୍ଲବ ଅଫ୍ ଶ୍ରୀଜଗନ୍ନାଥ ଧାମ ପକ୍ଷରୁ ୫ମ ଅଲ୍ ଓଡ଼ିଶା ଓପନ ଚେସ୍ ଚାମ୍ପିୟନଶିପ ହଲିଡେ ରିସର୍ଟର ହ୍ୱାଇଟ୍ ହାଉସ ପରିସରରେ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲାରୁ ୧୪୦ଜଣ ଖେଳାଳି ଯୋଗଦେଇଛନ୍ତି। ଏହି ପ୍ରତିଯୋଗିତା ଦୁଇଦିନ ଧରି ଅନୁଷ୍ଠିତ ହେବ। ଉତ୍ସବରେ ଅତିଥି ଭାବେ ରୋଟାରିଆନ ରାଜକିଶୋର ପାତ୍ର, ଦେବାଶିଷ କୁମାର ଏବଂ ପ୍ରଦୀପ ନାୟକ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଶେଷ ଅତିଥି ଭାବେ ଅଭିନେତା ସବ୍ୟସାଚୀ ମହାପାତ୍ର ଏବଂ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିବା ପ୍ରତିଯୋଗୀମାନଙ୍କୁ କ୍ଲବ୍ ପକ୍ଷରୁ ପୁରସ୍କୃତ କରାଯିବ। ପ୍ରତିଯୋଗିତାରେ ରୋଟାରୀ କ୍ଲବ୍ ଅଫ ଶ୍ରୀଜଗନାଥ ଧାମର ସଭାପତି ରୋଟାରିଆନ୍ ମନୋଜ ପାଣିଗ୍ରାହୀ, ସମ୍ପାଦକ ରୋଟାରିଆନ୍ ହରିହର ଗୁରୁ, କୋଷାଧକ୍ଷ ରୋଟାରିଆନ ସନମୋହନ ପ୍ରଧାନ, ଇନରହୁଇଲ କ୍ଲବ୍‌ର ସଭାନେତ୍ରୀ ବନ୍ଦିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାସ୍ତରୀୟ ଆମ୍ବେଡକର ଜୟନ୍ତୀ ଉତ୍ସବରେ ଅତିଥିଙ୍କ ସହ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ।



ପୁରୀ ଶ୍ରୀଜଗନ୍ନାଥ ବଲ୍ଲଭ ପରିସରରେ ଗୁରୁବାର ଦୟଣା ଚୋରି ନୀତି ସମ୍ପନ୍ନ ପରେ ପ୍ରଭୁ ରାମ ଓ କୃଷ୍ଣ ଫେରୁଛନ୍ତି ।



ପୁରୀରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ଅଲ୍ ଓଡ଼ିଶା ଚେସ୍ ଚାମ୍ପିୟନଶିପ ପ୍ରତିଯୋଗିତା ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୫ ଏପ୍ରିଲ, ୨୦୨୨



## ସରସ୍ୱତୀ ସାହିତ୍ୟ ସଂସଦର କବିତା ପାଠୋତ୍ସବ

ଚୌଦ୍ୱାର,(ଡି.ଏନ୍.ଏ.): ଆଗ୍ରାହାଟସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସରସ୍ୱତୀ ସାହିତ୍ୟ ସଂସଦ ପକ୍ଷରୁ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ସ୍ୱର୍ଣ୍ଣଲତା ଷଡଙ୍ଗୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଅଧକ୍ଷ ପ୍ରକାଶ ଚନ୍ଦ୍ର ମହାପାତ୍ର, ରବୀନ୍ଦ୍ର ନାଥ ନାୟକ, ଶିଶୁପତ୍ରିକା ଝୁମୁକାର ସମ୍ପାଦକ ମାନସ ରଞ୍ଜନ ସାମଲ, ଗୋବିନ୍ଦ ଚନ୍ଦ୍ର ଲେଙ୍କା, ସୁରେନ୍ଦ୍ର ନାଥ ଓଝା, ଅକ୍ଷୟ ମିଶ୍ର, ଚିତରଞ୍ଜନ ପଣ୍ଡା ଅତିଥି ଭାବେ ଯୋଗଦେଇଥିଲେ। ସାହିତ୍ୟିକ ସୁବାସ ଚନ୍ଦ୍ର ନାୟକ, କବି ବୈଦ୍ୟନାଥ ଖିଲାରଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ ୨୬ଜଣ କବୟିତ୍ରୀକବି କବିତା ପାଠ କରିଥିଲେ। ସୁରେନ୍ଦ୍ର ଓଝାଙ୍କ ଦ୍ୱାରା ସଙ୍କଳିତ ପଞ୍ଜିକା ଉନ୍ମୋଚିତ ହୋଇଥିଲା। ବିଜୟ ପ୍ରତାପ ସାହୁ ସ୍ୱାଗତ ଭାଷଣ ଓ ଅକ୍ଷୟ ମିଶ୍ର ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### କଚେରି ପରିସରରେ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ବାଙ୍କୀ,୧୪।୪(ସ୍ୱ.ପ୍ର.):** ସମ୍ବିଧାନ ପ୍ରଣେତା ଡ.ବି.ଆର୍. ଆମ୍ବେଡକରଙ୍କ ଜୟନ୍ତୀ ଅବସରରେ ଗୁରୁବାର ବାଙ୍କୀ କଚେରି ପରିସରରେ ତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ଆମ୍ବେଡକର ସ୍ମୃତିପରିଷଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବାଙ୍କୀ ଆଦିବାସୀ ହରିଜନ କଲ୍ୟାଣ ପରିଷଦର ସମ୍ପାଦକ କେଶବ ଚନ୍ଦ୍ର ବେହେରା ଯୋଗଦେଇ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ମୁଖ୍ୟ ଅତିଥିଭାବେ ଆଦିବାସୀ ହରିଜନ କଲ୍ୟାଣ ପରିଷଦ ସଭାପତି ଗୁରୁବାରୀ ନାଏକ, ଅନ୍ୟତମ ଅତିଥିଭାବେ ଆଇନଜୀବୀ ବ୍ରଜବନ୍ଧୁ ପାଲ, ପ୍ରେସ୍ କ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର, ଟଙ୍କଧର ବେହେରା, ସୁବାସ ଚନ୍ଦ୍ର ସେଠୀ ଓ ବିଶ୍ୱପ୍ରସାଦ ରଥ ପ୍ରମୁଖ ଯୋଗଦେଇଥିଲେ।

### ଜାତୀୟ ଅଗ୍ନିଶମ ଦିବସ

**ବାଙ୍କୀ,୧୪।୪(ସ୍ୱ.ପ୍ର.):** ଜାତୀୟ ଅଗ୍ନିଶମ ଦିବସ ଉପଲକ୍ଷେ ବାଙ୍କୀ ଅଗ୍ନିଶମ ବିଭାଗ ପକ୍ଷରୁ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ବାଙ୍କୀ ଅଗ୍ନିଶମ ବିଭାଗ ଅଧିକାରୀ ପ୍ରଫୁଲ୍ଲ କୁମାର ଓଝା ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଅଗ୍ନିଶମ ବିଭାଗର ୩ ଗାଡ଼ି ଏନଏସି ଅଞ୍ଚଳ ପରିକ୍ରମା କରି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲା।

### ଓଡ଼ିଶାବାସୀ ନିଜ ସଂସ୍କୃତିର ପ୍ରଚାର ପାଇଁ ଉଦ୍ୟମ କରନ୍ତୁ

**କଟକ ଅଫିସ,୧୪।୪:** କଟକ ଜିଲା ଉତ୍କଳ ସମ୍ମିଳନୀ ଆନୁକୂଲ୍ୟରେ ତେଲେଙ୍ଗାବଜାରସ୍ଥ ରଘୁନାଥଜୀଉ ମନ୍ଦିର ପରିସରରେ ଓଡ଼ିଆ ନବବର୍ଷ ପାଳିତ ହୋଇଯାଇଛି। ଶିକ୍ଷାବିତ୍ ଚୌଧୁରୀ ଶରତ ଚନ୍ଦ୍ର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଟକ ମହାନଗର ନାଗରିକ ମହାସଭା ସଭାପତି ରବି ରଞ୍ଜନ ସାହୁ, ସମ୍ମାନିତ ଅତିଥି ରାମଲୀଳା ପ୍ରଚାର ସମିତି ସଭାପତି ଚୌଧୁରୀ କାଶୀନାଥ ମଲ୍ଲିକ, ମୁଖ୍ୟବକ୍ତା ଭାବେ ସୁରେନ୍ଦ୍ର ନାଥ ଛୋଟରାୟ ଯୋଗ ଦେଇଥିଲେ। ଓଡ଼ିଆ ନବବର୍ଷ ପ୍ରାଚୀନ କାଳରୁ ପ୍ରଚଳିତ। ମାତ୍ର ଆଧୁନିକତାର ଛାପରେ ଉତ୍କଳୀୟମାନେ ପାଶ୍ଚାତ୍ୟ ସଭ୍ୟତା ଓ ସଂସ୍କୃତିକୁ ଆଦରି ନେଇ ଜାନୁୟାରୀ ପହିଲାକୁ ନୂଆବର୍ଷ ଭାବେ ପାଳନ କରୁଛନ୍ତି। ଏଣୁ ଓଡ଼ିଶାବାସୀ ତାଙ୍କର ନିଜସ୍ୱ ସଂସ୍କୃତି ପ୍ରଚାର ପ୍ରସାର ପାଇଁ ଉଦ୍ୟମ କରିବା ଉଚିତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଙ୍ଗଠନ ସମ୍ପାଦକ ନରସିଂହ ମହାପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଭୁବନାନନ୍ଦ ମହାନ୍ତି, ଗୋପାଳ ଚନ୍ଦ୍ର ମିଶ୍ର, ନଳିନୀପ୍ରଭା ନାୟକ, ବିଦ୍ୟୁତ୍ ଲାଲା, ବିଚିତ୍ରାନନ୍ଦ ମିଶ୍ର, ବୈଷ୍ଣବ ଚରଣ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ମାଧବ ମିଶ୍ର ଧନ୍ୟବାଦ ଦେଇଥିଲେ।

### ହନୁମାନ ଜୟନ୍ତୀ, ସହରରେ ଆଧ୍ୟାତ୍ମିକ ପରିବେଶ

**କଟକ ଅଫିସ, ୧୪।୪:** ହନୁମାନ ଜୟନ୍ତୀ ତଥା ଓଡ଼ିଆ ନବବର୍ଷ ଅବସରରେ କଟକ ସହରରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସକାଳୁ ସକାଳୁ ଦେବଦେବୀ ପୀଠଗୁଡିକରେ ଶ୍ରଦ୍ଧାଳୁଙ୍କ ଧାଡି ଲାଗିଥିଲା। ବିଶେଷକରି ହନୁମାନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଅଧିକ ଗହଳି ଦେଖିବାକୁ ମିଳିଥିଲା। ଏଥିସହ ବିଭିନ୍ନ ସ୍ଥାନରେ ପଣା ପ୍ରସ୍ତୁତ କରାଯାଇ ଲୋକଙ୍କୁ ବଣ୍ଟା ଯାଇଥିଲା। ଖାନ୍‌ନଗର ପଞ୍ଚମୁଖୀ ହନୁମାନ ମନ୍ଦିରରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିଥିଲେ। ଏଥିସହ ମନ୍ଦିର ନିକଟ ପଡିଆରେ ଭଜନ ସନ୍ଧ୍ୟା ଆୟୋଜନ କରାଯାଇଥିଲା। ସେହିପରି ଡଗରପଡାସ୍ଥିତ ହନୁମାନ ମନ୍ଦିର ଓ ରେଲୱ କଲୋନୀସ୍ଥିତ ପଞ୍ଚମୁଖୀ ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା।

# ‘ପରସ୍ପରକୁ ଯୋଡ଼ିବାର ମାଧମ ସାହିତ୍ୟ’

**କଟକ ଅଫିସ, ୧୪।୪**

ପ୍ରଜାତନ୍ତ୍ର ପ୍ରଚାର ସମିତି ପକ୍ଷରୁ ୭୩ତମ ଝଙ୍କାର ମହୋତ୍ସବ ଓ ବିଷୁବ ମିଳନ ସମାବର୍ତ୍ତନ ଉତ୍ସବ କଟକ ବିହାରୀବାଗସ୍ଥିତ ବିଷୁବ ମଣ୍ଡପଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାହିତ୍ୟିକ ଓ ଜ୍ଞାନପୀଠ ପୁରସ୍କାର ବିଜେତା ଦାମୋଦର ମାଉଜୋ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଭାରତର ବିଭିନ୍ନ ଆଞ୍ଚଳିକ ଭାଷାରେ ସାହିତ୍ୟ ରଚନା କରାଯାଉଛି। ତାହାର ମୂଲ୍ୟାୟନ କରାଗଲେ ତାହା ସର୍ବଶ୍ରେଷ୍ଠ ବୋଲି ପରିଗଣିତ ହେବ। ସାହିତ୍ୟର ସମ୍ପର୍କ ହୃଦୟର ସହିତ। ସାହିତ୍ୟ ସାମ୍ୟ, ମୈତ୍ରୀ ଓ ଭ୍ରାତୃତ୍ୱର କଥା କହିବା ଉଚିତ। ସମାଜ ଗଠନ ଦିଗରେ ସାହିତ୍ୟିକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପରସ୍ପର ସହିତ ଯୋଡ଼ିବାର ମାଧମ ହେଉଛି ସାହିତ୍ୟ। ସାମାଜିକ ବ୍ୟବସ୍ଥା, ପରମ୍ପରା ଓ ଐତିହ୍ୟର କଥା ସାହିତ୍ୟ କହୁଥିଲାବେଳେ



କାର୍ଯ୍ୟକ୍ରମରେ କବି ମମତା ଦାଶଙ୍କୁ ବିଷୁବ ପୁରସ୍କାର ପ୍ରଦାନ କରାଯାଉଛି।

ସାଧାରଣ ମଣିଷର ଭାଷାକୁ ସେ ପରିପ୍ରକାଶ କରିବା ଉଚିତ ବୋଲି ମାଉଜୋ କହିଥିଲେ। ଏଥିରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ କହିଥିଲେ, ଜ୍ଞାନ ପ୍ରତି ସମ୍ମାନ, ନ୍ୟାୟ ପ୍ରତି ନିଷ୍ଠା, ଦୁର୍ବଳ ପ୍ରତି କରୁଣା, ସଫଳ ପାରିବାରିକ ଜୀବନ ନିର୍ବାହନ ଏବଂ ପ୍ରଗତି ପ୍ରତି ଆଗ୍ରହ ସମସ୍ତଙ୍କର ଧେୟ ରହିଆସିଛି। କବି ଜୀବନର ସବୁକିଛି ବଞ୍ଚାଇ ରଖିବାକୁ ଚାହେଁ, ଯାହା ମୌଳିକ ମୂଲ୍ୟଯୁକ୍ତ ବୋଲି ମହତାବ କହିଥିଲେ। ଏହି ଉତ୍ସବରେ ପଦ୍ମଭୂଷଣ ଡ. ପ୍ରତିଭା ରାୟ ସଭାପତିତ୍ୱ କରିଥିଲେ। ଏହି ଅବସରରେ ବିଶିଷ୍ଟ କବି, କଥାକାର ମମତା ଦାଶଙ୍କୁ ବିଷୁବ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି

**ବିଷୁବ ମିଳନ ସମାବର୍ତ୍ତନ ଉତ୍ସବ**

ପ୍ରବନ୍ଧ ଓ ସାହିତ୍ୟ ସମାଲୋଚନା ପାଇଁ ପ୍ରଫେସର ଗୁରୁଚରଣ ବେହେରାଙ୍କୁ ଝଙ୍କାର ପ୍ରବନ୍ଧ ପୁରସ୍କାର, କବିତା ପାଇଁ ତପନ ପଟ୍ଟନାୟକଙ୍କୁ ଝଙ୍କାର କବିତା ପୁରସ୍କାର ଓ ଗଳ୍ପ ଲାଗି ରାଜ୍ୟବର୍ଦ୍ଧନ ଧଳମହାପାତ୍ରଙ୍କୁ ଝଙ୍କାର ଗଳ୍ପ ପୁରସ୍କାର, ଅନୁବାଦ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନରେନ୍ଦ୍ର ସେଠୀଙ୍କୁ ଝଙ୍କାର ଅନୁବାଦ ଭାରତୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ଝଙ୍କାରର ଅନ୍ୟତମ ସମ୍ପାଦକ ସରୋଜ ରଞ୍ଜନ ମହାନ୍ତି ସମ୍ପାଦକୀୟ ଅଭିଭାଷଣ, ଅନ୍ୟତମ ସମ୍ପାଦକ ପ୍ରଫେସର ବାବାଜୀ ଚରଣ ପଟ୍ଟନାୟକ ମାନପତ୍ର ପାଠ ଓ ଅନ୍ୟତମ ସମ୍ପାଦକ ତରୁଣ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ଭାଷା ବିନା ଜୀବନ ଦୁର୍ବିଷହ

**ସାଲେପୁର,୧୪।୪(ଡି.ଏନ୍.ଏ.)**

ମାତୃଭାଷାର ଉନ୍ନତି ବିନା ଜାତିର ବିକାଶ ହୋଇପାରିବ ନାହିଁ। ଭାଷା ବିନା ଜୀବନ ଦୁର୍ବିଷହ ହୋଇପଡେ ବୋଲି ସାଲେପୁର ସାରସ୍ୱତ ସମାରୋହ ସମିତି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି। ସାଲେପୁର ହାଇସ୍କୁଲ ପ୍ରେକ୍ଷାଳୟରେ ବିଷୁବ ମିଳନ, କବିତା ପାଠୋତ୍ସବ ଓ ଚିତ୍ରୋତ୍ପଳା ନଦୀର ଐତିହ୍ୟ ସମ୍ପର୍କିତ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ପୂର୍ବତନ ଅର୍ଥ ବିଭାଗ ପ୍ରଶାସକ ଜୟନ୍ତ ଦାଶ ଯୋଗଦେଇ ଉପରୋକ୍ତ ମନ୍ତବ୍ୟ ଦେଇଥିଲେ। ଏହି ଅବସରରେ ଏକ ପର୍ଯ୍ୟଟନ ମାନଚିତ୍ର ଉନ୍ମୋଚନ ହୋଇଥିଲା। ସାରସ୍ୱତ ସମାରୋହ ସମିତିର ସଭାପତି ଅକ୍ଷୟ ଦାଶ ଅଧକ୍ଷତା କରିଥିଲେ। ମୁଖ୍ୟବକ୍ତାଭାବେ ଗବେଷକ ବିପିନ ବିହାରୀ ମହାନ୍ତି, ଅନ୍ୟତମ ଅତିଥିଭାବେ କବି ସଦାଶିବ ଦାଶ, ପୂର୍ବତନ ପ୍ରଶାସକ ଅଶୋକ ଦ୍ୱିବେଦୀ, ଆଇନଜୀବୀ ସିଦ୍ଧାର୍ଥ ପ୍ରହରାଜ ଓ ବରିଷ୍ଠ ଖବରଦାତା ଭାସ୍କର ବେହେରା ଉପସ୍ଥିତ ଥିଲେ। ବିଷ୍ଣୁଚରଣ ମିଶ୍ର ସ୍ୱାଗତ ଭାଷଣ ଓ ରାମଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

# ପାଟୁଆ, ଝାମୁଯାତ୍ରାରେ ଗାଁ ଚଳଚଞ୍ଚଳ

**ନିଶ୍ଚିନ୍ତକୋଇଲି/ବାଙ୍କୀ/ସାଲେପୁର/ ତିଗିରିଆ, ୧୪।୪ (ସ୍ୱ.ପ୍ର./ଡି.ଏନ୍.ଏ.)**

ପଣା ସଂକ୍ରାନ୍ତି. ପାଟୁଆ, ଝାମୁ ଯାତ୍ରା ପାଇଁ କଟକ ଜିଲାର ନିଶ୍ଚିନ୍ତକୋଇଲି, ବାଙ୍କୀ ଓ ତିଗିରିଆ ବ୍ଲକର ବିଭିନ୍ନ ଗ୍ରାମ ଚଳଚଞ୍ଚଳ ହୋଇଉଠିଛି। ନିଶ୍ଚିନ୍ତକୋଇଲି ବ୍ଲକର ଅସୁରେଶ୍ୱର ରଘୁନାଥ ମନ୍ଦିର, ନିଶ୍ଚିନ୍ତକୋଇଲି ହାଟ ସିଦ୍ଧ ମହାବୀର ମନ୍ଦିରରେ ହନୁମାନ ଚାଳିଶା ଓ ସୁନ୍ଦରାକାଣ୍ଡ ପାଠ କରାଯାଇଥିଲା। ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ୫ନଂ. ୱାର୍ଡ ବେଦପୁରଠାରେ ଗୁରୁବାର ମା’ ଷଷ୍ଠୀଦେବୀଙ୍କ ପୀଠରେ ମହାବିଷୁବ ସଂକ୍ରାନ୍ତି ପାଳିତ ହୋଇଯାଇଛି। ଏହି ଅବସରରେ ଏକ ହଜାରରୁ ଊର୍ଦ୍ଧ୍ୱ ଶିଶୁଙ୍କ ଚୁଟି ମୁଣ୍ଡନ କରାଯାଇଥିଲା।ସାଲେପୁର ବ୍ଲକର ଗଙ୍ଗେଶ୍ୱର ମହାଦେବଙ୍କ ପୀଠରେ ପାଟୁଆ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସାହେଶ୍ୱରୀ ମନ୍ଦିର ପରିସରରେ ଥିବା ଶ୍ରୀରାମ ମନ୍ଦିରରେ ମହାବିଷୁବ ସଂକ୍ରାନ୍ତି ଉତ୍ସବ ଆୟୋଜିତ ହୋଇଥିଲା। ସେହିପରି ବାଲିସାହି ମାରୁତିଭବନ, ରୋଧପୁର ହନୁମାନ ମନ୍ଦିର, କୁଲିଆ ପାତାଳୀ ହନୁମାନ ମନ୍ଦିର, ଅଜାଣମଠ ଆଦିରେ ହନୁମାନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ତିଗିରିଆ ହାଟମାଳସ୍ଥିତ ଦୁର୍ଗାଦେବୀଙ୍କ ପୀଠରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମା’ଙ୍କ ରାଜରାଜେଶ୍ୱରୀ ବେଶ ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନ ଧୂପ ପରେ ମାନସିକଧାରୀମାନେ ନିଆଁରେ ଚାଲିଥିଲେ। ସେହିପରି ନୂଆପାଟଣା ଦକ୍ଷିଣେଶ୍ୱରୀ ଦେବୀଙ୍କ ପୀଠ, ଜେମାଦେଇପୁର ଗ୍ରାମରେ ଖଣ୍ଡାପାଟ ଯାତ୍ରା ଅନୁଷ୍ଠିତ ହୋଇଯାଇଛି।

## ବିଷୁବ ମିଳନ ଉତ୍ସବ

**ଚୌଦ୍ୱାର,୧୪।୪(ଡି.ଏନ୍.ଏ.)**

ଟାଙ୍ଗୀ–ଚୌଦ୍ୱାର ବ୍ଲକ କପାଳେଶ୍ୱର ସାଇ ବିହାରସ୍ଥିତ ରୋଟାରୀ ଭବନଠାରେ ବିଷୁବ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କବି ହରିହର ରଣାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଅବସରପ୍ରାପ୍ତ ପ୍ରଶାସକ ଦୁର୍ଯ୍ୟୋଧନ ରାଉତ ମୁଖ୍ୟଅତିଥି, କବି ଗୋବିନ୍ଦ ଲେଙ୍କା ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟର ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିଥିଲେ। ଚୌଦ୍ୱାର ସାହିତ୍ୟ ସଂସଦ ସଭାପତି ବିଶ୍ୱକଲ୍ୟାଣ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଡାଳିଯୋଡ଼ା ସାହିତ୍ୟ ସଂସଦ ସମ୍ପାଦକ ଶ୍ରୀନିବାସ ବେହେରାଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ ୨୦ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। ଶରତ କୁମାର ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।



କଟକ ସିଲ୍‌ଭର ସିଟି ବୋଟ୍ କ୍ଲବର ପ୍ରଥମବର୍ଷ ପୂର୍ତ୍ତି ପାଳନ ଅବସରରେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ପକ୍ଷରୁ ଗୁରୁବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ କଳାକାରଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ।

# ସୁବାସ ପ୍ରହରାଜଙ୍କୁ ବିଷୁବ ପୁରସ୍କାର

**ବାଙ୍କୀ,୧୪।୪(ସ୍ୱ.ପ୍ର.)**

ବାଙ୍କୀ ପ୍ରେସ୍ କ୍ଲବ ବିଦ୍ୟାରତ୍ନ ଭବନଠାରେ ମାସିକ ସାହିତ୍ୟ ଆସର ପକ୍ଷରୁ ବିଷୁବ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ଇଂ.ସତ୍ୟବ୍ରତ ରଥଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସମବାୟ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଭରତ ଚନ୍ଦ୍ର ବେହେରା, ମୁଖ୍ୟବକ୍ତା ବରିଷ୍ଠ ଆଇନଜୀବୀ ପଣ୍ଡିତ ହରେକୃଷ୍ଣ ଦାଶ, ସମ୍ମାନିତ ଅତିଥି କଟକର ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର ଯୋଗଦେଇ ଉତ୍ସବର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସାମାଜିକ କର୍ମୀ ସୁବାସ ଚନ୍ଦ୍ର ପ୍ରହରାଜଙ୍କୁ ବିଷୁବ ସମ୍ମାନ ପ୍ରଦାନ କରାଯାଇଥିଲା। ଭଗବାନ ସାମଲଙ୍କ ‘ଶେଷ ପାସେଞ୍ଜର’ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁବରେଡ୍ କ୍ରସ୍ ଆନୁକୂଲ୍ୟରେ ମହାବିଷୁବ ସଂକ୍ରାନ୍ତି ଓ ନବବର୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ରଣପୁର– କଲେଜ ରୋଡରେ ଏକ ଜଳସେବା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ସେହିପରି ବାଙ୍କୀ ଓ ସଂସ୍କୃତି ଜାଗରଣ ମଞ୍ଚ ଓ ଡମପଡ଼ା ସମ୍ବାଦ ସାହିତ୍ୟ ଘରର ମିଳିତ ଆନୁକୂଲ୍ୟରେ ମହା ବିଷୁବ ପଣାସଂକ୍ରାନ୍ତି ଓ ନବବର୍ଷ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂଆ ହାଟ ପରିସରରେ ନୂଆ ବର୍ଷ ଶୀର୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅମିୟ କୁମାର (ବୁଲୁବାବା) ସଭାପତିତ୍ୱ କରିଥିଲେ। ଅତିଥିଭାବେ ସାହିତ୍ୟ ଘରର ସଭାପତି ପ୍ରକାଶ କୁମାର ପ୍ରଧାନ ଓ ଶୁଭେନ୍ଦୁ କୁମାର ମହାପାତ୍ର, ଜିଲା ପରିଷଦ ସଭ୍ୟା ମିନତୀ ମହାପାତ୍ର, ନଗରପାଳ ମାଣିକ ସାହୁ, ଏନଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ରଣା ପ୍ରମୁଖ ଯୋଗଦେଇଥିଲେ।

## ଝାମୁନିଆଁରେ ଚାଲିଲେ ମାନସିକଧାରୀ

**ଚୌଦ୍ୱାର,୧୪।୪(ଡି.ଏନ୍.ଏ.)**

ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ୧୭ନଂ. ୱାର୍ଡ ନୁଆସାହି ଦଳିତ ବସ୍ତିରେ ଝାମୁଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମଦେବୀ ମା’ ତାରିଣୀଙ୍କ ପୀଠରେ ଅନୁଷ୍ଠିତ ଉତ୍ସବରେ ବହୁ ମାନସିକଧାରୀ ଅଧିଆ ପଡ଼ିବା ସହିତ ଝାମୁନିଆଁରେ ଚାଲିଥିଲେ। ସେହିପରି ଚଷାପଡ଼ାସ୍ଥିତ ଜାଗୁଆଣୀ ପୀଠ, ଚୌଦ୍ୱାର ୫ନଂ. ୱାର୍ଡ଼ସ୍ଥିତ ହିଙ୍ଗୁଳାଇ ପୀଠ, ଅଙ୍ଗତରାଡ଼ିହ ବିମଳା ପୀଠ, ହରିଅନ୍ତା ପଞ୍ଚାୟତ ଦପ୍ତରୀସ୍ଥିତ ଜାଗୁଳେଇ ପୀଠରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଥିଲା।

# ୨ ସ୍ଥାନରେ ଜଳଛତ୍ର ଉଦ୍‌ଘାଟିତ

**କଟକ ଅଫିସ,୧୪।୪**

ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହ ଜାତୀୟ ସେବା ଯୋଜନା ପକ୍ଷରୁ ଜଳ ବିତରଣ କେନ୍ଦ୍ର ଟାଙ୍ଗୀ ବସ୍‌ଷ୍ଟାଣ୍ଡ ନିକଟରେ ବୁଧବାର ଶୁଭାରମ୍ଭ ହୋଇଛି। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ନିର୍ଦ୍ଦେଶକ ଲୋକନାଥ ବେହେରା, ଡା. ଜ୍ୟୋତିପ୍ରକାଶ ପରିଜା, ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ସଂଯୋଜକ ପ୍ରାଧ୍ୟାପକ ସୁଶାନ୍ତ ସେଠୀ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ପ୍ରାଧ୍ୟାପିକା ମିହିତା ମଧୁସ୍ମିତା ସାହୁ, ଅଧ୍ୟାପିକା ସାଗରିକା ନାୟକ, ପ୍ରାଧ୍ୟାପକ ଫନିନ୍ଦ୍ର ରେଡ୍ଡି, ଅଜିତ୍ ମିଶ୍ର, ଇଂ. ସୁଧାଂଶୁ ଭୂଷଣ କର ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ସମ୍ବାଦପତ୍ର ବିକ୍ରେତା ସଂଘ କଟକ ପକ୍ଷରୁ ବକ୍ସିବଜାର ଗୋପବନ୍ଧୁବାଗଠାରେ ଗୁରୁବାର ଜଳଛତ୍ର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ସଂଘ ଉପସଭାପତି ପୀତାମ୍ବର ବେହେରା, ସାଧାରଣ ସମ୍ପାଦକ ବିଷ୍ଣୁ ଚରଣ ଦାଶ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, ପ୍ରଭାସ ପ୍ରଧାନ, ହିମାଂଶୁ ମହାପାତ୍ର, ମନୋଜ ପାଲ୍, ପ୍ରଶାନ୍ତ ସାହୁ, ପ୍ରଦ୍ୟୁମ୍ନ ବିଶୋଇ, ହେମନ୍ତ ପଟ୍ଟନାୟକ, ଦୀପ୍ତିରଞ୍ଜନ ପଟ୍ଟନାୟକ, ରବି ପାଲ, ନବଘନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ସମ୍ବାଦପତ୍ର ବିକ୍ରେତା ସଂଘ କଟକ ପକ୍ଷରୁ ଖୋଲା ଯାଇଥିବା ଜଳଛତ୍ର।

# ନୀଳଚକ୍ରର ସ୍ୱନକ୍ଷତ୍ର ଉତ୍ସବ

**କଟକ ଅଫିସ, ୧୪।୪**

ସାଂସ୍କୃତିକ ଅନୁଷ୍ଠାନ ନୀଳଚକ୍ରର ୫୨ତମ ସ୍ୱନକ୍ଷତ୍ର ଉତ୍ସବ ଓ ବିଷୁବ ସମାରୋହ କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ଉଦ୍‌ଘାଟନ କରିଥିଲେ। ଏଥିରେ ପ୍ରଫେସର ଡ. ନଟବର ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ସୁରକ୍ଷା ଦିଗରେ ନୀଳଚକ୍ର ଅନୁଷ୍ଠାନର ଭୂମିକାକୁ ପ୍ରଶଂସା କରିଥିଲେ। ଏଥିସହ ଯୁବପିଢି ଆଗାମୀ ଦିନରେ ଜାଗ୍ରତ ହେବାକୁ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନର ସଭାପତି ନମିତା ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଡ. ସୁଲୋଚନା ଦାସ ଯୋଗଦେଇଥିଲେ। ଏହି ଅବସରରେ ନୀଳଚକ୍ରର ଝାଡ଼ଖଣ୍ଡ ଶାଖା ସଭାପତି ରଣଜିତ୍ ମହାନ୍ତି ଓ ସଂଗଠକ ପୀତାମ୍ବର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଶିକ୍ଷାବିତ୍ ଡ. ନାରାୟଣ ମହାନ୍ତି ଓ ଡା. ଦେବାଶିଷ ଜେଠୀଙ୍କୁ ନୀଳଚକ୍ର ସମ୍ମାନ ଦିଆଯାଇଥିଲା। ସାଧାରଣ ସମ୍ପାଦକ କାହ୍ନୁ ଚରଣ ପାଣିଗ୍ରାହୀ ସମ୍ପାଦକୀୟ ବିବରଣୀ, ବ୍ରଜ ନନ୍ଦ ଅତିଥି ପରିଚୟ ଓ ରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ‘ଆମ୍ବେଡକରଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ ଯୁବପିଢ଼ି’

**କଟକ ଅଫିସ, ୧୪।୪**

**ଆମ୍ବେଡକରଙ୍କ ଜୟନ୍ତୀ ସମାରୋହ ପାଳିତ**

ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସମ୍ବିଧାନ ପ୍ରଣେତା ଡ. ବି.ଆର. ଆମ୍ବେଡକରଙ୍କ ଜୟନ୍ତୀ ସମାରୋହ ହାଇକୋର୍ଟ ସମ୍ମୁଖରେ ଥିବା ପ୍ରତିମୂର୍ତ୍ତି ନିକଟରେ ଗୁରୁବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ଯୋଗଦେଇ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତିଚାରଣ କରିଥିଲେ। ଏଥିସହ ସେ କହିଥିଲେ, ସମ୍ବିଧାନ ପ୍ରଣୟନ ହେବାର ୭୨ବର୍ଷ ପରେ ମଧ୍ୟ ଏହା ଅନେକ ବିଭିନ୍ନତା ମଧ୍ୟରେ ଭାରତକୁ ଅଖଣ୍ଡ କରିରଖିଛି। ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ଭାରତର ଜନଗଣ ସାମ୍ବିଧାନିକ ବ୍ୟବସ୍ଥାକୁ ସମ୍ମାନ ଜଣାଇଥାନ୍ତି। ଆମ୍ବେଡକରଙ୍କ ଭଳି ଜଣେ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତିତ୍ୱଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଯୁବପିଢି ଏକ ସମୃଦ୍ଧ ଭାରତ ଓ ସମୃଦ୍ଧ ଓଡ଼ିଶା ଗଠନରେ ବ୍ରତୀ ହୁଅନ୍ତୁ ବୋଲି ସେ କହିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ କହିଥିଲେ, ଡ. ଆମ୍ବେଡକର ବିଶ୍ୱରେ ଭାରତର ସାମ୍ବିଧାନିକ ବ୍ୟବସ୍ଥାକୁ ଶ୍ରେଷ୍ଠତ୍ୱର ମର୍ଯ୍ୟାଦା ପ୍ରଦାନ କରିପାରିଛନ୍ତି। ଆମେରିକା, ଇଂଲଣ୍ଡ ଓ ଜର୍ମାନୀ ଗସ୍ତକରି ଅର୍ଥନୀତି ଦର୍ଶନ, ସଂସ୍କୃତ, ଇଂଲିଶ, ଆଇନ, ରାଜନୀତି ବିଜ୍ଞାନ ଇତ୍ୟାଦି ଶାସ୍ତ୍ରରେ ଅଗାଧ ପାଣ୍ଡିତ୍ୟ ଅର୍ଜନ କରିଥିଲେ। ଯୁବପିଢି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସାମ୍ବିଧାନିକ ବ୍ୟବସ୍ଥାକୁ ସମ୍ମାନ ଜଣାଇ ଗଣତନ୍ତ୍ରକୁ ସୁଦୃଢ଼ କରିବା ନିମନ୍ତେ ଆଗଭର ହୁଅନ୍ତୁ ବୋଲି ସେ ମତବ୍ୟକ୍ତ କରିଥିଲେ। ସେହିପରି ଅନ୍ୟତମ ସମ୍ମାନିତ ଅତିଥି ସିଏମ୍‌ସି ଡେପୁଟି ମେୟର ଦମୟନ୍ତୀ ମାଝି କହିଥିଲେ, ଅନୁସୂଚିତ ଜାତି ଓ ଜନଜାତି, ଦଳିତ, ପଛୁଆ ବର୍ଗର ଉତ୍ଥାନ ପାଇଁ ଆମ୍ବେଡକରଙ୍କ ଅବଦାନ ଅତୁଳନୀୟ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।



ହନୁମାନ ଜୟନ୍ତୀ ଅବସରରେ ଗୁରୁବାର କଟକ ଖାନ୍‌ନଗରସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ଗହଳି।



ପଣା ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷ ଅବସରରେ ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ ଗୁରୁବାର କଟକ ବାଲିଯାତ୍ରା ଉପର ପଡିଆରୁ ବାହାରିଥିବା ଶୋଭାଯାତ୍ରା।



ସମ୍ବିଧାନ ପ୍ରଣେତା ଡ. ବି.ଆର. ଆମ୍ବେଡକରଙ୍କ ଜୟନ୍ତୀ ଅବସରରେ ଗୁରୁବାର ହାଇକୋର୍ଟ ସମ୍ମୁଖରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ବ୍ୟକ୍ତିବୃନ୍ଦ।